DHARITRI
51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୮/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, April 8/2025 | Page 16 | ₹ 7.00

୫୧ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 133 | ମୂଲ୍ୟ ₹୭/-


**ଟ୍ରମ୍ପଙ୍କ ଟାରିଫ୍ ପ୍ରଭାବ**

# ଭାରତୀୟ ଷ୍ଟକ୍ ବଜାର ଚୂରମାର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ, ଚାଇନା, କାନାଡ଼ା ସମେତ ଅନେକ ଦେଶ ଉପରେ ରେସିପ୍ରୋକାଲ ଟାରିଫ୍ ବା ପାଲଟା ଶୁଳ୍କ ଲାଗୁ କରିଛନ୍ତି। ଅନ୍ତର୍ଜାତୀୟ ବିଶେଷଜ୍ଞଙ୍କ ମତରେ ଆମେରିକାର ନାସ୍‌ଦାକ୍ ଷ୍ଟକ ମାର୍କେଟ ନିମ୍ନଗାମୀ ହେବା ସହ ପୃଥିବୀବ୍ୟାପୀ ବାଣିଜ୍ୟ ଯୁଦ୍ଧ ବୃଦ୍ଧି ପାଇବା ଯୋଗୁ ବିଶ୍ୱରେ ମାନ୍ଦାବସ୍ଥା ଭୟ ସର୍ବୋଚ୍ଚରେ ପହଞ୍ଚିଛି। ତାହାର ସିଧାସଳଖ ପ୍ରଭାବ ଭାରତୀୟ ଷ୍ଟକ୍ ବଜାର ଉପରେ ପଡ଼ିଛି। ସୋମବାର ସକାଳ ୯ଟା ୧୫ ମିନିଟ୍‌ରେ ଶେୟାର ମାର୍କେଟ ଖୋଲୁ ଖୋଲୁ ବିଏସ୍‌ଇ ଓ ନିଫ୍‌ଟି ଧରାଶାୟୀ ହୋଇ ୧୦ ମାସର ସର୍ବନିମ୍ନ ସ୍ତରକୁ ଖସିଯାଇଛନ୍ତି। ମାତ୍ର ୧ମିନିଟ୍ ମଧ୍ୟରେ ଭାରତର ନିବେଶକ ୧୪ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଥିବା ଜଣାପଡ଼ିଛି। ଆଗକୁ ଆର୍ଥିକ ଦୁର୍ଦ୍ଦିନ ଆସୁଥିବା ଆଶଙ୍କାରେ ଷ୍ଟକ ମାର୍କେଟ ଚୂରମାର ଆଡ଼କୁ ଯାଉଛି ବୋଲି କୁହାଗଲାଣି। ଭାରତୀୟ ଅର୍ଥନୀତି ଉପରେ ଏହା ଗଭୀର ପ୍ରଭାବ ପକାଇବାର ମଧ୍ୟ ସଙ୍କେତ ମିଳିଲାଣି।

## ଦିନକରେ ନିବେଶକ ହରାଇଲେ ୧୪ ଲକ୍ଷ କୋଟି



ମୁମ୍ବାଇ/ନ୍ୟୁୟର୍କ, ୭।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ରେସିପ୍ରୋକାଲ ଟାରିଫ୍ ବା ପାରସ୍ପରିକ ଶୁଳ୍କ ଲଗାଇଥିବାବେଳେ ଏହା ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଚାଇନା, କାନାଡା ଏବଂ ମେକ୍ସିକୋ ଆଦି ଅନେକ ଦେଶ ଆମେରିକୀୟ ସାମଗ୍ରୀ ଉପରେ ଅନୁରୂପ ଭାବେ ଜବାବୀ ଶୁଳ୍କ ଲାଗୁ କରିବାକୁ ଯୋଜନା କରିଛନ୍ତି। ଫଳରେ ଅର୍ଥନୀତିରେ ମାନ୍ଦାବସ୍ଥା ଆଶଙ୍କା ଅନୁଭୂତ ହୋଇଥିବାବେଳେ ସୋମବାର ଭାରତ ସମେତ ସାରା ବିଶ୍ୱର ଶେୟାର ବଜାରରେ ଏହାର ପ୍ରଭାବ ପଡ଼ିଛି। ଟାରିଫ୍ ପ୍ରଭାବରେ ମୁଦ୍ରାସ୍ଫୀତି ବଢ଼ିବାକୁ ଥିବାବେଳେ ମାନ୍ଦାବସ୍ଥା ଆଶଙ୍କାରେ ଭୟଭୀତ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେବାକୁ ବ୍ୟଗ୍ର ହୋଇପଡ଼ିଛନ୍ତି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ସେନ୍‌ସେକ୍ସ ସୋମବାର ୨,୨୨୬.୭୯ ପଏଣ୍ଟ ☞ ପୃଷ୍ଠା-୪

# ମୁନା ଖାଁ ବଦଳିଲେ ନାହିଁ

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

- ପାଣ୍ଡିଆନ୍ ଗୋ ବ୍ୟାକ୍, ବିଜେଡି ବଞ୍ଚାଅ-ପାଣ୍ଡିଆନ୍ ହଟାଓ ନାରାରେ କମ୍ପିଲା ନବୀନ ନିବାସ
- ଫେଲ୍ ମାରିଲା ପାଣ୍ଡିଆନ୍ ସମର୍ଥକ ଗୋଷ୍ଠୀର ଯୋଜନା
- ଦେବାଶିଷଙ୍କ ବିରୋଧରେ ଏକସଙ୍ଗେ ବାହାରିଲେ ୪ ରାଜ୍ୟ ସଭା ସଦସ୍ୟ

ବିଜେଡି ରାଜ୍ୟ ସଭା ସଦସ୍ୟ ମୁନା ଖାଁ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଲା ବେଳକୁ ତାଙ୍କୁ ପାଛୋଟି ନେବା ପାଇଁ ପାଣ୍ଡିଆନ୍ ସମର୍ଥକ ଗୋଷ୍ଠୀ ସବୁ ପ୍ରକାର ପ୍ରସ୍ତୁତି କରିଥିଲେ। ମୁନା ଖାଁଙ୍କ ସଂଖ୍ୟାଲଘୁ କର୍ମୀଙ୍କ ସମେତ ଆଉ କେତେକ ନିର୍ବାଚନମଣ୍ଡଳୀରୁ ମୁସଲିମ କର୍ମୀଙ୍କୁ ବିମାନବନ୍ଦର ପାଖକୁ ଡାକି ଦିଆଯାଇଥିଲା। ଉଦ୍ଦେଶ୍ୟ ଥିଲା ମୁନା ଖାଁ ବିରାଟ ପଟୁଆର ଦେଖି ଖୁସି ହେବେ ଆଉ ଶୋଭାଯାତ୍ରାରେ ତାଙ୍କୁ ନବୀନ ନିବାସ ନେଇଗଲେ ସେ ତାଙ୍କ କଥା ଦଳର ସଭାପତିଙ୍କ ଆଗରେ କହିଦେଇ ଆପେ ବୁଝିଯିବେ। ଏଭଳି କରିବା ପାଇଁ ପାଣ୍ଡିଆନ୍ ଗୋଷ୍ଠୀ ଯେଉଁ ଯୋଜନା କରିଥିଲେ ତାହା ଫସରଫଟିଲା। ପ୍ରଥମେ ବିମାନବନ୍ଦରରେ ପହଞ୍ଚିବା ପରେ ମୁନା ଖାଁ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି, ଦଳରେ ଦୋମୁହାଁ ନୀତି ଚଳିବ ନାହିଁ। ଯାହାର ଯିବାର ଅଛି ସେ ଭାଜପାକୁ ଚାଲିଯାଆନ୍ତୁ। ୱାକ୍‌ଫ ବିଲ୍‌କୁ ନେଇ ଏମ୍‌ପି ସସ୍ମିତ ପାତ୍ର କାହିଁକି ଦଳର କ୍ଷତି ହେଲା ଭଳି ଟୁଇଟ୍ କଲେ ଜଣାନାହିଁ। ଦଳର ସଭାପତି ତାଙ୍କୁ ଏମିତି କରିବାକୁ କହି ନ ଥିବେ। ସଂସଦୀୟ ଦଳ ବୋର୍ଡ ବୈଠକରେ ବିଲ୍‌କୁ ବିରୋଧ କରାଯିବ ବୋଲି ନବୀନବାବୁ ସ୍ପଷ୍ଟ କରିଥିଲେ। ଏପରିକି ଇଫ୍‌ତାର ପାର୍ଟିରେ ମଧ୍ୟ ନବୀନବାବୁ ୱାକ୍‌ଫ ବିଲ୍ ବିରୋଧରେ ଭୋଟ୍ ଦେବାକୁ କହିଥିଲେ। ଯେତେବେଳେ ରାଜ୍ୟ ସଭାରେ ଏହି ବିଲ୍ ଆସିଲା, ସେ ଏହାକୁ ବିରୋଧ କରିଥିଲେ। କିନ୍ତୁ ହଠାତ୍ ସସ୍ମିତ ପାତ୍ର ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟ କରି ବିବେକ ଅନୁସାରେ ଭୋଟ ଦେବା ପାଇଁ କହିଥିଲେ। ସେ ଏପରି କାହିଁକି କଲେ ବୋଲି ତାଙ୍କୁ ଫୋନ୍ କରିବାକୁ ଚାହୁଁଛି, ହେଲେ ସେ ଉଠାଉନାହାନ୍ତି। ସସ୍ମିତଙ୍କ ଏହି କାର୍ଯ୍ୟ ସଂଖ୍ୟାଲଘୁ ଭାଇମାନଙ୍କୁ କଷ୍ଟ ଦେଇଛି ବୋଲି ସେ କହିଛନ୍ତି। ଏହାପରେ ସେ ତାଙ୍କ ସମର୍ଥକମାନଙ୍କ ସହ ନବୀନ ନିବାସ ଅଭିମୁଖେ ବାହାରିଥିଲେ।

ପାଣ୍ଡିଆନ୍ ଗୋଷ୍ଠୀ ଭାବୁଥାଆନ୍ତି ସବୁ କିଛି ସେଟ୍ ଅଛି, ହେଲେ ନବୀନ ନିବାସରେ ପହଞ୍ଚିବା ମାତ୍ରେ ମୁନାଙ୍କ ସହ ଯାଇଥିବା ତାଙ୍କ ସମର୍ଥକମାନେ ଆରମ୍ଭ କରିଦେଇଥିଲେ ସ୍ଲୋଗାନ। ଏକ ସ୍ୱରରେ ସମସ୍ତେ ପାଣ୍ଡିଆନ୍ ହଟାଓ, ବିଜେଡି ବଞ୍ଚାଓ, ପାଣ୍ଡିଆନ୍ ଗୋ ବ୍ୟାକ୍ ନାରାରେ ନବୀନ ନିବାସ କମ୍ପାଇଥିଲେ। ସଂଖ୍ୟାଲଘୁ କର୍ମୀଙ୍କ ଏଭଳି ରାଗକୁ ସେହି ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଅପେକ୍ଷା କରି ବସିଛନ୍ତି

# ୨୨ରେ ସୁଭଦ୍ରା ୩ୟ କିସ୍ତି

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଟଙ୍କା ଏପ୍ରିଲ ୨୨ରେ ମିଳିବ। ରାଜ୍ୟରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯିବା ପରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨୨ ଏବଂ ୨୩ ତାରିଖରେ ନୂତନ ଆବେଦନକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରେ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ☞ ପୃଷ୍ଠା-୪

# ରନ୍ଧନ ଗ୍ୟାସ୍ ୫୦ ଟଙ୍କା ମହଙ୍ଗା

ମହଙ୍ଗା ହୋଇଛି ଘରୋଇ ରନ୍ଧନ ଗ୍ୟାସ(ଏଲ୍‌ପିଜି)। ଗତ ସପ୍ତାହରେ ୧୯ କେ.ଜି.ର ବ୍ୟାବସାୟିକ ଏଲ୍‌ପିଜି ସିଲିଣ୍ଡରର ଦାମ ୪୧ ଟଙ୍କା ହ୍ରାସ ପାଇଥିବାବେଳେ କେନ୍ଦ୍ର ସରକାର ସୋମବାର ଘରେ ବ୍ୟବହାର ହେଉଥିବା ୧୪.୫ କେ.ଜି.ର ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବଢାଇଛନ୍ତି। ଫଳରେ ଓଡ଼ିଶାରେ ସିଲିଣ୍ଡର ଦାମ ୮୨୯ରୁ ୮୭୯ ଟଙ୍କାରେ ପହଞ୍ଚିଛି। ସେହିଭଳି ଉଜ୍ଜ୍ୱଳା ଗ୍ରାହକଙ୍କ ପାଇଁ ଉଦ୍ଦିଷ୍ଟ ସିଲିଣ୍ଡର ଦାମ ୫୦୦ରୁ ୫୫୦ ଟଙ୍କା ହୋଇଛି। ୨୦୨୩ ଅଗଷ୍ଟ ୩୦ରେ ଏଲ୍‌ପିଜି ସିଲିଣ୍ଡର ଉପରେ କେନ୍ଦ୍ର ସରକାର ୨୦୦ଟଙ୍କା ହ୍ରାସ କରିଥିଲେ। ଫଳରେ ଏହା ୧୧୨୯ରୁ ୯୨୯ ଟଙ୍କା ହୋଇଥିଲା। ପୁଣି ନିର୍ବାଚନ ପୂର୍ବରୁ ୨୦୨୪ ମାର୍ଚ୍ଚ ୮, ଅନ୍ତର୍ଜାତୀୟ ମହିଳା ଦିବସରେ ୧୦୦ ଟଙ୍କା କମିଥିଲା। ଏହାର ପ୍ରାୟ ୧୩ ମାସ ପରେ କେନ୍ଦ୍ର ସରକାର ଘରୋଇ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ଟଙ୍କା ବଢ଼ାଇଛନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବାବେଳେ ଏହି ଗ୍ୟାସ ଦର ବୃଦ୍ଧି ରୋଷେଇ ଘରେ ମହଙ୍ଗା ମାଡ଼ ଭଳି ହୋଇଥିବା କେତେକ ଗୃହିଣୀ ଏବଂ ରାଜନୈତିକ ଦଳ ମତ ଦେଇଛନ୍ତି।

## ପେଟ୍ରୋଲ, ଡିଜେଲ ଦର ଅପରିବର୍ତ୍ତିତ

ନୂଆଦିଲ୍ଲୀ,୭।୪



କେନ୍ଦ୍ର ସରକାର ସୋମବାର ସବ୍‌ସିଡିଯୁକ୍ତ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ଦର ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଛନ୍ତି। ସାଧାରଣ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ୍ ଦର ଦିଲ୍ଲୀରେ ୮୦୩ ଟଙ୍କାରୁ ବୃଦ୍ଧି ପାଇ ୮୫୩ ଟଙ୍କା ହୋଇଥିବାବେଳେ ଉଜ୍ଜ୍ୱଳା ଯୋଜନାର ଉପଭୋକ୍ତାଙ୍କ ପାଇଁ ଏହାର ଦର ୫୦୩ ଟଙ୍କାରୁ ୫୫୩ ଟଙ୍କାକୁ ବୃଦ୍ଧି ପାଇଛି। ଏପ୍ରିଲ ୮ରୁ ବର୍ଦ୍ଧିତ ଦର ଲାଗୁ ହେବ ବୋଲି କେନ୍ଦ୍ର ☞ ପୃଷ୍ଠା-୪


DSPL-21



**ବାର୍ତ୍ତା**

ରକ୍ତଦାନ ଜୀବନ ଦାନ। ରକ୍ତ ବିନା ମଣିଷ ବଞ୍ଚିପାରିବ ନାହିଁ। ଆଜି ପର୍ଯ୍ୟନ୍ତ କୃତ୍ରିମ ଉପାୟରେ ରକ୍ତ ତିଆରି କରାଯାଇ ପାରିନାହିଁ। ଏଥି ପାଇଁ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା ରହିଛି। ଜଣେ ସୁସ୍ଥ ବ୍ୟକ୍ତି ରକ୍ତଦାନ କଲେ ସେହି ରକ୍ତ ଅନ୍ୟ ଜଣେ ବ୍ୟବହାର କରି ବଞ୍ଚିପାରିବ। ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ମୋର ସ୍ନେହ ଓ ଶ୍ରଦ୍ଧା ଜଣାଇବା ସହ ସେମାନଙ୍କ ଦୀର୍ଘଜୀବନ କାମନା କରୁଅଛି। ରକ୍ତଦାନ ପରି ଏକ ମହାନ୍ କାର୍ଯ୍ୟରେ ସାମିଲ୍ ହୋଇ ଏହି ପରମ୍ପରାକୁ ଆଗେଇ ନେଉଥିବା ପ୍ରତ୍ୟେକ ଭାଇଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟକୁ ଜୀବନ ଦାନ କରିବା ଏବଂ ରାଜ୍ୟରେ ରକ୍ତଦାନ ଆନ୍ଦୋଳନକୁ ସଫଳ କରିବା।

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-10001/13/0042/2425

DSPL-20



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାଜ୍ୟବ୍ୟାପି ଓଡ଼ିଆ ପକ୍ଷ ପାଳନ ୨୦୨୫**

**ରକ୍ତଦାନ ଅଭିଯାନ**

ରକ୍ତଦାନ ଜୀବନ ଦାନ

ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନ କରି ଗୋଟିଏ ଅମୂଲ୍ୟ ଜୀବନ ବଞ୍ଚାଇବାର ପୂଣ୍ୟ ଅର୍ଜନ କରିବା

୮ ଅପ୍ରେଲ ୨୦୨୫



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10001/13/0041/2425

## ସଂକ୍ଷେପରେ

### ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ପାଇଁ ତହଉର ରାଣାଙ୍କ ପିଟିଶନ ଖାରଜ

ନ୍ୟୁୟର୍କ,୭।୪

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହଉର ରାଣା ଭାରତକୁ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ପାଇଁ କରିଥିବା ଆବେଦନକୁ ଆମେରିକା ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ଫଳରେ ଭାରତରେ ଆଇନର ସମ୍ମୁଖୀନ ହେବା ଲାଗି ସେ ପ୍ରତ୍ୟର୍ପିତ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ନାଗରିକ ୬୪ ବର୍ଷୀୟ ରାଣା ଏବେ ଲସ୍ ଏଞ୍ଜେଲ୍ସସ୍ଥିତ ମେଟ୍ରୋପଲିଟାନ୍ ଡିଟେନ୍‌ଶନ ସେଣ୍ଟରରେ ବନ୍ଦୀ ଅଛନ୍ତି। ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲିଙ୍କ ସହ ରାଣା ଘନିଷ୍ଠ ଭାବେ ସମ୍ପୃକ୍ତ।



### ବୈବାହିକ ବିବାଦରୁ ଇଞ୍ଜିନିୟରଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୭।୪

ବେଙ୍ଗାଲୁରୁର ଗଣିଗରାହଲ୍ଲୀ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ସୋମବାର ସଫ୍ଟୱେର ଇଞ୍ଜିନିୟର ପ୍ରଶାନ୍ତ ନାୟାର(୪୦) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପ୍ରଶାନ୍ତଙ୍କ ବିବାହ ୧୨ ବର୍ଷ ତଳେ ବେଙ୍ଗାଲୁରୁରେ କାର୍ଯ୍ୟରତ ସଫ୍ଟୱେର ଇଞ୍ଜିନିୟର ପୂଜା ନାୟାରଙ୍କ ସହ ହୋଇଥିଲା। ପ୍ରଶାନ୍ତ ଓ ପୂଜାଙ୍କର ଜଣେ ୮ ବର୍ଷୀୟ ଝିଅ ମଧ୍ୟ ରହିଛନ୍ତି। ପୂର୍ବରୁ ଗଣିଗରାହଲ୍ଲୀସ୍ଥିତ ଆପାର୍ଟମେଣ୍ଟରେ ପ୍ରଶାନ୍ତ ନିଜ ସ୍ତ୍ରୀ ଓ ଝିଅଙ୍କ ସହ ଏକାଠି ରହୁଥିଲେ। ତେବେ ଅଧିକାଂଶ ସମୟ ପ୍ରଶାନ୍ତ ଓ ପୂଜାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ତେଣୁ ଉଭୟେ ଗତ ବର୍ଷେ ହେବ ଅଲଗା ରହିବା ସହ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ ଚିନ୍ତା କରୁଥିବା ପୋଲିସ କହିଛି। ତାଙ୍କ ଆପାର୍ଟମେଣ୍ଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ।


ପ୍ରଶାନ୍ତ ନାୟାର

### ମହିଳା ଯାତ୍ରୀଙ୍କ ମୃତ୍ୟୁ: ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୭।୪

ମୁମ୍ବାଇରୁ ବାରାଣସୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଜଣେ ୮୯ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ଘଟିବାରୁ ରବିବାର ରାତିରେ ଏହାକୁ ମହାରାଷ୍ଟ୍ର ସମ୍ଭାଜୀନଗରର ଚିକାଲଥାନା ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ମୃତା ମହିଳା ଜଣକ ହେଲେ ଉତ୍ତରପ୍ରଦେଶ ମିର୍ଜାପୁରର ସୁଶୀଳା ଦେବୀ। ସେ ମୁମ୍ବାଇରୁ ବିମାନ ଧରିଥିବାବେଳେ ଉଡ଼ାଣ ବେଳେ ଅସୁସ୍ଥତା ଅନୁଭବ କରିଥିଲେ। ମେଡିକାଲ ଏମର୍ଜେନ୍ସି ପାଇଁ ବିମାନକୁ ଅବତରଣ କରାଯାଇଥିଲା। ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କଲାବେଳକୁ ମହିଳାଙ୍କର ମୃତ୍ୟୁ ଘଟିସାରିଥିଲା।

### ଉତ୍ତରପ୍ରଦେଶରେ ଆଇନର ଶାସନ ଭୁଶୁଡ଼ିପଡ଼ିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୪

ଉତ୍ତରପ୍ରଦେଶରେ ଆଇନର ଶାସନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ରାଜ୍ୟ ପୋଲିସ ଦାଏର କରିଥିବା ଦେୱାନୀ ମାମଲାଗୁଡ଼ିକର ଏତଲା ଦେଖିବା ପରେ ଏଭଳି ଟିପ୍ପଣୀ ଦେଇଛନ୍ତି। ଦେୱାନୀ ବିବାଦରେ ଆପରାଧିକ ଆଇନ କ'ଣ ପାଇଁ ଲାଗୁ କରାଯାଇଛି, ସତ୍ୟପାଠ ଜରିଆରେ ଜବାବ ରଖିବା ପାଇଁ ଖଣ୍ଡପୀଠ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ, ଗୌତମବୁଦ୍ଧ ନଗର ଜିଲା ଥାନାର ଷ୍ଟେଶନ ହାଉସ୍ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଭିଲ୍ ମାମଲାକୁ କ୍ରିମିନାଲ ମାମଲାରେ ବଦଳାଇବା ଗ୍ରହଣୀୟ ନୁହେଁ ବୋଲି ସିଜେଆଇ କହିଛନ୍ତି।

# ୱାକ୍‌ଫ ଆଇନକୁ ଏଆଇଏମ୍‌ପିଏଲ୍‌ବିର ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୭।୪ (ପି.ଟି.)

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ପୂର୍ବରୁ ଏହି ଆଇନକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ ତ୍ୱରିତ୍ ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବାକୁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ରାଜି ହୋଇଛନ୍ତି। ପୂର୍ବରୁ ଜମାଏତ୍ ଉଲମା-ଇ-ହିନ୍ଦ୍, ଏଆଇଏମ୍‌ଆଇଏମ୍ ନେତା ଅସାଦୁଦ୍ଦିନ ଓୱାଇସି, କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ, ଆପ୍ ବିଧାୟକ ଅମନତୁଲ୍ଲା ଖାନ୍ ପ୍ରମୁଖ ୱାକ୍‌ଫ ସଂଶୋଧନ ବିଲ୍‌କୁ ଚ୍ୟାଲେଞ୍ଜ କରିଥିଲେ। ଗତ ସପ୍ତାହରେ ଏହି ବିଲ୍ ପାର୍ଲାମେଣ୍ଟର ଉଭୟ ଗୃହରେ ଜୋର୍‌ଦାର ବିତର୍କ ମଧ୍ୟରେ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏଆଇଏମ୍‌ପିଏଲ୍‌ବି ମୁଖପାତ୍ର ଏସ୍.କ୍ୟୁଆର୍. ଇଲିଆସ୍ କହିଛନ୍ତି, ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ସଂଶୋଧନକୁ ପିଟିଶନ୍‌ରେ ଦୃଢ଼ ବିରୋଧ କରାଯାଇଛି। ଉକ୍ତ ସଂଶୋଧନ ମନମାନି, ପକ୍ଷପାତମୂଳକ ଏବଂ ବାଦ୍ ଦେବା ଉପରେ ଆଧାରିତ। ଏହା କେବଳ ସମ୍ବିଧାନର ଅନୁଚ୍ଛେଦ ୨୫ ଓ ୨୬ରେ ଦିଆଯାଇଥିବା ମୌଳିକ ଅଧିକାରର ଉଲ୍ଲଂଘନ କରୁନାହିଁ, ୱାକ୍‌ଫ ପ୍ରଶାସନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେବା ପାଇଁ ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ସୂଚିତ ହୋଇଛି। ସଂଖ୍ୟାଲଘୁ ମୁସଲମାନମାନଙ୍କୁ ସେମାନଙ୍କ ନିଜ ଧର୍ମୀୟ ଏଣ୍ଡାଓମେଣ୍ଟର ପରିଚାଳନାରୁ ବାଦ୍ ଦିଆଯାଇଛି ବୋଲି ଇଲିଆସ୍ କହିଛନ୍ତି।



## ଜମ୍ମୁ-କଶ୍ମୀର ବିଧାନସଭାରେ ହଙ୍ଗାମା

### ୱାକ୍‌ଫ ବିଲ୍ କପି ଚିରିଲେ ଏନ୍‌ସି ବିଧାୟକ

ଜମ୍ମୁ, ୭।୪

ଜମ୍ମୁ-କଶ୍ମୀର ବିଧାନସଭାରେ ସୋମବାର ୱାକ୍‌ଫ ଆଇନକୁ ନେଇ ଜୋର୍‌ଦାର ହଙ୍ଗାମା ହୋଇଛି। ଶାସକ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ସହ କଂଗ୍ରେସ, ଆପ୍ ଓ ସ୍ୱାଧୀନ ବିଧାୟକମାନେ ୱାକ୍‌ଫ ଆଇନ ବିରୋଧରେ ବିଧାନସଭାରେ ମୁଲତବୀ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଗୃହୀତ କରାଯାଉ ଦାବିରେ ସେମାନେ ହଙ୍ଗାମା କରିଛନ୍ତି। ତେବେ ଭାଜପାର ବିଧାୟକମାନେ ଏହାକୁ ବିରୋଧ କରିଥିଲେ। ଫଳରେ ଗୃହର ୱେଲ୍‌କୁ ଭାଜପା ଓ ଏନ୍‌ସି ସମେତ ବିଭିନ୍ନ ଦଳର ବିଧାୟକମାନେ ଆସି ପରସ୍ପର ବିରୋଧରେ ନାରାବାଜି କରିଥିଲେ। ସମ୍ପ୍ରତି ୱାକ୍‌ଫ ଆଇନ ମାମଲା ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଏସମ୍ପର୍କିତ ମୁଲତବୀ ପ୍ରସ୍ତାବ ଅଣାଯାଇ ପାରିବ ନାହିଁ ଏବଂ ଏହାକୁ ନେଇ ଆଲୋଚନା ମଧ୍ୟ ହୋଇପାରିବ ନାହିଁ ବୋଲି ବିଧାନସଭାର ବାଚସ୍ପତି ଅବଦୁଲ ରହିମ ରାଠୋର କହିଛନ୍ତି।


ୱାକ୍‌ଫ ଆଇନକୁ ନେଇ ବିଭିନ୍ନ ଦଳର ବିଧାୟକମାନେ ଜୋର୍‌ଦାର ହଙ୍ଗାମା କରୁଛନ୍ତି।

## ଭାଜପା ସଂଖ୍ୟାଲଘୁ ନେତାଙ୍କ ଘର ଜାଳିଦେଲେ

### ୱାକ୍‌ଫ ଆଇନକୁ ସମର୍ଥନ କରିଥିଲେ

ଇମ୍ଫାଲ, ୭।୪

ମଣିପୁରର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ଅଧ୍ୟକ୍ଷ ଅସ୍‌କର ଅଲୀ ମକକ୍‌ମୟୁମଙ୍କ ଘରକୁ ରବିବାର ରାତିରେ କେତେଜଣ ଅଚିହ୍ନା ଦୁର୍ବୃତ୍ତ ଜାଳିଦେଇଛନ୍ତି। ୱାକ୍‌ଫ ଆଇନକୁ ସମର୍ଥନ କରି ଅସ୍‌କର ସୋସିଆଲ ମିଡିଆରେ ପୋଷ୍ଟ କରିଥିବାରୁ ଉତ୍ତ୍ୟକ୍ତ ହୋଇ କେତେଜଣ ସ୍ଥାନୀୟ ନିବାସୀ ତାଙ୍କ ଥୌବାଲ ଜିଲା ଲିଲୋଙ୍ଗସ୍ଥିତ ଘରକୁ ଜାଳିଦେଇଥିବା ପୋଲିସ କହିଛି। ରବିବାର ରାତିରେ ସ୍ଥାନୀୟ ଲୋକେ ଅସ୍‌କରଙ୍କ ଘର ଆଗରେ ଏକତ୍ରିତ ହେବା ସହ ସେଠାରେ ଭଙ୍ଗାରୁଜା କରିଥିଲେ ଓ ଶେଷରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ତେବେ ଏହି ଘଟଣା ପରେ ସୋମବାର ଅସ୍‌କର ତାଙ୍କ ସୋସିଆଲ ମିଡିଆରେ ଆଉ ଏକ ଭିଡିଓ ପୋଷ୍ଟକରି ମୁସଲମାନ ସମ୍ପ୍ରଦାୟକୁ କ୍ଷମାପ୍ରାର୍ଥନା ମାଗିଛନ୍ତି। ଏହାସହ ସେ ୱାକ୍‌ଫ ଆଇନକୁ ନେଇ ନିଜ ପୂର୍ବ ମନ୍ତବ୍ୟକୁ ବଦଳାଇବା ସହ ସେ ଏହି ଆଇନକୁ ବିରୋଧ କରୁଥିବା କହିଛନ୍ତି। ୱାକ୍‌ଫ ଆଇନକୁ ତୁରନ୍ତ ରଦ୍ଦ କରିବାକୁ ସେ କେନ୍ଦ୍ର ସରକାରଙ୍କୁ ଦାବି କରିଛନ୍ତି।


ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ବିହାରର ବେଗୁସରାଇରେ 'ପଳାୟନ ରୋକୋ ନୌକରି ଦୋ ଯାତ୍ରା'ରେ ସାମିଲ ହୋଇଛନ୍ତି।

## ୧୪ ଦେଶର ଭିଜା ଉପରେ କଟକଣା ଲଗାଇଲା ସାଉଦି

ରିୟାଧ, ୭।୪

ଭାରତ ସମେତ ୧୪ ଦେଶର ଲୋକଙ୍କ ବିଜ୍‌ନେସ୍ ଏବଂ ଫ୍ୟାମିଲି ଭିଜିଟ୍ ଭିଜାରେ ସାଉଦି ଆରବ ସାମୟିକ କଟକଣା ଲଗାଇଛି। ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ଏହି ଭିଜା କଟକଣା ବଳବତ୍ତର ରହିବ। ହଜ୍ ବେଳେ ଲୋକଙ୍କ ସୁରକ୍ଷା ଓ ଭିଡ଼କୁ ଦୃଷ୍ଟିରେ ରଖି ଉକ୍ତ କଟକଣା ଲଗାଯାଇଥିବା ସାଉଦି ଆରବ ପକ୍ଷରୁ କୁହାଯାଇଛି। ଏପ୍ରିଲ ୧୩ ପରଠାରୁ ହଜ୍ ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ୧୪ ଦେଶର ନାଗରିକଙ୍କୁ ସାଉଦି ଆରବକୁ ଭିଜା ମିଳିବ ନାହିଁ। ପାକିସ୍ତାନ, ବାଂଲାଦେଶ, ଇଜିପ୍ଟ, ଇଣ୍ଡୋନେସିଆ, ଇରାକ୍, ୟେମେନ, ନାଇଜେରିଆ, ଜୋର୍ଡାନ, ଆଲଜେରିଆ, ସୁଡାନ, ଇଥୋପିଆ, ଟ୍ୟୁନିସିଆ ଏବଂ ମରକ୍କୋର ଭିଜା ଉପରେ ମଧ୍ୟ ସାମୟିକ କଟକଣା ଲଗାଯାଇଛି। ହଜ୍ ଯାତ୍ରା ଜୁନ୍ ୪ରୁ ଜୁନ୍ ୯ ଯାଏ ଅନୁଷ୍ଠିତ ହେବ।

## ଭିଭିପିଏଟି ସ୍ଲିପ୍‌ର ୧୦୦% ଗଣତି ଆବେଦନ ଖାରଜ

ନୂଆଦିଲ୍ଲୀ,୭।୪(ପି.ଟି.)

ନିର୍ବାଚନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍(ଇଭିଏମ୍) ତଥ୍ୟ ସହ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍‌ର ୧୦୦ ପ୍ରତିଶତ ହାତରେ ଗଣତି କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟ ଗତବର୍ଷ ଅଗଷ୍ଟ ୧୨ରେ ଦେଇଥିବା ରାୟକୁ ହଂସରାଜ ଜୈନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବା ଭଳି କୌଣସି କାରଣ ଆମେ ଦେଖିବାକୁ ପାଉନାହୁଁ। ତେଣୁ ସ୍ୱତନ୍ତ୍ର ଲିଭ୍ ପିଟିଶନକୁ ଖାରଜ କରାଗଲା ବୋଲି ସିଜେଆଇ ଜଷ୍ଟିସ୍ ଖାନ୍ନା କହିଛନ୍ତି। ପୂର୍ବରୁ ମଧ୍ୟ ସିଜେଆଇଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ ଖଣ୍ଡପୀଠ ଅନୁରୂପ ପ୍ରସଙ୍ଗରେ ରାୟ ଦେଇଛନ୍ତି। ତେଣୁ ଗୋଟିଏ ମାମଲାରେ ବାରମ୍ବାର ଆବେଦନ କରି ବିରକ୍ତ କରନ୍ତୁ ନାହିଁ ବୋଲି ସିଜେଆଇ କହିଛନ୍ତି। ଇଭିଏମ୍ ତଥ୍ୟ ସହ ଭିଭିପିଏଟି ରେକର୍ଡର ୧୦୦ ପ୍ରତିଶତ ଯାଞ୍ଚ ଆବେଦନକୁ ଖାରଜ କରିବା ଅବସରରେ ସର୍ବୋଚ୍ଚ ଅଦାଲତ ଇଭିଏମ୍‌କୁ ସୁରକ୍ଷିତ, ସରଳ ଏବଂ ବ୍ୟବହାର ଅନୁକୂଳ ବୋଲି କହିଛନ୍ତି।




## ଚାଇନା ଉପରେ ଅତିରିକ୍ତ ୫୦% ଟାରିଫ୍ ଘୋଷଣା କଲେ ଟ୍ରମ୍ପ୍

ୱାଶିଂଟନ,୭।୪

ଆମେରିକାର ୩୪% ପାରସ୍ପରିକ ଶୁଳ୍କ ଜବାବରେ ଚାଇନା ସମାନ ପରିମାଣର ଜବାବୀ ଶୁଳ୍କ ଲଗାଇଥିଲା। ବେଜିଂ ଏହି ଟାରିଫ୍ ଘୋଷଣା କରିବାର ୨୪ ଘଣ୍ଟା ନ ପୂରୁଣୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନା ସାମଗ୍ରୀ ଉପରେ ଅତିରିକ୍ତ ୫୦% ଶୁଳ୍କ ଲଗାଯିବା ନେଇ ସୋମବାର ଘୋଷଣା କରିଛନ୍ତି। ୨ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଜୋର୍‌ଦାର ହୋଇଥିବାବେଳେ ଚାଇନା ସାମଗ୍ରୀ ଉପରେ ୱାଶିଂଟନ ମୋଟ ୮୪% ଟାରିଫ୍ ଲଗାଇବାକୁ ଯାଉଛି। ବିଶ୍ୱବ୍ୟାପୀ ସବୁ ଦେଶ ଉପରେ ହ୍ୱାଇଟ୍ ହାଉସ୍ ୧୦% ଶୁଳ୍କ ଲଗାଇଥିବାବେଳେ ଏହାକୁ ମିଶାଇ ଚାଇନା ସାମଗ୍ରୀ ଉପରେ ମୋଟ ୯୪% ଟାରିଫ୍ ଲାଗୁ ହେବାକୁ ଯାଉଛି। ଚାଇନାକୁ ପୂର୍ବରୁ ଚେତାବନୀ ଦେଇଥିବା ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ଚାଇନା ଆମେରିକୀୟ ସାମଗ୍ରୀ ଉପରେ ଯଥେଷ୍ଟ ଅଧିକ ଶୁଳ୍କ ଲଗାଇଥିବାବେଳେ ପୁଣି ୩୪% ଜବାବୀ ଟିକସ ଘୋଷଣା କରିଥିଲା। ଆମ ଉପରେ ଅଧିକ ଟାରିଫ ଲାଗୁ କଲେ ଆମେ ଆହୁରି ଅଧିକ ଶୁଳ୍କ ଲଗାଇବୁ ବୋଲି ପୂର୍ବରୁ କହିଥିଲୁ। ବେଜିଂ ଯଦି ୩୪% ଶୁଳ୍କ ମଙ୍ଗଳବାର ସୁଦ୍ଧା ପ୍ରତ୍ୟାହାର ନ କରେ, ତେବେ ୯ ତାରିଖରୁ ଏହାର ସାମଗ୍ରୀ ଉପରେ ଅତିରିକ୍ତ ୫୦% ଶୁଳ୍କ ଲାଗୁ ହେବ ବୋଲି ଟ୍ରମ୍ପ୍ ସୋମବାର ସ୍ପଷ୍ଟ କରିଦେଇଛନ୍ତି।

## ଭାଜପା ସର୍ବାଧିକ ୨,୨୪୩ କୋଟି ଚାନ୍ଦା ପାଇଛି

ନୂଆଦିଲ୍ଲୀ,୭।୪(ପି.ଟି.)

### ଏଡିଆର୍ ରିପୋର୍ଟ

୨୦୨୩-୨୪ ଆର୍ଥିକ ବର୍ଷରେ ଜାତୀୟ ଦଳଗୁଡ଼ିକ ମଧ୍ୟରେ ଭାଜପା ସର୍ବାଧିକ ୨,୨୪୩ କୋଟିରୁ ଊର୍ଦ୍ଧ୍ୱ ଚାନ୍ଦା ସଂଗ୍ରହ କରିଥିବା ଘୋଷଣା କରିଛି। ନିର୍ବାଚନ କମିଶନରେ ଦାଖଲ ହୋଇଥିବା ତଥ୍ୟ ଆଧାରରେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଜାତୀୟ ଦଳଗୁଡ଼ିକ ମୋଟ ୧୨,୫୪୭ଟି ଚାନ୍ଦାରୁ ମୋଟ ୨,୫୪୪.୨୮ କୋଟି ଟଙ୍କା ପାଇଥିବା ଘୋଷଣା କରିଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ୧୯୯% ଅଧିକ। ମୋଟ ଚାନ୍ଦାରୁ କେବଳ ଭାଜପା ଭାଗ ୮୮% ହୋଇଥିବାବେଳେ କଂଗ୍ରେସ ୧,୯୯୪ଟି ଦାନରୁ ୨୮୧.୪୮ କୋଟି ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ଜାତୀୟ ଦଳ ମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍), ସିପିଆଇ(ଏମ୍), ନ୍ୟାଶନାଲ ପିପୁଲ୍ସ ପାର୍ଟି ସ୍ୱଳ୍ପ ପରିମାଣର ଚାନ୍ଦା ପାଇଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ କୌଣସି ଚାନ୍ଦା ପାଇନାହିଁ। ୨୦୨୨-୨୩ ଆର୍ଥିକ ବର୍ଷରେ ଭାଜପା ୭୧୯.୮୫୮ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ୨୦୨୩-୨୪ରେ ୨,୨୪୩.୯୪ କୋଟି ଟଙ୍କା ପାଇଛି। ଅର୍ଥାତ୍ ପୂର୍ବବର୍ଷ ତୁଳନାରେ ୨୦୨୩-୨୪ ବର୍ଷରେ ଗୈରିକ ଦଳର ଚାନ୍ଦା ପରିମାଣ ୨୧୧.୭୨% ବୃଦ୍ଧି ପାଇଛି। କଂଗ୍ରେସକୁ ୨୦୨୨-୨୩ରେ ୭୯.୯୨୪ କୋଟି ଟଙ୍କା ମିଳିଥିବାବେଳେ ୨୦୨୩-୨୪ରେ ୨୮୧.୪୮ କୋଟି ଟଙ୍କା ହୋଇଛି। ଅନ୍ୟପକ୍ଷରେ ଆପ୍‌ର ଚାନ୍ଦା ପରିମାଣ ୭୦.୧୮% ହ୍ରାସ ପାଇ ୨୬.୦୩୮ କୋଟି ଟଙ୍କା ହୋଇଥିବାବେଳେ ଏନ୍‌ପିଇପିର ଚାନ୍ଦା ୯୮.୦୨% କମି ୭.୩୩୧ କୋଟି ଟଙ୍କା ରହିଛି। ଜାତୀୟ ଦଳଗୁଡ଼ିକ କର୍ପୋରେଟ ବା ବ୍ୟବସାୟ ସେକ୍ଟରରୁ ମୋଟ ୨,୨୬୨.୫୫ କୋଟି ଟଙ୍କା ଏବଂ ବ୍ୟକ୍ତିଗତ ଦାତାଙ୍କଠାରୁ ୨୭୦.୮୭୨ କୋଟି ଟଙ୍କା ପାଇଛନ୍ତି। ଭାଜପା ୩,୪୭୮ଟି କର୍ପୋରେଟ ସେକ୍ଟର ଚାନ୍ଦାରୁ ୨,୦୬୪.୫୮ କୋଟି ଏବଂ ୪,୬୨୮ ବ୍ୟକ୍ତିଗତ ଦାତାଙ୍କଠାରୁ ୧୬୯.୧୨୬ କୋଟି ଟଙ୍କା ପାଇଛି। କଂଗ୍ରେସ ୧୦୨ଟି କର୍ପୋରେଟ ସେକ୍ଟର ଚାନ୍ଦାରୁ ୧୯୦.୩୨୬୩ କୋଟି ଏବଂ ୧,୮୮୨ ବ୍ୟକ୍ତିବିଶେଷଙ୍କଠାରୁ ୯୦.୮୯୯ କୋଟି ଟଙ୍କା ପାଇଥିବା ରିପୋର୍ଟରୁ ଜଣାପଡ଼ିଛି।

## ନିଯୁକ୍ତି ହରାଇଥିବା ଶିକ୍ଷକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ହେବ: ମମତା

କୋଲକାତା, ୭।୪

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତିରେ ଚାକିରି ହରାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି। ନିଯୁକ୍ତି ହରାଇଥିବା ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ସହଯୋଗ କରିବା ପାଇଁ ରାଜ୍ୟ ସରକାର ଯଥାସମ୍ଭବ ପ୍ରୟାସ କରିବେ ବୋଲି ମମତା କହିଛନ୍ତି। ସେମାନେ ଯେପରି ବେରୋଜଗାର ନ ରହିବେ, ସେଥିପ୍ରତି ସରକାର ବିକଳ୍ପ ବ୍ୟବସ୍ଥା କରିବେ। ପ୍ରକାଶ ଯେ, ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଗତ ୩ରେ ରାଜ୍ୟର ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ୨୫,୭୫୩ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ।

## ଫୁରସତ୍

## ମଙ୍ଗଳରେ ୩୭୦ କୋଟି ବର୍ଷର ଜୈବିକ ଅଣୁ

ୱାଶିଂଟନ ୭।୪

ଅନ୍ତର୍ଜାତୀୟ ବୈଜ୍ଞାନିକମାନଙ୍କର ଏକ ଦଳ ମଙ୍ଗଳ ଗ୍ରହରେ ବର୍ତ୍ତମାନ ସୁଦ୍ଧା ମିଳିଥିବା ସବୁଠାରୁ ଲମ୍ବା ଜୈବିକ ଅଣୁର ଆବିଷ୍କାର କରିଛନ୍ତି। ଏହି ଅଣୁଗୁଡ଼ିକ ପୃଥିବୀରେ ଦେଖିବାକୁ ମିଳୁଥିବା ବାୟୋଲୋଜିକାଲ୍ କମ୍ପାଉଣ୍ଡ ସହ ସମାନତା ବହନ କରୁଛି। ଏହି ଆବିଷ୍କାର ପରେ ମଙ୍ଗଳ ଗ୍ରହରେ ପ୍ରାଚୀନ ଜୀବନ କିମ୍ବା ଜୀବନ ପାଇଁ ଉଦ୍ଦିଷ୍ଟ ରସାୟନ ବିଜ୍ଞାନର ଉପସ୍ଥିତି ନେଇ ଆଶା ବଢ଼ିଥିବା ବୈଜ୍ଞାନିକମାନେ କହିଛନ୍ତି।

ଲୋହିତ ଗ୍ରହ ନାମରେ ପରିଚିତ ମଙ୍ଗଳରେ ସବୁଠାରୁ ଲମ୍ବା ଜୈବିକ ଅଣୁର ଆବିଷ୍କାର ହୋଇଛି। ମଙ୍ଗଳ ଗ୍ରହର ମାଟିରେ ୩୭୦ କୋଟି ବର୍ଷ ଧରି ସଂରକ୍ଷିତ ହୋଇ ରହିଥିବା ଏହି ଅଣୁକୁ ଆମେରିକୀୟ ମହାକାଶ ସଂସ୍ଥା (ନାସା)ର କ୍ୟୁରିୟୋସିଟି ରୋଭର ଦ୍ୱାରା ଆବିଷ୍କାର କରାଯାଇଛି। ଏହା ଲୋହିତ ଗ୍ରହର ଅତୀତକୁ ରସାୟନିକ ଭାବେ ଅଧିକ ଜଟିଳ କରୁଥିବାର ସଂକେତ ଦେଉଛି। ଫ୍ରେଞ୍ଚ୍ ନ୍ୟାଶନାଲ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ (ସିଏନ୍‌ଆର୍‌ଏସ୍)ର ବୈଜ୍ଞାନିକମାନେ ଆମେରିକା, ମେକ୍ସିକୋ ଏବଂ ସ୍ପେନ୍‌ର ସହଯୋଗରେ ମଙ୍ଗଳ ଗ୍ରହରେ ଏହି ସବୁଠୁ ଲମ୍ବା ଜୈବିକ ଅଣୁର ସନ୍ଧାନ କରିଛନ୍ତି। ୧୨ ଲଗାତର କାର୍ବନ ଆଟମ୍ ବିଶିଷ୍ଟ କାର୍ବନ ଚେନ୍‌ର ଏହି ଅଣୁଗୁଡ଼ିକ ଫ୍ୟାଟି ଏସିଡ୍ ସଦୃଶ ହୋଇଥାଏ, ଯାହା ପ୍ରାୟତଃ ପୃଥିବୀରେ ହେଉଥିବା ବିଭିନ୍ନ ଜୈବିକ ପ୍ରକ୍ରିୟା ସହ ମଧ୍ୟ ଜଡ଼ିତ ବୋଲି ବୈଜ୍ଞାନିକମାନେ କହିଛନ୍ତି।



ମଙ୍ଗଳ ଗ୍ରହର ସ୍ଥିର ଭୂବିଜ୍ଞାନ ଏବଂ ଥଣ୍ଡା ଓ ଶୁଷ୍କ ଜଳବାୟୁ ଯୋଗୁ ଏହି ଜୈବିକ ପଦାର୍ଥ ପ୍ରାୟ ୩୭୦ କୋଟି ବର୍ଷ ଧରି ମାଟି ନମୁନାରେ ସଂରକ୍ଷିତ ହୋଇରହିଛି। ଗତ ମାର୍ଚ୍ଚ ୨୪ରେ ପିଏନ୍‌ଏଏସ୍ ପତ୍ରିକାରେ ଉକ୍ତ ଆବିଷ୍କାର ନେଇ ଏକ ଅଧ୍ୟୟନ ପ୍ରକାଶିତ ହୋଇଥିଲା। ଏସ୍‌ଏଏମ୍ (ମଙ୍ଗଳରେ ନମୁନା ବିଶ୍ଳେଷଣ) ଉପକରଣର ବ୍ୟବହାର କରାଯାଇ ଏହି ଆବିଷ୍କାର କରାଯାଇଛି। ଏସ୍‌ଏଏମ୍ ଉପକରଣ ହେଉଛି ନାସାର କ୍ୟୁରିୟୋସିଟି ରୋଭରର ଏକ ଅଂଶ। ବୈଜ୍ଞାନିକଙ୍କ ଏହି ସଫଳତା ଭବିଷ୍ୟତର ବିଭିନ୍ନ ମିଶନରେ ପୃଥିବୀ ବାହାରେ ମଧ୍ୟ ଜଟିଳ ଏବଂ ଜୀବନ ପାଇଁ ଉଦ୍ଦିଷ୍ଟ ରସାୟନ ବିଜ୍ଞାନର ଉପସ୍ଥିତିକୁ ଦର୍ଶାଉଥିବା କୁହାଯାଉଛି।

## ଆତଙ୍କବାଦୀଙ୍କ ସାମ୍ନା କରିବେ ଇମ୍ରାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଇମ୍ରାନ୍ ହାଶ୍‌ମୀଙ୍କ ଆଗାମୀ ଫିଲ୍ମ 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲର ସୋମବାର ରିଲିଜ୍ ହୋଇଛି। ଏହି ଟ୍ରେଲରରେ ଇମ୍ରାନ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଜଣେ କମାଣ୍ଡାଣ୍ଟ ଭାବେ ନଜରକୁ ଆସିଛନ୍ତି। ସେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ନରେନ୍ଦ୍ର ନାଥ ଦୁବେଙ୍କ ଚରିତ୍ରକୁ ନିଭାଉଛନ୍ତି। କଶ୍ମୀରରେ ଆତଙ୍କବାଦୀଙ୍କ ମୁକାବିଲା ପାଇଁ ଇମ୍ରାନ୍ ଏକ ମିଶନରେ ଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଇମ୍ରାନ୍‌ଙ୍କୁ ପ୍ରାୟତଃ ବିଭିନ୍ନ ବୋଲ୍ଡ ଚରିତ୍ରରେ ଅଭିନୟ କରୁଥିବାର ଦେଖିବାକୁ ମିଳୁଥିବା ବେଳେ 'ଗ୍ରାଉଣ୍ଡ ଜିରୋ' ବିଏସ୍‌ଏଫ୍ କମାଣ୍ଡାଣ୍ଟ ଇମ୍ରାନଙ୍କ ଆକ୍ସନ ଅବତାରକୁ ଟ୍ରେଲରରେ ତାଙ୍କ ପ୍ରଶଂସକ ଖୁବ୍ ପସନ୍ଦ କରିଛନ୍ତି। ସେହିପରି 'ଗ୍ରାଉଣ୍ଡ ଜିରୋ'ର ଟ୍ରେଲରରେ ଦେଶପ୍ରେମୀ ଭାବନା ସହ ରହିଥିବା ସଂଳାପଗୁଡ଼ିକ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଛି। ଏହି ଫିଲ୍ମଟି କଶ୍ମୀରରେ ବଢୁଥିବା ଆତଙ୍କବାଦ୍ ସ୍ଥିତିକୁ ନେଇ ଆଧାରିତ ରହିଛି। ଏପ୍ରିଲ ୨୫ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଏସ୍. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ ଥ୍ରୀଲର ଫିଲ୍ମରେ ଅଭିନେତ୍ରୀ ସାଇ ତାମନ୍‌କର ଓ ଜୋୟା ହୁସେନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏକ ସତ୍ୟ ଘଟଣାକୁ ନେଇ 'ଗ୍ରାଉଣ୍ଡ ଜିରୋ'ର କାହାଣୀ ଆଧାରିତ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି।

**'ଗ୍ରାଉଣ୍ଡ ଜିରୋ' ଟ୍ରେଲର ଆଉଟ୍**


ଇମ୍ରାନ୍ ହାଶ୍‌ମୀ

# ଦିଲ୍ଲୀରେ ଏବେ ବି ମୁଠା ଟାଣ

**ଭୁବନେଶ୍ୱର, ୭।୪(ରବିନାରାୟଣ ଜେନା)**

ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଭି.କେ. ପାଣ୍ଡିଆନଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ଦିଲ୍ଲୀରେ ସୁଜାତା ଆର. କାର୍ତ୍ତିକେୟନଙ୍କ ଅବସରକୁ ନେଇ କେତେକ ଓଡ଼ିଆ ଅଫିସରଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାର ଜଣେ ମହିଳା ପ୍ରଶାସନିକ ଅଧିକାରୀ କିଭଳି ତାଙ୍କ କାର୍ଯ୍ୟକାଳ ଭିତରେ ମହିଳାମାନଙ୍କ ପ୍ରେରଣାର ଉତ୍ସ ସାଜିଥିଲେ ଓ ମହିଳା ସଶକ୍ତୀକରଣ କରିଥିଲେ ସେନେଇ ଦିଲ୍ଲୀରେ ଏକ ଇଂଲିଶ ଲିଫ୍ ଲେଟ୍ ବିଭିନ୍ନ କାର୍ଯ୍ୟାଳୟରେ ଘୂରି ବୁଲୁଛି। ଏଭଳି ବାର୍ତ୍ତା ଜଣେ ସ୍ୱେଚ୍ଛାକୃତ ଅବସର ଓଡ଼ିଆ ମହିଳା ଅଧିକାରୀଙ୍କ କ୍ଷେତ୍ରରେ ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। କେତେକ ବରିଷ୍ଠ ଖବରଦାତା ଏହାକୁ ସୁଜାତାଙ୍କ ରାଜନୈତିକ ଚାଲ୍ ବୋଲି କହୁଥିବାବେଳେ ଆଉ କେତେକେ ଜଣେ ସଫଳ ମହିଳାଙ୍କ କାହାଣୀ ବୋଲି ବିବେଚନା କରୁଛନ୍ତି।

ତେବେ ସୂତ୍ର ଅନୁଯାୟୀ, ସୁଜାତା ମାର୍ଚ୍ଚ ୧୩ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରିଥିଲେ। ୨୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତ ସରକାରଙ୍କୁ ସ୍ୱେଚ୍ଛାକୃତ ଅବସର ମଞ୍ଜୁର ପାଇଁ ସୁପାରିସ କରାଯାଇଥିଲା। ମାର୍ଚ୍ଚ ୨୮ରେ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ସୁଜାତାଙ୍କ ଅବସର ପତ୍ରକୁ ଅନୁମୋଦନ କରିଥିଲେ। ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରର ଅନୁମତି ମିଳିଥିଲା। ଏଥିରେ ଦିଲ୍ଲୀରେ ତାଙ୍କର କେତେ ମୁଠା ଟାଣ (ପକଡ) ରହିଛି ତାହା ସ୍ପଷ୍ଟ ବୁଝାପଡୁଛି। ଏହା ପରେ ଦିଲ୍ଲୀର କେତେକ ପ୍ରଶାସନିକ ଅଧିକାରୀଙ୍କ ନିକଟକୁ ଏକ ଇଂଲିଶ ଲିଫ୍ ଲେଟ୍ ଜରିଆରେ ସୁଜାତାଙ୍କ କୃତିତ୍ୱ ବଣ୍ଟନ କରାଯାଇଥିଲା।

ଲିଫ୍ ଲେଟ୍‌ରେ ଉଲ୍ଲେଖ ରହିଛି, ସେ ଜଣେ ମହିଳା ; ଯିଏ ସଦାସର୍ବଦା ମହିଳାଙ୍କୁ ସଶକ୍ତୀକରଣ କରିବାର ଲକ୍ଷ୍ୟ ରଖିଥିଲେ। ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭାବରେ ସୁଜାତା ଯୋଗଦେଇଥିଲେ ଏବଂ ଆଇଏଏସ୍ ଏକାଡେମୀରେ ସେ ସ୍ୱର୍ଣ୍ଣପଦକ ବିଜେତା ଥିଲେ।

ନକ୍ସଲ ପ୍ରଭାବିତ ସୁନ୍ଦରଗଡ଼ ଜିଲାରେ ଜିଲାପାଳ ଭାବେ ସୁଜାତା କାମ କରୁଥିବାବେଳେ ସେ ଏକ ନୂଆ ପଦକ୍ଷେପ ନେଇଥିଲେ। ସୁନ୍ଦରଗଡ଼ ଜିଲାରେ ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ୨୦୦୫ରେ ବ୍ୟାଙ୍କ ପ୍ରୋତ୍ସାହନରେ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ସାଇକେଲ ଯୋଗାଇବାର ବ୍ୟବସ୍ଥା ଆରମ୍ଭ କରିଥିଲେ। ସେତେବେଳେ ଝିଅମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ରାସ୍ତା ଅତ୍ୟନ୍ତ ଦୁର୍ଗମ ଥିଲା, ବିଶେଷ କରି ଅଷ୍ଟମ ଶ୍ରେଣୀ ପରେ ଜନଜାତି ଝିଅମାନେ ବିଦ୍ୟାଳୟ ଛାଡ଼ି ଦେଉଥିଲେ। ଏହାକୁ ନେଇ ସେ ସାଇକେଲ ଯୋଜନା ଆରମ୍ଭ କରିଥିଲେ। ଏହାର ମୁଖ୍ୟ ମନ୍ତ୍ର ଥିଲା 'ଚଳନଶୀଳତା ହେଉଛି ସଶକ୍ତୀକରଣ'। ଏହି ସରଳ ପଦକ୍ଷେପ ଯୋଗୁ ଛାତ୍ରୀମାନଙ୍କ ଶିକ୍ଷା ଅବ୍ୟାହତ ରହିଲା ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଶକ୍ତ କରିଥିଲା। ପରେ ଏହି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇଥିଲା।

ପରବର୍ତ୍ତୀ ସମୟରେ ସେ 'ଫୁଟବଲ୍ କଲେକ୍ଟର' ଭାବେ ଜଣାଶୁଣା ଥିଲେ, କାରଣ ସେ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ଫୁଟବଲ୍ ଓ ହକି ସାମଗ୍ରୀ ବଣ୍ଟନ କରୁଥିଲେ। ଯୁବବର୍ଗଙ୍କୁ ଖେଳ ପାଇଁ ପ୍ରୋତ୍ସାହନ ମିଳୁଥିବାରୁ ସେ ଏହାକୁ ସ୍ୱାଗତ କରୁଥିଲେ। ଫଳରେ ନକ୍ସଲ ଅପରାଧ ବା ମାଦକଦ୍ରବ୍ୟରୁ ଯୁବବର୍ଗ ଦୂରେଇ ରହୁଥିଲେ। ୨୦୦୬ରେ ସୁନ୍ଦରଗଡ଼ ଜିଲାରେ ମଧ୍ୟାହ୍ନଭୋଜନ ଯୋଜନାରେ ଅଣ୍ଡାକୁ ସାମିଲ କରିଥିଲେ ବୋଲି ଲିଫ୍‌ଲେଟ୍‌ରେ ଉଲ୍ଲେଖ ରହିଛି।

ପରେ ସେ କଟକ ଜିଲାପାଳ ଓ ମିଶନ ଶକ୍ତି ନିର୍ଦ୍ଦେଶିକାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବରେ କାର୍ଯ୍ୟ କରିଛନ୍ତି। ସେହି ସମୟରେ, ସେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିବା ଲିଫ୍‌ଲେଟ୍‌ରେ ଉଲ୍ଲେଖ ରହିଛି ; ଯାହା ସବୁ ସମ୍ଭବତଃ ସରକାରୀ ଅଫିସର କରିବା କଥା। ତେବେ ଏହି ଲିଫ୍‌ଲେଟ୍ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା କୌତୂହଳ ଏବେ ନିକଟରେ ଓଡ଼ିଶାରେ ଆସି ପହଞ୍ଚିଛି।

# ୩୦ହଜାର କୋଟିର ନିବେଶ, ୪୮ହଜାର ନିଯୁକ୍ତି ଆଶା



ଏଚ୍‌ସିଏଲ୍ କ୍ୟାମ୍ପସ ପରିଦର୍ଶନ ଅବସରରେ କମ୍ପାନୀର ଚେୟାର ପର୍ସନ ରୋଶନୀ ନାଦାର ମାଲ୍‌ହୋତ୍ରାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅଧିକାରୀମାନେ।

## ୧୪ କମ୍ପାନୀ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା, ୧୧ ଚୁକ୍ତି ଚୂଡ଼ାନ୍ତ

- ଏଚ୍‌ସିଏଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମିଳିଲା ପ୍ରତିଶ୍ରୁତି
- ରାଜ୍ୟରେ ଆଇଟି, ପେଟ୍ରୋକେମିକାଲ, ଖାଦ୍ୟ, ବସ୍ତ୍ର ଶିଳ୍ପ ସୁଦୃଢ଼ ହେବ

**ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)**

ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ସୋମବାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ୧୪ କମ୍ପାନୀ ସହ ୩ହଜାର କୋଟିର ନିବେଶ ଓ ୨୧ହଜାର ୩୯୦ ନିଯୁକ୍ତି ସୃଷ୍ଟି ପାଇଁ ଆଲୋଚନା କରିଛନ୍ତି। ଏଥିସହ ଅତିରିକ୍ତ ୨୭,୫୯୫ କୋଟି ଟଙ୍କାର ୧୧ଟି ଚୁକ୍ତି ସ୍ୱାକ୍ଷର ପାଇଁ ଚୂଡ଼ାନ୍ତ ହୋଇଥିବାବେଳେ ୨୭ହଜାର ନିଯୁକ୍ତି ପାଇଁ ବାଟ ଫିଟିଛି। ତେଣୁ ମୋଟ ୩୦ ହଜାର ୫୯୫ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୪୮,୩୯୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

ମୁଖ୍ୟମନ୍ତ୍ରୀଙ୍କୁ ଟିମ୍ ଓଡ଼ିଶା ପକ୍ଷରୁ ତାଜ୍ ପ୍ୟାଲେସଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ନଏଡାସ୍ଥିତ ଏଚ୍‌ସିଏଲ୍ ଟେକ୍ କ୍ୟାମ୍ପସ୍ ପରିଦର୍ଶନ କରିଥିଲେ। ଓଡ଼ିଶାରେ ଆଇଟି ଶିଳ୍ପ କ୍ଷେତ୍ରରେ ନିବେଶ ଉପରେ ଏଚ୍‌ସିଏଲ୍‌ର ଚେୟାର ପର୍ସନ ରୋଶନୀ ନାଦାର ମାଲ୍‌ହୋତ୍ରାଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟରେ ଏଚ୍‌ସିଏଲ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂସ୍କୃତି ଓ ବୈଷୟିକ ଜ୍ଞାନକୌଶଳର ସମ୍ମିଶ୍ରଣରେ ପ୍ରଦର୍ଶିତ କିରନ ନାଦାର ମ୍ୟୁଜିୟମ୍ ଅଫ୍ ଆର୍ଟକୁ ପରିଦର୍ଶନ କରିଥିଲେ। ପରେ ସେ ତାଜ୍ ପ୍ୟାଲେସ୍‌ଠାରେ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ୱାନ୍ ଅନ୍ ୱାନ୍ ଆଲୋଚନା କରିଥିଲେ। ବିଭିନ୍ନ ଷ୍ଟେକ୍ ହୋଲ୍ଡର୍ ଓ ଶିଳ୍ପପତିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ନିବେଶ ଅନୁକୂଳ କରିବା ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। କ୍ଲାରେନେକ୍ସ କେମିକାଲ୍‌ସର ପରିଚାଳନା ନିର୍ଦ୍ଦେଶକ ମନୀଷ କିରିଙ୍କ ସହ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ ନେଇ ଆଲୋଚନା କରିଥିଲେ। ଗୋକଲଦାସ ଏକ୍ସପର୍ଟସ୍ ନିର୍ଦ୍ଦେଶକ ପ୍ରଭାତ କୁମାର ସିଂହଙ୍କ ସହ ଓଡ଼ିଶାରେ ବସ୍ତ୍ର ଉତ୍ପାଦନ ସମ୍ପର୍କରେ ମଧ୍ୟ କଥା ହୋଇଥିଲେ। ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏସ୍‌ଏଲ୍‌ଏମ୍‌ଜି ବେଭେରେଜ୍‌ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ପାରିତୋଷ ଲଧାନୀ ରାଜ୍ୟରେ ବେଭେରେଜ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ରୁଚି ସୋୟାଫୁଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ଆସ୍ଥାନା ମଧ୍ୟ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ ୟୁନିଟ୍ ସ୍ଥାପନ କରିବାକୁ ସ୍ଥିର କରିଛନ୍ତି। ରାଜ୍ୟରେ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ସେମ୍‌କଏନ୍‌ଫ୍ରାଟେକ୍‌ର ପରିଚାଳନା ନିର୍ଦ୍ଦେଶକ ନୀରଜ କୁମାର ସିଂଘଲଙ୍କ ସହ ଆଲୋଚନା ହୋଇଛି। ସେହିପରି ପାଣିଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍‌ର ଚେୟାରମ୍ୟାନ ବିଜୟ ଭି ଚୌଗୁଲେଙ୍କ ସହ ସାକ୍ଷାତ ପରେ ସୂଚନା ମିଳିଛି। ସେହିପରି ରାଜ୍ୟରେ ପୁଞ୍ଜି ନିବେଶ ଲାଗି ଆଗ୍ରହ ପ୍ରକାଶ କରିଥିବା ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରୀ ସ୍ପେଶାଲିଟି, ଆଇଆର୍‌ଇଏଲ, ଆଇନକ୍ସ ଜିଏଫ୍‌ଏଲ ଗ୍ରୁପ୍, ଅଫ୍ ବିଜ୍‌ନେସ୍, କ୍ୱାଣ୍ଟ ସୋଲାର ଆଦି ରହିଛି।

ମଙ୍ଗଳବାର ଦ୍ୱିତୀୟ ଦିନରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଓ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା କରାଯିବ। ଆଇଓସିଏଲ୍ ସହ ଚୁକ୍ତି ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି କୁହାଯାଉଛି। ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିବାବେଳେ ଏପ୍ରିଲ ୯ରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।

# ନିରନ୍ତର ଜଳଯୋଗାଣକୁ ଗୁରୁତ୍ୱ ଦିଅ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

**ଭୁବନେଶ୍ୱର,୭।୪(ରବିନାରାୟଣ ଜେନା)**

କୌଣସି ପରିସ୍ଥିତିରେ ବି ଲୋକେ ଯେଭଳି ପାନୀୟଜଳ ପାଇଁ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁତ୍ୱ ଦେଇଛନ୍ତି। ସୋମବାର ରାଜ୍ୟର ସମସ୍ତ ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ପରେ ଗଣମାଧ୍ୟମକୁ ଡା. ମହାପାତ୍ର କହିଛନ୍ତି, ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ

**ସହରାଞ୍ଚଳରେ ପାନୀୟଜଳ ଯୋଗାଣ ସମୀକ୍ଷା**

ପୌରାଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ବ୍ୟବସ୍ଥା କରାଯିବ। ପ୍ରତ୍ୟେକଙ୍କ ଘରେ ୨୪ ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବ। ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ପାନୀୟଜଳ ଦେୟ ଆଦାୟ ନିମନ୍ତେ ସ୍ମାର୍ଟ ମିଟର ଲଗାଯିବ। ପରୀକ୍ଷାମୂଳକ ଭାବେ ପାଇଲଟ୍ ଭାବେ କେତେକ ସହରାଞ୍ଚଳରେ କାର୍ଯ୍ୟକାରୀ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସଫଳତା ମିଳିଲେ ସମସ୍ତ ସହରାଞ୍ଚଳରେ ଲଗାଯିବ।

ମନ୍ତ୍ରୀ କହିଥିଲେ ଯେ, ନଦୀ ଜଳକୁ ଅଧିକା ବ୍ୟବହାର କରିବାକୁ ବ୍ୟାରେଜ୍ ତିଆରି କରାଯିବ। ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ଲାଗି ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ, ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ସଂସଦୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ**

# ଏମ୍‌କେସିଜି ମେଡିକାଲ କଲେଜ ରାଗିଂ ହଟ୍‌ସ୍ପଟ୍

**ବ୍ରହ୍ମପୁର,୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରାଗିଂ ହଟ୍‌ସ୍ପଟ୍ ତାଲିକାରେ ଦେଶରେ ୧୧ ନମ୍ବରରେ ରହିଛି। ୟୁଜିସି ହେଲ୍ପ ଲାଇନ୍‌କୁ ଆସିଥିବା ଅଭିଯୋଗକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ୨୦୧୬ରେ ଦେଶରେ ୫୧୫ଟି ରାଗିଂ ଅଭିଯୋଗ ହୋଇଥିଲା। ୨୦୨୪ରେ ତାହା ଦ୍ୱିଗୁଣିତ ହୋଇ ୧୦୮୪ରେ ପହଞ୍ଚିଛି। ଉଚ୍ଚଶିକ୍ଷା ଅନୁଷ୍ଠାନରେ ରାଗିଂ ବୃଦ୍ଧି ଚିନ୍ତାର କାରଣ ବୋଲି ସଂସଦୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଦର୍ଶାଇଛି। କମିଟି ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏଥିରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛି। ଦେଶରେ ମେଡିକାଲ କଲେଜଗୁଡିକରେ ସୋସାଇଟି ଏଗ୍‌ନେଷ୍ଟ ଭାଓଲେନ୍ସ ଇନ୍ ଏଜୁକେଶନ (ସେଭ)ର ସର୍ଭେ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ସକାଳ ୯ଟା ୩୦।
- ଶିକ୍ଷା ଅଧିକାର ସମ୍ମେଳନ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଆଜାଦ୍ ହିନ୍ଦ୍ ବାହିନୀର ଦିଲ୍ଲୀ ଚଲୋ ଅଭିଯାନ, ସ୍ଥାନ: ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ରାମଲୀଳାର ନାଟକ 'ଶ୍ରୀରାମ ଜନ୍ମ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋଡ଼ଲବିନ୍ଧା, ସମୟ: ରାତି ୧୧ଟା।
- ଶ୍ରୀ ପତିତପାବନ ରାମଲୀଳା ନାଟ୍ୟ ପରିଷଦର ନାଟକ 'ସୀତା ବିବାହ', ସ୍ଥାନ: ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ଗଙ୍ଗା ସ୍ନାନ', 'ନୈକା ଯାତ୍ରା ଓ ତାଡ଼କା ବଧ', ସ୍ଥାନ: ରାମଲୀଳା ପଡ଼ିଆ, ବେଣୁପୁର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ 'ଶିବ ଧନୁ ଭଙ୍ଗ ଓ ସୀତା ବିବାହ' ସ୍ଥାନ: ରାମଲୀଳା ପଡ଼ିଆ, ବଇଗୁଆ ଗ୍ରାମ, ସମୟ: ରାତି ୧୧ଟା।

## କଟକ

- ଏସ୍‌ସିବି ମେଡିକାଲ ନ୍ୟୁରୋସର୍ଜରି ବିଭାଗ ପକ୍ଷରୁ ବିଶ୍ୱ ନ୍ୟୁରୋସର୍ଜରି ଦିବସ ପାଳନ, ସ୍ଥାନ: ହେରିଟେଜ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଚେରୀ ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନ, ସ୍ଥାନ: ଫିରିଙ୍ଗିବଜାର ଚିନ୍ମୟ ମିଶନ ପରିସର, ସମୟ : ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ଶ୍ରୀଜଗନ୍ନାଥ ବିଗ୍ରହ ପ୍ରତିଷ୍ଠାର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, କଣ୍ଟିଆ, ଜଟଣୀ, ସମୟ: ସକାଳ ୭ଟା।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା।
- ରାମାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ,ସମୟ: ରାତି ୮ଟା।

## ବାଲେଶ୍ୱର

- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚମ୍ପିୟାନସିପ୍ ଦ୍ୱିତୀୟ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ସକାଳ ୮ଟା।
- ସ୍ଥାନ: ଶାନ୍ତିଲତା ମହାବିଦ୍ୟାଳୟ, ଉଇଚିଁକିରି, ବାଲେଶ୍ୱର, ସମୟ: ସକାଳ ୯ଟା।
- ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଭସାଣି ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ନଗର ଶୋଭାଯାତ୍ରା, ସ୍ଥାନ: ମେଡିକାଲ ପଡ଼ିଆ, ଧାମନଗର, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍‌ବ୍ୟାଙ୍କ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଷେଣ୍ଡେଡିରା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବିଜୟା ଦଶମୀ ମହାଯଜ୍ଞ ସମିତିର ନଗର ସଙ୍କୀର୍ତ୍ତନ, ପୂର୍ଣ୍ଣାହୁତି ଓ ରାବଣ ପୋଡ଼ି, ସ୍ଥାନ: ମେଳଣ ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ସତ୍ୟନାରାୟଣ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାପୀଠ ପରିସର, ଢେଙ୍କିକୋଟ, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ସିଏମ୍ ଟ୍ରଫି-୨୦୨୫ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ କଳସ ଶୋଭାଯାତ୍ରା, ସ୍ଥାନ: ତକତପୁର ପାତାଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ବାରିପଦା, ସମୟ: ସକାଳ ୯ଟା।
- ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୮ ଟା।
- ରକ୍ତ ଦାନ ଶିବିର,ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ସକାଳ ୯ଟା।
- ଅଷ୍ଟଦଣ୍ଡ ମହାମିଳନ, ସ୍ଥାନ: ଆସିକା ବ୍ଲକ ସନ୍ଧିନୂଆପଲ୍ଲୀ, ନିରଞ୍ଜନ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଦଣ୍ଡ ମହାମିଳନ,ସ୍ଥାନ: ବୁଗୁଡ଼ା ଜଗତପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## କନ୍ଧମାଳ

- ପଞ୍ଚଦଣ୍ଡ ମିଳନ ସମାରୋହ, ସ୍ଥାନ: ସିମନବାଡ଼ି, ସମୟ: ପୂର୍ବାହ୍ନ ୧୦ ଟାରୁ ଆରମ୍ଭ।
- ଅଷ୍ଟଶମ୍ଭୁ ମିଳନ, ସ୍ଥାନ: କ. ନୂଆଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ହେଲ୍‌ଥ ଅର୍ଗାନାଇଜେଶନ(ପିଏଚ୍‌ଓ) ପକ୍ଷରୁ ସୁରକ୍ଷିତ ମାତୃତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ହାଇସ୍କୁଲ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ଶ୍ରୀଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ରାମନବମୀ ଯାତ୍ରା ଅବସରରେ ରାମ ଚରିତ ମାନସ ପାରାୟଣର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକ କ୍ରୀଡା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ:ସନ୍ଧ୍ୟା ସାଢ଼େ ୭ଟା।
- ବୈଷ୍ଣବ ଯଜ୍ଞର ଶୁଭାରମ୍ଭ, ସ୍ଥାନ:ନୂଆଗାଁ ବ୍ଲକ୍ ଚାହାଳି ପଞ୍ଚାୟତ ଢ଼େଙ୍କେଣା ରଘୁନାଥ ଜୀଉ ମଠ, ସମୟ:ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ:ଓଡ଼ଗାଁ ରକ୍ତ କେନ୍ଦ୍ର ନୟାଗଡ଼, ସମୟ:ପୂର୍ବାହ୍ନ ୯ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଅଯୋଧ୍ୟା- ବାରଣାସୀ ଅଭିମୁଖେ ଯାତ୍ରା, ସ୍ଥାନ: ରାୟଗଡା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ ଟା।
- ଓକିଲ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଓକିଲ ସଂଘ ସମ୍ମିଳନୀ କକ୍ଷ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଅଭିଯାନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ

- ଓଡ଼ିଆ ପକ୍ଷ ୨୦୨୫ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଶମନ୍ତପୁର, ସମୟ: ସକାଳ ୯ ଟା।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନାଲ୍‌କୋ କ୍ଲବ ଦାମନଯୋଡ଼ି, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ: ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାର, ସମୟ : ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର

- ବନଦୁର୍ଗା ମହୋତ୍ସବ, ସ୍ଥାନ: ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍, ମାଗୁରବେଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ରକ୍ତଦାନ ଶିବିର,ସ୍ଥାନ:ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ: ସକାଳ ୧୦ଟା।
- ରାମନବମୀର ଦ୍ୱିତୀୟ ସନ୍ଧ୍ୟାରେ ପୁରୀରୁ ଆଗତ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ :ରାମଜୀ ମନ୍ଦିର ସୁନ୍ଦରଗଡ,ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ମା' ସମଲେଶ୍ୱରୀ ଓ ଶାଳକା ଦେବୀଙ୍କ ନବ କଳେବର ଉତ୍ସବ, ସ୍ଥାନ: କୁରୁଆଁ, ବରଗଡ଼, ସମୟା: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବର ଆନ୍ଧ୍ର କ୍ୟାମ୍ପ, କଣ୍ଠସ୍ଥ, ବରଗଡ଼,ସମୟ: ସକାଳ ୯ଟା।
- ସି.ଏମ୍ ଟ୍ରଫି ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ସର୍ବଭାରତୀୟ ରାତ୍ରିକାଳୀନ କ୍ରିକେଟ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ରେଡ଼କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ପଡିଆ ଭବାନୀପାଟଣା, ସମୟ: ପୂର୍ବାହ୍ନ ୮ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତୃତୀୟ ଦିବସ ନାଟକ ସୀତାବିବାହ ଓ ବନବାସ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ତୃତୀୟ ଦିବସ ନାଟକ ଧନୁଭଗ୍ନ ଓ ସୀତାବିବାହ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ରକ୍ତଦାନ ଶିବିର, ସ୍ଥାନ:ମୁଖ୍ୟ ଚିକିତ୍ସାଳୟ, ବ୍ଲଡ ବ୍ୟାଙ୍କ, ଦେବଗଡ,ସମୟ:ସକାଳ ୮ଟା।
- ଆନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ ଫର୍ ସିଏମ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ,ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ:ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମ ନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର,ଦେବଗଡ,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତ ଭଣ୍ଡାର, ସମୟ: ସକାଳ ୯ଟା।
- ତରଭା ମା ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଲ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତ ସମାଡପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଭୁଦାସ ଶ୍ରୀ ଶ୍ରୀ ଅନନ୍ତ ଚରଣ ଆଚାର୍ଯ୍ୟଙ୍କ ସ୍ୱଧର୍ମଚେତନା ରାମକଥା କାର୍ଯ୍ୟକ୍ରମ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଦୁର୍ଗାମଣ୍ଡପ ସପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଦୁର୍ଗା ମନ୍ଦିରରେ ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ:ବେହେରାମାଲ ଦୁର୍ଗା ମନ୍ଦିର, ସମୟ:ସକାଳ ୭ ଟା।
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମାପାଲି, ସମୟ: ସକାଳ ୮ ଟା।

# ଚଳିତ ମାସରେ ସ୍ୱୟଂସହାୟକ ଗୋଷ୍ଠୀର ପୁନର୍ଗଠନ: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

- ବଦଳିବେ ସଭାପତି ଓ ସମ୍ପାଦକ
- ବିନା ରେଜିଷ୍ଟ୍ରେଶନରେ ଏସ୍‌ଏଚ୍‌ଜିକୁ ଯାଇଛି ବହୁ କୋଟି ଟଙ୍କା
- ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ମହିଳାଙ୍କୁ ବ୍ୟବହାର କରୁଛନ୍ତି: ପ୍ରମିଳା

**ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)**

ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ମାସରେ ପୁନର୍ଗଠନ ହେବ। ଏହା ପର ମାସରେ ଜିପିଏଲ୍‌ଏଫ୍, ସିପିଏଲ୍ ଓ ବିଏଲ୍‌ଏଫ୍‌ଙ୍କୁ ଜିଲା ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପରିଡ଼ା କହିଛନ୍ତି, ପୂର୍ବ ସରକାରରେ ବହୁ ମହିଳା ଏସ୍‌ଏଚ୍‌ଜିରୁ ବଞ୍ଚିତ ଅଛନ୍ତି। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସବୁ ଘରକୁ ଯୋଡ଼ିବାକୁ ଆରମ୍ଭ କରିଛନ୍ତି। ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ୍ ସହ ଯୋଡ଼ା ଯାଇଥିଲା। ଏବେ ସମସ୍ତଙ୍କୁ ଜିପିଏଲ୍ ନିର୍ବାଚନରେ ଭାଗନେବାକୁ ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ଆଉ ଯେଉଁମାନେ ୨ଥର ୪ ବର୍ଷରୁ ଅଧିକ ଏହି ପଦବୀରେ ରହି ସାରିଛନ୍ତି ସେମାନେ ଆଉ ରହିପାରିବେ ନାହିଁ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ସେମାନଙ୍କୁ ବାହାର କରି ନୂଆ ଲୋକ ରହିବେ। ପୂର୍ବ ସରକାରରେ ବିନା ରେଜିଷ୍ଟ୍ରେଶନରେ ଏସ୍‌ଏଚ୍‌ଜିକୁ ବହୁ କୋଟି ଟଙ୍କା ଦିଆଯାଇଛି। ରେଜିଷ୍ଟ୍ରେଶନ ନ ଥିବାରୁ ଅଡିଟ୍ ହୋଇନାହିଁ। ଯେଉଁଠି ରେଜିଷ୍ଟ୍ରେଶନ ଓ ଅଡିଟ ନାହିଁ ତା'ର ଉଦ୍ଦେଶ୍ୟ କ'ଣ ଜଣାପଡୁଛି ବୋଲି ପ୍ରଭାତୀ କହିଛନ୍ତି।

ପ୍ରଭାତୀଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ସରକାର ମହିଳାମାନଙ୍କୁ ବ୍ୟବହାର କରିବାକୁ ଚାହୁଁଛନ୍ତି। ପୂର୍ବରୁ ଯେଉଁମାନେ ଭଲ କାମ କରି ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି ସେମାନଙ୍କୁ ଅପମାନ ଦେବା ପାଇଁ ଏବଂ ମହିଳା ସଙ୍ଗଠନ ଭାଙ୍ଗିବା ଲାଗି ଓ ସେମାନଙ୍କ ଆତ୍ମସମ୍ମାନ ନଷ୍ଟକରିବାକୁ ସରକାର ଏଭଳି ବିଧିବଦ୍ଧ ଯୋଜନା କରିଛନ୍ତି। ବିଜେଡି ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି ଏସବୁ ପରିବର୍ତ୍ତନ କରିଥିଲା ଏବେ ଭାଜପା କେଉଁ ଉଦ୍ଦେଶ୍ୟ ରଖି ଏପରି କରୁଛି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ ଷ୍ଟକ୍ ବଜାର...

ବା ୨.୯୫% ହ୍ରାସ ପାଇ ୭୩,୧୩୭.୯୦ ପଏଣ୍ଟ ରହିଛି। ଗତ ୧୦ ମାସ ମଧ୍ୟରେ ଗୋଟିଏ ଦିନରେ ଏହା ସର୍ବାଧିକ ହ୍ରାସ। କ୍ରମାଗତ ତୃତୀୟ ଦିନ ପାଇଁ ସେନ୍‌ସେକ୍ସ ନିମ୍ନଗାମୀ ହୋଇଥିବାବେଳେ ସୋମବାର କାରବାର ଆରମ୍ଭରେ ଏହା ସର୍ବାଧିକ ୩,୯୩୯.୬୮ ପଏଣ୍ଟ ବା ୫.୨୨ ପ୍ରତିଶତ ହ୍ରାସ ପାଇ ୭୧,୪୨୫.୦୧ ପ୍ରତିଶତରେ ପହଞ୍ଚିଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୭୪୨.୮୫ ପଏଣ୍ଟ ବା ୩.୨୪ ପ୍ରତିଶତ ହ୍ରାସ ପାଇ ୨୨,୧୬୧.୬୦ ପଏଣ୍ଟରେ ବନ୍ଦ ରହିଛି। ଦିନ ମଧ୍ୟରେ ନିଫ୍ଟ ସର୍ବାଧିକ ୧,୧୬୦.୮ ପଏଣ୍ଟ ବା ୫.୦୬ ପ୍ରତିଶତ ହ୍ରାସ ପାଇ ୨୧,୭୪୩.୬୫ ପଏଣ୍ଟରେ ପହଞ୍ଚିଥିଲା। ୱାଲ୍ ଷ୍ଟ୍ରିଟ୍ ସମେତ ଜାପାନ, ସିଙ୍ଗାପୁର ଏବଂ ଚାଇନା ଷ୍ଟକ୍ ମାର୍କେଟ ପରେ ଭାରତୀୟ ଶେୟାର ବଜାର କ୍ଷତିଗ୍ରସ୍ତ ହୋଇଛି। ଚାଇନା ଏବଂ ଜାପାନର ସୂଚକାଙ୍କ ଯଥାକ୍ରମେ ୧୦ ଏବଂ ୮ ପ୍ରତିଶତ ହ୍ରାସ ପାଇଛି। ଗତ ଶୁକ୍ରବାର ଆମେରିକାର ଏସ୍ ଆଣ୍ଡ ପି ୫୦୦ ପାଖାପାଖି ୬ ପ୍ରତିଶତ ହ୍ରାସ ପାଇଥିବାବେଳେ ନାସଡାକ୍ ୫.୮୨ ପ୍ରତିଶତ ଏବଂ ଡୋ ଜନ୍ସ ୨,୦୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ବା ୫.୫୦ ପ୍ରତିଶତ ହ୍ରାସ ପାଇଥିଲା। ମାନ୍ଦାବସ୍ଥା ଆଶଙ୍କାରେ ସୋମବାର କାରବାର ଆରମ୍ଭରେ ଡୋ ଜେନ୍ସ ଏବଂ ଏସ୍ ଆଣ୍ଡ ପି ୫୦୦ ସୂଚକାଙ୍କ ୪ ପ୍ରତିଶତ ହ୍ରାସ ପାଇଥିଲା। ପରବର୍ତ୍ତୀ ସମୟରେ ଏଥିରେ ଉନ୍ନତି ଦେଖାଦେଇଛି। ଡୋ ଜୋନ୍ସ ଇଣ୍ଡଷ୍ଟ୍ରିଆଲ୍ ଆଭେରେଜ୍ ୧,୨୦୦ ପଏଣ୍ଟ ହ୍ରାସ ପାଇବା ପରେ ୩୦୦ ପଏଣ୍ଟ ଉପରକୁ ଉଠିଛି। ଚାଇନା ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ଉପରେ ରେସିପ୍ରୋକାଲ ଟାରିଫ୍‌କୁ ୯୦ ଦିନ ବନ୍ଦ ରଖିବାକୁ ଟ୍ରମ୍ପ ଚିନ୍ତା କରୁଥିବା ହ୍ୱାଇଟ୍ ହାଉସ୍‌ର ଅର୍ଥନୈତିକ ଉପଦେଷ୍ଟା କେଭିନ୍ ହାସେଟ୍ କହିବା ପରେ ଶେୟାର ବଜାର ସ୍ଥିତିରେ ଉନ୍ନତି ଦେଖାଦେଇଛି। କେଭିନ୍‌ଙ୍କ ଏହି ମନ୍ତବ୍ୟ ଅଳ୍ପ କିଛି ସମୟ ମଧ୍ୟରେ ଭାଇରାଲ ହୋଇଥିଲା। ତେବେ ଏହା ଭୁଲ୍ ଖବର ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ସ୍ପଷ୍ଟ କରାଯିବା ପରେ ବଜାର ପୁଣି ଖସିବା ଆରମ୍ଭ କରିଛି। ସେହିପରି କାରବାର ଆରମ୍ଭରୁ ଜାପାନର ନିକେଇ ୨୨୫ ଇଣ୍ଡେକ୍ସ ପାଖାପାଖି ୯ ପ୍ରତିଶତ ହ୍ରାସ ପାଇଥିବାବେଳେ ଜାପାନ ଫ୍ୟୁଚର୍ସ ଟ୍ରେଡିଂ ବନ୍ଦ ହୋଇଯାଇଥିଲା। ସେହିପରି ହଂକଂର ହାଙ୍ଗ୍ ସେଙ୍ଗ ଇଣ୍ଡେକ୍ସ ୮ ପ୍ରତିଶତ ହ୍ରାସ ପାଇଥିଲା। ସେହିପରି ୟୁରୋପୀୟ ଶେୟାର ମାର୍କେଟଗୁଡ଼ିକ ମଧ୍ୟ ଅତ୍ୟଧିକ ବିକ୍ରି ଚାପର ସମ୍ମୁଖୀନ ହୋଇଥିବାବେଳେ ସୂଚକାଙ୍କ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। କୋଭିଡ୍-୧୯ ପରଠାରୁ ଏହା ଷ୍ଟକ୍ ମାର୍କେଟରେ ସବୁଠୁ ଖରାପ ସପ୍ତାହ ବୋଲି କୁହାଯାଉଛି।

ଭାରତୀୟ ନିବେଶକଙ୍କ ପାଇଁ ଏହା ଥିଲା କଳା ସୋମବାର। ଶେୟାର ବଜାର ହ୍ରାସ ଯୋଗୁ ନିବେଶକମାନେ ୧୪ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିଥିବା କୁହାଯାଉଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ୧୪,୦୯,୨୨୫.୭୧ କୋଟି ଟଙ୍କା ହ୍ରାସ ପାଇ ୩,୮୯,୨୫,୬୬୦.୭୫ କୋଟି ଟଙ୍କା (୪.୫୪ ଟ୍ରିଲିୟନ ଡଲାର) ରହିଛି। କେବଳ ହିନ୍ଦୁସ୍ତାନ ୟୁନିଲିଭରକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ସେନ୍‌ସେକ୍ସ ଶେୟାର କ୍ଷତିରେ ଶେଷ ହୋଇଛି। ଟାଟା ଷ୍ଟିଲ୍ ଶେୟାର ସର୍ବାଧିକ ୭.୩୩ ପ୍ରତିଶତ କମିଥିବାବେଳେ ଲାର୍ସନ ଆଣ୍ଡ ଟୁବ୍ରୋର ୫.୭୮ ପ୍ରତିଶତ ହ୍ରାସ ପାଇଛି। ଟାଟା ମୋଟର୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇନ୍‌ଫୋସିସ, ଆକ୍ସିସ୍ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ସିଏଲ୍ ଟେକ୍ନୋଲୋଜି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ମଧ୍ୟ ବଡ଼ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବିଏସ୍‌ଇର ସେକ୍ଟର ଅନୁଯାୟୀ ସୂଚକାଙ୍କ ଦେଖିଲେ ମେଟାଲ ସେକ୍ଟର ୬.୨୨%, ରିଅଲିଟି ୫.୬୯%, ସାମଗ୍ରୀ ୪.୬୮%, ଶିଳ୍ପ ୪.୫୭%, ଅଟୋମୋବାଇଲ ୩.୭୭%, ବ୍ୟାଙ୍କ୍ ସେକ୍ଟର ୩.୩୭%, ଆଇଟି ୨.୯୨%, ଟେକ୍‌ନୋଲୋଜି ୨.୮୫% ଏବଂ ବିଏସ୍‌ଇ ଫୋକସ୍‌ରେ ଥିବା ଆଇଟି ସୂଚକାଙ୍କ ୨.୬୩% ହ୍ରାସ ପାଇଛି।

### ମୁନା ଖାଁ ବଦଳିଲେ...

ସମୟରେ ରୋକିବାରେ ପାଣ୍ଡିଆନ୍ ସପକ୍ଷବାଦୀ ନେତାମାନେ ଫେଲ୍ ହୋଇଥିଲେ। ନବୀନ କିଛି ସମୟ ସଂଖ୍ୟାଲଘୁ କର୍ମୀମାନଙ୍କ ସହ କଥା ହେବାପରେ ସେମାନେ ବାହାରକୁ ଆସିଥିଲେ। ଜଣେ କର୍ମୀ ବାହାରକୁ ଆସିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଥିଲେ, ପାଣ୍ଡିଆନ୍ ଓଡ଼ିଶାରୁ ବାହାରି ତାମିଲନାଡୁ ପଳାନ୍ତୁ। ବିଜେଡିର ନେତା ଜଣେ, ସେ ହେଉଛନ୍ତି ନବୀନ ପଟ୍ଟନାୟକ। ଓଡ଼ିଶାରେ ଦଳର କର୍ମୀମାନଙ୍କୁ ଓ ବିଜେଡିକୁ ଭି.କେ. ପାଣ୍ଡିଆନ୍ ଦରକାର ନାହାନ୍ତି। ସସ୍ମିତ ପାତ୍ରଙ୍କୁ ଦଳରୁ ବହିଷ୍କାର କରାଯାଉ। ଦଳର ସଭାପତି ୨ ଦିନ ଭିତରେ ଏ କଥାକୁ ସ୍ପଷ୍ଟ କରିବାକୁ ସମୟ ନେଇଛନ୍ତି ବୋଲି କର୍ମୀ ଜଣକ କହିଛନ୍ତି। ମୁନା ଖାଁ କହିଥିଲେ, ନବୀନବାବୁ ପ୍ରତିଶ୍ରୁତି ଦେଇଛନ୍ତି ଖୁବ୍‌ଶୀଘ୍ର ଏହି କଥାର ସମାଧାନ କରାଯିବ। ଲୋକମାନେ ଯାହା ଦାବି ରଖିଲେ ସେକଥା ନବୀନବାବୁ ଶୁଣିଛନ୍ତି। ଲୋକଙ୍କ ଯାହା ଦାବି, ତାଙ୍କର ସେଇ ଦାବି ବୋଲି ମୁନା କହିଛନ୍ତି।

ଏହାପରେ ଦଳର କେତେଜଣ ନେତା ଶଙ୍ଖ ଭବନରେ ବୈଠକ କରିବା ପରେ ଆରମ୍ଭ ହୋଇଥିଲା ଅପରେଶନ ଦେବାଶିଷ। ୨ ଦିନ ତଳେ ଦେବାଶିଷ ରଖିଥିବା ପ୍ରତିକ୍ରିୟାର କାଉଣ୍ଟର କରିବାକୁ ବିଜେଡିର ୪ ଜଣ ରାଜ୍ୟ ସଭା ସଦସ୍ୟ ଆଗେଇ ଆସିଥିଲେ। ସମସ୍ତଙ୍କ ମୁହଁରୁ ଏକକାଳୀନ ଏବଂ ଏକପ୍ରକାର କଥା ଦେବାଶିଷଙ୍କ ବିରୋଧୀ ମନ୍ତବ୍ୟ ଦେଖିବାକୁ ମିଳିଥିଲା, ଯେପରି ଏହା ସମ୍ପୂର୍ଣ୍ଣ ପ୍ରାୟୋଜିତ ସେକଥା ଜଳ ଜଳ ହୋଇ ଦିଶୁଥିଲା। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ବିଜେଡିର ନିଷ୍ପତ୍ତି ସବୁବେଳେ ଦଳର ସଭାପତି ନିଅନ୍ତି। ଦେବାଶିଷ ସାମନ୍ତରାୟ କାହିଁକି ବିଭ୍ରାନ୍ତି କରୁଛନ୍ତି ସେକଥା ଜାଣିନାହିଁ। ରାଜ୍ୟ ସଭାରେ ଦଳର ନେତା ହେଉଛନ୍ତି ସସ୍ମିତ ପାତ୍ର। ସସ୍ମିତଙ୍କୁ ନିର୍ଦ୍ଦେଶ ନବୀନଙ୍କ ପାଖରୁ ଆସିବା ପରେ ସେ ପୋଷ୍ଟ କରିଛନ୍ତି। ପାଣ୍ଡିଆନ୍ ଗତ ୧୦ ମାସ ତଳୁ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। କାହିଁକି ତାଙ୍କ ବିଷୟରେ ଦେବାଶିଷ କହୁଛନ୍ତି ସେକଥା ବୁଝିପାରୁ ନ ଥିବା ଶୁଭାଶିଷ କହିଛନ୍ତି। ମାନସ ମଙ୍ଗରାଜ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟକରି ଲେଖିଛନ୍ତି, ୧୦ ମାସ ପୂର୍ବରୁ ସନ୍ନ୍ୟାସ ନେଇସାରିଥିବା ଭି.କେ. ପାଣ୍ଡିଆନ୍‌ଙ୍କୁ ୱକ୍‌ଫ ବିଲ୍ କଥାରେ ଦେବାଶିଷ ସାମନ୍ତରାୟ ଟାର୍ଗେଟ କରିବା ଦୁର୍ଭାଗ୍ୟଜନକ। ଯଦି କିଛି ପ୍ରଶ୍ନ ରହିଛି ସେକଥା ଦଳୀୟ ବ୍ୟବସ୍ଥାରେ ଉଠାଇବା କଥା। କିଛି ନ୍ୟସ୍ତ ସ୍ୱାର୍ଥ ରଖି ସାମନ୍ତରାୟ ଏପରି କରୁଥିବା ମାନସ କହିଛନ୍ତି। ଏମ୍‌ପି ନିରଞ୍ଜନ ବିଶି କହିଛନ୍ତି, କିଛି ଅଭିସନ୍ଧି ରଖି ଦେବାଶିଷ ଏ କଥା କହୁଥିବା ତାଙ୍କର ଦୃଢ଼ ଧାରଣା ସୃଷ୍ଟି ହେଉଛି। ପାଣ୍ଡିଆନ୍ ବହୁଦିନ ହେଲା ରାଜନୀତିରେ ନ ଥିବା ସେ କହିଛନ୍ତି। ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ କହିଛନ୍ତି, ପୁଲ୍‌ୱାମା ଶହୀଦ ମନୋଜ କୁମାର ବେହେରାଙ୍କ କକାଙ୍କୁ ଦେବାଶିଷ ସାମନ୍ତରାୟ ଧକ୍କା ମାରିଥିଲେ। ସେତେବେଳେ ପାଣ୍ଡିଆନ୍ ତାଙ୍କୁ ଚାପ ପକାଇଥିଲେ ମନୋଜଙ୍କ କକାଙ୍କୁ କ୍ଷମା ମାଗିବା ଲାଗି। ସେହି ରାଗ ପାଣ୍ଡିଆନ୍‌ଙ୍କ ଉପରେ ରହିଥିଲା। ପୁନଶ୍ଚ ପାର୍ଲାମେଣ୍ଟରେ ଭୋଟଦାନ ରାତିରେ କୌଣସି କାରଣରୁ ଦେବାଶିଷ ଶୋଇ ପଡ଼ିଥିଲେ। ତେଣୁ ନିଜ ଭୁଲ୍‌କୁ ଲୁଚାଇବାକୁ ଅନ୍ୟକୁ ଦୋଷ ଦେଉଛନ୍ତି। ନବୀନ ନିବାସରେ ସେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ସେଥିରୁ ସେ ନିବୃତ୍ତ ରୁହନ୍ତୁ ବୋଲି ସୁଲତା କହିଛନ୍ତି।

ଏହି ଘଟଣା ପରେ ଦେବାଶିଷ ପାଲଟା ୪ ଜଣ ଯାକ ରାଜ୍ୟ ସଭା ସଦସ୍ୟଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଏମାନେ ସବୁ ପାଣ୍ଡିଆନ୍‌ଙ୍କ ଦୟାରେ ଦଳକୁ ଆସିଛନ୍ତି। ଯେଉଁ ଏମ୍‌ପିମାନେ ଏବେ ମୁହଁ ଖୋଲୁଛନ୍ତି ଏପର୍ଯ୍ୟନ୍ତ କାହିଁକି ଚୁପ୍ ଥିଲେ। ଏମାନେ ନବୀନଙ୍କ ଚେଲା ନୁହନ୍ତି କି ତାଙ୍କୁ ଭଲ ମଧ୍ୟ ପାଆନ୍ତି ନାହିଁ। ରବିବାର ରାଜ୍ୟର କେତେଜଣ ସିଧାସଳଖ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟକଲେ, ସେହି କଥାରେ କେହି ଆଗକୁ ଆସିଲେନାହିଁ। ପାଣ୍ଡିଆନ୍‌ଙ୍କୁ ଯେତେବେଳେ ଟାର୍ଗେଟ କରାହେଲା ଏମାନଙ୍କୁ ସବୁ କଷ୍ଟ ହେଲା ବାହାରି ପଡ଼ିଲେ। ଏମାନେ ସବୁ ବିଜେଡିର ନୁହନ୍ତି ବରଂ ପାଣ୍ଡିଆନ୍ ଦଳର। ନବୀନଙ୍କ ବିନା ଅନୁମତିରେ କେବଳ ପାଣ୍ଡିଆନ୍ ତାଙ୍କ ନିଷ୍ପତ୍ତି ବଦଳାଇପାରିବେ। ଦଳକୁ ବଞ୍ଚାଇବା ଭଳି ସ୍ଥିତି ଏମାନେ ସୃଷ୍ଟି କରୁନାହାନ୍ତି ବରଂ ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ଅଛନ୍ତି ବୋଲି ଦେବାଶିଷ କହିଛନ୍ତି।

ଅନ୍ୟପଟେ ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ଭେଟିବା ପରେ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ବିଜେଡି ସବୁବେଳେ ସଂଖ୍ୟାଲଘୁମାନଙ୍କ ସହ ରହିଛି ଏବଂ ରହିଥିବ। ସେମାନଙ୍କ ଉନ୍ନତି ଲାଗି ବିଜେଡି ସରକାରରେ ଥିବାବେଳେ ଅନେକ କାମ କରିଛି। ଧର୍ମ ନିରପେକ୍ଷ ଆଦର୍ଶରେ ବିଜେଡି ଅଟଳ ରହିଛି। ଏହି ଆଦର୍ଶ ଲାଗି ୨୦୦୯ରେ ଭାଜପା ମେଣ୍ଟରୁ ବାହାରିଯାଇଥିଲା ବୋଲି ସେ କହିଛନ୍ତି।

### ୨୨ରେ ସୁଭଦ୍ରା...

ଏହି ଟଙ୍କା ପ୍ରଦାନ କରାଯିବ। ରବିବାର ସୁଦ୍ଧା ୧ ଲକ୍ଷ ୭୦ ହଜାର ନୂଆ ହିତାଧିକାରୀ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଟଙ୍କା ମିଳିବ। ଦ୍ୱିତୀୟ କିସ୍ତିରେ ବାଦ୍ ପଡ଼ିଥିବା ୧ ଲକ୍ଷ ମହିଳା ଏବଂ ଏବେର ୧ ଲକ୍ଷ ୭୦ ହଜାରରୁ ଯେଉଁମାନେ ବାଦ୍ ପଡିବେ ସେମାନେ କାହିଁକି କଟିଲେ ତା'ର ପ୍ରଥମେ ସର୍ଭେ ହେବ।

### ରନ୍ଧନ ଗ୍ୟାସ୍...

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ ସୂଚନା ଦେଇଛନ୍ତି। ତେବେ ସ୍ଥାନୀୟ ଟିକସ ଅନୁଯାୟୀ ବିଭିନ୍ନ ରାଜ୍ୟରେ ଏଲ୍‌ପିଜି ଦର ଭିନ୍ନ ଭିନ୍ନ ରହିବ। ଗତବର୍ଷ ମାର୍ଚ୍ଚରେ ଏଲ୍‌ପିଜି ଦର ୧୦୦ ଟଙ୍କା ହ୍ରାସ ପାଇଥିଲା। ଏଣିକି ଏଲ୍‌ପିଜି ଦର ପ୍ରତି ୧୫ରୁ ୩୦ ଦିନ ମଧ୍ୟରେ ସମୀକ୍ଷା କରାଯିବ ବୋଲି ପୁରୀ କହିଛନ୍ତି। ଏଥିସହିତ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି କରିଛନ୍ତି। ତେବେ ପେଟ୍ରୋଲ, ଡିଜେଲରେ ଖୁଚୁରା ଦର ଅପରିବର୍ତ୍ତିତ ରହିବ। କାରଣ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇଥିବାରୁ ଭାରତୀୟ ବଜାରରେ କମିବାକୁ ଥିବା ଦରରେ ଏହା ଆଡଜଷ୍ଟ ହୋଇଯିବ। ପେଟ୍ରୋଲ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ୧୧ଟଙ୍କାରୁ ୧୩ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଡିଜେଲ ଉପରେ ୮ ଟଙ୍କାରୁ ୧୦ ଟଙ୍କାକୁ ବୃଦ୍ଧି ହୋଇଛି। ଏହାକୁ ମିଶାଇ ପେଟ୍ରୋଲ ଉପରେ କେନ୍ଦ୍ର ସରକାରଙ୍କ ମୋଟ ଟିକସ ପରିମାଣ ଲିଟରେ ପ୍ରତି ୧୯ ଟଙ୍କା ୯୦ ପଇସାରୁ ବଢ଼ି ୨୧ ଟଙ୍କା ୯୦ ପଇସା ହୋଇଛି। ସେହିପରି ଡିଜେଲ ଉପରେ ମୋଟ ଟିକସ ପରିମାଣ ୧୫ ଟଙ୍କା ୮୦ ପଇସାରୁ ୧୭ ଟଙ୍କା ୮୦ ପଇସାକୁ ବଢ଼ିଛି।

# କେନ୍ଦ୍ର ରାଜ୍ୟ ଲୋକଙ୍କୁ ଠକୁଛି: ଭକ୍ତ

**ଭୁବନେଶ୍ୱର,୭।୪(ରବିନାରାୟଣ ଜେନା)**

କେନ୍ଦ୍ର ତଥା ରାଜ୍ୟର ଭାଜପା ସରକାର କେବଳ ଲୋକଙ୍କୁ ଠକିବା ଜାଣିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧିକୁ ନେଇ ଭକ୍ତ କହିଛନ୍ତି, କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରି ରିହାତିରେ ହାଣ୍ଡିଶାଳକୁ ଗ୍ୟାସ୍ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ଦର ୮୭୯ ଟଙ୍କାରେ ପହଞ୍ଚିଲାଣି। ଯେଉଁ ଗରିବମାନେ ଏଲ୍‌ପିଜି ନେଇଛନ୍ତି ଏବେ ସେମାନେ ମୁଣ୍ଡରେ ହାତ ଦେଉଛନ୍ତି। ଭାଜପା ସରକାର କେବଳ ଲୋକଙ୍କୁ ଭଣ୍ଡାଇବା ଜାଣିଛି ବୋଲି ଭକ୍ତ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ସହଯୋଗରେ ନୂଆ କରି କାମଟିଏ ଆରମ୍ଭ କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। ବନ୍ଧୁ, ପରିବାର କ୍ଷେତ୍ରରେ ବୁଝାମଣାର ଅଭାବ କାରଣରୁ ତିକ୍ତତା ସୃଷ୍ଟି ହେବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସମସ୍ୟା ଭିତରେ ଉବୁଟୁବୁ ହୋଇପାରନ୍ତି।

**ବୃଷ**
ଆଜି କୌଣସି କାମ ସହଜରେ ହୋଇପାରିବ ନାହିଁ। ଦୀର୍ଘ ଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବା କାରଣରୁ ମନ କେବଳ ଅତୀତକୁ ଖୋଜି ବୁଲିବ। ରୋହିଣୀ ନକ୍ଷତ୍ରର ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକତା କାର୍ଯ୍ୟରେ ରୁଚି ବଳିବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମିଥୁନ**
ଅନୁକୂଳ ଗ୍ରହଜନିତ ଆଜି ଯେଉଁ କାମରେ ହାତ ଦେବେ, ତାହା ବେକାର ଯିବ ନାହିଁ। ଆଜିର କର୍ମକ୍ଷେତ୍ରରୁ ଫେରିବା ବାଟରୁ କୌଣସି ନୂଆ ଜିନିଷ ଘରକୁ ଆଣିପାରନ୍ତି। ଏଜେନ୍‌ସିପ୍, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ଆର୍ଦ୍ରା ନକ୍ଷତ୍ର ପରିସ୍ଥିତିବଶତଃ ହଠାତ୍ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି।

**କର୍କଟ**
ଆଜି ସମସ୍ତ ଆଶା ଓ ଅଭିଳାଷ ପୂରଣ ହୋଇଯିବାର ଗ୍ରହ ସମ୍ପର୍କରୁ ସୂଚନା ରହିଛି। ବିଭିନ୍ନ ସମସ୍ୟା ବିଜଡ଼ିତ ମନ ମାନସିକ ସନ୍ତୁଳନକୁ ରକ୍ଷା କରିବାରେ ସାହାଯ୍ୟ କରିବ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଅର୍ଥର ଆବଶ୍ୟକତାକୁ ବନ୍ଧୁ ପୂରଣ କରିବେ। ପୁନର୍ବସୁ ନକ୍ଷତ୍ର ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପଡ଼ୋଶୀ ସାହାଯ୍ୟ କରିପାରନ୍ତି। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଦୂର ହୋଇପାରେ।

**କନ୍ୟା**
ଉପରିସ୍ଥଙ୍କ ସହାନୁଭୂତିରୁ ଯାହା ପାଇବା କଥା, ତାହା ଠିକ୍ ସମୟରେ ପାଇପାରିବେ। ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ବହୁତ ଚେଷ୍ଟା କରି ସଫଳ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ସମସ୍ୟା ବଢ଼ିପାରେ। ଚିତ୍ରା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ।

**ତୁଳା**
ସମସ୍ୟା ସମାଧାନ ଦିଗରେ ପଡ଼ୋଶୀଙ୍କ ସହାୟତା ପାଇବେ। ସ୍ୱାତୀ ନକ୍ଷତ୍ରର ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ନ ହୋଇ ପାରିବାରୁ ସେମାନେ ସମାଲୋଚନା କରିପାରନ୍ତି। ବହୁ ଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ।

**ବିଛା**
ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଅଯଥାରେ ସମୟର ଅପଚୟ କରି ମନସ୍ତାପ କରିପାରନ୍ତି। ଧର୍ମ ସଙ୍କଟରେ ପଡ଼ି କ'ଣ କରିବେ କିମ୍ବା ନ କରିବେ ଏହି ପରିସ୍ଥିତି ସୃଷ୍ଟି ହୋଇପାରେ। କୌଣସି ନୀଚ ଜାତିର ବ୍ୟକ୍ତି ବିଶେଷ ପରୋକ୍ଷ ଭାବେ ସମାଲୋଚନା କରିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ଧନୁ**
ଆପଣ ଯାହା ଯେମିତି ଚିନ୍ତା କରୁଛନ୍ତି ଆଜିର କାମ ଠିକ୍ ସେହିପରି ହେବ। ନୂତନ କାମରେ ମନ ଦେବେ ଏବଂ ଆଶାନୁରୂପ ସଫଳତା ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ହିତୈଷୀଙ୍କ ଗଠନମୂଳକ ପରାମର୍ଶ ଓ ଦିଗ୍‌ଦର୍ଶନରୁ ଉପକୃତ ହେବେ। ହୋଟେଲ, ଦୋକାନ, ବ୍ୟବସାୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର**
ଆପଣଙ୍କ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ବ୍ୟକ୍ତିତ୍ୱକୁ ଶୀର୍ଷ ସ୍ଥାନକୁ ନେବାରେ ସାହାଯ୍ୟ କରିବ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ପଡ଼ୋଶୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ଅସୁବିଧା ହେବ ନାହିଁ। ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହିତ ଆଲୋଚନା ଶ୍ରବଣା ପାଇଁ ମନ୍ଦ ହେବନି।

**କୁମ୍ଭ**
ଆଜି ଧନିଷ୍ଠା ନକ୍ଷତ୍ରର ମୁହଁଜୋର୍ ହେତୁ କୌଣସି କାମ ଅଟକିବ ନାହିଁ। ନିଜର ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଆଶ୍ଚର୍ଯ୍ୟଜନକ ଭାବରେ ସଫଳତା ପାଇପାରନ୍ତି। ଗଣ୍ଡଗୋଳିଆ ପରିସ୍ଥିତିରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆନୁଷ୍ଠାନିକ କିମ୍ବା ସତ୍‌ସଙ୍ଗ ପ୍ରତି ମନ ବଳିବ। ସାହିତ୍ୟ କ୍ଷେତ୍ରରୁ ସୁଫଳ ପାଇବେ।

**ମୀନ**
କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ରେବତୀ ନକ୍ଷତ୍ରର ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖବର ପାଇପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ବ୍ୟବସାୟିକ ଦୃଷ୍ଟିକୋଣରୁ ଆଜି ଦିନଟି ବହୁତ ଭଲ ରହିବ।

ଆଜି ଏପ୍ରିଲ ୮ ତାରିଖ, ବିଶ୍ୱ ପରମ୍ପରା ଦିବସ, ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ମଙ୍ଗଳବାର, ଶ୍ରୀମନ୍ଦିରରେ ସୀତା ବିବାହ, ମଙ୍ଗଳବାର ଓଷା ଶେଷ, ରାଶି/ନକ୍ଷତ୍ର- ସକାଳ ଘ.୦୭।୫୫ମି. ଗତେ ମଘା/ସିଂହ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୩ ଗତେ ଘ.୧୦।୩୪ ମଧ୍ୟେ, ଘ.୦୧।୦୨ ଗତେ ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୩ ଗତେ ଘ.୦୪।୨୬ ମଧ୍ୟେ ରାହୁକାଳ।

DSPL-19

ODISHA NEW OPPORTUNITIES | FICCI



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

# Memorandum of Understanding(MoU) Signing Ceremony

**Indian Oil Corporation Ltd.**
Mega Dual Feed Cracker (DFC) and all its Downstream Units
Paradip, Odisha

**Indian Strategic Petroleum Reserves Limited.**
Crude Oil Storage Facility
Chandikhol, Odisha

**Petronet LNG Limited.**
LNG Terminal
Gopalpur, Odisha

**08 April 2025 | 10:30 AM**

**Taj Palace**
2 Sardar Patel Marg Diplomatic Enclave,
New Delhi, 110 021

## OPPORTUNITIES

1. TOP ACHIEVER STATE IN BRAP 2022 FOR EODB
2. BEST IN CLASS POLICY INCENTIVES - IPR 2022
3. RELIABLE & CHEAPER POWER
4. REGULATORY CERTAINTY & PEACEFUL INDUSTRIAL ENVIRONMENT



## ODISHA

5. STRATEGIC PORTS & PORT-BASED INFRASTRUCTURE
6. PLENTIFUL RAW MATERIAL AVAILABILITY
7. READY TO MOVE SECTORAL CLUSTERS, MSME PARKS
8. SKILLED MANPOWER, WORLD-CLASS SKILLING INFRASTRUCTURE

**"Odisha is poised to become the Chemicals and Petrochemicals Hub of India."**

OIPR-14005/13/0052/2425

**INVEST IN ODISHA, INVEST IN FUTURE**

Follow us on @InvestInOdisha /InvestOdisha

**FOR INQUIRY PLEASE CONTACT**

Mr. Akshay Belwalkar
akshay.belwalkar@ficci.com
Mob-76661 98007

Mr. Rajib Dhal,
Chief General Manager, IPICOL
rajibdhal@investodisha.org
Mob-99553 27527

Scan To Register

*On spot registration would be allowed subject to availability

ଅର୍ଥ ଏକ ସାମୂହିକ ସମ୍ପଦ। ଯେଉଁମାନଙ୍କର ରହିଛି ଏକ ସମନ୍ୱିତ, ସାଧାରଣ ଓ ବିଶ୍ୱଜନୀନ ଦୃଷ୍ଟି – ସେହିମାନଙ୍କ ଦ୍ୱାରା ଅର୍ଥ ବିନିଯୋଗ ହେବା ଉଚିତ। .. ଯଦି ତୁମେ ଅର୍ଥର ଯଥା ବିତରଣ ବା ପ୍ରସାରଣର ଯନ୍ତ୍ର ହୋଇପାରିବ ଏବଂ ଅର୍ଥର ସଦ୍‌ବ୍ୟବହାର କରିପାରିବ–ତେବେ ଅର୍ଥ ତୁମ ପାଖକୁ ଆସିବ। –ଶ୍ରୀମା

-କାମଦା ଏକାଦଶୀ ଉପବାସ, ସୀତା ବିବାହ, ହଳ ନିଷେଧ



# ଅପେକ୍ଷା କରି ବସିଛନ୍ତି

ତାମିଲନାଡୁର ଥୁଟୁକୁଡ଼ି ଜିଲାରେ ଏକ ପୋଲିସ ହାଜତ ମୃତ୍ୟୁ ଘଟଣାର ୨୫ ବର୍ଷ ପରେ ସ୍ଥାନୀୟ ଅଦାଲତ ଜଣେ ପୋଲିସ ଡିଏସ୍‌ପି ଓ ଇନ୍ସପେକ୍ଟରଙ୍କ ସମେତ ୯ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏପ୍ରିଲ ୬ରେ ଥୁଟୁକୁଡ଼ି ଅତିରିକ୍ତ ଜିଲା ଦୌରାଜଜ୍ ପି. ଥନ୍ଧାବନ ଏହି ରାୟ ଶୁଣାଇଥିଲେ। ମାମଲାଟି ଥିଲା ୧୭ ସେପ୍ଟେମ୍ବର ୧୯୯୯ର। ଏହିଦିନ ଲୁଣମରା କାମ କରୁଥିବା ସି. ଭିନ୍‌ସେଣ୍ଟ ନାମକ ବ୍ୟକ୍ତିଙ୍କୁ ଏକ ଅଭିଯୋଗ କ୍ରମେ ଥାଲାମୁଥୁ ନଗର ପୋଲିସ ଷ୍ଟେଶନ ହେପାଜତକୁ ଅଣାଯାଇଥିଲା। ତା'ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୮ରେ ତାଙ୍କର ହାଜତରେ ମୃତ୍ୟୁ ଘଟିଥିଲା। ଭିନ୍‌ସେଣ୍ଟଙ୍କ ସ୍ତ୍ରୀ ଭି.କୃଷ୍ଣାମଲ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ରେଭିନ୍ୟୁ ଡିଭିଜନାଲ ଅଫିସର(ଆରଡିଓ) ତଦନ୍ତ ପରେ ୧୦ ଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ଏବଂ ସେତେବେଳର ସବ୍‌ଇନ୍ସପେକ୍ଟରଙ୍କୁ ଅଭିଯୋଗ ତାଲିକାରୁ ବାଦ୍ ଦିଆଯାଇଥିଲା। ପରେ କୃଷ୍ଣାମଲ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପରେ ୨୦୦୭ରେ ପ୍ରଥମ ଅଭିଯୁକ୍ତ ଭାବେ ରାମକ୍ରିଷ୍ଣନଙ୍କୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯିଏ ଏବେ ଦୋଷୀ ହୋଇଥିବା ପୋଲିସ ଡିଏସ୍‌ପି ଭାବେ କାର୍ଯ୍ୟରତ। ପରେ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲାର ବିଚାର ହୋଇଥିଲା। ୨ଜଣ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ଦୋଷମୁକ୍ତ କରାଯାଇଥିବାବେଳେ ଯେଉଁ ୯ ଜଣ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୭ ଜଣ ଅବସର ନେଇ ସାରିଲେଣି। ଥୁଟୁକୁଡ଼ିର ଏହି ହାଜତ ମୃତ୍ୟୁ ମାମଲା ବିଳମ୍ବିତ ବିଚାରର ଏକମାତ୍ର ଦୃଷ୍ଟାନ୍ତ ନୁହେଁ। ଦେଶର ବିଭିନ୍ନ ରାଜ୍ୟରେ ହାଜତ ମୃତ୍ୟୁ ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ୨୦୨୩ରେ ଲୋକ ସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୬–୨୦୨୨ ଫେବୃଆରୀ ସୁଦ୍ଧା ଦକ୍ଷିଣ ଭାରତରେ ଘଟିଥିବା ହାଜତ ମୃତ୍ୟୁ ମଧ୍ୟରେ ତାମିଲନାଡୁରେ ସର୍ବାଧିକ ୪୭୮ଟି ହୋଇଥିବାବେଳେ ଉତ୍ତର ଭାରତରେ ଯଥେଷ୍ଟ ଅଧିକ ହୋଇଥିଲା। ଏହି ଅବଧିରେ ଭାରତରେ ମୋଟ ୧୧,୪୧୯ଟି ହାଜତ ମୃତ୍ୟୁ ଘଟିଥିଲା।

ପୋଲିସ ସାଙ୍ଗରେ ସବୁବେଳେ ମିଳିମିଶି ରହୁଥିବା ନିମ୍ନ ଅଦାଲତଗୁଡ଼ିକ ନିଜ ଆଡୁ କେବେହେଲେ ପୋଲିସ ଦ୍ୱାରା ଘଟାଯାଉଥିବା ଅପରାଧକୁ ଖୋଳତାଡ଼ କରନ୍ତି ନାହିଁ। ଅନ୍ୟପଟେ ସାଧାରଣ ନାଗରିକଙ୍କ ପାଇଁ ଯେଉଁ କଠୋର ମନୋଭବ ରହେ, ସେହି ମନୋଭାବ ନିମ୍ନ ଅଦାଲତ ତରଫରୁ ପୋଲିସର ମାତ୍ରାଧିକ କାର୍ଯ୍ୟ ପାଇଁ ରହେନାହିଁ; ଯାହାଫଳରେ ଭାରତରେ ହାଜତ ମୃତ୍ୟୁ ଏକ ସାଂଘାତିକ ମନୋଭାବର ପରିଚୟ ପାଲଟିଗଲାଣି।

ଦେଖାଯାଏ ଦେଶରେ ଯେଉଁ ହାରରେ ହାଜତ ମୃତ୍ୟୁ ଘଟୁଛି ସେହି ଅନୁପାତରେ ପୋଲିସ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାର ମୁଖ୍ୟ କାରଣ ହେଉଛି ସେହି ହାଜତ ମୃତ୍ୟୁ ସମ୍ପର୍କିତ ତଦନ୍ତକୁ ସେହି ସ୍ଥାନୀୟ ପୋଲିସ କରୁଥିବା ହେତୁ ନିଜର ବନ୍ଧୁମାନଙ୍କୁ ଦଣ୍ଡିତ ହେବାକୁ ଦିଅନ୍ତି ନାହିଁ। ତତ୍‌ସହିତ ପୋଲିସ ସାଙ୍ଗରେ ସବୁବେଳେ ମିଳିମିଶି ରହୁଥିବା ନିମ୍ନ ଅଦାଲତଗୁଡ଼ିକ ନିଜ ଆଡୁ କେବେହେଲେ ପୋଲିସ ଦ୍ୱାରା ଘଟାଯାଉଥିବା ଅପରାଧକୁ ଖୋଳତାଡ଼ କରନ୍ତି ନାହିଁ। ଅନ୍ୟପଟେ ସାଧାରଣ ନାଗରିକଙ୍କ ପାଇଁ ଯେଉଁ କଠୋର ମନୋଭବ ରହେ, ସେହି ମନୋଭାବ ନିମ୍ନ ଅଦାଲତ ତରଫରୁ ପୋଲିସର ମାତ୍ରାଧିକ କାର୍ଯ୍ୟ ପାଇଁ ରହେନାହିଁ; ଯାହାଫଳରେ ଭାରତରେ ହାଜତ ମୃତ୍ୟୁ ଏକ ସାଂଘାତିକ ମନୋଭାବର ପରିଚୟ ପାଲଟିଗଲାଣି। ଯେଉଁ ପୋଲିସ ଅଫିସର ବାଡେଇକରି ମାରିଦେଇପାରୁଛି ତାହାର ସେହି ବ୍ୟବସ୍ଥାରେ ସମ୍ମାନ ଓ ଗୁରୁତ୍ୱ ବୃଦ୍ଧିପାଉଛି।

ତେବେ ସାଧାରଣରେ ହାଜତ ମୃତ୍ୟୁ ଘଟଣାଗୁଡ଼ିକରେ ପୋଲିସ ବିରୋଧରେ କମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ରିପୋର୍ଟରୁ ସ୍ପଷ୍ଟ ହୁଏ। ଏନ୍‌ଏଚ୍‌ଆର୍‌ସି ତଥ୍ୟ ମୁତାବକ ୨୦୧୭ରୁ ୨୦୨୧ ପାଞ୍ଚବର୍ଷରେ ବିଚାରବିଭାଗୀୟ ତଥା ପୋଲିସ ହାଜତ ମୃତ୍ୟୁ ଘଟଣାରେ କେବଳ ୨୧ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଜତରେ ମୃତ୍ୟୁ ହେଲେ ଘଟଣାଟିକୁ ପରିବାର ଲୋକେ କିମ୍ବା ମାନବ ଅଧିକାର କର୍ମୀମାନେ ଅଭିଯୋଗ ଆଣିଲେ ମଧ୍ୟ ଅନେକ ସମୟରେ ତାହାକୁ ବିଭିନ୍ନ ଆଳରେ ଚାପି ଦିଆଯାଉଛି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ, ନିକଟରେ ହୀରାକୁଦ ପୋଲିସ ହେପାଜତରେ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଅଭିଯୋଗକୁ ନେଇ ସମ୍ବଲପୁର ସହରରେ ଉତ୍ତେଜନା ଦେଖାଯାଇଥିଲା। ରାଜ୍ୟର ବିଭିନ୍ନ ଥାନାରେ ବାରମ୍ବାର ଏଭଳି ହାଜତ ନିର୍ଯାତନା କିମ୍ବା ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ଜୁଲାଇ ୨୦୨୪ରେ ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟରେ ୨୦୧୪ରୁ ୨୦୨୩ ମଧ୍ୟରେ ୪୮ଟି ହାଜତ ମୃତ୍ୟୁ ଘଟିଛି। ତେବେ ଏହିସବୁ ଘଟଣାରେ କେତେଜଣ ପୋଲିସଙ୍କ ଉପରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସେଥିମଧ୍ୟରୁ କେତୋଟି ମାନବ ଅଧିକାର କମିଶନରେ ଅଭିଯୋଗ ହୋଇଛି, କେତେ ଜଣ ନ୍ୟାୟ କିମ୍ବା କ୍ଷତିପୂରଣ ପାଇଛନ୍ତି, ତାହାର ସବିଶେଷ ତଥ୍ୟ ସାଧାରଣରେ ପ୍ରକାଶ ପାଉନାହିଁ। ତେବେ ତାମିଲନାଡୁ ଘଟଣାରେ ଭିନ୍‌ସେଣ୍ଟଙ୍କ ସ୍ତ୍ରୀଙ୍କ ଲଢ଼େଇ ଯୋଗୁ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି ହେଲା। ଦୀର୍ଘକାଳ ଲଢ଼େଇକରି ଜଣେ ମହିଳା ତାଙ୍କ ଲକ୍ଷ୍ୟରେ ପହଞ୍ଚିପାରିଛନ୍ତି ଏବଂ ତାହା ପ୍ରତିଟି କ୍ଷେତ୍ରରେ ଅନୁକରଣୀୟ। କିନ୍ତୁ ମନେରଖିବାକୁ ହେବ ଯେ, ଏହା ମାତ୍ର ଟ୍ରାଏଲ କୋର୍ଟ ସ୍ତରର ବିଜୟ। ଏହା ପରେ ଆହୁରି ଅନେକ ପାହାଚ ରହିଛି ଏବଂ ପ୍ରତ୍ୟେକ ପାହାଚରେ ଜଷ୍ଟିସ ଯଶଓ୍ୱନ୍ତ ଭର୍ମାଙ୍କ ଭଳି ଲୋକ ନ୍ୟାୟ ଦେବା ପାଇଁ ଅପେକ୍ଷା କରି ବସିଛନ୍ତି।

# ତିନି ଲଫାଫା ଉପାଖ୍ୟାନ



ପ୍ରମୋଦ ଧଳ

ସାଧାରଣତଃ ବିଭିନ୍ନ କଲେଜସ୍ତରରେ ନେତୃତ୍ୱ ନେଉଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ରାଜନେତାମାନେ ଆସିଥାନ୍ତି। ତାହା ବ୍ୟତୀତ ସମାଜରେ କିଛି ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପିଲାମାନେ ହେଉ ବା ପ୍ରକୃତ ସମାଜସେବୀ ପରିବାର ପୃଷ୍ଠଭୂମିରୁ ଆସି ରାଜନୀତିରେ ଯୋଗଦେଇଥାନ୍ତି। ଆହୁରି ମଧ୍ୟ ଦେଶର ପ୍ରାୟ ସମସ୍ତ ରାଜରାଜୁଡ଼ା ପରିବାରର କିଛି ବୁଦ୍ଧିଆ ଲୋକ ରାଜଗାଦି ଚାଲିଯିବା ପରେ, ରାଜାରୁ ମନ୍ତ୍ରୀ ହୋଇ ଶାସନ କରିବା ଶ୍ରେୟ ମଣିଲେ; ଯେହେତୁ ଆଜିକାଲି ରାଜନୀତି କରିବା ହେଉଛି ଦେଶର ସବୁଠାରୁ ଲାଭଜନକ ବେପାର, ତେଣୁ ସେଥିରେ ପ୍ରତିଯୋଗିତା ବୃଦ୍ଧିପାଇଛି। ରାଜନୀତିରେ ଆସିବାକୁ ଆଉ କୌଣସି ପୃଷ୍ଠଭୂମିର ମାନଦଣ୍ଡ ଖୋଜିବାକୁ ଦରକାର ପଡୁନାହିଁ । ପାଖରେ ଗୁଡ଼ାଏ ପଇସା ଥିବା ନିହାତି ଦରକାର, କାରଣ ସର୍ବନିମ୍ନ ବିନିଯୋଗ ଅର୍ଥ ନ ଥିଲେ ରାଜନୀତିରେ ସ୍ଥାନ ପାଇବା ଅସମ୍ଭବ। ଜନତା ବି ପଇସା ନ ଥିବା କୌଣସି ଭଦ୍ରଲୋକ ପ୍ରାର୍ଥୀଙ୍କୁ ଆଡ଼ ଆଖିରେ ଚାହାନ୍ତି ନାହିଁ, ଭୋଟଦେବା ତ ଦୂରର କଥା।

କେତେକେ ମାଷ୍ଟର, ଠିକାଦାର, ବିଦ୍ୟା ବେପାରୀ, କିରାଣି , ମାଛ ବେପାରୀ, ମଦ ବେପାରୀ ଓ କିଛି ପୂଜାପାଠ କରୁଥିବା ତଥା ବିପୁଳ ଅର୍ଥ ବିନିଯୋଗ କରିବାକୁ ସକ୍ଷମ ବ୍ୟକ୍ତି ନିର୍ବାଚନ ଲଢ଼ି ଅନାୟାସରେ ଜିତି ସରକାର ଗଠନ କରିପାରୁଛନ୍ତି। ଅନେକଙ୍କର ପ୍ରଶାସନର କାର୍ଯ୍ୟକାରିଣୀ ସମ୍ପର୍କରେ ଜ୍ଞାନ ଶୂନ୍ୟ। ଏମାନଙ୍କ ଅବସ୍ଥା ଦେଖି ଗୋଟିଏ ରାଜନୀତି ଗପ ମନେପଡୁଛି: ନିର୍ବାଚନରେ କୌଣସି ପରିସ୍ଥିତିରେ ଜିତି ସରକାର ଗଠନ କରିଥିବା ଗୋଟିଏ ଦଳର ମୁଖିଆ ଦିନେ ସୀତାବଲ୍ଲଭ ବାବୁଙ୍କ ପରି ଜଣେ ଦକ୍ଷ ରାଜନେତାଙ୍କ ପାଖକୁ ଯାଇ କିଛି ପରାମର୍ଶ ଭିକ୍ଷା କଲେ। ଏତେ ଅସଜଡ଼ା ଅମଲାମାନଙ୍କୁ ନେଇ କେମିତି ରାଜ୍ୟ ଚଳେଇବେ ସେ ନେଇ ଉପଦେଶ ମାଗିଲେ । କହିଲେ, କେତେଦିନ ଏ ଅମଲାଙ୍କୁ ବାପରେ ଧନରେ କହି ରାଜ୍ୟ ଶାସନ ଚଳେଇବେ? ସୀତାବଲ୍ଲଭ ବାବୁ କହିଲେ, ପୃଥିବୀର ସବୁ ଜନସାଧାରଣ ପ୍ରାୟତଃ ଗୋଟିଏ ପ୍ରକାରର! ତେଣୁ ତାଙ୍କୁ ନିୟନ୍ତ୍ରଣ କରିବା ଭାରି ସହଜ, ସେମାନେ ବେଶି କିଛି ମନେରଖନ୍ତି ନାହିଁ, ଯାହା ବି କିଛି ମନେଥାଏ ମଦ ମାଂସ ଟିକେରେ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି! ଆସିଛ ଯେତେବେଳେ ମୁଁ ଗୋଟିଏ ସିକ୍ରେଟ ଉପାୟ କହିବି, କାହାରିକୁ କିଛି ନ କହି ଆରାମରେ ପାଞ୍ଚବର୍ଷ ଚଲେଇଦେବ, ପୁଣି ପରେ ଦେଖିବା! ଏତିକି କହି ପୂର୍ବରୁ ରଖିଥିବା ତିନୋଟି ସିଲ୍‌ଦିଆ ଲଫାପାକୁ ଗୋଟିଏ ବଡ଼ ଲଫାପାରେ ବନ୍ଦ କରି ତାଙ୍କ ହାତକୁ ବଢ଼େଇଦେଇ କହିଲେ, "ଯେତେବେଳେ କ'ଣ କରିବେ,




କିଛି ବୁଦ୍ଧି ବାଟ ଦିଶିବ ନାହିଁ, ସେତିକିବେଳେ ପ୍ରଥମଟିକୁ ଖୋଲି ପଢ଼ିବେ ଓ ସେହି ଅନୁସାରେ କାର୍ଯ୍ୟ ଆରମ୍ଭ କରିବେ"! ଯାହାହେଉ ଗୁରୁମନ୍ତ୍ର ପାଇ ବଡ଼ ଆନନ୍ଦରେ ଫେରିଲେ ମୁଖିଆ ।

ନିର୍ବାଚନ ଜିତିବା ପରେ କିଛିଦିନ ଚାଲିଗଲା। କେଉଁ କାମ କରିବେ, କେମିତି କରିବେ ବୁଝିବା କଷ୍ଟ ହେଉଥାଏ। ବଡ ଚିନ୍ତାରେ ଥାନ୍ତି ନେତାଙ୍କ ନେତା। ମନେପଡ଼ିଲା ସୀତାବଲ୍ଲଭ ବାବୁ ଦେଇଥିବା ଲଫାପା, ସାଙ୍ଗେ ସାଙ୍ଗେ ଆଲମୀରାରୁ ବାହାର କରି ସେ ବଡ଼ ଲଫାପାଟିକୁ ଖୋଲି ଦେଖିଲେ ସେଥିରେ ସମୁଦାୟ ତିନୋଟି ଲଫାପା ଅଛି। ପ୍ରଥମ ଲଫାପା ଉପରେ ଲେଖା ଅଛି, 'ଓପନ ଓ୍ୱାଁଲି ୱେନ ୟୁ ଆର୍ କନଫ୍ୟୁଜ୍ଡ୍', ଅର୍ଥାତ ଯେତେବେଳେ କ'ଣ କରିବେ, କ'ଣ ନ କରିବେ ଏବଂ ଦ୍ୱନ୍ଦ୍ୱରେ ପଡ଼ିବେ, ସେତିକିବେଳେ ପ୍ରଥମ ଲଫାପାଟି ଖୋଲି ପଢ଼ିବେ ଏବଂ ସେଥିରେ ଲେଖାଥିବା ନିର୍ଦ୍ଦେଶାବଳୀ ଅନୁସରଣ କରି ସେହି ଅନୁସାରେ କାମ ଆରମ୍ଭ କରିବେ। ଖୁସିରେ କେବଳ ସେହି ଲଫାପାଟି ଖୋଲି ପଢ଼ିଲେ, ସେଥିରେ ଲେଖାଥିଲା, 'ବ୍ଲେମ ୟୋର୍ ପ୍ରେଡିସେସର' ଅର୍ଥାତ୍ ସରକାରୀ କଳର ସମସ୍ତ ଦୋଷ ତ୍ରୁଟି ପୂର୍ବ ସରକାର ଉପରେ ଲଦି ଦିଆଯାଉ। ଏହାପରେ ଆଉ କିଏ ସମ୍ଭାଳେ, ଶହେ ସିଂହର ବଳ ନେଇ ଚିତ୍କାର କରିବାକୁ ଆରମ୍ଭ କରିଦେଲେ, ଖଣି ଦୁର୍ନୀତି, ପାଣି ଦୁର୍ନୀତି, ଚିଟ୍‌ଫଣ୍ଡ ଦୁର୍ନୀତି, ତାମିଲି ଦୁର୍ନୀତି, ତେଲୁଗୁ ଦୁର୍ନୀତି ସବୁର ଗୋଟି ଗୋଟି କରି ପର୍ଦ୍ଦାଫାଶ ହେବ, ଆମ ସରକାରରେ ଦୁର୍ନୀତିର ସ୍ଥାନ ନାହିଁ, ଦୁର୍ନୀତିରେ ବୁଡ଼ିଥିବା ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀ ସମସ୍ତଙ୍କୁ ଜେଲରେ ଭର୍ତ୍ତି କରାଯିବ। ସବୁ ଖବରକାଗଜର ପ୍ରଥମ ପୃଷ୍ଠା ଭର୍ତ୍ତି ହୋଇଗଲା ଏମିତି ଖବର ସବୁ। ଜନସାଧାରଣରେ ଉତ୍ସାହ ଖେଳିଗଲା, ଭାବିଲେ ଏଥର ପ୍ରଥମ ଥର କରି ଠିକ ଦଳକୁ କ୍ଷମତା ଦେଇଛନ୍ତି, କେହି ଦୁର୍ନୀତିଗ୍ରସ୍ତ ଆଉ ତ୍ରାହି ପାଇବେ ନାହିଁ ଏଥର! କିଛି କିଛି ପିଅନ, ଚପରାସୀ, କିରାଣି ଓ ବନରକ୍ଷୀମାନଙ୍କୁ ଗିରଫ କରି ଉଦାହରଣ ମଧ୍ୟ ସୃଷ୍ଟି କରିଦେଲେ, କାରଣ ଚୂନାମାଛ ସବୁବେଳେ ସୁଆଦିଆ। ସରକାର ଖୁସ, ଖବର ସରବରାହ ସଂସ୍ଥା ଖୁସ ଓ ଜନତା ବି ଖୁସ!! ଏମିତିରେ ଚାଲିଗଲା ବର୍ଷେ ଦେଢ଼ବର୍ଷ।

ପରେ କିଛି ବୁଦ୍ଧିଜୀବୀ ପ୍ରଶ୍ନ କଲେ, ସବୁତ ସେମାନେ ନଷ୍ଟ ଭ୍ରଷ୍ଟ କରି ଚାଲିଗଲେ କିନ୍ତୁ ଏମାନେ କ'ଣଟା ଉପାଡ଼ି ଦେଲେ? ଏମିତି ସମାଲୋଚନାର ସ୍ୱର ଉତ୍ତୋଳନ ବି ହେଲାଣି!! ବ୍ୟସ୍ତ ହୋଇପଡ଼ିଲେ ମୁଖିଆ, ସତରେ ତ କିଛି କାମ କାହିଁକି ହୋଇପାରୁନି? କ'ଣ କରାଯାଇପାରିବ ଭାବୁ ଭାବୁ ସୀତାବଲ୍ଲଭ ବାବୁଙ୍କ କଥା ମନେପଡ଼ିଗଲା। ଆଲମୀରା ଖୋଲି ଦ୍ୱିତୀୟ ଲଫାପାଟି ଦେଖିଲେ, ତା' ଉପରେ ଲେଖାଥିଲା, ଟେଲ ଟଲ ଟକ୍ସ, ଅର୍ଥାତ୍ ବଡ଼ ବଡ଼ କଥା ପ୍ରତିଜ୍ଞା କରାଯାଉ, ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ଘୋଷଣା କରାଯାଉ ଏବଂ ସେସବୁ ସମସ୍ତ ଖବରକାଗଜର ପ୍ରଥମ ପୃଷ୍ଠା ବଡ଼ ବଡ଼ ବିଜ୍ଞାପନରେ ଭରିଦିଆଯାଉ। ଆଡ଼ମ୍ବର ପର୍ବ ଆରମ୍ଭ ହୋଇଗଲା, ରାସ୍ତା ଘାଟରେ ବିରାଟ ବିରାଟ ହୋର୍ଡିଂରେ ଲାଗିଗଲା,ଅନେକ ହଜାର 'ଏମ୍‌ଓୟୁ' ଦସ୍ତଖତ ହୋଇଗଲା, ଜାଗା ଜାଗାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଫଳକ ଲାଗିଗଲା। ଭକୁଆ ଜନତା ଆନନ୍ଦରେ ବିଭୋର ହୋଇଗଲେ, କିଛି ପୁରୁଣା ବନ୍ଦ ପଡ଼ିଥିବା କଳକାରଖାନାର ଚିମିନିରେ କାଠ ଜଳେଇ ଧୂଆଁ ବାହାର କରି ଲୋକମାନଙ୍କୁ ଦେଖେଇଦେଲେ। ଜନତା ଖୁସ୍, ମୁଁ ଖୁସ୍, ସରକାର ବି ଖୁସ୍!!

ଏମିତିରେ ପୁଣି ଦୁଇବର୍ଷ ଖାଲି ଭାଗ ଦୌଡ଼ରେ ଚାଲିଗଲା। ସରକାର ଆସିବାର ପ୍ରାୟ ସାଢ଼େ ତିନିବର୍ଷ ବିତିଗଲା କିନ୍ତୁ କେବଳ ଘୋଷଣାରେ ସବୁ ସୀମିତ ରହିଗଲା। ଆଉ ମାତ୍ର ଦେଢ଼ବର୍ଷ ସମୟ ଭିତରେ କରିବେ କ'ଣ। କାମଦାମ ହୋଇଥିଲେ ସିନା କର୍ମୀମାନେ କିଛି ରୋଜଗାର କରିଥାନ୍ତେ! କର୍ମୀମାନେ ବିଦ୍ରୋହ ଆରମ୍ଭ କରିଦେଲେ। ସମାଲୋଚନା ହେଲା ଯେ କେବଳ କିଛି ମାଗଣା ଭତ୍ତା ଘୋଷଣା ବ୍ୟତୀତ ଏ ସରକାର କଲେ କ'ଣ ? ହୋ ହଲ୍ଲା ଆରମ୍ଭ ହୋଇଗଲା । ମୁଖିଆ ପୁଣିଥରେ ଚିନ୍ତାରେ ପଡ଼ି ସାଇତି ରଖିଥିବା ଶେଷ ତିନି ନମ୍ବର ଲଫାପା ମନେପଡ଼ିଗଲା। ଅବିଳମ୍ବେ ଆଲମୀରା ଖୋଲି ଦେଖିଲେ, ସେଥିରେ ଲେଖା ଥିଲା, ଇଟ୍ସ ହାଇ ଟାଇମ, ୟୁ ମଷ୍ଟ ପ୍ରିପେୟାର ଥ୍ରୀ ଏନ୍‌ଭେଲୋପ ଲାଇକ ଦିସ୍ ଆଣ୍ଡ ଫଲୋ ଦି ଡିଟେଲ ଇନଷ୍ଟ୍ରକ୍ସନ ଇନ୍‌ସାଇଡ୍। ଅର୍ଥାତ, ସମୟ ଆସିଗଲା ଏମିତି ଆଉ ତିନୋଟି ଲଫାପା ପ୍ରସ୍ତୁତ କରି ରଖିଦିଅ, ଆଉ କାହା କାମରେ କେତେବେଳେ ଆସିପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେତେଶୀଘ୍ର ବିଭିନ୍ନ ଟେଣ୍ଡର ଆରମ୍ଭ କରି ଯଥାସମ୍ଭବ ଅର୍ଥ ଠୁଳ କରାଯାଇ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଗଣତନ୍ତ୍ରରେ ପରିମାଣ ଗୁରୁତ୍ୱପୂର୍ଣ୍ଣ, ଗୁଣାତ୍ମକ ନୁହେଁ। ଯେହେତୁ ଆମ ଦେଶରେ ଭକୁଆଙ୍କ ସଂଖ୍ୟା ମାତ୍ରାଧିକ ଓ ଯେହେତୁ 'ଅତ୍ୟଧିକ ଗଣତନ୍ତ୍ର' ବ୍ୟବସ୍ଥା ପ୍ରଚଳନ ହୋଇଆସୁଛି ତେଣୁ ପ୍ରାୟ ସମସ୍ତ ରାଜନୈତିକ ଦଳମାନେ ସରକାର ଚଳେଇବାର ଏହି ତିନିଟି ଲିଫାପା ଫର୍ମୁଲାକୁ ଆପଣେଇ ନେଇଛନ୍ତି, ଏଥିରୁ ମୁକ୍ତି ନାହିଁ!!

ଆଡ୍‌ଭୋକେଟ୍, ଓଡ଼ିଶା ହାଇକୋର୍ଟ
ମୋ: ୭୦୦୮୮୧୦୧୧୨

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଜାତୀୟ ଶିକ୍ଷା ନୀତି–୨୦୨୦ ଆଧାରରେ ୨୦୨୫–୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲାଯିବ ; ଯେଉଁଠି ୫ ରୁ ୬ ବର୍ଷ ବୟସର ପିଲାମାନେ ପ୍ରି–ସ୍କୁଲ ଶିକ୍ଷା ଗ୍ରହଣ କରିବେ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକାରଣ କର୍ତ୍ତୃପକ୍ଷ (ଓସେପା) ପକ୍ଷରୁ ସମସ୍ତ ଜିଲାର ଜିଲାପାଳଙ୍କୁ ଅବଗତ କରାଯାଇଛି।ମାତ୍ର ସେହି ଅନୁଯାୟୀ ଭିତ୍ତିଭୂମି ଓ ମାନବ ସମ୍ବଳ ଅର୍ଥାତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟାରେ କୌଣସି ଉନ୍ନତି କରାଯିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଆସିଛି।ଏ ନେଇ ଶିକ୍ଷକ ଏବଂ ଅଭିଭାବକମାନେ 'ଶିଶୁ ବାଟିକା'ର ସଫଳତାକୁ ନେଇ ସନ୍ଦିହାନ ହୋଇ ଉଠିଛନ୍ତି।ପୁଣି ଏହି ଶିଶୁ ବାଟିକା ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୪ଟା ଯାଏ ଚାଲିବ।ଆଲୋଚନାର ବିଷୟ ଏହା ଯେ ଯେଉଁଠି ବିଦ୍ୟାଳୟରେ ପୂର୍ବରୁ ୧ମ ରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ଯଥେଷ୍ଟ ପରିମାଣର ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି, ସେଠି ବାଲ୍ ବାଟିକା ମାଧ୍ୟମରେ ଯୋଗ ଦେବାକୁ ଯାଉଥିବା କୋମଳମତି ପିଲାଙ୍କୁ ପାଠ ପଢ଼େଇବ କିଏ? ଶ୍ରେଣୀ କୋଠରି ଅଭାବ ହେଉଥିବା ବେଳେ ଏହି ପିଲାମାନେ ପାଠ ପଢ଼ିବେ କେଉଁଠି?

ତଥ୍ୟ ରହିଛି ଯେ ଜାତୀୟ ଶିକ୍ଷା ନୀତି ୨୦୨୨ ରୁ ଲାଗୁ ହୋଇଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଓଡ଼ିଶାର କେନ୍ଦ୍ର ବିଦ୍ୟାଳୟଗୁଡ଼ିକରେ ଏପର୍ଯ୍ୟନ୍ତ ବାଲ୍ ବାଟିକା ଖୋଲିପାରି ନାହିଁ।ଏବେ ପୁଣି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଖୋଲିଲେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ କ'ଣ ଚାପ ପଡ଼ିବ ନାହିଁ ? ପୂର୍ବରୁ ଗୋଟିଏ ଶ୍ରେଣୀ କୋଠରିରେ ଏକାଧିକ ଶ୍ରେଣୀର ପାଠପଢ଼ା ଚାଲିଛି। ମାତ୍ର ଦୁଇଟି ଶ୍ରେଣୀଗୃହ ଏବଂ ୨–୩ ଶିକ୍ଷକଙ୍କ ଦାୟିତ୍ୱରେ ଚାଲୁଥିବା ବିଦ୍ୟାଳୟଗୁଡ଼ିକ ନୂଆ ଭାବରେ ଯୋଗ ଦେଇଥିବା ଶିଶୁ ବାଟିକା ପିଲାଙ୍କର ଶିକ୍ଷାଗତ ଆବଶ୍ୟକତା ପୂରଣ କରିବେ କେମିତି?

ମୋର ଜଣେ ବନ୍ଧୁ ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ।ତାଙ୍କ ସହ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସମୟରେ ସେ ଯାହା କହିଲେ, ତାହା ଶୁଣି ମୁଁ ନିରାଶ ହେଲି।ମୋର ବନ୍ଧୁ ମଧ୍ୟ ଏହି ବ୍ୟବସ୍ଥାରେ ଖୁସି ନୁହନ୍ତି କାରଣ ସେ ଦେଖୁଛନ୍ତି ପିଲାଙ୍କ ସମସ୍ୟା, ହେଲେ ଏହାର ସମାଧାନ ନ ଥିବା ଜାଣି ମୋଠାରୁ ଅଧିକ ସେ ମର୍ମାହତ ବୋଲି ଜାଣିଲି।

ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୫ଟି ଶ୍ରେଣୀ ପାଇଁ ନିଯୁକ୍ତି ପାଉଛନ୍ତି ୩ ଜଣ ଶିକ୍ଷକ।ସୁତରାଂ ବାଧ୍ୟ ହୋଇ ୧ମ, ୨ୟ ଏବଂ ୩ୟ ଶ୍ରେଣୀ ପିଲାଙ୍କୁ ଜଣେ ଶିକ୍ଷକ ପଢ଼ାଉଛନ୍ତି।ଏକକାଳୀନ ଜଣେ ତ ଆଉ ତିନୋଟି ଶ୍ରେଣୀରେ ଉପସ୍ଥିତ ହୋଇପାରିବେ ନାହିଁ ; ତେଣୁ ଗୋଟିଏ କକ୍ଷରେ ଭାଗ ଭାଗ ହୋଇ ତିନୋଟି ଯାକ ଶ୍ରେଣୀର ପିଲାଙ୍କୁ ପଢ଼େଇବା ଜଣେ ଶିକ୍ଷକ ପାଇଁ କେତେ କଷ୍ଟକର ହୋଇଥିବ ବୁଝିବା କଥା! ସେଥିରେ ପୁଣି ଯଦି ଜଣେ ଶିକ୍ଷୟିତ୍ରୀ ନିୟୋଜିତ ହୋଇଥିବେ ଏବଂ ସେ ପ୍ରସବକାଳୀନ କିମ୍ବା ମାତୃତ୍ୱଲାଭ ଜନିତ ଛୁଟି ନେବେ, ତେବେ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ୨।ଆହୁରି ପାଠକ ଜାଣି ଆଶ୍ଚର୍ଯ୍ୟ ହେବେ



ଯେ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କ୍ଲର୍କ ଓ ପିଅନ ନିଯୁକ୍ତି ପାଆନ୍ତି ନାହିଁ।ଏବେ ଜାଣିବାର ବିଷୟ ଏହା ଯେ, ବିଦ୍ୟାଳୟରେ ସଫାସଫି କାମ କରିବାର ଦାୟିତ୍ୱ ନିଏ କିଏ? ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ସେ କୁନିକୁନି ପିଲାମାନେ! ବିଚାର କରନ୍ତୁ ଯେଉଁ ସମୟରେ ପିଲାମାନେ ଖେଳିବା, ଶିଖିବା ଭଳି ଆମୋଦଦାୟକ କାମରେ ନିୟୋଜିତ ହେବା କଥା ; ସେମାନେ ବିଦ୍ୟାଳୟକୁ ପରିଷ୍କାର କରିବା କାମରେ ସମୟ ବିତାଉଛନ୍ତି।ଏ ହେଉଛି ସରକାରୀ ବିଦ୍ୟାଳୟଗୁଡ଼ିକର ପ୍ରାଥମିକ ଶିକ୍ଷାର ଚିତ୍ର।ଯେଉଁ ସମୟଟି ଛାତ୍ର ଜୀବନର ମୂଳଦୁଆ ବୋଲି କୁହାଯାଏ, ତାହା କେଉଁ ପରିସ୍ଥିତି ଦେଇ ଗତି କରୁଛି, ଆକଳନ କରାଯାଉ।

ଶିକ୍ଷା ଆରମ୍ଭର ପ୍ରାରମ୍ଭିକ ପର୍ଯ୍ୟାୟ ଯଦି ଦୁର୍ବଳ ହୁଏ ; ପରବର୍ତ୍ତୀ ସମୟରେ ଯୋଜନା ପରେ ଯୋଜନା କଲେ ଆଉ କି ଲାଭ? ସେମାନଙ୍କ ବହୁମୂଲ୍ୟ ସମୟ (୫ ବର୍ଷ) ତ ନଷ୍ଟ ହୋଇସାରିଛି, ପରେ ଆଉ ଯେତେ ଚେଷ୍ଟା କଲେ କ'ଣ ହେବ! କିଛିଦିନ ତଳେ ଆହୁରି ଏକ ତଥ୍ୟ ପ୍ରତିଟି ଖବରକାଗଜ ଏବଂ ଗଣମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ତାହା ହେଉଛି ସରକାରୀ ବିଦ୍ୟାଳୟର ନବମ ଶ୍ରେଣୀର ଅଧାରୁ ଅଧିକ ପିଲା ଗଣିତର ସାଧାରଣ ମିଶାଣ, ଫେଡ଼ାଣ, ଗୁଣନ, ହରଣ କରିପାରୁନାହାନ୍ତି, ଓଡ଼ିଆରେ ସମ୍ପୂର୍ଣ୍ଣ ଧାଡ଼ି ଏବଂ ଇଂଲିଶର ଶବ୍ଦ ପଢ଼ିବା ବି ତାଙ୍କ ପାଇଁ କଷ୍ଟକର।

ସରକାର ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।ପ୍ରଥମେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ହେଉଛି ପ୍ରାଥମିକତା । ଗୋଟିଏ ପଟେ ପିଲାଙ୍କୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ବିନା ପରୀକ୍ଷା କରାଯାଇ ପାସ୍ କରେଇ ଦିଆଯାଉଛି, ଅନ୍ୟପଟେ ଦଶମ ବୋର୍ଡ ପରୀକ୍ଷାରେ ୮୦% ପିଲା ପରୀକ୍ଷାରେ ପାସ୍ କରିବାର ଏକ କଷ୍ଟକର ଲକ୍ଷ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଲଦି ଦିଆଯାଉଛି।ନବମ ଶ୍ରେଣୀର ୨୫% ପିଲା ଓଡ଼ିଆ ଓ ଇଂଲିଶରେ ଧାଡ଼ିଟିଏ ଲେଖିବା ତ ଦୂରର କଥା ଶବ୍ଦ ଉଚ୍ଚାରଣ କରିବାକୁ ମଧ୍ୟ ସମର୍ଥ ହେଉ ନ ଥିବା ବେଳେ ଦଶମ ବୋର୍ଡରେ ନିର୍ଦ୍ଦିଷ୍ଟ ପାସ୍ ହାରର ଲକ୍ଷ୍ୟ କେମିତି ଦିଆଯାଉଛି, ତାହା ଆଶ୍ଚର୍ଯ୍ୟର ବିଷୟ!

ଶିକ୍ଷା ବିଭାଗ ଏ ଦିଗରେ ଯଥାଶୀଘ୍ର ଚିନ୍ତାକରି କିଛି ପଦକ୍ଷେପ ନେବା ଜରୁରୀ।ସମସ୍ୟା ବିଷୟରେ ଶିକ୍ଷା ଅଧିକାରୀ, ପ୍ରଶାସନ ସମସ୍ତେ ଅବଗତ, ଏଣୁ ସମାଧାନ ବି ନିଶ୍ଚୟ ରହିଥିବ।ଆବଶ୍ୟକତା ଅଛି, ତାକୁ କାର୍ଯ୍ୟକାରୀ କରିବା।ପ୍ରାଥମିକ ବିଦ୍ୟାଳୟରେ ୩ ପରିବର୍ତ୍ତେ ୫ ଶିକ୍ଷକ ନିଯୁକ୍ତ ହେବା ଆବଶ୍ୟକ, କାରଣ ଛୋଟ ପିଲାଙ୍କୁ ଅଧିକ ଧ୍ୟାନ ଓ ଯତ୍ନ ଦେବାର ଆବଶ୍ୟକତା ଥାଏ।ପ୍ରତି ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ପାଇଁ ଅନ୍ତତଃ ଗୋଟିଏ ଶ୍ରେଣୀଗୃହ ନିଶ୍ଚିତ ରୂପେ ରହିବା ଆବଶ୍ୟକ।ସରକାରଙ୍କ ଘୋଷଣା ଅନୁସାରେ ଯଦି ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା ଖୋଲାଯାଉଛି, ତଦନୁଯାୟୀ ମାନବ ସମ୍ବଳ ଏବଂ ଭିତ୍ତିଭୂମିର ବ୍ୟବସ୍ଥା ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

କମ୍ ବୟସରେ ସ୍ୱାମୀଙ୍କୁ ହରାଇବା ପରେ ଧୈର୍ଯ୍ୟହରା ନ ହୋଇ ଜଣେ ଜୀବନରେ କିଭଳି ସଶକ୍ତ ହୋଇପାରନ୍ତି ତାହାର ବଳିଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଗୁଣ୍ଟୁର ନିବାସୀ କୋଣ୍ଡା ଉଷାରାଣୀ। ନୁଟାକି ଗାଁରେ ଜନ୍ମିତ କୋଣ୍ଡା ୧୦ମ ଶ୍ରେଣୀରୁ ପାଠ ଛାଡ଼ି ଦେଇଥିଲେ ଓ ୧୭ ବର୍ଷ ବୟସରେ ବିବାହ କରିଥିଲେ। ବିବାହର ତିନି ବର୍ଷ ମଧ୍ୟରେ ସେ ଦୁଇ ପୁତ୍ର ସନ୍ତାନ ଜନନୀ ହେବା ପରେ ତାଙ୍କ ସ୍ୱାମୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିଲା। କୋଣ୍ଡା ଘର ଚଲାଇବା ଓ ଭବିଷ୍ୟତରେ ପିଲାଙ୍କୁ ପଢାଇବା ଲାଗି ସେ ଜୈବିକ ପଦ୍ଧତିରେ ପ୍ରଥମେ ହଳଦୀ ଚାଷ କରିଥିଲେ। ପରେ ବିଭିନ୍ନ ଚାଷ କରିବା ସହ ଜୈବିକ ଖତ ତିଆରି କଲେ। ଏବେ ସେ ଜୈବିକ ଖତ, ମଞ୍ଜି ଓ କୀଟନାଶକ ଚାଷୀମାନଙ୍କୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ , ସେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ଜୈବିକ ଉତ୍ପାଦକୁ ବିକ୍ରି କରାଇବାରେ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୭୬

- ଶିକ୍ଷାମନ୍ତ୍ରୀ ଯଦୁନାଥ ଦାଶ ମହାପାତ୍ର ବିଧାନସଭାରେ ଆଗତ କରିଥିବା ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ବିଲ୍ ବିଧାନସଭାରେ ଗୃହୀତ।
- ବିହାରର ରୋହତାଶ ଜିଲାର ଦେଓ ମାର୍କଣ୍ଡେୟ ନାମକ ସ୍ଥାନରେ ପ୍ରାକ୍ ମୌର୍ଯ୍ୟ ଯୁଗର ଧ୍ୱଂସାବଶେଷ ଆବିଷ୍କୃତ।
- ଗୁଜରାଟରେ ଏକ ଲୋକପ୍ରିୟ ମନ୍ତ୍ରିମଣ୍ଡଳ ଗଠନ ଲାଗି କଂଗ୍ରେସ ବ୍ୟବସ୍ଥାପକ ଦଳ ସାମର୍ଥ୍ୟ ବା ଆବଶ୍ୟକୀୟ ସଂଖ୍ୟାଗରିଷ୍ଠତା ହାସଲ କରିପାରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 7 | | 5 | |
| | | | | | | 4 | 9 | |
| | | 7 | | | 2 | | | |
| | | | 2 | | 9 | 8 | | |
| | | 2 | 8 | 5 | | | 4 | |
| | | 3 | | | | | | 6 |
| | 2 | 8 | | 1 | | 9 | | 5 |
| | | | | | 4 | | | |
| 6 | | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 8 | 2 | 1 | 3 | 5 |
| 2 | 5 | 9 | 4 | 3 | 1 | 8 | 6 | 7 |
| 1 | 3 | 8 | 7 | 6 | 5 | 9 | 2 | 4 |
| 4 | 8 | 1 | 2 | 7 | 3 | 6 | 5 | 9 |
| 5 | 7 | 2 | 1 | 9 | 6 | 3 | 4 | 8 |
| 9 | 6 | 3 | 5 | 4 | 8 | 7 | 1 | 2 |
| 7 | 2 | 5 | 6 | 1 | 9 | 4 | 8 | 3 |
| 8 | 9 | 6 | 3 | 5 | 4 | 2 | 7 | 1 |
| 3 | 1 | 4 | 8 | 2 | 7 | 5 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ସୁରକ୍ଷା ସଚେତନତା ପ୍ରହସନ

ମହାଶୟ,

ରାଜ୍ୟରେ ଦୈନନ୍ଦିନ ସଡ଼କ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲେ ମଧ୍ୟ ବାସ୍ତବକ୍ଷେତ୍ରରେ ଦୁର୍ଘଟଣା ରୋକିବାକୁ ବିଭାଗୀୟ ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଦୁର୍ଘଟଣାରେ ଅନେକ ପରିବାର ସମୂଳେ ଲୋପ ପାଇଯାଉଥିବା ବେଳେ ବିକଳାଙ୍ଗଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣା ରୋକିବାକୁ ପ୍ରତ୍ୟେକ ବର୍ଷ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଦୁର୍ଘଟଣାକୁ ରୋକାଯାଇ ପାରୁନାହିଁ। ଏପରିକି ଦୁର୍ଘଟଣା ହ୍ରାସ ବଦଳରେ ବୃଦ୍ଧି ପାଉଛି। ବିଶେଷକରି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ବୃଦ୍ଧିକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଥିଲେ । କେବଳ ଏତିକି ନୁହେଁ, ସଡ଼କ ସୁରକ୍ଷା ଆଇନକୁ କଡ଼ାକଡ଼ି ପାଳନ ପାଇଁ କେନ୍ଦ୍ର ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ଠିକ ଭାବେ ପାଳନ କରାଯାଉନାହିଁ। ଫଳରେ ସଡ଼କ ସୁରକ୍ଷା ସଚେତନତା ପ୍ରହସନ ପାଲଟିଛି। ଅନ୍ୟପକ୍ଷେ ଦ୍ରୁତ ଗାଡ଼ିଚାଳନା, ରଙ୍ଗ ସାଇଡ୍ ଡ୍ରାଇଭିଂ, ଓଭରଲୋଡ, ଓଭରଟେକ୍, ରଙ୍ଗବେରଙ୍ଗ ହେଡ୍‌ଲାଇଟ, ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

## ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ
ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି
ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଇଏଏସ୍ ଅଫିସର ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

କଟକ,୭।୪(କାର୍ତ୍ତିକ ସାହୁ)

ସିବିଆଇ ଚଢ଼ଉ ଘଟଣାରେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଆସନ୍ତା ମେ' ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ବଢ଼ାଇ ଦେଇଛନ୍ତି। ଅନ୍ତରୀଣ ସୁରକ୍ଷା ଅବଧି ମଧ୍ୟରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆସନ୍ତା ମେ' ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଏକ ରିଅଲ ଇଷ୍ଟେଟ୍ କମ୍ପାନୀକୁ ୱାର୍କ ଅର୍ଡର ଦେବା ନିମନ୍ତେ ହୋଇଥିବା ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ସିବିଆଇ ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିବା ନେଇ ହାଇକୋର୍ଟରେ ଫେବୃଆରୀ ୨୪ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ।

# 'କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ରିପୋର୍ଟ'

କଟକ,୭।୪(କାର୍ତ୍ତିକ ସାହୁ)

**ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା**

**ହାଇକୋର୍ଟଙ୍କୁ ଅବଗତ କଲେ ରାଜ୍ୟ ସରକାର**



ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଏଭଳି ସରକାରୀ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

ସୂଚନାନୁସାରେ, ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ପୃଥକ୍ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ୨୦୨୪ ଏପ୍ରିଲ୍ ୪ ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨୯ ତାରିଖରେ ରାଜ୍ୟ ସରକାର ହାଇକୋର୍ଟରେ ଅନ୍ୟଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଗଠିତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରା ନ ଯିବାର ପ୍ରସ୍ତାବ ରଖାଯାଇଛି ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏଣୁ ଏକା ପ୍ରସଙ୍ଗରେ ଉଭୟ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ଥିବାରୁ ଏହାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ତଦନ୍ତ କମିଶନ ରିପୋର୍ଟରେ କି ତଥ୍ୟ ରହିଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କର ଜାଣିବାର ଅଧିକାର ରହିଛି। କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର କାହିଁକି ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଥିଲା। କୋଡ୍ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାଣୀ



@ ଚିନୁ



@ ରଶ୍ମିରଞ୍ଜନ




@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ହରିତ ଯୋଗ'ର ଶୁଭାରମ୍ଭ



କଳିଙ୍ଗ ଷ୍ଟାଡିୟମଠାରେ ଏକ ବିଶାଳ ଯୋଗ ମହୋତ୍ସବରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ସହ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର,୭।୪ (ଅଭୟ ଦାଶ)

**ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆରମ୍ଭ**

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ଯୋଗ ମହୋତ୍ସବ ଏବଂ ସାଧାରଣ ଯୋଗ ଅଭ୍ୟାସ (ସିୱାଇପି) ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ହଜାରରୁ ଅଧିକ ଯୋଗପ୍ରେମୀ ଅଂଶଗ୍ରହଣକରି ଯୋଗାଭ୍ୟାସ କରିଛନ୍ତି। କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବଙ୍କ ସମେତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ନିଶାନ୍ତ ମେହରା ଓ ଅନ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ହରିତ୍ ଯୋଗ'ର ଶୁଭାରମ୍ଭ ସହ ଔଷଧୀୟ ଚାରା ରୋପଣ ଓ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଔଷଧୀୟ ଚାରା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପରାଓ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଯୋଗ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଶ୍ରୀଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ମୋରାରଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କାଶୀନାଥ ସମାଗଣ୍ଡିଙ୍କ ନେତୃତ୍ୱରେ ଯୋଗାଭ୍ୟାସ ହୋଇଥିଲା।

## ଓଡ଼ିଆ ପକ୍ଷ: ଆଜି ରକ୍ତଦାନ ଅଭିଯାନ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯାଉଥିବାବେଳେ ମଙ୍ଗଳବାର ରକ୍ତଦାନ ଦିବସ ପାଳନ କରାଯିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଅଭିଯାନ ଦିବସ ଅନୁଷ୍ଠିତ ହେବ। ଏଥିସହ ଜିଲା ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତଭଣ୍ଡାରଗୁଡ଼ିକରେ ଶିକ୍ଷାର୍ଥୀ, ସ୍ଥାନୀୟ ଯୁବବର୍ଗ ଓ ଅନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯିବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ତଥା ଲୋକମାନଙ୍କୁ ସଚେତନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି।

## ଶିଶୁଙ୍କ ଉଚ୍ଚତା, ଓଜନ ନିରୀକ୍ଷଣରେ ସହାୟକ ହେବ ଆନ୍ଥ୍ରୋପୋମେଟିକ ଟୁଲ୍

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ଶିଶୁଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ କର୍ମଶାଳା ସୋମବାର ଆଇସିଏମ୍ଆର୍ ଅଡିଟୋରିୟମଠାରେ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ୱାଧୱାନୀ ଏଆଇ, ଆଇସିଏମ୍ଆର-ଆରଏମ୍ଆରସି ଭୁବନେଶ୍ୱର ଏବଂ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଭାଗୀତାରେ ଆୟୋଜିତ ଏହି ୫ଦିନିଆ କର୍ମଶାଳାକୁ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଦ୍‌ଘାଟନ କରିଥିଲେ। କୃତ୍ରିମ ବୁଦ୍ଧିମତା ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପିବ ଆନ୍ଥ୍ରୋପୋମୋଟିକ ଟୁଲ୍। ଏଥିସହ ଶିଶୁମାଙ୍କ କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ବୋଲି ସୂଚନା ଦିଆଯାଇଛି। କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକୋଲ ବ୍ୟବହାର କରି ଶିଶୁଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ ପାଇବେ। ଆଇସିଏମ୍ଆର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁଟ୍ରିଶନ (ଏନଆଇଏନ), ଆଇସିଏମ୍ଆର-ଆରଏମ୍ଆରସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇର ବିଶେଷଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ ତାଲିମ ଦେବେ। ଏହାପରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ପାଇଲଟ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାଗୁଡ଼ିକରେ ୩/୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ। କର୍ମଶାଳାରେ ଆଇସିଏମ୍ଆର-ଆରଏମ୍ଆର୍‌ସିର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡ. ସ୍ନେହା ନିକମ, ବୈଜ୍ଞାନିକ ଡ. ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡ. ମକରନ୍ଦ ତପସୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନ.ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଶିଶୁଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ କର୍ମଶାଳାରେ ଅତିଥିମାନେ।

## ଦୈବଜ୍ଞ ବ୍ରାହ୍ମଣଙ୍କ ଆର୍ଥିକ ସୁଧାର ପାଇଁ ଆଲୋଚନା

ପୁରୁଣା ଭୁବନେଶ୍ୱର,୭।୪(ସୁବାସ ଚନ୍ଦ୍ର ପ୍ରଧାନ)

ବୈତାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଷଷ୍ଠଦିଗ ଦୈବଜ୍ଞ ବ୍ରାହ୍ମଣ ସମିତିର ସାମାଜିକ ଏବଂ ଆର୍ଥିକ ସୁଧାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଣ୍ଡିତ ବିନୋଦ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଦୈବଜ୍ଞ ବ୍ରାହ୍ମଣ ପରିବାରର ଆର୍ଥିକ ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଭିନ୍ନ ଭିନ୍ନ ପାଞ୍ଜିରେ କେତେକ ମତାନ୍ତର ଥିବା ନେଇ ସଭ୍ୟମାନେ ପ୍ରକାଶ କରିଥିଲେ। ଏଥିପାଇଁ ପଞ୍ଜିକାରମାନଙ୍କ ସହ ଯୋଗାଯୋଗ କରିବାକୁ ସମ୍ପାଦକ ପଣ୍ଡିତ ପ୍ରେମାନନ୍ଦ ସେନାପତି ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବୈତାଳେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଦ୍ୱାରିକାନାଥ ଗରାବଡୁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ପଣ୍ଡିତ ହରିହର ମହାପାତ୍ର, ରଘୁନାଥ ନାୟକ, ମନୋରଞ୍ଜନ ନାୟକ, ଖୋର୍ଦ୍ଧା ଜିଲା ସଭାପତି ପ୍ରଭାତ ପଣ୍ଡିତ, ପଣ୍ଡିତ ଭରଦ୍ୱାଜ ନାୟକ, ଭଜମନ ଗ୍ରହାଚାର୍ଯ୍ୟ, ତାରିଣୀ ମହାପାତ୍ର, ନରେନ୍ଦ୍ର କୁମାର ନାୟକ, ବିଚିତ୍ରାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ମୋ ସୃଷ୍ଟି-ମୋ ଦୃଷ୍ଟି' ବକ୍ତୃତାମାଳା

ଭୁବନେଶ୍ୱର, ୭।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଲେଖିକା ସଂସଦର ମାସିକ ବୈଠକ 'ମୋ ସୃଷ୍ଟି-ମୋ ଦୃଷ୍ଟି' ଶୀର୍ଷକ ପଞ୍ଚମ ବକ୍ତୃତାମାଳା ୟୁନିଟ୍-୩ ରାଜଧାନୀ କଳା ସଂସଦଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ଶକୁନ୍ତଳା ବଳିଆରସିଂହ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ଡ.କବିତା ମିଶ୍ରଙ୍କ ପୁସ୍ତକ 'ଶିଶୁ ସାହିତ୍ୟିକା' ଓ କବି ସୁଷମା ଲେଙ୍କାଙ୍କ 'ଗୀତିକବିତା' ପୁସ୍ତକର ତାତ୍ତ୍ୱିକ ମୂଲ୍ୟାୟନ କରିଥିଲେ। ଶିଶୁ ମନସ୍ତତ୍ତ୍ୱକୁ ବୁଝିବାରେ ଗାଳ୍ପିକା କବିତାଙ୍କ ଗଳ୍ପ ବେଶ୍ ଉପଯୋଗୀ ଓ କବି ସୁଷମା ଲେଙ୍କାଙ୍କ ଗୀତି କବିତାଗୁଡ଼ିକ ହୃଦୟସ୍ପର୍ଶୀ ବୋଲି ବଳିଆରସିଂହ କହିଥିଲେ। ପ୍ରଭଞ୍ଜନା ପଟ୍ଟନାୟକ ସଭା ପରିଚାଳନା ଓ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି। ଏହି ସମୟ ମଧ୍ୟରେ ମୋଟ ୨୮୧.୫ କି.ମି. ନୂତନ ରେଳଲାଇନ ଏବଂ ମଲ୍ଟି-ଟ୍ରାକିଂ ସଂଯୋଗ ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷର ୧୮୭.୨ କି.ମି. ତୁଳନାରେ ୫୦% ବୃଦ୍ଧି ହୋଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ସଫଳତାରେ ସାମିଲ ଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ମଧ୍ୟରେ ୨୨.୯୪ କି.ମି. ଦୀର୍ଘ ରେଳଲାଇନ, କିରାଣ୍ଡୁଲ-ଜଗଦଳପୁର ଦୋହରୀକରଣ ପ୍ରକଳ୍ପର ଦାନ୍ତେୱାଡା-କମଲୁର ଏବଂ ବଚେଲି-କିରାଣ୍ଡୁଲ ରେଳ ସେକ୍ସନ ମଧ୍ୟରେ ମୋଟ ୨୩.୬୪ କିମିର ରେଳଲାଇନ, ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ରେଳଲାଇନ୍ ପ୍ରକଳ୍ପର ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ଼ ମଧ୍ୟରେ ୪୦.୬୨ କି.ମି.ର ରେଳଲାଇନ, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳଲାଇନ ପ୍ରକଳ୍ପର ସୋନପୁର-ପୁରୁନାକାଟ ୭୩.୧୬ କି.ମି.ର ରେଳଲାଇନ୍, କୋଟ୍‌ଭାଲ୍‌ସା-କୋରାପୁଟ ଦୋହରୀକରଣ ପ୍ରକଳ୍ପର ଦର୍ଲିପୁଟ-ଗୋରାପୁର ମଧ୍ୟରେ ୧୨.୬୫ କିମି ରେଳଲାଇନ, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳଲାଇନ ପ୍ରକଳ୍ପର ରାଣୀତାଲ (ଭଦ୍ରକ) ଜଙ୍କ୍ସନ କ୍ୟାବିନ-ଭଦ୍ରକ ମଧ୍ୟରେ ୫ କି.ମି.ର ରେଳଲାଇନ କାର୍ଯ୍ୟକ୍ଷମ ହୋଇସାରିଛି।

ଏହା ବ୍ୟତୀତ ତାଳଚେର-ବିମଳାଗଡ଼ ନୂତନ ରେଳଲାଇନ ପ୍ରକଳ୍ପର ସମଲ-ପରାବିଲ (୬.୫୩କି.ମି.), କୋଟ୍‌ଭାଲ୍‌ସା-କୋରାପୁଟ ଦୋହରୀକରଣ ପ୍ରକଳ୍ପର ଡ଼ର୍ଲିପୁଟ-ପଦୁଆ (୯.୭୭ କି.ମି.), କରାକାଭାଲାସା-ସିମିଲିଗୁଡା (୯ କିମି) ଏବଂ ସୁକୁ-କୋରାପୁଟ (୧୧.୨୮ କିମି), ବୁଢ଼ାପଙ୍କ-ଶାଳଗାଁ ତୃତୀୟ ଓ ଚତୁର୍ଥ ଲାଇନ ପ୍ରକଳ୍ପର ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ (୨୭.୨୮ କିମି), କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପର ବାଇଗୁଡ଼ା-କାକିରିଗୁମା (୧୨.୩୯ କିମି), ଜରପଡା-ବୁଢାପଙ୍କ ତୃତୀୟ ଓ ଚତୁର୍ଥ ଲାଇନ ପ୍ରକଳ୍ପର ତାଳଚେର-ତାଳଚେର ରୋଡ଼ (୬.୫୦ କିମି), କୋରାପୁଟ-ଜଗଦଳପୁର ଦୋହରୀକରଣ ପ୍ରକଳ୍ପର ମାନବର-ଜରାତି (୯.୩୪ କିମି) ଏବଂ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପ୍ରକଳ୍ପର ବୈତରଣୀ ରୋଡ଼-ଯାଜପୁର କେନ୍ଦୁଝର ରୋଡ଼ (୧୧.୬୦ କିମି) ରେଳ ମାର୍ଗ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ନୂତନ ରେଳଲାଇନ ଓ ମଲ୍ଟି ଟ୍ରାକିଙ୍ଗ ନିର୍ମାଣ ସହ ୨୦୨୪-୨୫ରେ ରେଳ ସଂଯୋଗୀକରଣ ଉପଲବ୍ଧିଗୁଡ଼ିକ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଏକ ଭିତ୍ତିଭୂମି ଭାବରେ କାର୍ଯ୍ୟ କରିବା ସହ ସୁରକ୍ଷା, ସ୍ଥାୟିତ୍ୱତା ଏବଂ ଯାତ୍ରୀସେବା ପ୍ରତି ଧ୍ୟାନ ଦିଆଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇସିଏଆର୍ ଉପମହାନିର୍ଦ୍ଦେଶକ ହେଲେ ଅମରେଶ

କଟକ,୭।୪(କାର୍ତ୍ତିକ ସାହୁ)



ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଅନ୍ତର୍ଗତ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍ଆର୍ଆର୍ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମୁଖ୍ୟାଳୟରେ ଉପମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ବଳ ପରିଚାଳନା) ଭାବେ ନିଯୁକ୍ତି ମିଳିଛି। ଡ. ନାୟକ ଏନ୍ଆର୍ଆର୍ଆଇର ନିର୍ଦ୍ଦେଶକ ଦାୟିତ୍ୱରୁ ମୁକ୍ତ ହୋଇ ଏବେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ତାଙ୍କର ନୂତନ ଭୂମିକାର ଆରମ୍ଭ ହୋଇଥିବାବେଳେ ସେ ଆଇସିଏଆର୍ ବ୍ୟବସ୍ଥାରେ ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ରଣନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି ଜଣାପଡ଼ିଛି।

# ଆଇଏଏସ୍ ଅଫିସର ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

କଟକ,୭।୪(କାର୍ତ୍ତିକ ସାହୁ)

ସିବିଆଇ ଚଢ଼ଉ ଘଟଣାରେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଆସନ୍ତା ମେ' ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଅନ୍ତରୀଣ ସୁରକ୍ଷାକୁମଧ୍ୟ ବଢ଼ାଇ ଦେଇଛନ୍ତି। ଅନ୍ତରୀଣ ସୁରକ୍ଷା ଅବଧି ମଧ୍ୟରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆସନ୍ତା ମେ' ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଏକ ରିୟଲ ଇଷ୍ଟେଟ୍ କମ୍ପାନୀକୁ ୱାର୍କ ଅର୍ଡର ଦେବା ନିମନ୍ତେ ହୋଇଥିବା ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ସିବିଆଇ ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିବା ନେଇ ହାଇକୋର୍ଟରେ ଫେବୃଆରୀ ୨୪ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ।

# 'କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ରିପୋର୍ଟ'

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା

### ହାଇକୋର୍ଟଙ୍କୁ ଅବଗତ କଲେ ରାଜ୍ୟ ସରକାର



କଟକ,୭।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଏଭଳି ସରକାରୀ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

ସୂଚନାନୁସାରେ, ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ପୃଥକ୍ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ୨୦୨୪ ଏପ୍ରିଲ୍ ୪ ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨୯ ତାରିଖରେ ରାଜ୍ୟ ସରକାର ହାଇକୋର୍ଟରେ ଅନ୍ୟଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଗଠିତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରା ନ ଯିବାର ପ୍ରସ୍ତାବ ରଖାଯାଇଛି ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏଣୁ ଏକା ପ୍ରସଙ୍ଗରେ ଉଭୟ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ଥିବାରୁ ଏହାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ତଦନ୍ତ କମିଶନ ରିପୋର୍ଟରେ କି ତଥ୍ୟ ରହିଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କର ଜାଣିବାର ଅଧିକାର ରହିଛି। କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର କାହିଁକି ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଥିଲା। କୋଡ୍ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।

# 'ହରିତ୍ ଯୋଗ'ର ଶୁଭାରମ୍ଭ



କଳିଙ୍ଗ ଷ୍ଟାଡିୟମଠାରେ ଏକ ବିଶାଳ ଯୋଗ ମହୋତ୍ସବରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ସହ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି। (ଫଟୋ-ବିକାଶ ନାୟକ)

## ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆରମ୍ଭ

ଭୁବନେଶ୍ୱର,୭।୪

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ଯୋଗ ମହୋତ୍ସବ ଏବଂ ସାଧାରଣ ଯୋଗ ଅଭ୍ୟାସ (ସିୱାଇପି) ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ହଜାରରୁ ଅଧିକ ଯୋଗପ୍ରେମୀ ଅଂଶଗ୍ରହଣକରି ଯୋଗାଭ୍ୟାସ କରିଛନ୍ତି। କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବଙ୍କ ସମେତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ନିଶାନ୍ତ ମେହରା ଓ ଅନ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ହରିତ୍ ଯୋଗ'ର ଶୁଭାରମ୍ଭ ସହ ଔଷଧୀୟ ଚାରା ରୋପଣ ଓ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଔଷଧୀୟ ଚାରା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପରାଓ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଯୋଗ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଶ୍ରୀଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ମୋରାରଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କାଶୀନାଥ ସମାଗଣ୍ଡିଙ୍କ ନେତୃତ୍ୱରେ ଯୋଗାଭ୍ୟାସ ହୋଇଥିଲା।

# ଓଡ଼ିଆ ପକ୍ଷ: ଆଜି ରକ୍ତଦାନ ଅଭିଯାନ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯାଉଥିବାବେଳେ ମଙ୍ଗଳବାର ରକ୍ତଦାନ ଦିବସ ପାଳନ କରାଯିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଅଭିଯାନ ଦିବସ ଅନୁଷ୍ଠିତ ହେବ। ଏଥିସହ ଜିଲା ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତଭଣ୍ଡାରଗୁଡ଼ିକରେ ଶିକ୍ଷାର୍ଥୀ, ସ୍ଥାନୀୟ ଯୁବବର୍ଗ ଓ ଅନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯିବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ତଥା ଲୋକମାନଙ୍କୁ ସଚେତନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି।

# ମଦ ଜବତ, ୨ ଗିରଫ

ଚୌଦ୍ୱାର,୭।୪(ଆଶୁତୋଷ ଦାସ)

ମଦ ଚୋରା ଚାଲାଣ ଘଟଣାରେ ଚୌଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ କଂସରା ଗ୍ରାମର ସ୍ୱାଧୀନ ବେହେରା ଓ ଡାଲୁଅ ଗ୍ରାମର ରାଜା ନାୟକ। ସେମାନଙ୍କ ନିକଟରୁ ୪୪ ଲିଟର ମଦ ଏବଂ ଏକ ଗାଡ଼ି ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଖୁଣ୍ଟୁଣୀ ଅଞ୍ଚଳରୁ ମଦ ଆଣି ଚୌଦ୍ୱାର ଅଞ୍ଚଳକୁ ବିକ୍ରି ପାଇଁ ଆସୁଥିବାବେଳେ ବାଣୀପଦାଠାରେ ପୋଲିସ ପାଟ୍ରୋଲିଂ ଟିମ୍ ସେମାନଙ୍କୁ କାବୁ କରିଥିଲା।

# ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ନ କରି ଫେରିଗଲେ ପୂଜା କମିଟି କର୍ମକର୍ତ୍ତା



ଅପରିଷ୍କାର ହୋଇପଡ଼ିଥିବା ଅସ୍ଥାୟୀ ପୋଖରୀ ପାଣି।

## ଅସ୍ଥାୟୀ ପୋଖରୀ ପାଣି ଅପରିଷ୍କାର

କଟକ, ୭।୪ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଦେବୀଗଡ଼ାରେ ସୋମବାର ରାତିରେ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଦ୍ୱାରା ଖୋଳାଯାଇଥିବା ଅସ୍ଥାୟୀ ପୋଖରୀ ପାଣି ଅପରିଷ୍କାର ଓ ଦୁର୍ଗନ୍ଧ ହେଉଥିବାରୁ ପୂଜା କମିଟି କର୍ମକର୍ତ୍ତା ମୂର୍ତ୍ତି ବିସର୍ଜନ ନ କରି ଫେରିଯାଇଛନ୍ତି।

ସୂଚନାନୁଯାୟୀ, ବାସନ୍ତୀ ଦୁର୍ଗାପୂଜା ପରେ ଦେବୀଗଡ଼ାଠାରେ ମା'ଙ୍କ ମୂର୍ତ୍ତି ବିସର୍ଜନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରଥମେ ଭାରତମାତା ପୂଜା କମିଟି ପକ୍ଷରୁ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ପରେ ଅନ୍ୟ ୩ଟି ପୂଜା କମିଟିର ମୂର୍ତ୍ତି ବିସର୍ଜନ ପାଇଁ ଦେବୀଗଡ଼ାରେ ପହଞ୍ଚିଥିଲା। ହେଲେ ପୋଖରୀ ପାଣି ଅପରିଷ୍କାର ସହ ଦୁର୍ଗନ୍ଧ ହେଉଥିବାରୁ ଜଉଳିଆପଟି ପୂଜା କମିଟି କର୍ମକର୍ତ୍ତା ବିସର୍ଜନ ନ କରି ମୂର୍ତ୍ତି ନେଇ ଫେରିଯାଇଥିଲେ। ସେହିପରି ଅନ୍ୟ ଏକ ପୂଜା କମିଟିର କର୍ମକର୍ତ୍ତା ବିଳମ୍ବିତ ରାତି ପର୍ଯ୍ୟନ୍ତ ମୂର୍ତ୍ତି ବିସର୍ଜନ କରି ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ଶିଖରପୁର ଓ ମାଛୁଆବଜାର ପୂଜା କମିଟିର ମୂର୍ତ୍ତି ମହାନଦୀରେ ବିସର୍ଜନ କରାଯାଇଥିଲା।

# ଆଇସିଏଆର୍ ଉପମହାନିର୍ଦ୍ଦେଶକ ହେଲେ ଅମରେଶ

କଟକ,୭।୪(କାର୍ତ୍ତିକ ସାହୁ)



ଡ. ଅମରେଶ କୁମାର ନାୟକ

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଅନ୍ତର୍ଗତ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମୁଖ୍ୟାଳୟରେ ଉପମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ବଳ ପରିଚାଳନା) ଭାବେ ନିଯୁକ୍ତି ମିଳିଛି। ଡ. ନାୟକ ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଦାୟିତ୍ୱରୁ ମୁକ୍ତ ହୋଇ ଏବେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ତାଙ୍କର ନୂତନ ଭୂମିକାର ଆରମ୍ଭ ହୋଇଥିବାବେଳେ ସେ ଆଇସିଏଆର୍ ବ୍ୟବସ୍ଥାରେ ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ରଣନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି ଜଣାପଡିଛି।

## ଡ୍ରିମ୍‌ସ ମେଡିକାଲ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

# 'ସ୍ୱାସ୍ଥ୍ୟର ଯତ୍ନ ବଡ଼ ଆହ୍ୱାନ'




ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କଟକ,୭।୪(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଓ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଡାକ୍ତରୀ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇ ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟର ଯତ୍ନ ଆମ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ବୋଲି କହିଥିଲେ। କମ୍ୟୁନିଟି ମେଡିସିନ୍ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓଡ଼ିଶା ଶାଖାର ନିରୀକ୍ଷଣ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀପକ କର ଓ ୟୁନିସେଫ୍‌ର ପରାମର୍ଶଦାତା ଡା. ରୁଦ୍ର ଦାସ ଯୋଗଦେଇ ଚଳିତବର୍ଷର ଥିମ୍ ସୁସ୍ଥତାରୁ ଜୀବନ ଆରମ୍ଭ ଓ ଭବିଷ୍ୟତ ଆଶା ପୂରଣର ପ୍ରାସଙ୍ଗିକତା ସମ୍ପର୍କରେ ବର୍ଣ୍ଣନା କରି ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଡିନ୍ ପ୍ରଫେସର ଡ. ବିରଞ୍ଚି ନାରାୟଣ ମହାପାତ୍ର ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଡା. ରଶ୍ମି ରଞ୍ଜନ ବାରିକ, ଡା. ପ୍ରତୀକ୍ ରଞ୍ଜନ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଡା. ନଳିନୀକାନ୍ତ ତ୍ରିପାଠୀ, ଡା. ବୁଲୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୭ ଦଫା ଦାବିନେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ମଙ୍ଗୁଳି-ଜଗତପୁର, ୭।୪
(ମାନସ ସାମଲ)

୭ ଦଫା ଦାବି ନେଇ ଟାଙ୍ଗୀ- ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ସୋମବାର ଗଣଧାରଣା ଦିଆଯାଇଥିଲା। ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ସମ୍ପାଦକ ରମେଶ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଧାରଣାରେ ସାମିଲ ହୋଇ ସରକାରଙ୍କ ଦୋମୁହାଁ ନୀତି ବିରୋଧରେ ନାରାବାଜି ଦେଇଥିଲେ। କଟକ ଜିଲା ସହକାରୀ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହିତ ୭ ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ ସରକାର ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନ କରନ୍ତୁ, ବାଦ୍ ପଡିଥିବା ହିତାଧିକାରୀଙ୍କ ନାମ ରାଶନ କାର୍ଡରେ ଯୋଡିବା, ଦିବ୍ୟାଙ୍ଗ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ଓ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ତ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସହକାରୀ ଯୋଗାଣ ଅଧିକାରୀ ମହାନ୍ତି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଉମ୍ବରୁଧର ସାହୁ, ଜୟ ସିଂ, ସୁରେନ୍ଦ୍ର ସାହୁ, ଚନ୍ଦ୍ରମୋହନ ମାଝୀ, ମୁକୁନ୍ଦ କୁଇଡାଲଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ଜନସାଧାରଣ ଧାରଣାରେ ସାମିଲ ହୋଇଥିଲେ।




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ୍) କର୍ମୀ ଧାରଣାରେ ବସିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଣୀ



@ ଚିନୁ



@ ରଶ୍ମିରଞ୍ଜନ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ନିଖୋଜ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର**

ବଳଙ୍ଗା,୭।୪(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଞ୍ଚଳରୁ ଗତ ୪ ତାରିଖରେ ଜଣେ ୧୬ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୬୮/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଏସ୍ଆଇ କେଦାରଚନ୍ଦ୍ର ଦୋରାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ରବିବାର ରାତିରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅଞ୍ଚଳରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଛି। ତାଙ୍କୁ ଓଡ଼ିଶା ଫେରାଇ ଅଣାଯାଉଥିବା ଜଣାପଡ଼ିଛି।

## ଆଇଏଏସ୍ ଅଫିସର ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

କଟକ,୭।୪(କାର୍ତ୍ତିକ ସାହୁ)

ସିବିଆଇ ଚଢ଼ଉ ଘଟଣାରେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଆସନ୍ତା ମେ' ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଅନ୍ତରୀଣ ସୁରକ୍ଷାକୁ ମଧ ବଢ଼ାଇ ଦେଇଛନ୍ତି। ଅନ୍ତରୀଣ ସୁରକ୍ଷା ଅବଧି ମଧ୍ୟରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆସନ୍ତା ମେ' ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଏକ ରିୟଲ ଇଷ୍ଟେଟ୍ କମ୍ପାନୀକୁ ୱାର୍କ ଅର୍ଡର ଦେବା ନିମନ୍ତେ ହୋଇଥିବା ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ସିବିଆଇ ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିବା ନେଇ ହାଇକୋର୍ଟରେ ଫେବୃଆରୀ ୨୪ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ।

# 'କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ରିପୋର୍ଟ'

**ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା**

**ହାଇକୋର୍ଟଙ୍କୁ ଅବଗତ କଲେ ରାଜ୍ୟ ସରକାର**



କଟକ,୭।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଏଭଳି ସରକାରୀ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

ସୂଚନାନୁସାରେ, ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ପୃଥକ୍ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ୨୦୨୪ ଏପ୍ରିଲ୍ ୪ ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨୯ ତାରିଖରେ ରାଜ୍ୟ ସରକାର ହାଇକୋର୍ଟରେ ଅନ୍ୟଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଗଠିତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରା ନ ଯିବାର ପ୍ରସ୍ତାବ ରଖାଯାଇଛି ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏଣୁ ଏକା ପ୍ରସଙ୍ଗରେ ଉଭୟ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ଥିବାରୁ ଏହାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ତଦନ୍ତ କମିଶନ ରିପୋର୍ଟରେ କି ତଥ୍ୟ ରହିଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କର ଜାଣିବାର ଅଧିକାର ରହିଛି। କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର କାହିଁକି ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଥିଲା। କୋଡ୍ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।

# 'ହରିତ୍ ଯୋଗ'ର ଶୁଭାରମ୍ଭ



କଳିଙ୍ଗ ଷ୍ଟାଡିୟମଠାରେ ଏକ ବିଶାଳ ଯୋଗ ମହୋତ୍ସବରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ସହ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର,୭।୪

**ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆରମ୍ଭ**

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ଯୋଗ ମହୋତ୍ସବ ଏବଂ ସାଧାରଣ ଯୋଗ ଅଭ୍ୟାସ (ସିୱାଇପି) ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ହଜାରରୁ ଅଧିକ ଯୋଗପ୍ରେମୀ ଅଂଶଗ୍ରହଣକରି ଯୋଗାଭ୍ୟାସ କରିଛନ୍ତି। କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବଙ୍କ ସମେତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ନିଶାନ୍ତ ମେହରା ଓ ଅନ୍ୟମାନେ ମଧ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ହରିତ୍ ଯୋଗ'ର ଶୁଭାରମ୍ଭ ସହ ଔଷଧୀୟ ଚାରା ରୋପଣ ଓ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଔଷଧୀୟ ଚାରା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପରାଓ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଯୋଗ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଶ୍ରୀଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ମୋରାରଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କାଶୀନାଥ ସମାଗଣ୍ଡିଙ୍କ ନେତୃତ୍ୱରେ ଯୋଗାଭ୍ୟାସ ହୋଇଥିଲା।

## 'ଜଙ୍ଗଲ ଜମିକୁ ପରିବେଶ ମଞ୍ଜୁରୀ ପରେ କାର୍ଯ୍ୟ ଆରମ୍ଭ ହେବ'

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)

**ପ୍ରସ୍ତାବିତ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ**

**■ ୯ରେ ଷଣ୍ଢପୁର, ୧୧ରେ ସିପସରୁବାଲି ମୌଜାରେ ଜନଶୁଣାଣି**

ସିପସରୁବାଲି ମୌଜାରେ ପ୍ରସ୍ତାବିତ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ଆବଶ୍ୟକୀୟ ୧୧୬୪ ଏକର ଜମି ମଧ୍ୟରେ ୬୮ ଏକର ଜଙ୍ଗଲ ଜମି ରହିଛି। ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ ପରେ ପ୍ରସ୍ତାବିତ ବିମାନବନ୍ଦର ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପରିବେଶ ପରାମର୍ଶଦାତା କମିଟିର ୪ଜଣିଆ ଟିମ୍ ଗତ ୫ ତାରିଖରେ କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନଙ୍କୁ ପ୍ରକଳ୍ପ ସହ ଜଡ଼ିତ ସରକାରୀ ଅଧିକାରୀ ସମସ୍ତ ତଥ୍ୟ ଦେଇଛନ୍ତି। ପରିବେଶ ଉପରେ କ'ଣ ପ୍ରଭାବ ରହିବ, ଜଙ୍ଗଲ ପରିମାଣ ଓ ପ୍ରକାର ଭେଦ, ଜୈବ ବିବିଧତା ଉପରେ ପ୍ରଭାବ ଆଦି ବିଭିନ୍ନ ଦିଗକୁ ନେଇ ଟିମ୍ ସଦସ୍ୟମାନେ ବୈଠକ କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଆସନ୍ତା ୯ ଓ ୧୧ ତାରିଖରେ ପ୍ରସ୍ତାବିତ ପ୍ରଥମ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ଷଣ୍ଢପୁର ଏବଂ ସିପସରୁବାଲି ମୌଜାରେ ପୁନର୍ବାସ ଓ ପୁନଃ ଥଇଥାନ ଧାରା ୧୬ ଅନୁଯାୟୀ ଜନଶୁଣାଣି ହେବ।

ଏହି ପ୍ରକଳ୍ପ ଦ୍ୱାରା ଖୁବ୍ କମ୍ ଲୋକ ବିସ୍ଥାପିତ ହେବେ। ବିସ୍ଥାପିତ ହେବାକୁ ଥିବା ଲୋକେ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ପୁନଃ ଥଇଥାନ ଯୋଜନା ଅନୁଯାୟୀ କ୍ଷତିପୂରଣ ପାଇବା ସହ ଥଇଥାନ ହେବେ। ପ୍ରସ୍ତାବିତ ବିମାନବନ୍ଦର ପାଇଁ ଆବଶ୍ୟକୀୟ ୧୧୬୪ ଏକର ଜମି ମଧ୍ୟରୁ ୬୮ ଏକର ଜଙ୍ଗଲ ଜମି ରହିଛି। ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ ପରେ ପ୍ରସ୍ତାବିତ ବିମାନବନ୍ଦର ପାଇଁ କାର୍ଯ୍ୟ ଆରମ୍ଭ ହେବ। ତେବେ ୨୨୧ ଏକର ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପରିବେଶ ପରାମର୍ଶଦାତା କମିଟି ପୁରୀ ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ଠାରୁ ମଧ ତଥ୍ୟ ସଂଗ୍ରହ କରିଛନ୍ତି। ତେବେ ପ୍ରୋସେସ୍ ଅନୁଯାୟୀ କମିଟି କାର୍ଯ୍ୟ କରିବ। ଉକ୍ତ ପ୍ରକଳ୍ପ ଦ୍ୱାରା ବହୁ କମ୍ ଲୋକ ପୁନର୍ବାସ ଓ ଥଇଥାନ ହେବେ। ତେବେ ଯେଉଁମାନଙ୍କ ଜମି ଯିବ, ସେମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ। ଆଗକୁ ଜନଶୁଣାଣି କରାଯିବ। ଏଥିରେ କ୍ଷତିଗ୍ରସ୍ତ ଲୋକେ ଯୋଗଦେବା ସହ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।

## ଆମ୍ବୁଲାନ୍ସରେ ଲାଗିଲା ନିଆଁ

ପିପିଲି,୭।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ରୋଗୀଙ୍କୁ ନେଇ ଭୁବନେଶ୍ୱର ମେଡିକାଲ ଯାଉଥିବା ବେଳେ ଆମ୍ବୁଲାନ୍ସରେ ନିଆଁ ଲାଗିଥିବା ଜଣାପଡ଼ିଛି। ଶର୍ଟ ସର୍କିଟ ଯୋଗୁ ଆମ୍ବୁଲାନ୍ସରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ରୋଗୀ, ତାଙ୍କ ସମ୍ପର୍କୀୟ ଓ ଆମ୍ବୁଲାନ୍ସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଡେଲାଙ୍ଗ ହସ୍ପିଟାଲରୁ ମୁନିନ୍ଦା ଗ୍ରାମର ଜଣେ ସାପ କାମୁଡ଼ା ବ୍ୟକ୍ତିଙ୍କୁ ଭୁବନେଶ୍ୱର ନେଇ ଯାଉଥିବା ବେଳେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପିପିଲି ସେଲ୍‌ଫି ପଏଣ୍ଟଠାରେ ଆମ୍ବୁଲାନ୍ସରେ ହଠାତ୍ ନିଆଁ ବାହାରିବାରୁ ଡ୍ରାଇଭର ଗାଡ଼ି ରଖି ବାହାରକୁ ଆସିଥିଲେ। ପରେ ଅନ୍ୟ ଏକ ଆମ୍ବୁଲାନ୍ସରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ଖବରପାଇ ପିପିଲି ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଆମ୍ବୁଲାନ୍ସରେ ହଠାତ୍ ନିଆଁ ଲାଗିଯିବା ଘଟଣା ରୋଗୀଙ୍କ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ସାଧାରଣରେ ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଳରାମ ଦାସ ସମ୍ବର୍ଦ୍ଧିତ

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ ପାଉଥିବା 'ଶ୍ରୀମନ୍ଦିର' ପତ୍ରିକାର ସମ୍ପାଦନାମଣ୍ଡଳୀ ସଦସ୍ୟ ଡ. ବଳରାମ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସୋମବାର ଡ. ଦାସଙ୍କ ସର୍ବୋଦୟନଗରସ୍ଥିତ ବାସଭବନକୁ ଯାଇ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଡ. ଦାସଙ୍କ ସ୍ୱାସ୍ଥ୍ୟ ବିଷୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଓ ସଂସ୍କୃତି ପ୍ରଚାର ପ୍ରସାର ବିଭାଗର ସ୍ୱତନ୍ତ୍ର ପଦାଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ମହାନ୍ତି ଏବଂ ସଂସ୍କୃତି ପ୍ରଚାର ପ୍ରସାର ଉପବିଭାଗ ବରିଷ୍ଠ କନ୍ଧୁ ସହାୟକ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବାଣୀ



@ ଚିନୁ



@ ରଶ୍ମିରଞ୍ଜନ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଆ ପକ୍ଷ: ଆଜି ରକ୍ତଦାନ ଅଭିଯାନ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯାଉଥିବାବେଳେ ମଙ୍ଗଳବାର ରକ୍ତଦାନ ଦିବସ ପାଳନ କରାଯିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଅଭିଯାନ ଦିବସ ଅନୁଷ୍ଠିତ ହେବ। ଏଥିସହ ଜିଲା ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତଭଣ୍ଡାରଗୁଡିକରେ ଶିକ୍ଷାର୍ଥୀ, ସ୍ଥାନୀୟ ଯୁବବର୍ଗ ଓ ଅନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯିବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ତଥା ଲୋକମାନଙ୍କୁ ସଚେତନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି।

## ଆଇସିଏଆର୍ ଉପମହାନିର୍ଦ୍ଦେଶକ ହେଲେ ଅମରେଶ

କଟକ,୭।୪(କାର୍ତ୍ତିକ ସାହୁ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଅନ୍ତର୍ଗତ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍ଆର୍ଆର୍ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମୁଖ୍ୟାଳୟରେ ଉପମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ବଳ ପରିଚାଳନା) ଭାବେ ନିଯୁକ୍ତି ମିଳିଛି। ଡ. ନାୟକ ଏନ୍ଆର୍ଆର୍ଆଇର ନିର୍ଦ୍ଦେଶକ ଦାୟିତ୍ୱରୁ ମୁକ୍ତ ହୋଇ ଏବେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ତାଙ୍କର ନୂତନ ଭୂମିକାର ଆରମ୍ଭ ହୋଇଥିବାବେଳେ ସେ ଆଇସିଏଆର୍ ବ୍ୟବସ୍ଥାରେ ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ରଣନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି ଜଣାପଡିଛି।

# ସମାଧାନ ହୋଇପାରୁନି ଅଭିଯୋଗ

ଅସ୍ତରଙ୍ଗ,୭।୪(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ଆସୁନାହାନ୍ତି ଜିଲାପାଳ**

ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଓ ଉପଜିଲାପାଳ ରାଜକିଶୋର ଜେନା ଯୋଗଦେଇଥିଲେ। ଆଳସାହି ପଞ୍ଚାୟତର ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗର ୩ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ନିର୍ମାଣ କାର୍ଯ୍ୟ ସରିଥିଲେ ମଧ ଆଜି ପର୍ଯ୍ୟନ୍ତ ବିଲ ହେଉନାହିଁ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟ ଅଭିଯୋଗ କରିଥିଲେ। ପରେ ଅନ୍ତ୍ୟୋଦୟ ଯୋଜନାରେ ବାସ ଗୃହ, ଭିନ୍ନକ୍ଷମ ଭତ୍ତାରେ ଅନିୟମିତତା ଆଦି ବିଭିନ୍ନ ବିଭାଗର ମାତ୍ର ୩୭ଟି ଅଭିଯୋଗ ଗ୍ରହଣ ହୋଇଥିଲା। ଗ୍ରାମାଞ୍ଚଳର ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲେ ଜନସାଧାରଣ ଅବଗତ ହୋଇ ସେମାନଙ୍କ ଅଭିଯୋଗ ଦାଖଲ କରିଥାନ୍ତେ। ପୂର୍ବରୁ ହୋଇଥିବା ଜନଶୁଣାଣୀର କୌଣସି ଗୋଟିଏ ହେଲେ ସମସ୍ୟା ସମାଧାନ ହୋଇ ନ ଥିବା ସମିତି ସଭ୍ୟ ରାମଚନ୍ଦ୍ର ନାୟକ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସେହିପରି ଅସ୍ତରଙ୍ଗ ପଞ୍ଚାୟତରେ ସରକାରୀ ଚାକିରିରୁ ଅବସର ଗ୍ରହଣ ପରେ ସ୍ୱାମୀ ପେନସନ ପାଉଥିବାବେଳେ ସ୍ତ୍ରୀ ଭତ୍ତା ପାଉଛନ୍ତି। ଭତ୍ତା ପ୍ରଦାନରେ ଅନିୟମିତତା ହୋଇଥିବା ଅସ୍ତରଙ୍ଗର ପବିତ୍ର ବସ୍ତିଆ ଅଭିଯୋଗ ପତ୍ର ଦେଇଥିଲେ। ଜନଶୁଣାଣିରେ କୌଣସି ସମସ୍ୟାର ସମାଧାନ ହେଉ ନ ଥିବାରୁ ଜନସାଧାରଣ ଆସିବାକୁ ଅନିଚ୍ଛା ପ୍ରକାଶ କରୁଥିବା କେତେଜଣ ଅଭିଯୋଗକାରୀ ପ୍ରକାଶ କରିଥିଲେ। ଗତ ଥର ଅପେକ୍ଷା ଏଥର ୨୦ଟି କମ୍ ଅଭିଯୋଗକାରୀ ଅଭିଯୋଗ କରିଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁପ୍ରସାଦ ପତି, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମଣ୍ଡଳ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ବ୍ଲକ ଅଧ୍ୟକ୍ଷା ଆରତି ନାୟକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଥାନା ନିରୀକ୍ଷକ ରାଜେଶ ବଳିୟାରସିଂ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଜନଶୁଣାଣିରେ ଯୋଗଦେଇଥିଲେ।



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଏବଂ ଅନ୍ୟ ଅଧିକାରୀମାନେ।

## 'ସୁସ୍ଥ ସମାଜ ଗଠନରେ ସମସ୍ତଙ୍କ ଭୂମିକା ଜରୁରୀ'

ପୁରୀ,୭।୪(ଅଜିତ କୁମାର ମହାନ୍ତି)

**ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ବର୍ଷ ପାଇଁ ବାର୍ତ୍ତା ହେଉଛି 'ସୁସ୍ଥ ଅୟମାରମ୍ଭ, ଆଶାଦୀପ୍ତ ଭବିଷ୍ୟତ'। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସମସ୍ତଙ୍କର ଭୂମିକା ଜରୁରୀ ବୋଲି କହିଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ କହିଥିଲେ, ସରକାରୀ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ। ତେଣୁ ସମସ୍ତେ ଏସବୁର ଫାଇଦା ଉଠାଇବା ଦରକାର। ସେହିପରି ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ବାସୁଦେବ ମହାପାତ୍ର କହିଥିଲେ, ଗର୍ଭବତୀ ମା' ପାଇଁ ପରିବାରରେ ସମସ୍ତେ ଯତ୍ନବାନ ହେବା ସହ ଉପଯୁକ୍ତ ସମୟରେ ଡାକ୍ତର ପରାମର୍ଶ ନେବା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦରକାର। ଶିଶୁ ବିଭାଗର ବରିଷ୍ଠ ଡାକ୍ତର ସୂର୍ଯ୍ୟନାରାୟଣ ମିଶ୍ର କହିଥିଲେ, ଶିଶୁଙ୍କୁ କୁପୋଷଣରୁ ରକ୍ଷା କରିବା ନିହାତି ଦରକାର। ତେଣୁ କେବଳ ସରକାରୀ ସୁବିଧା ଅଥବା ବଜାରରେ ମିଳୁଥିବା ପ୍ୟାକେଟ ଖାଦ୍ୟ ଉପରେ ନିର୍ଭର ନ କରି ପ୍ରତ୍ୟେକ ପରିବାର ଶିଶୁ ଉପଯୋଗୀ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବାହିତ ରୋଗ) ଡା. ବିନୋଦ ବିହାରୀ ରଥ, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ) ଡା. ଲଲାଟେନ୍ଦୁ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ପବିତ୍ର ମୋହନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ପ୍ରିନ୍ସିପାଲ ନୟନା ସାମଲ, ଡିପିଏମ୍ ଟି. ନାରାୟଣ ରାଓ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର ସନ୍ଦୀପ ବରଣ ଓଝା, ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ କୁମାର ପଣ୍ଡା ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ପ୍ରଶିକ୍ଷିକାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ।

## ଆଇଏଏସ୍ ଅଫିସର ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

କଟକ,୭।୪(କାର୍ତ୍ତିକ ସାହୁ)

ସିବିଆଇ ଚଢ଼ଉ ଘଟଣାରେ ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଆସନ୍ତା ମେ' ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଅନ୍ତରୀଣ ସୁରକ୍ଷାକୁମଧ୍ୟ ବଢ଼ାଇ ଦେଇଛନ୍ତି। ଅନ୍ତରୀଣ ସୁରକ୍ଷା ଅବଧି ମଧ୍ୟରେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆସନ୍ତା ମେ' ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଏକ ରିୟଲ ଇଷ୍ଟେଟ୍ କମ୍ପାନୀକୁ ୱାର୍କ ଅର୍ଡର ଦେବା ନିମନ୍ତେ ହୋଇଥିବା ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ସିବିଆଇ ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିବା ନେଇ ହାଇକୋର୍ଟରେ ଫେବୃଆରୀ ୨୪ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ।

# 'କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ ରିପୋର୍ଟ'

**ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ମାମଲା**

**ହାଇକୋର୍ଟଙ୍କୁ ଅବଗତ କଲେ ରାଜ୍ୟ ସରକାର**



କଟକ,୭।୪(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କିତ ମାମଲାର ଶୁଣାଣି ହାଇକୋର୍ଟରେ ସୋମବାର ହୋଇଛି। ତଦନ୍ତ କମିଶନଙ୍କ ରିପୋର୍ଟ ରାଜ୍ୟ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ଏଭଳି ସରକାରୀ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି।

ସୂଚନାନୁସାରେ, ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ପୃଥକ୍ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ୨୦୨୪ ଏପ୍ରିଲ୍ ୪ ତାରିଖରେ ଦାଖଲ କରାଯାଇଥିବା ସତ୍ୟପାଠରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨୯ ତାରିଖରେ ରାଜ୍ୟ ସରକାର ହାଇକୋର୍ଟରେ ଅନ୍ୟଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଗଠିତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରା ନ ଯିବାର ପ୍ରସ୍ତାବ ରଖାଯାଇଛି ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ଏଣୁ ଏକା ପ୍ରସଙ୍ଗରେ ଉଭୟ ସତ୍ୟପାଠକୁ ନେଇ ଦ୍ୱନ୍ଦ୍ୱ ଥିବାରୁ ଏହାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଦର୍ଶାଇ ଆବେଦନକାରୀ ଦିଲୀପ ବରାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ଆବେଦନରେ ଦର୍ଶାଇଥିଲେ, ତଦନ୍ତ କମିଶନ ରିପୋର୍ଟରେ କି ତଥ୍ୟ ରହିଛି ସେ ସମ୍ପର୍କରେ ସାଧାରଣ ଲୋକଙ୍କର ଜାଣିବାର ଅଧିକାର ରହିଛି। କମିଶନ ନିମନ୍ତେ ସରକାରୀ ରାଜକୋଷରୁ ଅର୍ଥ ବିନିଯୋଗ ହୋଇଛି। ତେଣୁ ରାଜ୍ୟ ସରକାର କାହିଁକି ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି ବୋଲି ମାମଲାରେ ଦର୍ଶାଯାଇଥିଲା। କୋଡ୍ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଜଷ୍ଟିସ୍ ରଘୁବୀର ଦାସ ତଦନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା।

# 'ହରିତ୍ ଯୋଗ'ର ଶୁଭାରମ୍ଭ



କଳିଙ୍ଗ ଷ୍ଟାଡିୟମଠାରେ ଏକ ବିଶାଳ ଯୋଗ ମହୋତ୍ସବରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ସହ ଅନ୍ୟମାନେ ଯୋଗାଭ୍ୟାସ କରୁଛନ୍ତି। **(ଫଟୋ–ବିକାଶ ନାୟକ)**

ଭୁବନେଶ୍ୱର,୭।୪(ଅଭୟ ଦାଶ)

**ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆରମ୍ଭ**

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସୋମବାର ଯୋଗ ମହୋତ୍ସବ ଏବଂ ସାଧାରଣ ଯୋଗ ଅଭ୍ୟାସ (ସିୱାଇପି) ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ହଜାରରୁ ଅଧିକ ଯୋଗପ୍ରେମୀ ଅଂଶଗ୍ରହଣକରି ଯୋଗାଭ୍ୟାସ କରିଛନ୍ତି। କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବଙ୍କ ସମେତ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ନିଶାନ୍ତ ମେହେରା ଓ ଅନ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ହରିତ୍ ଯୋଗ'ର ଶୁଭାରମ୍ଭ ସହ ଔଷଧୀୟ ଚାରା ରୋପଣ ଓ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଔଷଧୀୟ ଚାରା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଯାଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପରାଓ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଯୋଗ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଶ୍ରୀଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ମୋରାରଜି ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କାଶୀନାଥ ସମାଗଣ୍ଡିଙ୍କ ନେତୃତ୍ୱରେ ଯୋଗାଭ୍ୟାସ ହୋଇଥିଲା।

## ଓଡ଼ିଆ ପକ୍ଷ: ଆଜି ରକ୍ତଦାନ ଅଭିଯାନ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ କରାଯାଉଥିବାବେଳେ ମଙ୍ଗଳବାର ରକ୍ତଦାନ ଦିବସ ପାଳନ କରାଯିବ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଅଭିଯାନ ଦିବସ ଅନୁଷ୍ଠିତ ହେବ। ଏଥିସହ ଜିଲା ସଦର ମହକୁମାରେ ଅବସ୍ଥିତ ମହାବିଦ୍ୟାଳୟ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ/ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଅଧୀନରେ ଥିବା ରକ୍ତଭଣ୍ଡାରଗୁଡ଼ିକରେ ଶିକ୍ଷାର୍ଥୀ, ସ୍ଥାନୀୟ ଯୁବବର୍ଗ ଓ ଅନ୍ୟ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯିବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ତଥା ଲୋକମାନଙ୍କୁ ସଚେତନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି।

## ଆଇସିଏଆର୍ ଉପମହାନିର୍ଦ୍ଦେଶକ ହେଲେ ଅମରେଶ

କଟକ,୭।୪(କାର୍ତ୍ତିକ ସାହୁ)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଅନ୍ତର୍ଗତ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମୁଖ୍ୟାଳୟରେ ଉପମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ବଳ ପରିଚାଳନା) ଭାବେ ନିଯୁକ୍ତି ମିଳିଛି। ଡ. ନାୟକ ଏନ୍‌ଆର୍‌ଆର୍‌ଆଇର ନିର୍ଦ୍ଦେଶକ ଦାୟିତ୍ୱରୁ ମୁକ୍ତ ହୋଇ ଏବେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିବର୍ତ୍ତନ ଜାତୀୟ ସ୍ତରରେ ତାଙ୍କର ନୂତନ ଭୂମିକାର ଆରମ୍ଭ ହୋଇଥିବାବେଳେ ସେ ଆଇସିଏଆର୍ ବ୍ୟବସ୍ଥାରେ ପ୍ରାକୃତିକ ସମ୍ବଳ ପରିଚାଳନା ବିଭାଗର ରଣନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ବୋଲି ଜଣାପଡ଼ିଛି।

## ବିଡିଓଙ୍କ ବାୟୋଫ୍ଲକ୍ ମତ୍ସ୍ୟଚାଷ କେନ୍ଦ୍ର ପରିଦର୍ଶନ

ଟାଙ୍ଗୀ, ୭।୪ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁମାନା ଜାଫ୍ରି ଏବଂ ବିଭିନ୍ନ ଅଧିକାରୀମାନେ ସୋମବାର ରାମେଶ୍ୱରରେ ମହାବୀର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ଦ୍ୱାରା ହୋଇଥିବା ଜୈବ୍ୟପୁଞ୍ଜ ପ୍ରଣାଳୀରେ ମତ୍ସ୍ୟ ଚାଷ ଓ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପ୍ରଣାଳୀରେ ମାଛ ଚାଷ କେତେଲାଭ ପ୍ରଦାନ କରୁଛି ଓ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି କି ନାହିଁ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକସ୍ତରୀୟ ସଂଯୋଜକ ରଶ୍ମିତା ବେହେରା, ବ୍ଲକ ପ୍ରକଳ୍ପ ମ୍ୟାନେଜର ପ୍ରକାଶ ବଳିୟାରସିଂହ, ଓଏଲ୍‌ଏମ୍ ନିଳୀମା ପ୍ରଧାନ, ବିପିସି ରଶ୍ମିତା ଇନ୍ଦ୍ରଜିତଙ୍କ ସମେତ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ପରିଦର୍ଶନରେ ଆସିଥିବା ବେଳେ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ କୁମାର ଜଗଦେବ, ସମିତି ସଭ୍ୟ ରମେଶ ବିଶ୍ୱାଳ, ଏମ୍‌ବିକେ ସଚି ବିଶ୍ୱାଳ ଓ ସିଆରପି ରାଜେଶ୍ୱରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗୀ ବ୍ଲକ ରାମେଶ୍ୱର ପଞ୍ଚାୟତ ବଳରାମପୁର ମହାବୀର ସଂଘ ସହାୟକ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଜୈବ୍ୟପୁଞ୍ଜ ପ୍ରଣାଳୀରେ ମତ୍ସ୍ୟ ଚାଷ ଓ ଉତ୍ପାଦନ କେନ୍ଦ୍ର ଏକ ଉଦାହରଣ ସୃଷ୍ଟି କରିଛି। ଏହି ଉତ୍ପାଦନ କେନ୍ଦ୍ର ୩ବର୍ଷ ହେବ ଉଦ୍‌ଘାଟନ ହୋଇଥିବା ବେଳେ ଏହାର ସଭ୍ୟାମାନେ ଉତ୍ତମ ଯତ୍ନ ନେବା ସହ ବିଭାଗୀୟ ଅଧିକାରୀଙ୍କ ପରାମର୍ଶ ମୁତାବକ ପୋଖରୀରେ ଛାଡ଼ିଥିବା ଯାଆଁଳ କିପରି ବଢ଼ିବେ ସେଥିପାଇଁ ଆବଶ୍ୟକ ଖାଦ୍ୟ, ଔଷଧ ଆଦି ଉପଯୋଗ କରିଥାନ୍ତି। ଏହି ମାଛ ଚାଷ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଛି। ଅଧିକ ସରକାରୀ ସହାୟତା ମିଳିଲେ ସଂସ୍ଥାକୁ ଆହୁରି ବୃଦ୍ଧି କରିପାରିବେ ବୋଲି ସଭ୍ୟାମାନେ ମତପ୍ରକାଶ କରିଛନ୍ତି। ମହାବୀର ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ପ୍ରଭାତୀ ସେଠୀ, ସମ୍ପାଦକ ରଞ୍ଜନା ସେଠୀ, ସଦସ୍ୟା ନିର୍ମଳା ସେଠୀ, କମଳା ସେଠୀ, ବବିନା ସେଠୀ, ସସ୍ମିତା ସେଠୀ, ଗୀତାଞ୍ଜଳି ସେଠୀ, ପବନି ସେଠୀ, ମାଳତୀ ସେଠୀ, ସଚି ସେଠୀ ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହିତ ପରିଦର୍ଶନ ବେଳେ ଉପସ୍ଥିତ ଥିଲେ। ଟାଙ୍ଗୀ ସହ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କାଣ୍ଡି ଏବଂ କନିଷ୍ଠ ଯାନ୍ତ୍ରିକ ଅଧିକାରୀ କୁନିଆ ମଲ୍ଲିକ ମଧ୍ୟ ଉପସ୍ଥିତ ଥିଲେ।

# ୭ଦିନରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ଖୋର୍ଦ୍ଧା,୭।୪(ପ୍ରଭାତ ପାଣିଗ୍ରାହୀ)

**ତୈଳ କମ୍ପାନୀରେ ନିଯୁକ୍ତି ନେଇ ଜିଲାପାଳଙ୍କୁ ଦାବିପତ୍ର**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତର ଦେଉଳଟାଙ୍ଗୀ ଏବଂ ସୋମନାଥପୁର ମୌଜାରେ ଗଢ଼ିଉଠିଥିବା ଏକ ରାଷ୍ଟ୍ରାୟତ ତୈଳ କମ୍ପାନୀରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦାବି ନେଇ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏକାଧିକ ଯୁବକ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ସରକାର ଶିଳ୍ପାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଜନଶୁଣାଣି କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁନାହାନ୍ତି। ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ନ ଦିଆଯାଇ ବାହାର ପିଲାଙ୍କୁ ନିଯୁକ୍ତି ଦିଆଯାଉଛି। ଏପରିକି ସ୍ଥାନୀୟ ଅଞ୍ଚଳର ସ୍କୁଲ, କଲେଜ, ମନ୍ଦିର, ମସଜିଦ, ପାନୀୟଜଳ ଭଳି ଅତିଆବଶ୍ୟକ କାର୍ଯ୍ୟର ଉନ୍ନତି ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ୭ଦିନରେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲାପାଳ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିବରେ ଆନ୍ଦୋଳନ କରାଯିବ ବୋଲି କାଇପଦର ପଞ୍ଚାୟତର ନାୟବ ସରପଞ୍ଚ ସୌମ୍ୟ ରଞ୍ଜନ ସ୍ୱାଇଁ, ମାନସ ରଞ୍ଜନ ପ୍ରଧାନ, ସତ୍ୟ ରଞ୍ଜନ ଜେନା, ସୁକାନ୍ତ ଦଳେଇ, ବିଶ୍ୱନାଥ ବଳିୟାରସିଂ, ମହେନ୍ଦ୍ର ବେହେରା, ଶ୍ରଦ୍ଧାନନ୍ଦ ପ୍ରଧାନ, ଆକାଶ ଦଳେଇ, ରତିକାନ୍ତ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ୍

ନିରାକାରପୁର,୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)



ଗିରଫ ୬ ଅଭିଯୁକ୍ତ ଏବଂ ଜବତ ୩ ବାଇକ୍।

- ମାଷ୍ଟରମାଇଣ୍ଡଙ୍କ ସମେତ ୬ ଗିରଫ
- ଜଣେ ଫେରାର, ୩ ବାଇକ୍ ଜବତ

ନିରାକାରପୁର ଥାନା ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗ୍ ଠାବ କରିବା ସହ ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହ ଅଭିଯୁକ୍ତମାନଙ୍କଠାରୁ ୩ଟି ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୫ ତାରିଖ ରାତିରେ ରାମେଶ୍ୱର ଗ୍ରାମର ଲଡୁ କିଶୋର ରଥଙ୍କ ଘର ଗ୍ରୀଲ୍ ଭାଙ୍ଗି କେହି ଦୁର୍ବୃତ୍ତ ତାଙ୍କ ପଲ୍‌ସର(ଓଡି ୩୩ଏମ୍ ୬୮୭୨) ଚୋରି କରି ନେଇଯାଇଥିଲା। ଏନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା (ନଂ.୮୧/୨୫)ରୁଜୁ ହୋଇଥିଲା। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ଗଠନ ହୋଇଥିଲା। ପ୍ରଥମେ ପୂର୍ବରୁ ବିଭିନ୍ନ ଚୋରି ମାମଲାରେ ସଂଶ୍ଳିଷ୍ଟ ଥିବା ଜଙ୍କିଆ ଥାନା ଅଧୀନ ମୋଟା ତଳସାହିର ନବୀନ ଓରଫ ରାକେଶ ସାମନ୍ତରାୟ (୨୨)ଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ତାଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ଜବତ ହୋଇଥିଲା, ଯାହାକି ତାଳଚେର ଥାନାରେ ଏକ ବାଇକ୍ ଚୋରି ମାମଲା (ନଂ.୧୯୨/୨୫)ରହିଛି। ରାକେଶଙ୍କୁ ପଚରାଉଚରା ବେଳେ ଉପରୋକ୍ତ ବାଇକ୍ ଚୋରିର ମାଷ୍ଟରମାଇଣ୍ଡ ରାମେଶ୍ୱର ଗ୍ରାମର ମାନସ ରଞ୍ଜନ ବିଶ୍ୱାଳ ବୋଲି ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଏହା ପରେ ମାନସଙ୍କୁ ଗିରଫ କରି ପଚାରିବାରୁ ଅଭିଯୋଗକାରୀ ଲଡୁ କିଶୋରଙ୍କ ବାଇକ୍‌କୁ ଏକ ଲୁନା ସାହାଯ୍ୟରେ ଟାଣି ନେଇ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ବକୁ ଗ୍ରାମର ରାକେଶ ଓରଫ ଗୁନଙ୍କ ଘରେ ରଖିଛୁ ବୋଲି କହିଥିଲେ। ଏହା ପରେ ପୋଲିସ ଗୁନ ନିକଟରୁ ବାଇକ୍‌କୁ ଜବତ କରିଥିଲା। ତେବେ ଏହି ଗାଡ଼ିକୁ ଚୋରି କରିବାରେ ସହାୟତା କରିଥିବାରୁ ଜଙ୍କିଆ ଥାନା ଅଧୀନ ଚନ୍ଦ୍ରମାପାଟପୁର ଗ୍ରାମର ବଣ୍ଟି ଓରଫ ଆଲୋକ ଚଇନି (୨୧), ରିଣ୍ଟୁ ଓରଫ ଶ୍ରବଣ କୁମାର ବଳିୟାରସିଂହ (୧୯) ଏବଂ ଗଡ଼ିଶାଗୋଦା ଥାନା ଅଧୀନ ଚେମଟ ଗ୍ରାମର ବୁଟୁ ଓରଫ କରୁଣାକର ନାଥ (୧୮)ଙ୍କୁ ପୋଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ମଧ୍ୟ ଗୋଟିଏ ବାଇକ୍ ଜବତ ହୋଇଛି। ତେବେ ଅଭିଯୁକ୍ତମାନେ ବାଇକ୍ ଚୋରି କରିବା ଓ ବ୍ରାଉନ୍‌ସୁଗାର ବେପାର କରିବା ସହ ସେବନ କରିଥାନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି ଚଢ଼ାଉରେ ଏଏସ୍‌ଆଇ ତପନ ପ୍ରଧାନ, ଏଏସ୍‌ଆଇ ସୁବାସ ବେହେରା, ହାବିଲଦାର ରତ୍ନାକର ବେହେରା ପ୍ରମୁଖ ସାମିଲ ଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବାଣୀ



@ ଚିନୁ



@ ରଶ୍ମୀରଞ୍ଜନ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଡ଼ଦେବୀ ରାମଚଣ୍ଡୀଙ୍କ ଦଶମ ବାର୍ଷିକ ଉତ୍ସବ

ବୋଲଗଡ଼,୭।୪(ଦେବବ୍ରତ ହୋତା)

ବାସନ୍ତିକ ପୂଜାର ଦଶମୀ ତିଥିରେ ବୋଲଗଡ଼ର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ୧୦ମ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମର ସୋମବାର ପୂର୍ଣ୍ଣାହୁତି ହୋଇଯାଇଛି। ଏନେଇ ଅଶୋକାଷ୍ଟମୀ ଦିନ ମା'ଙ୍କ ଗଡ଼ଭିତର ସାହି ମନ୍ଦିର ପରିସରରେ ନବପତ୍ରିକା ହୋମ କାର୍ଯ୍ୟ ହୋଇଥିଲା। ଉକ୍ତଦିନ ଠାରୁ ଯଥା ରୀତିନୀତି ଅନୁସାରେ ଏଠାରେ ମା'ଙ୍କର ବାର୍ଷିକୋତ୍ସବ ପାଇଁ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚୈତ୍ର ଶୁକ୍ଳପକ୍ଷ ବାସନ୍ତିକ ଦଶମୀ ତିଥିରେ ଯଜ୍ଞ ପୂର୍ଣ୍ଣାହୁତି ପାଇଁ ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ କଳସଯାତ୍ରାରେ ନିକଟସ୍ଥ ଗଡ଼ସାଗରରୁ ପୂଜାର୍ଚ୍ଚନା ପରେ ପବିତ୍ରଜଳ ଆଣି ମନ୍ଦିର ବେଢ଼ା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ମା' ରାମଚଣ୍ଡୀ ସ୍ଥାନୀୟ ଅଞ୍ଚଳର ଗ୍ରାମଦେବତୀ ରୂପେ ପ୍ରସିଦ୍ଧ ଥିବାରୁ ମାନସିକ ଧାରଣ କରିଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପରେ ସକାଳ ୧୦ଟାରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା ବେଳେ ରଘୁନାଥ ଦଳବେହେରା ଓ ଧର୍ମପତ୍ନୀ କବିତା ଦଳବେହେରା କର୍ତ୍ତାକର୍ତ୍ତୀ ଭାବେ ଘୃତଦାନ କାର୍ଯ୍ୟ ସମ୍ପାଦିତ କରିଥିଲେ। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୂତି ପ୍ରଦାନ ଏବଂ ସନ୍ଧ୍ୟାରେ କଳସ ବିସର୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଲଲାଟେନ୍ଦୁ କେଶରୀ ସିଂ, ବୀର ଦାସ, ସନାତନ ପାଟ୍ଟଶାଣୀ, ରାଜେନ୍ଦ୍ର ପାଲଟାସିଂ, ଜୟକୃଷ୍ଣ ଦଳବେହେରା, ରାମ ମାର୍ଥା, ଗୌରାଙ୍ଗ ଚମ୍ପତି ଓ ପ୍ରଫୁଲ୍ଲ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ମନମୋହନ କହଳସିଂ ସଂଯୋଜନା କରିଥିଲେ।

# ଏଲ୍‌ପିଜି ଦରବୃଦ୍ଧି ଲଦିଦେଲା ଆର୍ଥିକ ବୋଝ

ସମସ୍ତ ପ୍ରକାର ଅତ୍ୟାବଶ୍ୟକ ଏବଂ ଅନ୍ୟାନ୍ୟ ଘରକରଣା ସାମଗ୍ରୀର ଦର ବଢ଼ିଚାଲିଥିବାବେଳେ ତାହା ଉପରେ ଲଗାମ ଲଗାଯାଇପାରୁନାହିଁ। ଏଥିଯୋଗୁ ଗରିବ ଓ ମଧ୍ୟବିତ୍ତ ପରିବାରର ଦୈନନ୍ଦିନ ଜୀବନ ଗୁରୁତର ପ୍ରଭାବିତ ହେଉଛି। ଖାଦ୍ୟ ବାବଦ ଖର୍ଚ୍ଚ ସଙ୍କୁଚିତ ହୋଇଯାଇଛି। ଏଭଳିସ୍ଥଳେ ଲୋକେ ଘରେ ବ୍ୟବହାର କରୁଥିବା ୧୪.୫ କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ପିଛା କେନ୍ଦ୍ର ସରକାର ସୋମବାର ୫୦ ଟଙ୍କା ବୃଦ୍ଧି କରିଛନ୍ତି, ଯାହାକି ଲୋକଙ୍କୁ ପରିବାର ଚଳଣିରେ ହେଉଥିବା ଆର୍ଥିକ ଚାପକୁ ବଢ଼ାଇ ଦେଇଛି। ଏ ନେଇ ରାଜ୍ୟର ବିଭିନ୍ନ ସ୍ଥାନରୁ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ହାଣ୍ଡିଶାଳ ଉପରେ ମହଙ୍ଗା ମାଡ଼



ଜାଳେଣି ଗ୍ୟାସ୍ ସିଲିଣ୍ଡର ପିଛା ୫୦ଟଙ୍କା ବଢ଼ି ଭୁବନେଶ୍ୱରରେ ଏହା ୮୭୯ଟଙ୍କା ହୋଇଛି। ଡାଲି, ଚାଉଳ, ତେଲ, ଚିନି ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ୁଥିବାବେଳେ ଏବେ ଗ୍ୟାସ୍ ଦର ବୃଦ୍ଧି ସାଧାରଣ ଲୋକଙ୍କୁ ବାଧିବ। ଗ୍ୟାସ ଦରବୃଦ୍ଧି ହାଣ୍ଡିଶାଳ ଉପରେ ମହଙ୍ଗା ମାଡ଼। କେନ୍ଦ୍ର ସରକାର ଲୋକଙ୍କୁ ଆଚ୍ଛାଦିନର ସ୍ୱପ୍ନ ଦେଖାଇ ଶାସନକୁ ଆସିଥିବାବେଳେ ଏବେ କେବଳ ଭଣ୍ଡାଇ ଚାଲିଛନ୍ତି।

- **ରବି ବେହେରା, ଆବାହକ ଓଡ଼ିଆ ଅସ୍ମିତା ପରିଷଦ**

## ସାଧାରଣ ଜନଜୀବନକୁ ପ୍ରଭାବିତ କରିବ



ଜୀବନ ନିର୍ବାହ କରିବା ପାଇଁ ଖାଦ୍ୟ ନିହାତି ଆବଶ୍ୟକ। ଆଜିକା ଦିନରେ ଗାଁ ହେଉ କି ସହର, ପ୍ରତି ଘରେ ଗ୍ୟାସ୍‌ରେ ଖାଦ୍ୟ ପ୍ରସ୍ତୁତ ହେଉଛି। ତେଣୁ ଯେଉଁଭଳି ଗ୍ୟାସ୍ ସିଲିଣ୍ଡରର ଦରବୃଦ୍ଧି ହୋଇଛି, ତାହା ସାଧାରଣ ଜନଜୀବନକୁ ପ୍ରଭାବିତ କରିବ। ସରକାର ଏଭଳି ପଦକ୍ଷେପ ନେବା ଉଚିତ, ଯାହାଦ୍ୱାରା ଜୀବନ ସମତୁଲ ହୋଇପାରିବ। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗ୍ୟାସ୍ ସିଲିଣ୍ଡର ଦରବୃଦ୍ଧିକୁ ପ୍ରତ୍ୟାହାର କରାଯିବା ଆବଶ୍ୟକ।

- **ସ୍ମୃତିସୁଧା ସାହୁ, କର୍ମଜୀବୀ, ଭୁବନେଶ୍ୱର**

## ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ଚିନ୍ତାଜନକ



ଅତ୍ୟାବଶ୍ୟକୀୟ ସାମଗ୍ରୀ ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ଗ୍ୟାସ ସିଲିଣ୍ଡର ବଢ଼ିବ ବୋଲି ଆଗରୁ ଜଣାପଡୁଥିଲା। ଜଣେ ସାଧାରଣ ଗୃହିଣୀ ଆବଶ୍ୟକ ସାମଗ୍ରୀକୁ ନେଇ ଘର ଚଳାଇବା ବେଳକୁ ପ୍ରତିଦିନ ଆବଶ୍ୟକ ଥିବା ରନ୍ଧନ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ଚିନ୍ତାର ବିଷୟ। ସରକାର ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରିଦେଲେ। କିନ୍ତୁ ଏଭଳି ପରିସ୍ଥିତିରେ ରନ୍ଧନ ଗ୍ୟାସ ସିଲିଣ୍ଡର ଭଳି ଆବଶ୍ୟକ ସାମଗ୍ରୀର ଦର ବଢ଼ିବା ଚିନ୍ତାଜନକ।

- **ଡ. ପୁଷ୍ପଲତା ରଥ, ଗୃହିଣୀ, ଢେଙ୍କାନାଳ**

## ପରିବାର ଉପରେ ଆର୍ଥିକ ଚାପ ପଡ଼ିବ



ନିତ୍ୟ ବ୍ୟବହୃତ ସାମଗ୍ରୀର ଦରବୃଦ୍ଧି ଅତିଷ୍ଠ କରିଥିବା ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ଦର ୫୦ଟଙ୍କା ବଢ଼ିବା ପରିବାର ଉପରେ ଆର୍ଥିକ ବୋଝ ଲଦିଦେଲା ଭଳି। ଏବେ ସିଲିଣ୍ଡର ପିଛା ୮୮୦ଟଙ୍କାରେ କ୍ରୟ କରିବାକୁ ପଡିବ। ଘରକୁ ଆଣି ଯୋଗାଣ କରୁଥିବା ବ୍ୟକ୍ତି ଆଉ ୫୦ଟଙ୍କା ନେଲେ ଏହା ୯୩୦ରେ ପହଞ୍ଚିବ। ବଡକଷ୍ଟରେ ମାସକୁ ଥରେ ଗୋଟିଏ ସିଲିଣ୍ଡର କରୁଥିବା ଆମପରି ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ଚଳଣି ଉପରେ ଏହା ଅଧିକ ଚାପ ସୃଷ୍ଟି କରିବ। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ରୋଷେଇ ପାଇଁ ଗ୍ୟାସ କିଣିବାକୁ ବାଧ ହେବୁ। ଦର ବୃଦ୍ଧି ପୂର୍ବରୁ ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ପ୍ରତି ଚିନ୍ତା କରିବାର ଥିଲା।

- **ବବିତା ପାଢ଼ୀ, ଗୃହିଣୀ, ହୀରାକୁଦ କଲୋନୀ, ସମ୍ବଲପୁର**

## ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିବ



ଗତ ସାଧାରଣ ନିର୍ବାଚନ ବେଳେ ମହିଳା ସଶକ୍ତୀକରଣ ପାଇଁ ବହୁ ପ୍ରତିଶ୍ରୁତି ମିଳିଥିଲା। ଦରଦାମ ନିୟନ୍ତ୍ରଣ ପାଇଁ ମଧ ଭୋଟରଙ୍କୁ ଭରସା ଦିଆଯାଇଥିଲା। ନିର୍ବାଚନର ୧୦ ମାସ ନ ପୂରୁଣୁ ଏଲ୍‌ପିଜି ସିଲିଣ୍ଡର ଦରବୃଦ୍ଧି ଘୋଷଣା ହେବା ପରେ ମହିଳାମାନଙ୍କ ଉପରେ ଚଡ଼କ ପଡ଼ିଛି। ବର୍ତ୍ତମାନ ସିଲିଣ୍ଡର ପିଛା ୮୬୨ ଟଙ୍କା ଥିବାବେଳେ ଏହା ଆଗକୁ ଆହୁରି ବୃଦ୍ଧି ହେବ ବୋଲି ମନେ ହେଉଛି। ଦରବୃଦ୍ଧି ସାଧାରଣ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିବ ଏବଂ ବିଶେଷ ଭାବେ ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିବ। ଏହାଦ୍ୱାରା ସ୍କୁଲଗୁଡିକରେ ମଧ୍ୟାହ୍ନଭୋଜନ ପ୍ରଭାବିତ ହେବ। ଏଥିପାଇଁ ସରକାର ଯତ୍ନବାନ ହେବା ଉଚିତ।

- **ବୀଣାପାଣି ପଟ୍ଟନାୟକ, ଗୃହିଣୀ, ଜଗଦା, ରାଉରକେଲା**

## ପ୍ରଭାବିତ ହେବେ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଶ୍ରେଣୀ



ପୂର୍ବରୁ ସମସ୍ତ ନିତ୍ୟାବଶ୍ୟକ ସାମଗ୍ରୀ ଦର ଦାମ ବଢ଼ିଥିଲା। ବର୍ତ୍ତମାନ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ିଥିବାରୁ ସିଧା ପ୍ରଭାବ ରୋଷେଇ ଘରେ ପଡୁଛି, ଯାହାକି ବୋଝ ଉପରେ ନଳିତା ବିଡ଼ା ସଦୃଶ। ଏହା ଫଳରେ ମଧ୍ୟବିତ୍ତ ଓ ନିମ୍ନମଧମିତ୍ତ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହେବେ। ଗୃହିଣୀମାନଙ୍କ ବଜେଟ୍ ବିଗିଡ଼ିଯିବ।

- **ସୁଧା ପିଲେଇ (ଗୃହିଣୀ) ଉମରକୋଟ, ନବରଙ୍ଗପୁର**

## ମଧ୍ୟବିତ୍ତଙ୍କ ଉପରେ ଚଡ଼କ



ଗ୍ୟାସ୍ ଦର ବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। ଆଗରୁ ଆଳୁ, ପିଆଜ ଓ ବିଭିନ୍ନ ପନିପରିବା ଦର ବୃଦ୍ଧି ଯୋଗୁ ଲୋକେ ହନ୍ତସନ୍ତ ହେଉଥିଲେ। ଏଥିଯୋଗୁ ରୋଷେଇ ଘରେ ହାତଗଣତି ପରିବା ରଖିବାକୁ ପଡୁଥିଲା। ଏବେ ଗ୍ୟାସ୍ ଦର ବୃଦ୍ଧି ମଧ୍ୟବିତ୍ତଙ୍କ ଉପରେ ଏକପ୍ରକାର ଚଡ଼କ କହିଲେ ଅତ୍ୟୁକ୍ତି ହେବନାହିଁ। ଅତି ଆବଶ୍ୟକ ଜିନିଷର ଦରଦାମ ବୃଦ୍ଧି କରିବା ପୂର୍ବରୁ ମଧ୍ୟବିତ୍ତ ପରିବାରକୁ ଆଖିଆଗରେ ରଖିବା ପାଇଁ ସରକାରଙ୍କୁ ଅନୁରୋଧ।

- **ଐଶ୍ୱର୍ଯ୍ୟା ପ୍ରଧାନ (ଗୃହିଣୀ), ପୋଷ୍ଟାଲ କଲୋନି, ଭବାନୀପାଟଣା, କଳାହାଣ୍ଡି**

## ପ୍ରଭାବିତ ହେବ ରୋଷେଇ ବଜେଟ



ସରକାରଙ୍କ ପକ୍ଷରୁ ସୋମବାର ଘରୋଇ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ରୋଷେଇ ବଜେଟ ପ୍ରଭାବିତ ହେବ।

- **ସୁଚିତ୍ରା ଲେଙ୍କା, ଗୃହିଣୀ, କୋରାପୁଟ**

## ସରକାର ଦର କମ୍ କରିବା ବଦଳରେ ବୃଦ୍ଧି କରିବା ଉପହାସ ସଦୃଶ



ଏବେ ସବୁ ସାମଗ୍ରୀ ମହାଙ୍ଗା ଥିବା ବେଳେ ରୋଷେଇ ଗ୍ୟାସ ସିଲିଣ୍ଡର ୫୦ ଟଙ୍କା ହଠାତ୍ ବୃଦ୍ଧି ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ପରିବାର ପାଇଁ କ୍ଷତିକାରକ। ପେଟ୍ରୋଲ ଓ ଡିଜେଲ ଦର ପାଖାପାଖି ୧୦୦। ତାହା କମିବାର ନାଁ ଧରୁନି। ଏହି ସମୟରେ ଗ୍ୟାସ୍ ଦର୍ ବୃଦ୍ଧି ଆମ୍ଭମାନଙ୍କ ଭଳି ଗରିବ ଲୋକଙ୍କ ପାଇଁ ମହଙ୍ଗା ମାଡ଼ ହୋଇଛି। ଏଣୁ ସରକାର ଏହି ସମୟରେ ଦର କମ କରିବା ବଦଳରେ ବୃଦ୍ଧି କରିବା ଆମମାନଙ୍କ ପାଇଁ ଉପହାସ ସଦୃଶ ହୋଇଛି। ଏଣୁ ସବୁ ସାମଗ୍ରୀର ଦରଦାମ କମ କରିବା ପାଇଁ ପଦକ୍ଷେପ ନେଲେ ସବୁ ବର୍ଗର ଲୋକେ ଉପକୃତ ହୋଇପାରିବେ।

- **ଅନିଲ ଶଙ୍କର, କ୍ଷୁଦ୍ର ବ୍ୟବସାୟୀ, ମୋଚିବନ୍ଧ ସାହି, କେନ୍ଦୁଝର ଟାଉନ**

## ଅତିରିକ୍ତ ଆର୍ଥିକ ବୋଝ



ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଏଭଳି ସ୍ଥଳେ ଗ୍ୟାସ୍ ଦର ବୃଦ୍ଧି ସେମାନଙ୍କ ପାଇଁ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି ହେବ। ସରକାର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ କୌଣସି ଅନୁଧ୍ୟାନ ନ କରି ଗ୍ୟାସ୍ ଦର ବଢ଼ାଇ ଚାଲିଛନ୍ତି। ରୋଷେଇ ପାଇଁ ଗ୍ୟାସ୍ ଅତି ଜରୁରୀ ହେଉଥିବାରୁ ଲୋକେ ଅନ୍ୟ ଖାଦ୍ୟ ସାମଗ୍ରୀକୁ କାଟଛାଣ୍ଟ କରିବାକୁ ବାଧ ହେବେ।

- **ଶିଳ୍ପୀ ତିୱାରୀ, ଯାଜପୁର ରୋଡ୍**

## ସରକାର ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କରନ୍ତୁ



ସାଧାରଣ ନିର୍ବାଚନ ପରେ ବଜାର ଦର ହୁ ହୁ ହୋଇ ବଢୁଛି। ଫଳରେ ସାଧାରଣ ଲୋକଙ୍କ ଚଳିବା ଦୁର୍ବିସହ ହୋଇପଡିଛି। ଏବେ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ। କହିବାକୁ ଗଲେ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ସିଧାସଳଖ ଆହାର ମୁହଁରେ ପାହାର ଭଳି ଲାଗୁଛି। ମହଙ୍ଗା ସମୟରେ ପରିବାର ଚଳାଇବା ଲୋକଙ୍କୁ ଆର୍ଥିକ କଷ୍ଟ ଆଣିଦେବ। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ଦରବୃଦ୍ଧି ପ୍ରତ୍ୟାହାର କରିବା ଉଚିତ୍।

- **ଜ୍ୟୋତିର୍ମୟୀ ସେନାପତି, ଗୃହିଣୀ, ଡଗରପଡ଼ା, କଟକ**

## ଗରିବଙ୍କୁ ଗ୍ୟାସ୍ ରନ୍ଧା ଶିଖାଇ ହଇରାଣ କରାଯାଉଛି



ସରକାର ବିଭିନ୍ନ ପ୍ରକାର ରିହାତି ଓ ସହାୟତା ପ୍ରଦାନ କରୁଛନ୍ତି। ସେ ଦୃଷ୍ଟିରୁ ଗ୍ୟାସ୍ ଦର ବୃଦ୍ଧି କରିବା କିଛି ଦରକାର ନ ଥିଲା। କଷ୍ଟରେ ଚଳୁଥିବା ପରିବାର ସଦସ୍ୟଙ୍କ ପାଇଁ ୫୦ ଟଙ୍କା ଦେବା ଅତ୍ୟନ୍ତ କଷ୍ଟସାଧ। ତାହା ଭୋଗୁଥିବା ଲୋକେ ହିଁ ଜାଣନ୍ତି। ଉଜ୍ଜ୍ୱଳା ଯୋଜନାରେ ଲୋକଙ୍କୁ କମ୍ ଦରରେ ଗ୍ୟାସ୍ ଯୋଗାଇବା ପରେ ଦରବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ। ଗରିବ ଲୋକଙ୍କୁ ଗ୍ୟାସ୍ ରନ୍ଧା ଶିଖାଇ ପରେ ହଇରାଣ କରିବା ସହ ଏହା ସମାନ।

- **ରୂପଶ୍ରୀ ଚୌଧୁରୀ, ସମ୍ପାଦିକା, ସଙ୍କଳ୍ପ ମହିଳା ବିକାଶ ସମିତି, ମଙ୍ଗଳାବାଗ, କଟକ**




# ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର

**ଭୁବନେଶ୍ୱର,୭।୪(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ରବିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଦକ୍ଷିଣ ବଙ୍ଗୋପସାଗର ମଧ୍ୟଭାଗରେ ଏକ ଲଘୁଚାପ କ୍ଷେତ୍ରର ରୂପ ନେଇଛି। ଏହା ୮ ତାରିଖ ଯାଏ ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରୁ ପରବର୍ତ୍ତୀ ୪୮ ଘଣ୍ଟା ଯାଏ ସାମାନ୍ୟ ଉତ୍ତର ଆଡ଼କୁ ଗତି କରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ମଙ୍ଗଳବାର ସୁନ୍ଦରଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସମ୍ବଲପୁର, ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ଏଥିସହ ୩୦ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଅନ୍ୟସବୁ ଜିଲ୍ଲାରେ ପାଗ ପ୍ରାୟତଃ ଶୁଖିଲା ରହିବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟିକା କୁସୁମ

**ସୁନ୍ଦରଗଡ,୭।୪(ଜୟ ନାରାୟଣ ମେଣ୍ଡୁଲି)**

## ପୂର୍ବତନ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଗୋପାଳପୁର ନିକଟରେ ଥିବା କୁଲାପଡ଼ା ଓ ତେଲେନଡିହି– ରିଜର୍ଭ ଜଙ୍ଗଲ ମଧ୍ୟରେ ବେଆଇନଭାବେ କୋଇଲା ଖନନ କରାଯାଇ ଚୋରା ଚାଲାଣ ହେଉଥିବା ଖବର ଜଣାପଡ଼ିବା ପରେ ଏବେ ଜିଲ୍ଲାପ୍ରଶାସନ ତତ୍ପର ହୋଇଛି। ସୋମବାର ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଏଭଳି ବଡ଼ ଧରଣର କୋଇଲା ଚୋରିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ହେମଗିର ବ୍ଲକର ଗୋପାଳପୁର ଅଞ୍ଚଳର ସମୃଦ୍ଧ ଖଣିଜ ମାଟି ଏସିଆର ସର୍ବ ବୃହତ ଖୋଲା ମୁହଁ କୋଇଲା ଖଣି। ୧୯୯୦ ଦଶକରୁ ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ ଏହି କଳାହୀରା ଉତ୍ତୋଳନ କରି ଆସୁଅଛି। ଏତତ୍ ବ୍ୟତୀତ ପରବର୍ତ୍ତୀ ସମୟରେ ଖଣି କାର୍ଯ୍ୟ ପାଇଁ କିଛି ବୈଧ ଲିଜ୍ ହୋଲଡିଂ କମ୍ପାନୀଙ୍କୁ ଖଣି ବ୍ଲକଗୁଡିକ ଆନୁଷ୍ଠାନିକ ଭାବେ ଲିଜ ପ୍ରଦାନ କରିଛି। ବର୍ଷ ବର୍ଷ ଧରି ଖଣି ମାଫିଆ ଅସାଧୁ ସରକାରୀ ଅଧିକାରୀଙ୍କ ସଲାସୁତରାରେ ପ୍ରଚୁର ପରିମାଣରେ କୋଇଲା ପଡ଼ୋଶୀ ଛତିଶଗଡ଼, ଝାଡ଼ଖଣ୍ଡ ସମେତ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ତେଣୁ ସରକାର ଏଭଳି କାର୍ଯ୍ୟକୁ ରୋକିବା ନିମନ୍ତେ ସ୍ଥାୟୀ ପଦକ୍ଷେପ ନେବାକୁ ଟେଟେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ହେମଗିରର ତତ୍କାଳୀନ ତହସିଲଦାର ଲବଣେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ସେ ତାଙ୍କ ଜବାବ ରଖିବାକୁ ନିର୍ଦ୍ଦେଶ ରହିଛି। ଜବାବ ନ ରଖିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳଙ୍କ ଏହି ଚିଠିରେ ଉଲ୍ଲେଖ ରହିଛି।

ଉଲ୍ଲେଖଯୋଗ୍ୟ, ତେଲେନଡିହି ଓ କୁଲାପଡ଼ା ଜଙ୍ଗଲ ଗତ ୪ ତାରିଖରେ ଚୋରା କୋଇଲା ଖଣି ଠାବ ହୋଇଥିଲା। ପରେ ସଦର ଉପଜିଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ଚାଲାଣ ପାଇଁ ଗଚ୍ଛିତ ଥିବା ଚୋରା କୋଇଲା ଜବତ କରିଥିଲା। ଖଣି ବିଭାଗ ପକ୍ଷରୁ ରବିବାର ହେମଗିର ଥାନାରେ ରିପୋର୍ଟ ହେବା ପରେ ପୋଲିସ କେସ୍ ନଂ.୩୧/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିଷ ପିଇ ମା', ଝିଅ, ପୁଅ ମୃତ

## ମୃତ୍ୟୁର କାରଣ ସନ୍ଦେହ ଘେରରେ

**ଗଞ୍ଜାମ, ୭।୪(ବିଦ୍ୟାଧର ସାହୁ)**

ଗଞ୍ଜାମ ଥାନା ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପାଳିବନ୍ଧ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ପରିବାରର ମା', ପୁଅ ଓ ଝିଅ ତିନିଜଣ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ମା' ଏସ. ମାମା ରେଡ୍ଡୀ (୪୫), ପୁଅ ରାକେଶ ରେଡ୍ଡୀ (୨୨) ଏବଂ ଝିଅ ଏସ. ମୀନା ରେଡ୍ଡୀ (୧୭)। ମାନସିକ ଭାରସାମ୍ୟ ହରାଇ ଜୀବନ ପ୍ରତି ବୀତସ୍ପୃହ ହୋଇ ସେମାନେ ଏପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଖବର ପାଇ ଗଞ୍ଜାମ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ରବିବାର ଗାଁ ଲୋକେ କୌଣସି ବିଷୟକୁ ନେଇ ଆଲୋଚନା କରିବାକୁ ଏକ ବୈଠକରେ ଏକାଠି ହୋଇଥିଲେ। ତେବେ ଉକ୍ତ ପରିବାରର କେହି ଆଲୋଚନା ପାଇଁ ବୈଠକକୁ ଆସି ନ ଥିଲେ। ଫଳରେ ଗାଁର କେତେ ଜଣ ବ୍ୟକ୍ତି ତାଙ୍କ ଘରକୁ ଯାଇଥିଲେ। ଘରେ ତିନିଜଣ ଅଚେତ ଅବସ୍ଥାରେ ପଡ଼ିଥିବା ସମ୍ପୃକ୍ତ ବ୍ୟକ୍ତିମାନେ ଦେଖିବାକୁ ପାଇଥିଲେ। ଏନେଇ ଅନ୍ୟମାନଙ୍କୁ ଜଣାଇ ସେମାନେ ମା', ଝିଅ ଓ ପୁଅ ୩ ଜଣଙ୍କୁ ପ୍ରଥମେ ଗଞ୍ଜାମ, ଛତ୍ରପୁର ମେଡିକାଲ ନେଇଥିଲେ। ପରେ ସେଠାରୁ ପୂର୍ବତନ ସରପଞ୍ଚ ଦିଲୀପ କୁମାର ଛୋଟରାୟ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ନେଇଥିଲେ। ପ୍ରଥମେ ମାଆ ପରେ ପୁଅ ଏବଂ ରାତି ୩ଟାରେ ଆଇସିୟୁରେ ଥିବା ଝିଅ ମୀନାଙ୍କ ମୃତ୍ୟୁ ଘଟିଥିଲା ବୋଲି ପୂର୍ବତନ ସରପଞ୍ଚ ଛୋଟରାୟ କହିଛନ୍ତି। ଛତ୍ରପୁର ମେଡିକାଲକୁ ଖବର ଦିଆଯାଇଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା। ଫଳରେ ଏକ ଘଣ୍ଟା ବିଳମ୍ବରେ ଏକ ଘରୋଇ ଗାଡ଼ିରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିଲା ବୋଲି ଗ୍ରାମର ଏସ. ରାମଚନ୍ଦ୍ର ରେଡ୍ଡୀ କହିଛନ୍ତି। ପୂର୍ବରୁ ତିନି ବର୍ଷ ତଳେ ମାମା ରେଡ୍ଡୀଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ ଚେନ୍ନାଇରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ଆଉ



ସପ୍ତାହେ ପରେ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ମିଳିଥାନ୍ତା। ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ମାମା ମୂଲଲାଗି ପରିବାର ଚଳାଇ ଆସୁଥିଲେ। ରାକେଶ ବ୍ରହ୍ମପୁରରେ ଡିପ୍ଲୋମା ପ୍ରଥମ ବର୍ଷ ଛାତ୍ର ଥିଲେ। ଝିଅ ଯୁକ୍ତ ୨ରେ ପଢୁଥିଲେ। ଏ ସମ୍ପର୍କରେ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ। ରେଡକ୍ରସ ପକ୍ଷରୁ ଏସ. ମାମାଙ୍କ ଶାଶୁ ଏସ. ଲକ୍ଷ୍ମୀ (୭୫)ଙ୍କୁ ବିଡିଓ ଅଚ୍ୟୁତ ଜାନି ୯୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ସୁକାନ୍ତ ମିଶ୍ର, ସରପଞ୍ଚ ପ୍ରତିନିଧି ବିଦ୍ୟାଧର ପ୍ରଧାନ, ପୂର୍ବତନ ସରପଞ୍ଚ ଛୋଟରାୟ ଉପସ୍ଥିତ ଥିଲେ।

# କ୍ୱାର୍ଟର୍ସରୁ ଉଚ୍ଛେଦ ହେଲେଣି ୧୬ ଖବରଦାତା

**ଭୁବନେଶ୍ୱର,୭।୪(ରବିନାରାୟଣ ଜେନା)**

ବେଆଇନ ଭାବେ ସରକାରୀ କ୍ୱାର୍ଟର୍ସ ଦଖଲ କରିଥିବା ଖବରଦାତାଙ୍କ ମଧ୍ୟରୁ ୧୬ଜଣଙ୍କୁ ବେଦଖଲ କରାଯାଇଛି। ଏଥିସହିତ ଜଣେ ଖବରଦାତା ହାଇକୋର୍ଟରୁ ରହିତାଦେଶ ଆଣିଥିବାବେଳେ ୫ଜଣଙ୍କୁ କ୍ୱାର୍ଟର୍ସରୁ ବେଦଖଲ ପାଇଁ ପ୍ରକ୍ରିୟା ଜାରି ରହିଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ଅଭିଯୋଗ ଷ୍ଟାଟସ୍‌ରେ କୁହାଯାଇଛି।

ସୂଚନା ଅନୁଯାୟୀ, ୬୫ ଜଣ ଖବରଦାତା ସରକାରୀ କ୍ୱାର୍ଟର୍ସ ନେଇଥିଲେ। ତେବେ ବେଆଇନ ଭାବେ କେତେକ ଖବରଦାତା ସରକାରୀ କ୍ୱାର୍ଟର୍ସ ରଖିଥିବା ନେଇ ଅଭିଯୋଗ ହୋଇଥିଲା। ସୂଚନା ଅଧିକାର କର୍ମୀଙ୍କ ପକ୍ଷରୁ ମଗାଯାଇଥିବା ତଥ୍ୟରେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ସାଧାରଣ ପ୍ରଶାସନ ବିଭାଗରୁ ଖବରଦାତାଙ୍କୁ ବଣ୍ଟାଯାଇଥିବା ୬୫ଟି କ୍ୱାର୍ଟର୍ସ ମଧ୍ୟରୁ ୨୧ ଜଣ ଅନଧିକାର ଭାବେ ରହୁଥିଲେ। ସେଥିମଧ୍ୟରୁ ୧୬ ଜଣଙ୍କୁ ବେଦଖଲ କରାଯାଇଛି। ଜଣେ କୋର୍ଟରୁ ରହିତାଦେଶ ଆଣିଥିବାବେଳେ ୫ ଜଣଙ୍କୁ ବାହାର କରାଯିବା ଲାଗି ପ୍ରକ୍ରିୟା ଜାରି ରହିଛି।

# ବିଦ୍ୟାଳୟରେ କୁନି ଶିଶୁଙ୍କୁ ବର୍ଣ୍ଣବୋଧ ବାଣ୍ଟିଲେ ମନ୍ତ୍ରୀ

## ଓଡ଼ିଆ ଭାଷା ଜ୍ଞାନ ବୃଦ୍ଧିରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)**

ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ସୋମବାର ସାରା ରାଜ୍ୟରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ 'ବର୍ଣ୍ଣବୋଧ'କୁ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁଙ୍କୁ ପ୍ରଦାନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲା ନିମାପଡାସ୍ଥିତ ସାଇଁସ ଶାସନ ପଞ୍ଚାୟତର ଏସ୍.ଏସ୍.ପି ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବାଣ୍ଟିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟର ଭାଲୁଗୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବର୍ଣ୍ଣବୋଧ ବଣ୍ଟନ ଉତ୍ସବରେ ଯୋଗଦେଇଥିଲେ। ଓଡ଼ିଆ ଅକ୍ଷର ଚିହ୍ନିବା, ଲେଖିବା ଓ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଇଥିବା ବର୍ଣ୍ଣବୋଧ ବହିକୁ ବିଦ୍ୟାଳୟର କୁନି କୁନି ପିଲାଙ୍କୁ ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ।

ବର୍ଣ୍ଣବୋଧ ଉତ୍ସବକୁ ନେଇ ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ଅବସରରେ ରାଜ୍ୟର ଅନେକ ସ୍ଥାନରେ ବିଶେଷକରି ଉପାନ୍ତ ଅଞ୍ଚଳ, ଯେଉଁଠି ଅନ୍ୟ ଭାଷାର ପ୍ରଭାବ ରହୁଛି, ସେଠାରେ ପିଲାମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆମ ଭାଷାରେ ଅଧ୍ୟୟନ ଓ ଏହାର ବ୍ୟବହାର ବୃଦ୍ଧି ନିମନ୍ତେ ଏହି ପଦକ୍ଷେପ ସମୟାନୁକ୍ରମେ ଫଳପ୍ରଦ ହେବ ବୋଲି ସେ କହିଛନ୍ତି।



ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଉମରକୋଟର ଭାଲୁଗୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ବର୍ଣ୍ଣବୋଧ ପ୍ରଦାନ କରୁଛନ୍ତି।

10 YEARS OF Pradhan Mantri MUDRA Yojana

Government of India



₹୩୩୦୦୦୦୦୦୦୦୦୦୦+

ମୋଦୀ ସରକାରଙ୍କ ଦ୍ୱାରା ₹୩୩+ ଲକ୍ଷ କୋଟି ମୂଲ୍ୟର ବନ୍ଧକମୁକ୍ତ ମୁଦ୍ରା ଋଣ



୫୨+ କୋଟି ମୁଦ୍ରା ଋଣ
ଦ୍ୱାରା ଲଘୁ ବ୍ୟବସାୟଗୁଡ଼ିକୁ ଋଣ ମିଳିବା ଅଧିକ ସହଜ ହୋଇପାରିଛି

୭୦% ହିତାଧିକାରୀ ହେଉଛନ୍ତି ମହିଳା ଉଦ୍ୟୋଗୀ,
ଯେଉଁମାନଙ୍କର ଉଚ୍ଚାକାଂକ୍ଷା ଏବେ ବାସ୍ତବତାରେ ପରିଣତ ହୋଇପାରିଛି

ମୁଦ୍ରା ଋଣ ସୀମା ₹୨୦ ଲକ୍ଷକୁ ଦ୍ୱିଗୁଣିତ କରାଯାଇଛି,
ଯୁବବର୍ଗଙ୍କ ଉଦ୍ୟମଶୀଳ ମନୋଭାବ ଉପରେ ବିଶ୍ୱାସ

ମୁଦ୍ରା ଋଣର ଅର୍ଦ୍ଧେକ ଏସ୍‌ସି, ଏସ୍‌ଟି ଏବଂ ଓବିସି ହିତାଧିକାରୀଙ୍କୁ ପ୍ରଦାନ,
ଯାହାଦ୍ୱାରା ବଞ୍ଚିତଙ୍କୁ ପାଣ୍ଠି ଯୋଗାଣ ହେବା ସହ ସେମାନଙ୍କର ସ୍ୱପ୍ନ ପୂରଣ କରିବାରେ ସହାୟତା ମିଳିଛି



CBC 15415/13/0002/2526

## ସୁନ୍ଦରପଦାରେ ଶ୍ରୀ ଅଭିନ୍ନ ସୁନ୍ଦର ଦାତବ୍ୟ ଚିକିତ୍ସାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସୁନ୍ଦରପଦାସ୍ଥିତ ଆଶ୍ରମରେ ଶ୍ରୀ ଅଭିନ୍ନ ସୁନ୍ଦର ଦାତବ୍ୟ ଚିକିତ୍ସାଳୟ ଖୋଲିଛି। ରାମନବମୀ ଅବସରରେ ଏକାମ୍ର ବିଧାୟକ ବାବୁ ସିଂ ଓ କର୍ପୋରେଟର ମଧୁସ୍ମିତା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଭିନ୍ନ ସୁନ୍ଦର ଟ୍ରଷ୍ଟ ପକ୍ଷରୁ ଡ. ଗୋଦାବରିଶ ଜେନା, ଡ. ଯଶୋବନ୍ତ ନାରାୟଣ ଜେନା (ହୋମିଓପ୍ୟାଥିକ) ଓ ଡ. ସୁବ୍ରତା ପାତ୍ର (ଆୟୁର୍ବେଦିକ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦାତବ୍ୟ ଚିକିତ୍ସାଳୟ ଦ୍ୱାରା ଲୋକଙ୍କୁ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଚିକିତ୍ସା ସେବା ଯୋଗାଇ ଦିଆଯିବ। ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ଚିକିତ୍ସାଳୟ ଖୋଲା ରହିବ। ସୁନ୍ଦରପଦା, ଅଭିରାମ ନଗର, ପୋଖରୀପୁଟ, ଭୀମଟାଙ୍ଗୀ, ବୋଡଣ୍ଡା, ପ୍ରଧାନସାହି, କପିଳପ୍ରସାଦ ବାସିନ୍ଦାମାନେ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରିବେ। କରମଳା ଶାନ୍ତିଆନନ୍ଦ ଆଶ୍ରମର ପୂଜ୍ୟ ହରେକୃଷ୍ଣ ବାବା, ଟ୍ରଷ୍ଟ ସଭାପତି କିଶୋର ଚନ୍ଦ୍ର ବେହେରା, ସମ୍ପାଦକ ମଣିନାଥ ପାତ୍ର, ଉପସଭାପତି ତ୍ରିବିକ୍ରମ ଶତପଥୀ, କୋଷାଧ୍ୟକ୍ଷ ଜଗନ୍ନାଥ ପାତ୍ର, ସହସମ୍ପାଦକ ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା

ପୁରୁଣା ଭୁବନେଶର,୭।୪(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଲିଙ୍ଗରାଜ ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ପ୍ରଥମେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ତାଙ୍କ ଟିମ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଇଷ୍ଟଜୋନ କଲଚରାଲ ସେଣ୍ଟର ପକ୍ଷରୁ ବିହାରର ସାକରକଳା କ୍ରିତି ପକ୍ଷରୁ ଲୋକ ନୃତ୍ୟ ପରିବେଷଣ ହୋଇଥିଲା। ବଲାଙ୍ଗୀର ଶଙ୍କର ବେହେରା ଓ ଟିମ୍ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଛତିଶଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ଝୁମର ନୃତ୍ୟ ଦର୍ଶକଙ୍କ ମନମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ସଂଯୋଜନା କରିଥିଲେ। ଅତିଥିଭାବେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ପଣ୍ଡା, ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ, ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ଉପଦେଷ୍ଟା ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ୍ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

# ଗୁଣାତ୍ମକ ପରିବେଶ ସ୍ୱାସ୍ଥ୍ୟରକ୍ଷାର କବଚ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହେଉଛି ସୁସ୍ଥ ପରିବାର ଏବଂ ସମ୍ପ୍ରଦାୟର ମୂଳଦୁଆ। ଏହା ସମାଜରେ ସମସ୍ତଙ୍କ ପାଇଁ ଆଶାଜନକ ଭବିଷ୍ୟତ ସୁନିଶ୍ଚିତ କରିବାରେ ସାହାଯ୍ୟକରେ। ମାତ୍ର ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ନୈରାଶ୍ୟଜନକ ରହିଛି। ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ମହିଳା ଗର୍ଭାବସ୍ଥା କିମ୍ବା ପ୍ରସବ କାରଣରୁ ପ୍ରାଣ ହରାଉଛନ୍ତି। ସେହିପରି ୨ ନିୟୁତରୁ ଅଧିକ ଶିଶୁ ସେମାନଙ୍କ ଜୀବନର ପ୍ରଥମ ମାସରେ ମୃତ୍ୟୁବରଣ କରୁଛନ୍ତି ଏବଂ ପ୍ରାୟ ୨ନିୟୁତରୁ ଅଧିକ ମୃତଶିଶୁ ଜନ୍ମ ନେଉଛନ୍ତି। ଏପରି ସ୍ଥିତିରେ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ୟାର ବିଭିନ୍ନ ଦିଗକୁ ନେଇ ପ୍ରୟାସ କରାଯିବା ଆବଶ୍ୟକ। ଗୁଣାତ୍ମକ ପରିବେଶ ସ୍ୱାସ୍ଥ୍ୟରକ୍ଷାର କବଚ ବୋଲି ଅତିଥିମାନେ କହିଛନ୍ତି। ସୋମବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଆଞ୍ଚଳିକ ବିଜ୍ଞାନ



କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ରଙ୍କ ସହ ଅନ୍ୟ ଅତିଥି।

କେନ୍ଦ୍ର ପକ୍ଷରୁ କେନ୍ଦ୍ର ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ' ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର ଯୋଗଦେଇ କହିଲେ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ଏବେ ବି ଗର୍ଭବତୀ ମା' ଏବଂ ନବଜାତ ଶିଶୁ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ତେଣୁ ସୁସ୍ଥ ଗର୍ଭଧାରଣ, ପ୍ରସବ ଓ ଏହା ପରବର୍ତ୍ତୀ ସ୍ୱାସ୍ଥ୍ୟ ପାଇଁ ସେ ଉପଯୋଗୀ ସୂଚନା ପ୍ରଦାନ କରିଥିଲେ। ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ପ୍ରଦୂଷଣମୁକ୍ତ ପରିବେଶ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପ୍ରଫେସର ବି. ସୀତାରାମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମାରାଣ୍ଡି ସଞ୍ଚାଳନ କରିଥିବାବେଳେ ଓଇଏସ୍ ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ସ୍ୱପ୍ନା ବେହେରା, ବିମଳ ଚନ୍ଦ୍ର ଦାଶ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ୨୦୦ ଜଣଙ୍କୁ ପ୍ରଶିକ୍ଷଣ

ବାରଙ୍ଗ,୭।୪(ଲିଙ୍ଗରାଜ ରାଉତ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ, ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ପରିଚାଳନା ଓ ଟର୍ଚ୍ଚିକା କ୍ଲବ ପକ୍ଷରୁ ଅଙ୍କୁର ହସ୍ପିଟାଲ ଏବଂ ନାଇନ ଏମ୍ ଫର୍ଟିଲିଟି ସହଯୋଗରେ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସକାଳେ ପିଣ୍ଟୁ ମହାତୋ ଏବଂ ଟିମ୍ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀଙ୍କୁ ଜୁମ୍ବା ତଥା ଏରୋବିକ୍ସ ପ୍ରଶିକ୍ଷଣ ଦେଇଥିଲେ। ପରେ ନର୍ସିଂ ଛାତ୍ରୀ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଏବଂ ଡାକ୍ତରଙ୍କ ଦ୍ୱାରା ବ୍ଲଡ୍ ଗ୍ରୁପିଂ, ରକ୍ତଚାପ ପରୀକ୍ଷା, ବିଏମ୍‌ଆଇ ମାପିବା ଏବଂ ଏସ୍‌ପିଓଟୁ ଚେକ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଭାଗନେଇ ପୋଷ୍ଟର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜ୍ ପ୍ରତାପ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅଙ୍କୁର ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଗୁରୁପ୍ରସାଦ ଜି. ଯୋଗଦେଇଥିଲେ। ଅପରାହ୍ନରେ ଆୟୋଜିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳାରେ ନର୍ସିଂ ବିଭାଗ ଡିନ୍ ପ୍ରଫେସର ଡ. ଜୋୟିତା ମଣ୍ଡଳ ସ୍ୱଚ୍ଛତା ଉପରେ ମତ ରଖିଥିଲେ। ସୁସ୍ଥ ଜୀବନଚର୍ଯ୍ୟା ପାଇଁ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ସୁବ୍ରତ ଦେ ସୂଚନା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କୁଳପତିଙ୍କ ସମେତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଯୋଗଦେଇଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡିନ୍ ପ୍ରଫେସର ଡ. ତୀର୍ଥଙ୍କର ଘୋଷ, କିମ୍ସ ହସ୍ପିଟାଲ ସ୍ୱାସ୍ଥ୍ୟ ଓ ପୋଷଣ ବିଶେଷଜ୍ଞ ମିସ ସୋନମ ସିଂହ, ଅଙ୍କୁର ହସ୍ପିଟାଲର ଶିଶୁ-ସ୍ନାୟୁ ବିଶେଷଜ୍ଞ ଡ. ଦେବାଶିଷ ପାଣିଗ୍ରାହୀ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଶ୍ରୀରାମ ଚରିତ ମାନସ ସୁଖ, ଶାନ୍ତି ଦେଇଥାଏ

ଭୁବନେଶ୍ୱର,୭।୪ (ସୌମ୍ୟରଞ୍ଜନ ରାଉତ)

ଶ୍ରୀ ନୀଳକଣ୍ଠେଶ୍ୱର ଓ ମା' ଶାନ୍ତାନାରାୟଣୀ ମନ୍ଦିର ପରିଚାଳନା ନ୍ୟାସ ମଣ୍ଡଳୀ ଭିଏସଏସନଗର ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ରବିବାର ଉଦ୍‌ଯାପିତ ହୋଇଯାଇଛି। ପାରାୟଣ ପଣ୍ଡିତ ଅମୂଲ୍ୟ କୁମାର ତ୍ରିପାଠୀ ଓ ପ୍ରବଚକ ନବୀନ ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ଦିନ ନବାହ୍ନ ପାରାୟଣ ପାଠ ଓ ରାତିରେ ପ୍ରବଚନ ଦ୍ୱାରା ଶ୍ରୀରାମ ଚରିତ ମାନସର ସାରମର୍ମ ପରିବେଷଣ କରିଥିଲେ। ପ୍ରବଚକ ପଟ୍ଟନାୟକ କହିଥିଲେ, ରାମ ଚରିତ ମାନସର ଅନୁଗାମୀ ଇହଲୋକ ତଥା ପରଲୋକରେ ସୁଖ ଶାନ୍ତି ଲାଭ କରିଥାନ୍ତି। ମନ୍ଦିର ପରିଚଳନା କମିଟି ସଭାପତି ଦେବବ୍ରତ ପଟ୍ଟନାୟକ, ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ଇଂ. ଶିବ ପ୍ରସାଦ ମିଶ୍ର, ଡା. କୁମୁଦ ଚନ୍ଦ୍ର ମିଶ୍ର, ମୁନିନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଆମେରିକାରେ ପାଳନହେଲା 'ଉତ୍କଳ ଉତ୍ସବ'



ଉତ୍ସବରେ ଯୋଗଦେଇଥିବା ପ୍ରବାସୀ ଭାରତୀୟଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

ରାଜ୍ୟରେ ପ୍ରଥମଥର ପାଇଁ 'ଓଡ଼ିଆ ପକ୍ଷ' ପାଳନ ହେଉଥିବାବେଳେ ଆମେରିକାରେ 'ଉତ୍କଳ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଓଡ଼ିଆ ଅନୁଷ୍ଠାନ 'ଫ୍ଲୋରିଆ' ପକ୍ଷରୁ ଆମେରିକାର ଦକ୍ଷିଣ ପୂର୍ବରେ ଅବସ୍ଥିତ ଫ୍ଲୋରିଡା ରାଜ୍ୟର ଟାମ୍ପା ସହରରେ ଏହି ଉତ୍ସବ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ, ଲୋକକଳା ଏବଂ ସଂସ୍କୃତିର ପ୍ରଚାରପ୍ରସାର କରିବା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ। କାର୍ଯ୍ୟକ୍ରମରେ ପ୍ରଥମଥର ପାଇଁ ଅନୁଷ୍ଠାନ ପକ୍ଷରୁ 'ବିଶ୍ୱମ୍ଭରା' ନାମକ ଇ-ମାଗାଜିନ୍ ପ୍ରକାଶିତ ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ସଙ୍ଗୀତ ସହିତ ବିଭିନ୍ନ ଓଡ଼ିଆ ଆଧୁନିକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବରେ ପୂର୍ବତନ ଫ୍ଲୋରିଡା ଇଞ୍ଜିନିୟରିଂ ବୋର୍ଡ ସଦସ୍ୟ ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

## ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବର୍ଣ୍ଣବୋଧ ଉତ୍ସବ

ଭୁବନେଶ୍ୱର,୭।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ପକ୍ଷ ପାଳନର ସୋମବାର ସପ୍ତମ ଦିବସରେ ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ପ୍ରଡକ୍ସନ ପକ୍ଷରୁ ନୟାପଲ୍ଲୀସ୍ଥିତ ସବର ସାହି ଓ ନନ୍ଦିନୀପଲ୍ଲୀ ମୁଣ୍ଡାସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସୋମବାର ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସୁନାକର ସିଂ, କୃଷ୍ଣଭଉଚନ୍ଦ୍ର ପୃଷ୍ଟି, ଏସ୍‌କେ ଅବଦୁଲ କଲାମ ଏବଂ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡି କେନ୍ଦ୍ରର ୪୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ସିଲଟ, ଖଡ଼ି, ଲଡ୍ଡୁ, ଚକୋଲେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ବାରିକ ପରିଚାଳନା କରିଥିଲେ। ଏହି ଉତ୍ସବ ପାଠ ପ୍ରତି ରୁଚି ରଖୁ ନ ଥିବା ପିଲାମାନେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ ଓ ନିଜର ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

## ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଅନୁଷ୍ଠାନ କଳାକାରମାନେ।

ଭୁବନେଶ୍ୱର,୭।୪(ସୌମ୍ୟରଞ୍ଜନ ରାଉତ)

ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ ରବିବାର ରବୀନ୍ଦ୍ରମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମେ ଅଧିବେଶନରେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ କଳାବତୀ ପଲ୍ଲବୀ, ସ୍ଥାୟୀ ନୃତ୍ୟ, ଶିବ ସ୍ତୁତି, ଗଙ୍ଗା ତରଙ୍ଗ, ବନ୍ଦେ ଉତ୍କଳ ଜନନୀ, ମହାଭାରତ ପରିବେଷିତ ହୋଇଥିଲା। ପରେ ଆଦିବାସୀ, ଢେମସା ଓ ପାଇକ ନୃତ୍ୟ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ନୃତ୍ୟାଙ୍ଗନା ଜ୍ୟୋତିର୍ମୟୀ ଦାସ ଏବଂ ସୌମ୍ୟା ପ୍ରିୟଦର୍ଶିନୀ ପାତ୍ର। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ପ୍ରଜ୍ଞା ଧରା ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ପୀତାମ୍ବର ବିଶ୍ୱାଳ, ଛଉ ନୃତ୍ୟ ଗୁରୁ ଶୁଭଶ୍ରୀ ମୁଖାର୍ଜୀ, ଗାୟକ ଦିବ୍ୟ ରଞ୍ଜନ ପଟ୍ଟନାୟକ ଓ ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ରର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା ଏବଂ ଉପାଧ୍ୟକ୍ଷ ଡ. ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

# କାଠି କଣ୍ଢେଇ ନୃତ୍ୟରେ 'ଅକ୍ଷୟ କୁମାର ବଧ'

ଭୁବନେଶ୍ୱର, ୭।୪ (ସୌମ୍ୟରଞ୍ଜନ ରାଉତ)

ସୂତା କଣ୍ଢେଇ ଓ ହାତ କଣ୍ଢେଇ ନୃତ୍ୟ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳାକୁ ନେଇ ପରିବେଷଣ କରାଯାଉଥିବାବେଳେ କାଠି କଣ୍ଢେଇ ନୃତ୍ୟର ବିଷୟବସ୍ତୁ ପ୍ରାୟ ରାମାୟଣ ଉପରେ ଆଧାରିତ ହୋଇଥାଏ। ଅତୀତରେ ଏହି ନୃତ୍ୟ କେନ୍ଦୁଝର ଜିଲାର ଝର ଓ ଆଦିବାସୀ ସମ୍ପ୍ରଦାୟର ଶିଳ୍ପୀମାନେ ପରିବେଷଣ କରୁଥିଲେ। କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣୀ କୁଅଁରଙ୍କ ମୃତ୍ୟୁପରେ ଏହି ପ୍ରାଚୀନ କଣ୍ଢେଇ ନୃତ୍ୟ ବର୍ତ୍ତମାନ କେନ୍ଦୁଝର ଜିଲାର ଜଡ଼ିପଦା ଗ୍ରାମରେ ସୀମାବଦ୍ଧ ହୋଇ ରହିଛି। ଗୁରୁ ହରିଶ୍ଚନ୍ଦ୍ର ଓରାମଙ୍କ ବିଶ୍ୱଦେବ ଶିଳ୍ପୀ କଣ୍ଢେଇ ନୃତ୍ୟ କେନ୍ଦ୍ର ପକ୍ଷରୁ ୧୬୮ତମ ଲୋକକଳା କାଠି କଣ୍ଢେଇ ନୃତ୍ୟ ରାମାୟଣର ଲଙ୍କାକାଣ୍ଡ ଆଧାରିତ 'ଅକ୍ଷୟ କୁମାର ବଧ' ଭାରତୀୟ ବିଦ୍ୟାଭବନ ମୁକ୍ତମଞ୍ଚଠାରେ ସୋମବାର ପରିବେଷିତ ହୋଇଯାଇଛି। କଣ୍ଢେଇ ନୃତ୍ୟର ନିର୍ଦ୍ଦେଶନା ଗୁରୁ ହରିଶ୍ଚନ୍ଦ୍ର ଓରାମ ଦେଇଥିବାବେଳେ କୁନ୍ଦନ କୁମାର ସିଂ ସହଯୋଗ କରିଥିଲେ।

# ଭାରତୀୟ ରେଡ୍‌କ୍ରସ୍ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ରେଡ୍‌କ୍ରସ୍ ଭବନଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଡ. ବିଜୟ ବେହେରା ଓ ଡ. ପ୍ରଦୀପ କୁମାର ମହାରଣା ଯୋଗଦେଇ ଜୁନିୟର ରେଡ୍‌କ୍ରସ୍‌ର ପରାମର୍ଶଦାତା, ସ୍ୱେଚ୍ଛାସେବୀ ଓ ରେଡ୍‌କ୍ରସ୍ କର୍ମଚାରୀଙ୍କୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଜଣେ ନାରୀ ମାତୃତ୍ୱ ଲାଭ ପୂର୍ବରୁ ଗର୍ଭାବସ୍ଥାରେ ଓ ପିଲା ଜନ୍ମ ପରେ କିପରି ପିଲାର ଠିକ ଯତ୍ନ ନେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରଘୁନାଥ ବେହୁରା ଯୋଗଦେଇଥିବାବେଳେ ଯୁବ ରେଡ୍‌କ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଲାଙ୍କ ଚକ୍ଷୁ ସୁରକ୍ଷା ପାଇଁ ପ୍ରାୟତଃ ୯୦ ବିଦ୍ୟାଳୟରୁ ଆସିଥିବା ଜୁନିୟର ରେଡ୍‌କ୍ରସ୍‌ର କାଉନ୍‌ସେଲରଙ୍କୁ ଏଲ୍ ଭି ପ୍ରସାଦ ଆଇ ହସ୍ପିଟାଲର ଟେକ୍ନିସିଆନମାନେ ଚକ୍ଷୁ ପରୀକ୍ଷା ଯନ୍ତ୍ରର ଉପଯୋଗ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟରେ ପିଲାଙ୍କ ଚକ୍ଷୁ ପରୀକ୍ଷଣ ନିମନ୍ତେ ସମସ୍ତ କାଉନ୍‌ସେଲରଙ୍କୁ ଚକ୍ଷୁ ପରୀକ୍ଷା ଯନ୍ତ୍ର ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମଦିନରେ ରକ୍ତ ଅଭାବ ଦୂରକରିବା ନିମନ୍ତେ କେତେଜଣ କାଉନସେଲର ରକ୍ତଦାନ କରିବା ସହିତ ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ପିଲାଙ୍କୁ ଠିକ ଖାଦ୍ୟ ଖାଇବା, ବ୍ୟାୟାମ ଓ ଯୋଗ କରିବା ଓ ଈଶ୍ୱର ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ଆଇସିଆର୍‌ସି ପ୍ରୋଗ୍ରାମ ମ୍ୟାନେଜର ସଂଯୁକ୍ତା ପ୍ରିୟଦର୍ଶିନୀ ବାରିକ, ପ୍ରିୟଙ୍କା ବିଶ୍ୱାଳ, ରମାରାଣୀ ସେନାପତି, ରୀନା ବାରିକ, ଲୀଳାପୁଣ୍ୟ ତୀର୍ଥ ସ୍ୱାଇଁ, କୁବେର ପାତ୍ର, ପ୍ରତାପ ଜେନା, ଜ୍ଞାନଦା ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନର୍ସିଂ ଦୟା, ଯତ୍ନ, ନିଷ୍ଠାପର ସେବାର ପ୍ରତିବଦ୍ଧତା: ରାଜ୍ୟପାଳ

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ନର୍ସିଂ କେବଳ ଏକ ଆଦର୍ଶ ବୃତ୍ତି ନୁହେଁ, ଏହା ହେଉଛି ଦୟା, ଯତ୍ନ ଓ ନିଷ୍ଠାର ସହ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା। ନର୍ସିଂ କେବଳ ବିଜ୍ଞାନଭିତ୍ତିକ ଜ୍ଞାନ ଏବଂ କ୍ଲିନିକାଲ୍ ଦକ୍ଷତା ନୁହେଁ, ଏହା ମାନବିକ ସ୍ପର୍ଶ-ସହାନୁଭୂତି, ଧୈର୍ଯ୍ୟର ବୃତ୍ତି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମଠାରେ ସୋମବାର କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ୱଳନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଦୀପ ପ୍ରଜ୍ୱଳନ ସମାରୋହ ଗଭୀର ପ୍ରତୀକାତ୍ମକ ଏବଂ ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କୁ ସ୍ମରଣ କରିବାର ଅବସର ଆଣେ। ଦୀପ ପ୍ରଜ୍ୱଳନ



କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ୱଳନ ଓ ଶପଥଗ୍ରହଣ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ ଅନ୍ୟ ଅତିଥି।

ଜ୍ଞାନର ପ୍ରସାରଣ, ଜୀବନବ୍ୟାପୀ ଶିକ୍ଷାର ଆରମ୍ଭ ଏବଂ ରୋଗୀ ଯତ୍ନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଗମ୍ଭୀର ପ୍ରତିଜ୍ଞାର ପ୍ରତୀକ। ନର୍ସିଂ ବୃତ୍ତିଧାରୀମାନେ ସାଧାରଣତଃ ପ୍ରଥମେ ରୋଗୀଙ୍କ ପାଖରେ ପହଞ୍ଚନ୍ତି ଏବଂ ଚିକିତ୍ସାର ଶେଷ ପର୍ଯ୍ୟନ୍ତ ରୁହନ୍ତି। ସେମାନେ ଦୁଃଖରେ ସାନ୍ତ୍ୱନା ଓ ହତାଶରେ ଆଶା ଆଣନ୍ତି। ଏପରି ଉତ୍ସର୍ଗୀକୃତ ନର୍ସିଂ ବୃତ୍ତିଧାରୀଙ୍କୁ ଗଢ଼ିବା, ନୈତିକ ମୂଲ୍ୟବୋଧ ପ୍ରଦାନ କରିବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲ ଓ କଳିଙ୍ଗ ନର୍ସିଂ କଲେଜର ପ୍ରଚେଷ୍ଟାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ନର୍ସିଂ ଛାତ୍ରୀଛାତ୍ର ପରିଧାନ କରିଥିବା ଧଳା ପୋଷାକ ପବିତ୍ରତା, ବିଶ୍ୱାସ ଓ ପ୍ରତିବଦ୍ଧତାର ପ୍ରତୀକ। ଏଣୁ ସେମାନଙ୍କର ସେବା କରୁଣା ଓ ଉତ୍କର୍ଷତା ଦ୍ୱାରା ପ୍ରତିପାଦିତ ହେଉ। ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ଉତ୍ସର୍ଗୀକୃତ ନର୍ସଙ୍କ ଉପରେ ଅଧିକରୁ ଅଧିକ ନିର୍ଭର କରିବ, ଯେଉଁମାନେ ବୃତ୍ତିକୁ ସହାନୁଭୂତିର ସହ ଆପଣେଇ ନିଷ୍ଠାର ସହ କାର୍ଯ୍ୟକରିବେ ବୋଲି ରାଜ୍ୟପାଳ କହିଥିଲେ। କଳିଙ୍ଗ ହସ୍ପିଟାଲର ଟ୍ରଷ୍ଟି ଏସ୍.ସି.ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ବିଦ୍ୟାଭବନ ଭୁବନେଶ୍ୱରର ଚେୟାରମ୍ୟାନ ଜୟନ୍ତ କୁମାର ମହାନ୍ତି, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନର ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ଅଗ୍ରୱାଲ, ଓବିଜିର ଏଚ୍‌ଓଡି ଡା. ସୁଜାତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଅତିରିକ୍ତ ୧୨ଦିନ ଛୁଟି ସହ ବିଭିନ୍ନ ଦାବି ନେଇ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକମାନେ ସୋମବାର ଭୁବନେଶ୍ୱରସ୍ଥିତ ଓସେପା କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।



ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲା ନିମାପଡାସ୍ଥିତ ସାଇଁସ ଶାସନ ପଞ୍ଚାୟତର ଏସ.ଏସ.ପି ଉଚ୍ଚ ବିଦ୍ୟାଳୟରେ ଶିଶୁଙ୍କୁ ବର୍ଣ୍ଣବୋଧ ବହି ବାଣ୍ଟୁଛନ୍ତି।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆର୍ଥିକ ସହାୟତା

କଟକ,(କାର୍ତ୍ତିକ ସାହୁ)- ବରିଷ୍ଠ ଖବରକାଗଜ ବିକ୍ରେତା ବଂଶୀଧର ବେହେରା ଅସୁସ୍ଥ ଅଛନ୍ତି। ତେଣୁ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ତାଙ୍କୁ ୨ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ୪୨ ମୌଜାସ୍ଥିତ ବେହେରାଙ୍କ ବାସଭବନରେ ସଂଘ ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ସଭ୍ୟ କେ. ବେଣୁ ରାଓ ଏବଂ କାର୍ତ୍ତିକ ବେହେରା ତାଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ମା' ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ

ଚୌଦ୍ୱାର,୭।୪(ଆଶୁତୋଷ ଦାସ)- ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡସ୍ଥିତ କଳିଙ୍ଗ ନଗରଠାରେ ୫ ଦିନ ଧରି ଚାଲିଥିବା ବାସନ୍ତୀ ଦୁର୍ଗାପୂଜା ଶେଷ ହୋଇଛି। କଳିଙ୍ଗନଗର ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନା, ଚଣ୍ଡୀ ପାଠ, ହୋମଯଜ୍ଞ ଆଦି କରାଯାଇଥିଲା। ସୋମବାର ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରେମାନନ୍ଦ ପ୍ରଧାନ, ଭଗବାନ ଦାସ, ପ୍ରଦୀପ୍ତ ରଥ, ନୃସିଂହ ଚରଣ ଦେବତା, ଅକ୍ଷୟ କୁମାର ଦାସ, ରଞ୍ଜନ କୁମାର ପ୍ରଧାନ, ରଜତ ପଣ୍ଡା, ତପନ କୁମାର ପ୍ରଧାନ, ରାକେଶ କୁମାର ଜାନି, ଆକାଶ ଚନ୍ଦ୍ର ବାରିକଙ୍କ ସମେତ ସ୍ଥାନୀୟ ଫ୍ରେଣ୍ଡସ୍ କ୍ଲବ୍‌ର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ବାଙ୍କୀ,୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର):ବାଙ୍କୀ କଇଁମୁଣ୍ଡି ଫାଣ୍ଡି ଅନ୍ତର୍ଗତ କୁଅମଡ଼ା ଛକଠାରେ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦ୍ରାପଡ଼ାର ମହେନ୍ଦ୍ର କୁମାର ବଳ। ସେ ତ୍ରିଶୂଳିଆ ଦେଉଳି ସାହିରେ ରହି ଫୁଲ ବ୍ୟବସାୟ କରୁଥିଲେ।ମହେନ୍ଦ୍ର ସ୍କୁଟିଯୋଗେ ବାଙ୍କୀରୁ ତ୍ରିଶୂଳିଆ ଅଭିମୁଖେ ଯାଉଥିବା ବେଳେ ଅପରପଟୁ କଟକରୁ ବାଙ୍କୀ ଆଡ଼କୁ ଯାଉଥିବା କାର୍ ଧକ୍କାଦେଇ ଫେରାର ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। କଇଁମୁଣ୍ଡି ଫାଣ୍ଡି ଅଧିକାରୀ ପ୍ରଦୀପ୍ତ କୁମାର ତ୍ରିପାଠୀ, ବାଙ୍କୀ ଥାନା ଏସ୍‌ଆଇ ମମତା ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଜବତ କରିଛନ୍ତି।

# ଗୁଣାତ୍ମକ ପରିବେଶ ସ୍ୱାସ୍ଥ୍ୟରକ୍ଷାର କବଚ

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)



କାର୍ଯ୍ୟକ୍ରମରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ରଙ୍କ ସହ ଅନ୍ୟ ଅତିଥି।

ମା' ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହେଉଛି ସୁସ୍ଥ ପରିବାର ଏବଂ ସମ୍ପ୍ରଦାୟର ମୂଳଦୁଆ। ଏହା ସମାଜରେ ସମସ୍ତଙ୍କ ପାଇଁ ଆଶାଜନକ ଭବିଷ୍ୟତ ସୁନିଶ୍ଚିତ କରିବାରେ ସାହାଯ୍ୟକରେ। ମାତ୍ର ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ନୈରାଶ୍ୟଜନକ ରହିଛି। ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ମହିଳା ଗର୍ଭାବସ୍ଥା କିମ୍ବା ପ୍ରସବ କାରଣରୁ ପ୍ରାଣ ହରାଉଛନ୍ତି। ସେହିପରି ୨ ନିୟୁତରୁ ଅଧିକ ଶିଶୁ ସେମାନଙ୍କ ଜୀବନର ପ୍ରଥମ ମାସରେ ମୃତ୍ୟୁବରଣ କରୁଛନ୍ତି ଏବଂ ପ୍ରାୟ ୨ନିୟୁତରୁ ଅଧିକ ମୃତଶିଶୁ ଜନ୍ମ ନେଉଛନ୍ତି। ଏପରି ସ୍ଥିତିରେ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ୟାର ବିଭିନ୍ନ ଦିଗକୁ ନେଇ ପ୍ରୟାସ କରାଯିବା ଆବଶ୍ୟକ। ଗୁଣାତ୍ମକ ପରିବେଶ ସ୍ୱାସ୍ଥ୍ୟରକ୍ଷାର କବଚ ବୋଲି ଅତିଥିମାନେ କହିଛନ୍ତି। ସୋମବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ କେନ୍ଦ୍ର ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ' ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର ଯୋଗଦେଇ କହିଲେ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଅଭାବରୁ ଏବେ ବି ଗର୍ଭବତୀ ମା' ଏବଂ ନବଜାତ ଶିଶୁ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ତେଣୁ ସୁସ୍ଥ ଗର୍ଭଧାରଣ, ପ୍ରସବ ଓ ଏହା ପରବର୍ତ୍ତୀ ସ୍ୱାସ୍ଥ୍ୟ ପାଇଁ ସେ ଉପଯୋଗୀ ସୂଚନା ପ୍ରଦାନ କରିଥିଲେ। ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ପ୍ରଦୂଷଣମୁକ୍ତ ପରିବେଶ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପ୍ରଫେସର ବି. ସୀତାରାମ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତା କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମାରାଣ୍ଡି ସଞ୍ଚାଳନ କରିଥିବାବେଳେ ଓଇଏସ୍ ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ସ୍ୱପ୍ନା ବେହେରା, ବିମଳ ଚନ୍ଦ୍ର ଦାଶ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


କଟକ ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରୁମ୍‌ଝୁମ୍ ନାୟକଙ୍କ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଦଳୀୟ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

## ନଗର ମହିଳା କଂଗ୍ରେସର ବୈଠକ

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ):

ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଟକ ନଗର ମହିଳା କଂଗ୍ରେସ କର୍ମୀଙ୍କର ଏକ ଜରୁରୀ ବୈଠକ ସେଲ୍‌ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦଳର ପୂର୍ବତନ ସଭାନେତ୍ରୀ ଶୈଳବାଳା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଦଳୀୟ ସଙ୍ଗଠନକୁ ମହିଳାମାନେ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଆଗାମୀ ପୌର ନିର୍ବାଚନରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅପରପକ୍ଷରେ କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୫୯ଟି ୱାର୍ଡରେ ମହିଳା କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୋକିମ ପରାମର୍ଶ ଦେଇଥିଲେ। ଏହି ବୈଠକରେ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ ନେତ୍ରୀ ରେଣୁବାଳା ରାଉତ, ସ୍ନେହଲତା ଚୌଧୁରୀ, ଅନିତା ନାୟକ, କର୍ପୋରେଟର ଭାନୁ ସେନାପତି, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଅମ୍ରିତା ଦାସ, ସବିତା ସ୍ୱାଇଁ, କାଞ୍ଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ ମାଟିର ଅନ୍ୟତମ ବରପୁତ୍ର ପ୍ରହରାଜ

## ବିଧାୟକ ଗୋକୁଳାନନ୍ଦଙ୍କ ଜନ୍ମଶତବାର୍ଷିକୀ ପାଇଁ ପ୍ରସ୍ତୁତି

ବାଙ୍କୀ,୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ ପରିସରରେ ବାଙ୍କୀର ପ୍ରଥମ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଶାଶ୍ୱତ କବି ସ୍ୱର୍ଗତ ଗୋକୁଳାନନ୍ଦ ପ୍ରହରାଜଙ୍କ ଶତବାର୍ଷିକୀ ପାଇଁ ଏକ ପ୍ରସ୍ତୁତି ବୈଠକ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଯୁବ ପରିଷଦ ଆବାହକ ଅକ୍ଷୟ କୁମାର ସାମଲ ସ୍ୱର୍ଗତ ପ୍ରହରାଜଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭ୍ରମରବର ଦଳେଇ ଯୋଗଦେଇ ସ୍ୱର୍ଗତ ପ୍ରହରାଜ ବାଙ୍କୀ ମାଟିର ଅନ୍ୟତମ ବରପୁତ୍ର ଓ ତାଙ୍କ ତତ୍ତ୍ୱାବଧାନରେ ମହାନଦୀରେ ମାଳବନ୍ଧ ନିର୍ମାଣ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦଳେଇ, ଖବରଦାତା ଶୁଭେନ୍ଦୁ ମହାପାତ୍ର, ବେଣୁଧର ଦାସ, ବିଚିତ୍ର ସାହୁ, ଯୋଗେନ୍ଦ୍ର ଦାସ, ରାମଚନ୍ଦ୍ର ସାହୁ, କବି ଲଲାଟେନ୍ଦୁ ପଣ୍ଡା, ଗୋଲାପ ବେହେରା, ଅନୁପମା ସାହୁ, ସନ୍ତୋଷ କୁମାର ସାହୁ, ରୀନାବାଳା ପଣ୍ଡା, ଗୀତାଞ୍ଜଳି ବେହେରା, ହେମଲତା ମହାରଣା, ସଙ୍ଗୀତା ବେହେରା, ଭାରତୀ ପରିଡ଼ା, ସବିତା ବାରିକ, ସୌମିତ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାଙ୍କୀର ବିଭିନ୍ନ ସ୍ଥାନ ଯଥା–ଗୋଳାଗଣ୍ଡ ଓ ବାଙ୍କୀ ସହରଠାରେ ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ଆଗାମୀଦିନରେ କଳାପଥର, ତାଳବସ୍ତ, ପାଥପୁର ଆଦି ସ୍ଥାନରେ ବୈଠକ ହେବାକୁ ସ୍ଥିର କରାଯାଇଛି। ଆସନ୍ତା ଜୁଲାଇରେ ସ୍ୱର୍ଗତ ପ୍ରହରାଜଙ୍କ ଶତବାର୍ଷିକୀ ପାଳନ ଅବସରରେ ସ୍ମରଣିକା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଶେଷରେ ମାନଭଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ।

# ଦେଶର ପ୍ରଗତି ପାଇଁ ପ୍ରତିବଦ୍ଧତା ଦୋହରାଇବ ଭାଜପା

## ବାଙ୍କୀ ଭାଜପାର ୪୬ତମ ପ୍ରତିଷ୍ଠା ଦିବସ

ବାଙ୍କୀ,୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)–ଭାଜପାର ୪୬ତମ ପ୍ରତିଷ୍ଠା ଦିବସ ବାଙ୍କୀ ନଗର ଭାଜପା ପକ୍ଷରୁ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ବେଦପୁର ଷଷ୍ଠୀ ଦେବୀଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଗର ଭାଜପା ସଭାପତି ସଞ୍ଜୟ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ପ୍ରଗତି ଲାଗି ଭାଜପା ନିଜର ପ୍ରତିବଦ୍ଧତା ଦୋହରାଇବାର ସୁଯୋଗ ପାଇଛି। ବିଗତ ଦିନଗୁଡ଼ିକରେ ମିଳିଥିବା ଜନାଦେଶ ସ୍ପଷ୍ଟ କରିଦେଇଛି ଯେ ଲୋକମାନେ ଭାଜପାର ଉତ୍ତମ ଶାସନ ବ୍ୟବସ୍ଥାକୁ ମାନ୍ୟତା ପ୍ରଦାନ କରିଛନ୍ତି। ବାଙ୍କୀ ଏନ୍‌ଏସି ଭାଜପା ପ୍ରତିନିଧି ସରୋଜ କୁମାର ସାମନ୍ତରା, କଟକ ଜିଲା ଭାଜପା ପ୍ରତିନିଧି ସରୋଜ ମିଶ୍ର, ସୁଧାକର ବେହେରା, ରମେଶ ପଣ୍ଡା, ପ୍ରମୋଦ କୁମାର ମଲିକ, ଆଶିଷ ପରିଡ଼ା, ମନୋଜ ଗୋଚ୍ଛି, ବନ୍ଧୁ ମୋହନ ନାୟକ, ପ୍ରମୋଦ ସାମଲଙ୍କ ସମେତ ଏନ୍‌ଏସିର ୧୩ଟି ବୁଥ୍‌ର ସଭାପତିଙ୍କ ସମେତ ବହୁ ଭାଜପା କର୍ମୀ ଓ ନେତାମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ ।

# ପଞ୍ଚାୟତର ସରକାରୀ କାଗଜପତ୍ର କାର୍ଯ୍ୟାଳୟରେ ଦାଖଲ କରନ୍ତୁ ନିଲମ୍ବିତ ଅଧିକାରୀ

ବାଙ୍କୀ,୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

- ବିଡିଓଙ୍କୁ ଦାବିପତ୍ର ଦେଲେ ସରପଞ୍ଚ
- ଦାବିପୂରଣ ନ ହେଲେ ଧାରଣା ଦେବାକୁ ଚେତାବନୀ

ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ପଞ୍ଚାୟତର ସମସ୍ତ ସରକାରୀ ରେକର୍ଡପତ୍ର, କ୍ୟାଶ୍‌ବହି, ପାସ୍‌ବହି, କମ୍ପ୍ୟୁଟର ଆଦି ଉପକରଣ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ସ୍ୱାଇଁ ମଙ୍ଗଳବାର ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଉନ୍ନୟନ କାର୍ଯ୍ୟର କେସ୍ ରେକର୍ଡ, ଲାପ୍‌ଟପ୍ ଏପରିକି ୨୦୨୪ରେ କିଣାଯାଇଥିବା କମ୍ପ୍ୟୁଟର ସମେତ ସମସ୍ତ ବୈଦ୍ୟୁତିକ ଉପକରଣ ପଞ୍ଚାୟତରେ ନ ରଖି ନିଜ ପାଖରେ ରଖିଛନ୍ତି। ଏହାର ତଦନ୍ତ କରାଯାଇ ସ୍ୱାଇଁଙ୍କଠାରୁ କାଳିପୋଇ ପଞ୍ଚାୟତର ସମସ୍ତ କାଗଜପତ୍ର ଫେରସ୍ତ କରିବା ପାଇଁ ସରପଞ୍ଚ ସୁବ୍ରତ କୁମାର ବେହେରା ଲିଖିତ ଭାବେ ବାଙ୍କୀ ବିଡିଓ ସଂଗ୍ରାମ ଭୋଳଙ୍କୁ ଜଣାଇଛନ୍ତି। ଏହାର ନକଲ ଜିଲାପାଳ କଟକ ଏବଂ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ କଟକଙ୍କ ନିକଟକୁ ପଠାଇଛନ୍ତି।

ଏ ସମ୍ପର୍କରେ ବାଙ୍କୀ ବିଡିଓ ଭୋଳଙ୍କୁ ବହୁବାର ଜଣାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଜିନିଷ ପଞ୍ଚାୟତକୁ ହସ୍ତାନ୍ତର କରାଯାଇନାହିଁ ପଞ୍ଚାୟତର ମାସିକ ସଭା ବହି, ନୋଟିସ ବହି, ରସିଦ୍ ବହି, ପଞ୍ଚାୟତର ଆର୍ଥିକ ପରିଚାଳନା ସମ୍ବନ୍ଧରେ କୌଣସି ତଥ୍ୟ ପଞ୍ଚାୟତରେ ନାହିଁ। ଫଳରେ ମାସିକ ପଞ୍ଚାୟତ ସଭା ଠିକ୍ ଭାବେ ହୋଇପାରୁନାହିଁ ବୋଲି ବେହେରା ଅଭିଯୋଗରେ ଦର୍ଶାଇଛନ୍ତି। ଯଥାଶୀଘ୍ର ସ୍ୱାଇଁ ଉକ୍ତ କାଗଜପତ୍ର ନ ଫେରାଇଲେ ବାଙ୍କୀ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସରପଞ୍ଚ ବେହେରା ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବାଙ୍କୀ ବିଡିଓ ଭୋଳ କାଳିପୋଇ ପଞ୍ଚାୟତର ଅନିୟମିତତା ଅଭିଯୋଗ ନେଇ ସ୍ପେଶିଆଲ ଅଡିଟ୍ ପାଇଁ ଜିଲା ପଞ୍ଚାୟତ କାର୍ଯ୍ୟାଳୟକୁ ଚିଠି ନଂ.୯୮୭ରେ ଲିଖିତ ଆକାରରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଦୁର୍ନୀତି ଅଭିଯୋଗରେ ସ୍ୱାଇଁଙ୍କୁ କଟକ ଜିଲାପାଳ ଚାକିରିରୁ ନିଲମ୍ବିତ କରିଛନ୍ତି।

# ଜିଲାପାଳଙ୍କ ଜନଶୁଣାଣିରେ ୧୦୯ ଅଭିଯୋଗ

## ୭୬ ଅଭିଯୋଗ ତତ୍କାଳ ସମାଧାନ

ଟିଗିରିଆ,୭।୪(ଜାଫର ଖାଁ)



ଜନଶୁଣାଣିରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହି ଶିବିର ସକାଳ ୭ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ଶେଷ ହୋଇଥିଲା। ଗଙ୍ଗାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ ଅଭିଯୋଗଗୁଡ଼ିକ ଶୁଣିଥିଲେ। ଶିବିରରେ ୧୦୯ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୧୦୨ ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଥିଲା। ୭୬ ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା।

ସାମୂହିକ ମଧ୍ୟରେ ଭୋଗଡ଼ା ବ୍ଲକ ଅନ୍ତର୍ଗତ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗୋଟିଏ ନୂଆ କ୍ରଶର କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଚାଷଜମି, ବାୟୁ ପ୍ରଦୂଷଣ ଓ ପାନୀୟଜଳ ପ୍ରକଳ୍ପ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଉକ୍ତ କ୍ରଶର ବନ୍ଦ ପାଇଁ ଗୋକର୍ଣ୍ଣଖାଲ, ଭେଜିଆ, ପାଇକସାହି ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ସେହିପରି ନିଜିଗଡ଼ ପଞ୍ଚାୟତସ୍ଥିତ କରଡ଼ାପଲ୍ଲୀ ଗ୍ରାମ ହରିଜନ ସାହିରେ କୌଣସି ସରକାରୀ ଜମି ନ ଥିବାରୁ ଉକ୍ତ ସ୍ଥାନରେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏ ନେଇ ପଦକ୍ଷେପ ଗ୍ରହଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ପଡ଼ାଗ୍ରାମ ଅମୁଣିଆ ସାହିକୁ ଆଇନରେ ସଂଶୋଧନ କିମ୍ବା କୋହଳ କରାଯାଇ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଗ୍ରାମ ସଭାପତି ଡ. ମନୋରଞ୍ଜନ ମହାନ୍ତି ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପଠାଯାଇଥିଲା।

ବ୍ଲକର ସର୍ବ ପୁରାତନ ଉଚ୍ଚ ବିଦ୍ୟାଳୟ ପବିତ୍ରମୋହନ ବିଦ୍ୟାପୀଠର ଉନ୍ନତିକରଣ ପାଇଁ ଯୁବ ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି ଓ ସହଯୋଗୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ସୋମପଡ଼ା ପଞ୍ଚାୟତସ୍ଥିତ କୁମ୍ଭୀପୁଟ ଗ୍ରାମରେ ଡ୍ରେନ୍ ପୋତି ହୋଇଯିବା କାରଣରୁ ବର୍ଷାଜଳ ନିଷ୍କାସନରେ ଅସୁବିଧା ନେଇ ଅଭିଯୋଗ ହୋଇଥିଲା। ଟିଗିରିଆ ବରିଷ୍ଠ ନାଗରିକ କମିଟି ତରଫରୁ ନିଜିଗଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଡାକ୍ତର ପଦବୀ ଖାଲିପଡ଼ିଛି। ଏହାକୁ ତୁରନ୍ତ ପୂରଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ ଓ ଜମିଜମା ବିବାଦ ସମ୍ବନ୍ଧୀୟ ଅଧିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ହାଟମାଳ ପଞ୍ଚାୟତ ସାମପୁର ଗ୍ରାମର ପକ୍ଷାଘାତ ରୋଗୀ ନୀଳମଣି ବେହେରାଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ଜିଲାପାଳ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, ପିଡି ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, ସିଡିଏମ୍‌ଓ ପ୍ରଶାନ୍ତ କୁମାର ହୋତା, ଉପଜିଲାପାଳ ପ୍ରହ୍ଲାଦ ନାରାୟଣଶର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଡିଓ ମନସ୍ୱିନୀ ଦାସ, ତହସିଲଦାର କାଜଲ କୁମାର ମଲ୍ଲିକ, ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର


କଟକ ପେନ୍‌ସନ୍ ଲେନ୍‌ଠାରେ ବାରବାଟୀ–କଟକ ଯୁବ କଂଗ୍ରେସ ପକ୍ଷରୁ ଜଳ ବିତରଣ କେନ୍ଦ୍ରକୁ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଉଦ୍‌ଘାଟନ କରୁଛନ୍ତି।



କଟକ ମାତୃଭବନଠାରେ ୫୪ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ଡ. ବିରଞ୍ଚି ନାରାୟଣ ମହାପାତ୍ର ବକ୍ତବ୍ୟ ଦେଉଛନ୍ତି।


ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଳାଇଙ୍କ ମହିଷାମର୍ଦ୍ଦିନୀ ବେଶ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

# ସରକାରୀ, ଠାକୁରଙ୍କ ଜମିରୁ ପଥର ଚୋରାଚାଲାଣ

**ଖୋର୍ଦ୍ଧା,୭।୪(ପ୍ରଭାତ ପାଣିଗ୍ରାହୀ)**

- ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ
- ଜିଲାପାଳଙ୍କୁ ଅଭିଯୋଗ, ଆନ୍ଦୋଳନ ଚେତାବନୀ

ସରକାରୀ ଜମିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ହେଉଛି। ଦିବାରାତ୍ର ଖନନ ଚାଲିଥିବା ବେଳେ ବିରୋଧ କଲେ ଗ୍ରାମବାସୀଙ୍କୁ ମିଳୁଛି ହତ୍ୟା ଧମକ। ଏଭଳି ଅଭିଯୋଗ ଆଣିଛନ୍ତି ଜଟଣୀ ତହସିଲ ଅଞ୍ଚଳର ରଥିପୁର ଗ୍ରାମବାସୀ। ଏନେଇ ସୋମବାର କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରଥିପୁର ଗ୍ରାମର ଆରାଧ ସାକ୍ଷୀଗୋପୀନାଥ ବିଜେସ୍ଥଳୀ ୨୦ଏକରରୁ ଉର୍ଦ୍ଧ୍ୱ ଠାକୁରଙ୍କ ଜମି ରହିଛି। ଠାକୁର ଏବଂ ସରକାରୀ ଜମି ଉପରେ ଖଣି ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଛି। ତେବେ କେତେଜଣ କମିଟି ସଦସ୍ୟ ଏବଂ ପ୍ରଶାସନ ଅଧିକାରୀଙ୍କୁ ହାତକରି ମାଫିଆମାନେ ଦିବାରାତ୍ର ମୋରମ, ମାଙ୍କଡା ପଥର ଚୋରାଚାଲାଣ କରୁଛନ୍ତି। ପ୍ରତିବାଦ କଲେ ମାଫିଆମାନେ ଭଡ଼ାଟିଆ ଗୁଣ୍ଡା ଲଗାଇ ଭୟଭୀତ କରାଉଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସ୍ପଷ୍ଟ ଦିବାଲୋକରେ ପଥର ଖନନ କରୁଛନ୍ତି। ଦୈନିକ ଶହ ଶହ ଟ୍ରିପ ପଥର ଚାଲାଣ ହେଉଛି। ତେବେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବ। ପ୍ରଶାସନିକ ଅଧିକାରୀ କିମ୍ବା ଖଣି ବିଭାଗରେ ଯେତେଥର ଅଭିଯୋଗ କଲେ ମଧ୍ୟ କେହି କିଛି କରିପାରିବେ ନାହିଁ ବୋଲି ଖଣି ମାଫିଆମାନେ ରାସ୍ତା ଉପରେ ପ୍ରତିବାଦକାରୀଙ୍କୁ ଧମକ ଦେବା ସହ ଭୟଭୀତ କରୁଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏପରିକି ଏହି ଅଞ୍ଚଳର ୫୦ଏକର ସରକାରୀ ଜମିକୁ ମାଫିଆମାନେ ବିକ୍ରି କରି ଚାଲିଛନ୍ତି। ମାଫିଆମାନେ ଲାଭାନ୍ୱିତ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଦିବାରାତ୍ର ଖଣି ଖନନ ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁ ଗ୍ରାମବାସୀ ଏକପ୍ରକାର ଅତିଷ୍ଠ ହୋଇପଡିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନି ବୋଲି ଅଭିଯୋଗରେ ଦର୍ଶାଇବା ସହ ବେଆଇନ ଖଣି ଖନନ ରୋକା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

**ବାଲୁଗାଁ,୭।୪(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ-ସୋଲରୀ ଷ୍ଟେଶନ ମଧ୍ୟସ୍ଥ ଧୂଆଁଳ ଗ୍ରାମ ନିକଟରେ ସୋମବାର ଚଳନ୍ତା ଟ୍ରେନରୁ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାରିପଦା ଟାଉନ ଥାନା ଅଞ୍ଚଳର ତୋଫାନ କୁମାର ନାୟକ(୨୫)। ସୂଚନା ମୁତାବକ, ତୋଫାନ ତାଙ୍କ ବାପାଙ୍କ ସହ ବାରିପଦା ଯିବା ପାଇଁ ବ୍ରହ୍ମପୁରରୁ ଯଶବନ୍ତପୁର-ହାୱଡ଼ା ଏକ୍ସପ୍ରେସ ଟ୍ରେନରେ ଚଢ଼ିଥିଲେ। ଅପରାହ୍ନ ୪ଟାରେ ଟ୍ରେନଟି ବାଲୁଗାଁ ଷ୍ଟେଶନ ଅତିକ୍ରମ କରିବା ପରେ ଧୂଆଁଳ ଗ୍ରାମ ନିକଟରେ ଅସାବଧାନତାବଶତଃ ତୋଫାନ ଟ୍ରେନରୁ ଖସିପଡ଼ିଥିଲେ। ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଅବସ୍ଥାରେ ତୋଫାନଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୋଫାନଙ୍କ ବାପା ପରବର୍ତ୍ତୀ ଷ୍ଟେଶନରେ ଓହ୍ଲାଇ ବାଲୁଗାଁ ଡାକ୍ତରଖାନାରେ ଆସି ପହଞ୍ଚିଥିଲେ। ରେଲୱେ ଜିଆର୍‌ପି ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବାଣପୁର,୭।୪(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବଜାର ରଘୁନାଥ ସାହିସ୍ଥିତ ରଘୁନାଥ ଦେବ ମନ୍ଦିରରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସ ଯାତ୍ରା, ଅଖଣ୍ଡ ଦୀପସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜା ଏବଂ ପୀଠଦେବତାଙ୍କ ପୂଜା ଆଦି ସମାପନ ପରେ ଶନିବାର ସୂର୍ଯ୍ୟ ପୂଜା ହୋଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ରବିବାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀମନ୍ତ ମହାପାତ୍ର ଓ ତାଙ୍କ ସ୍ତ୍ରୀ ଅମୀୟଧାରା ମହାପାତ୍ର କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ନିରଞ୍ଜନ ମହାପାତ୍ର ଆଚାର୍ଯ୍ୟ ଭାବେ ଯଜ୍ଞ କାର୍ଯ୍ୟ ସମ୍ପାଦନା କରିଥିଲେ। ରଘୁନାଥ ଦେବ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ ଶିବ ଶଙ୍କର ସାହୁ, ଜୟକୃଷ୍ଣ ମାର୍ଥା, ଆଲୋକ କୁମାର ମହାନ୍ତି, କୀର୍ତ୍ତିମାନ ପାତ୍ର, ଭଗବାନ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷାବିତ୍ ରାଧାମୋହନ ପଣ୍ଡାଙ୍କ ସ୍ମୃତିଚାରଣ

**ବେଗୁନିଆ,୭।୪ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାମୋହନ ପଣ୍ଡାଙ୍କ ଏକାଦଶାହ ପାଳନ ଅବସରରେ ସୋମବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଧାମୋହନ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି, ଡା.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତାଭାବେ ଯୋଗଦେଇଥିବା ବେଳେ ନାଟ୍ୟକାର ଡ.ବନବିହାରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ପରେ ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଦିବଂଗତଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ୱର୍ଗତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ରମାନେ 'ସ୍ମୃତିରେ ସ୍ମୃତିରେ ରାଧାମୋହନ' ଶୀର୍ଷକ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଦୟାନିଧି ପଣ୍ଡା, ଦୀନବନ୍ଧୁ ପଣ୍ଡା, ପୁରୁଷୋତ୍ତମ ମହାପାତ୍ର, ଗଙ୍ଗାଧର ଓଝା, ଦିବାକର ଶତପଥୀ, ବିଶ୍ୱନାଥ ସାହୁ, ବେଣୁଧର ପଣ୍ଡା, ବଳଭଦ୍ର ପଣ୍ଡା, ରାଜଶ୍ରୀ ପଣ୍ଡା, ଭାଗବତ ମହାପାତ୍ର, ବିଜୟ ମହାପାତ୍ର, ରବିନାରାୟଣ ମହାପାତ୍ର, ଲୋକନାଥ ପଣ୍ଡା, ଧନେଶ୍ୱର ପଣ୍ଡା, ସନ୍ତୋଷ ମହାପାତ୍ର, କୃପାସିନ୍ଧୁ ପଣ୍ଡା, ମାନସ କୁମାର ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଗାୟକ ହରିହର ମହାପାତ୍ର ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ ଅପୂର୍ବ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସିଏମ୍ ଅଫିସରୁ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦିଅ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀମାନେ।

**ଖୋର୍ଦ୍ଧା,୭।୪(ପ୍ରଭାତ ପାଣିଗ୍ରାହୀ)**

**ଜିଲାପାଳଙ୍କ ପ୍ରଥମ ସକାଳୁଆ ଅଭିଯୋଗ ଶୁଣାଣି ଶିବିର**

ଖୋର୍ଦ୍ଧା ଜିଲାପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ପ୍ରଥମ ସକାଳୁଆ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ସିଡିଏମ୍‌ଓ ଡା.ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଜରୁରିକାଳୀନ) ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର (ଅଭିଯୋଗ)ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ଜିଲାସମାଜ କଲ୍ୟାଣ ଅଧିକାରୀ କୁସୁମ ପ୍ରହରାଜଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ମୋଟ୍ ୭୯ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୪ଟି ଅଭିଯୋଗ ବ୍ୟକ୍ତିଗତ, ୨୫ଟି ଗ୍ରାମୀଣ ସମସ୍ୟା ରହିଥିଲା । ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬ଜଣ ଅଭିଯୋଗକାରୀଙ୍କୁ ମୋଟ ୭୨ହଜାର ଟଙ୍କା ଆର୍ଥିକ ସାହାୟତା ରାଶି ପ୍ରଦାନ କରାଯାଇଛି। ସିଏମ୍ ଅଫିସରୁ ଆସୁଥିବା ଅଭିଯୋଗ ଏବଂ ଅନଲାଇନରେ ଆସୁଥିବା ଅଭିଯୋଗଗୁଡିକୁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହୋଇ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୪ ତାରିଖରେ ଟାଙ୍ଗୀ ବ୍ଲକ ଅଧୀନ କୁହୁଡି ପଞ୍ଚାୟତ କାର୍ଯ୍ୟାଳୟ, ୨୧ ତାରିଖରେ ବାଲିପାଟଣା ବ୍ଲକ ଅମଣାକୁଦ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ୨୮ତାରିଖରେ ଖୋର୍ଦ୍ଧା ବ୍ଲକ ବରସାହି ପଞ୍ଚାୟତ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ସକାଳ ୭ଟାରୁ ପୂର୍ବାହ୍ନ ୧୦ଟାପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେଣୁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଅଭିଯୋଗ ଦାଖଲ ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟରେ ଧାର୍ଯ୍ୟ ତାରିଖ ଏବଂ ସମୟରେ ଉପସ୍ଥିତ ରହିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

# ସୁନ୍ଦରପୁରରେ ଶମ୍ଭୁ ମେଳଣ ମହୋତ୍ସବ

**ଟାଙ୍ଗୀ,୭।୪(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମ ଦୁର୍ଗାପୂଜା ମଣ୍ଡପ ଠାରେ ୧୮ତମ ଶମ୍ଭୁ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶମ୍ଭୁ ମେଳଣରେ ସୁନ୍ଦରପୁର ଗ୍ରାମର ମୁକ୍ତେଶ୍ୱର ଦେବ, ବେଣ୍ଟର ବାଲୁଙ୍କେଶ୍ୱର ଦେବ, ଚମ୍ପାଗଡ଼ର ବାଲୁଙ୍କେଶ୍ୱର ଦେବ, ମଙ୍ଗଳାଯୋଡ଼ିର ନୀଳକଣ୍ଠେଶ୍ୱର ଦେବ, ଅରିସଲର ବାଙ୍କନିଧି ଦେବ, ନାଲସିଂର ହଟକେଶ୍ୱର ଦେବ, ବାଦୁରାବରର କୁମୁଦେଶ୍ୱର ଦେବ, ବାଉଁଶମୂଳର ବାଲୁଙ୍କେଶ୍ୱର ଦେବ, ରଣ୍ଡାର ଚନ୍ଦନେଶ୍ୱର ଦେବ ପ୍ରମୁଖ ଠାକୁର ନିଜ ନିଜର ପାଟପଟୁଆର ସହ ଦୁର୍ଗାପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ଏହି ଅବସରରେ ଭଗତାମାନେ ଠାକୁରଙ୍କ ସମ୍ମୁଖରେ ବିଭିନ୍ନ କଳାକୌଶଳ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଶମ୍ଭୁ ମେଳଣ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ହେରାପଞ୍ଚମୀରେ ରଥ ଭାଙ୍ଗିଲେ ୩ ଭଉଣୀ



**ନିରାକାରପୁର,୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

**ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା**

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ବିଜେ ଡିଆଠାରେ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଚାଲୁରହିଥିବା ବେଳେ ସୋମବାର ଥିଲା ହେରା ପଞ୍ଚମୀ। ଏହି ହେରା ପଞ୍ଚମୀରେ ରଥଯାତ୍ରାରେ ସାମିଲ ହୋଇ ନ ଥିବା ୩ ଭଉଣୀ ରାତି ୧୦ଟାରେ ଏକ ସ୍ୱତନ୍ତ୍ର ବିମାନରେ ଆସି ରାଗରେ ରଥ ଭାଙ୍ଗି ମନ୍ଦିରକୁ ପତ୍ୟାବର୍ତ୍ତନ କରିଛନ୍ତି। ଗତ ଶନିବାର ଆଶୋକାଷ୍ଟମୀରେ କପିଳେଶ୍ୱର ଦେବ, ମାତା ପାର୍ବତୀ ଏବଂ ଆରେଡି ଗ୍ରାମରୁ ନିମନ୍ତ୍ରିତ ହୋଇ ରଥଯାତ୍ରାରେ ସାମିଲ ହୋଇଥିବା ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ବଡ଼ଭାଉଜ ମାତା ଗ୍ରାମେଶ୍ୱରୀ ଦେବୀ ରଥଯାତ୍ରରେ ଆସି ମାଉସୀ ମା'(ଗୁଣ୍ଡିଚା ମନ୍ଦିରରେ)ରହିଛନ୍ତି। ତେବେ କପିଳେଶ୍ୱର ଦେବଙ୍କ ବେଢାରେ ରହିଥିବା ତିନି ଭଉଣୀ ମହାଲକ୍ଷ୍ମୀ, ମହାସରସ୍ୱତୀ, ମହାକାଳୀ ୩ ଦିନ ହେବ ଭାଇ ଭାଉଜଙ୍କୁ ମନ୍ଦିରରେ ନ ପାଇ ଖୋଜାଖୋଜି କରି ମାଉସୀ ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଭାଇ ଭାଉଜଙ୍କୁ ଦେଖିବାକୁ ପାଇଥିଲେ। ଭଉଣୀମାନଙ୍କୁ ଦେଖି ଦେଖି ଭାଇ ଡାକିଥିଲେ ମଧ୍ୟ ସେମାନଙ୍କୁ ରଥଯାତ୍ରାରେ ସାମିଲ ନ କରିଥିବାରୁ ଭଉଣୀମାନେ ରାଗରେ ରଥର କିଛି ଅଂଶ ଭାଙ୍ଗି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥଲେ ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।


ଝାଁଳା ପଞ୍ଚାୟତର ମୁଣ୍ଡମୁହାଣସ୍ଥିତ ରଘୁନାଥ ଦେବଙ୍କ ପୀଠରେ ସୋମବାର ରଘୁନାଥ ନାଟ୍ୟ ପରିଷଦର କଳାକାରମାନେ ନାଟକ ପରିବେଷଣ କରୁଛନ୍ତି। (ଫଟୋ: ବୁଲା ବାରିକ)

# ଶପଥ ନେଲେ ଟାଙ୍ଗୀ ବାର୍ ଆସୋସିଏଶନର ନିର୍ବାଚିତ କର୍ମକର୍ତ୍ତା

**ଟାଙ୍ଗୀ,୭।୪ (ରଘୁନାଥ ସାହୁ)**


ଶପଥ ଗ୍ରହଣ ଉତ୍ସବରେ ଟାଙ୍ଗୀ ବାର୍ ଆସୋସିଏଶନର ନିର୍ବାଚିତ କର୍ମକର୍ତ୍ତାମାନେ।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବାର୍ ଆସୋସିଏଶନର ନିର୍ବାଚିତ କର୍ମକର୍ତ୍ତା ସୋମବାର ଶପଥ ଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ନିରଞ୍ଜନ ଦାସ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଭାବେ ଭାସ୍କର ପ୍ରସାଦ ମହାନ୍ତି, ଉପସଭାପତି ସୁଶାନ୍ତ କୁମାର ସିଂହ, ଲାଇବ୍ରେରି ସମ୍ପାଦକ ଜ୍ଞାନ ରଞ୍ଜନ ରଣା, କୋଷାଧ୍ୟକ୍ଷ ସନ୍ଦିପନୀ ମିଶ୍ର, କାର୍ଯ୍ୟନିର୍ବାହୀ ମଣ୍ଡଳୀ ସଦସ୍ୟ ଅଜୟ କୁମାର ସାହୁ, ସୁରଜିତ୍ ପଟ୍ଟନାୟକ ପ୍ରମୁଖଙ୍କୁ ଟାଙ୍ଗୀ ବାର୍ ଆସୋସିଏଶନର ପଦ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ଶପଥ ପାଠ କରାଇଥିଲେ ନିର୍ବାଚନ ଅଧିକାରୀ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସ୍ୱାଇଁ, ସ୍ୱସ୍ତିକ ରଥ, ବିଶ୍ୱମ୍ଭର ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ନବନିର୍ବାଚିତ କର୍ମକର୍ତ୍ତାମାନେ ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ନିର୍ବାଚିତ ପ୍ରତିନିଧିଙ୍କୁ ଟାଙ୍ଗୀ ବାର୍ ଆସୋସିଏଶନର ରମେଶ ଚନ୍ଦ୍ର ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଆଗାମୀ ଦିନରେ ଟାଙ୍ଗୀ ବାର୍ ଆସୋସିଏଶନର ହିତରେ କାର୍ଯ୍ୟ କରିବା ଲାଗି ଆଇନଜୀବୀମାନେ ଶପଥ ନେଇଥିଲେ। ଏହି ଅବସରରେ ଆଇନଜୀବୀ ମନୋଜ କୁମାର ମାନସିଂହଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ୩ ବର୍ଷ କାର୍ଯ୍ୟକାଳ ବୃଦ୍ଧି ପାଇଁ ଦାବିପତ୍ର

**ଟାଙ୍ଗୀ,୭।୪(ରଘୁନାଥ ସାହୁ)**

ମିଶନ ଶକ୍ତି ଓ ଜୀବିକା ମିଶନରେ କାର୍ଯ୍ୟ କରୁଥିବା ରାଜସ୍ୱ ଗ୍ରାମସ୍ତରୀୟ, ଗ୍ରାମସ୍ତରୀୟ, ବ୍ଲକସ୍ତରୀୟ, ଜିଲାସ୍ତରୀୟ କାର୍ଯ୍ୟ ନିର୍ବାହୀ ସଦସ୍ୟା, ସଭାପତି, ସମ୍ପାଦକଙ୍କ କାର୍ଯ୍ୟକାଳ ୩ବର୍ଷ ବୃଦ୍ଧି ଦାବି ନେଇ ଟାଙ୍ଗୀ ବ୍ଲକସ୍ତରୀୟ ଆଦ୍ୟାଶା ଆଦ୍ୟା ରୁପା ମିଶନ ଶକ୍ତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରୁମାନା ଜାଫ୍ରିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ କାର୍ଯ୍ୟରତ ଥିବା ଏମ୍‌ବିକେ, ସିଆର୍‌ପିମାନଙ୍କୁ ଦାୟିତ୍ୱରୁ ଅବ୍ୟାହତ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ମିଶନ ଶକ୍ତି ମହିଳାମାନେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଅନୁରୋଧ କରିଥିଲେ। ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇ ପୁନଃ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ପ୍ରକାଶ ପାଇଛି। ମିଶନ ଶକ୍ତି ବିଭାଗ ପକ୍ଷରୁ ଗତ ଜାନୁଆରୀ ୨୨ରେ ପୁନଃ ଗଠନ ପାଇଁ ଚିଠି ମାଧ୍ୟମରେ ୪ମାସ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟା, ସଭାପତି, ସମ୍ପାଦକଙ୍କୁ ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟ କରିବାକୁ ସୁବିଧା ଦେବାପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉ କି, ଗତ ସରକାର ଏମାନଙ୍କୁ ଗୋଟିଏ ଲେଖାଏ ସ୍କୁଟି ପ୍ରଦାନ କରିଥିଲେ। ସେହି ସ୍କୁଟିର କିସ୍ତି ଦାଖଲ ପାଇଁ କାର୍ଯ୍ୟ କରିବାକୁ ଦେବା ପାଇଁ ଦାବି ହେଉଛି। ନଚେତ୍ ସେମାନେ ଆର୍ଥିକ ଓ ମାନସିକସ୍ତରରେ ଅସୁବିଧାର ସମ୍ମୁଖୀନ ହେବେ। ଟାଙ୍ଗୀ ବ୍ଲକସ୍ତରୀୟ ଆଦ୍ୟାଶା ଆଦ୍ୟା ରୁପା ମିଶନ ଶକ୍ତି ମହାସଂଘ ସଭାପତି ହରଷ ପ୍ରଧାନ, ସମ୍ପାଦକ ବୈଜୟନ୍ତୀ ସୁନ୍ଦରାୟଙ୍କ ସମେତ ସଦସ୍ୟାମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସରିଲା ଭାଗବତ ବାସୁଦେବଙ୍କ ମେଳଣ

**ଜଟଣୀ,୭।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର, ଗୋପୀନାଥପୁରରେ ଭାଗବତ ବାସୁଦେବ ମେଳଣ କମିଟି ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ମେଳଣ ଉତ୍ସବ ସୋମବାର ଗୋଧୂଳି ବେଳାରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନେ ବିଦାୟ ନେଇଛନ୍ତି। ଗତ ଜମାଣ ରାତିଠାରୁ ମେଳଣ ପର୍ଯ୍ୟନ୍ତ ଆୟୋଜକ କମିଟି ପକ୍ଷରୁ ଭଜନ, ସଂକୀର୍ତ୍ତନ, ମେଲୋଡି ସହିତ ସାମାଜିକ ନାଟକର ଭରପୂର ଆନନ୍ଦ ଉଠାଇଥିଲେ ସ୍ଥାନୀୟ ଲୋକେ। ଥାନପତି ଭାଗବତ ବାସୁଦେବଙ୍କ ସହ ମାଣିତ୍ରୀ, ପାଟଣା, ଅରାଗଡ଼, ରେଙ୍ଗଳ, ବରପଦା, ବାଛରା, ଓଗରସୁଆ ଆଦି ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ଦୋଳବିମାନରେ ଆସି ଖୁଣ୍ଟି ଲାଗି ହୋଇଥିଲେ। ଆଜି ବିଦାୟୀ ବେଳାରେ ଥାନପତି ଶ୍ରୀ ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରଙ୍କ ବିମାନଙ୍କୁ ବିଭିନ୍ନ ସୁଗନ୍ଧିତ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ବିଦାୟ ସମୟରେ ସମଗ୍ର ମେଳଣ ପଡ଼ିଆ ଘଣ୍ଟ, ହରିବୋଲ ହୁଳହୁଳି ଓ ମନ୍ତ୍ରରେ ପ୍ରକମ୍ପିତ ହୋଇ ଉଠିଥିଲା। ବିଦାୟୀ ସନ୍ଧ୍ୟାରେ ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଆଟିକା ଭୋଗ ଲାଗି କରାଯିବା ପରେ ଠାକୁରଙ୍କ ମେଳଣ ହୋଇଥିଲା। ଚଳିତ ମେଳଣ ଉତ୍ସବକୁ ଭାଗବତ ବାସୁଦେବ ମେଳଣ କମିଟିର ସଦସ୍ୟ ପରିଚାଳନା କରିଥିଲାବେଳେ ଜଟଣୀ ଗାଁ ହାଟବଜାର ଓ ଗୋପୀନାଥପୁର ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯଇଥିଲା।


ମେଳଣ ପରେ ଠାକୁରଙ୍କୁ ସ୍ୱମନ୍ଦିର ଅଭିମୁଖେ ନିଆଯାଉଛି।

# ଅଷ୍ଟଶମ୍ଭୁଙ୍କ ମହାମିଳନ ପାଇଁ ତିତିପ ଉତ୍ସବମୁଖର

**କୃଷ୍ଣପ୍ରସାଦ, ୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**



କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ତିତିପ ଗ୍ରାମକୁ ଅଷ୍ଟଶମ୍ଭୁଙ୍କ ଆଗମନକୁ ନେଇ ଗାଁ ଉତ୍ସବମୁଖର ହୋଇଉଠିଛି। ଗ୍ରାମବାସୀଙ୍କ ପକ୍ଷରୁ ଦାଣ୍ଡ ସହ ପୋଖରୀ ତୁଠ ପରିଷ୍କାର କରାଯାଇଛି। ତିତିପ ୨ ସାହି ଗ୍ରାମ୍ୟ କମିଟି ସଭାପତି ନରେନ୍ଦ୍ର ନାଥ ଜେନା, ସମ୍ପାଦକ ମନୋଜ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋର ୪ଟା ବେଳେ ପ୍ରତ୍ୟେକ ପରିବାର ଦାଣ୍ଡ ଦୁଆରେ ପୂର୍ଣ୍ଣକଳସ ସ୍ଥାପନ କରିଥିଲେ। ସକାଳ ୮ଟାରେ ପାରିକୁଦ ଗଡ଼ର ଦଳବେହେରା ସାହି ସ୍ଥିତ ପ୍ରସିଦ୍ଧ ଦଣ୍ଡଠାକୁର ଶ୍ରୀ ଗାଦିଶ୍ୱର ଦେବ, ଗୁରୁବାଇର ବାଙ୍କେଶ୍ୱର ଦେବ, ଗଞ୍ଜାମ ଜିଲା ଲଙ୍ଗଳେଶ୍ୱରର ସୂର୍ଯ୍ୟେଶ୍ୱର ଦେବ, ରମ୍ଭା ଗ୍ରାମର ଲକ୍ଷେଶ୍ୱର ଦେବ, ପାଲୁର ଗଜପତି ନଗରରୁ ଚମ୍ପେନେଶ୍ୱର ଦେବ, ମଳେଶ୍ୱରୀ ଗ୍ରାମର ମଳିକେଶ୍ୱର ଦେବ, ଗଙ୍ଗାଧରପୁର ଗ୍ରାମରୁ ଶ୍ରୀ ଗାଦିଶ୍ୱର ଦେବ ଗାଁ ନିକଟରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ମହା ଆଡ଼ମ୍ବରରେ ଗାଁ ପରିକ୍ରମା କରାଇଥିଲେ। ହରିବୋଲ ହୁଳହୁଳି ଓ ଘଣ୍ଟ ନାଦରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ଠାକୁରଙ୍କ ସହ ଆସିଥିବା ଭଗତାମାନେ ଗ୍ରାମବାସୀଙ୍କ ଆତିଥ୍ୟ ଗ୍ରହଣ କରିବା ପରେ ମଧ୍ୟାହ୍ନରେ ଗାଁ ଦାଣ୍ଡରେ ଧୂଳିଦଣ୍ଡ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଅଷ୍ଟଶମ୍ଭୁ ଜଣଙ୍କ ପରେ ଜଣେ ପୋଖରୀ ତୁଠରେ ପହଞ୍ଚି ପାଣି ତୋଳିବା ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଠାକୁରଙ୍କ ନିମନ୍ତେ ଆସିଥିବା ନୂତନ ବସ୍ତ୍ର, ପୁଷ୍ପ ଓ ପୂଜା ସାମଗ୍ରୀ ଦେବା ପରେ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ଠାକୁରଙ୍କୁ ପୁଷ୍ପମାଲ୍ୟ ସହ ଟାହ୍ୟାରେ ସଜ୍ଜିତ ପରେ ପୂଜକମାନେ ବିଧିବଦ୍ଧ ଭାବେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନାକରି ଆଳତି କରିଥିଲେ। ପରେ ପୋଖରୀ ତୁଠରେ ଅଧିଆ ପଡ଼ିଥିବା ମାନସିକଧାରୀ ଭକ୍ତମାନଙ୍କୁ ପାଟଦଣ୍ଡୁଆ ହକ ଦେଇ ମନସ୍କାମନାପୂର୍ଣ୍ଣ ଉଦ୍ଦେଶ୍ୟରେ ପାଟ ଭଗତା ଭକ୍ତଙ୍କୁ ଠାକୁରଙ୍କ ପ୍ରସାଦ ସେବନ କରାଇଥିଲେ। ଠାକୁରମାନେ ପାଣି ତୋଳିବା ପରେ ମହାମିଳନ ଉତ୍ସବ ଉପଲକ୍ଷେ ଅଷ୍ଟଶମ୍ଭୁଙ୍କ ମେଳଣ ଉତ୍ସବ ଗ୍ରାମର ମୁଖ୍ୟ ପିଠାଧୀଶ ପଶ୍ଚିମାଭିମୁଖୀ ଶ୍ରୀ ପଣ୍ଡେଶ୍ୱର ଦେବଙ୍କ ପୀଠରେ ଆୟୋଜନ କରାଯାଇଥିଲା। ପାରିକୁଦ ଗଡ଼ର ଶ୍ରୀ ଶ୍ରୀ ଗାଦିଶ୍ୱର ଦେବ ମେଳଣ ପର୍ବର ସଭାପତିତ୍ୱ କରିଥିଲେ। ଏହି ମହାମିଳନ କାଳରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବା ବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା। ତିତିପ ୨ସାହି ଗ୍ରାମ୍ୟ କମିଟି ପକ୍ଷରୁ ସମସ୍ତ ଠାକାରଙ୍କୁ ଭୋଗଲାଗି କରାଯାଇଥିଲା। ଅଷ୍ଟଶମ୍ଭୁଙ୍କ ସହ ଆସିଥିବା କଳାକାରଙ୍କ ଦ୍ୱାରା ରାତି ୧୦ଟାରେ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦର୍ଶନ ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ତିତିପ ଦୁଇସାହି ଯୁବକ ସଂଘ ଓ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଚନ୍ଦ୍ରଶେଖର ନାୟକଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

**ନବାଗତ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ**

ପୁରୀ,୭।୪,(ଅଜିତ କୁମାର ମହାନ୍ତି)- ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ସୋମବାର ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। ପୂର୍ବାହ୍ନରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ପୋଲିସ ହାଇସ୍କୁଲରେ ପହଞ୍ଚି ପିଲାଙ୍କୁ ସ୍ୱାଗତ କରିଥିଲେ। ନୂଆ ହୋଇ ବିଦ୍ୟାଳୟକୁ ଆସିଥିବା ପିଲାମାନଙ୍କ ସହିତ ସେଠୀ ବାର୍ତ୍ତାଳାପ କରିବା ସହ ବର୍ଣ୍ଣବୋଧ ପୁସ୍ତିକା ବଣ୍ଟନ କରିଥିଲେ। ପିଲାମାନେ ବର୍ଣ୍ଣବୋଧ ପାଇ ବହୁତ ଖୁସି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, ଶିକ୍ଷକ କିରଣବାଳା ଦାଶ, କୁନ୍ମୁନ ମହାନ୍ତି, ପ୍ରଭାତ କୁମାର ଦାସ, ଲକ୍ଷ୍ମୀପ୍ରିୟା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୪।୨୦୨୫

| | |
|---|---|
| ୩,୫୮,୪୯୩ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୩୯.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ନିମାପଡ଼ା ଏନ୍ଏସିରେ ଉନ୍ନୟନ କାର୍ଯ୍ୟ ବ୍ୟାହତ

ନିମାପଡ଼ା,୭।୪(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍ଏସି ଅଞ୍ଚଳରେ ନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନଗରପାଳ ସସ୍ମିତା ସାହୁ ଅଭିଯୋଗ କରିଛନ୍ତି। ନଗରପାଳ ସାହୁ କହିଛନ୍ତି, ଏନ୍ଏସି ଅଞ୍ଚଳରେ ଅନେକ ସମସ୍ୟା ରହିଛି। ତେବେ ମୁଖ୍ୟ ସମସ୍ୟା ହେଉଛି, ଉଠାଦୋକାନୀଙ୍କ ଥଇଥାନ, ଭେଣ୍ଡିଂଜୋନ ଆବଣ୍ଟନ, ବସ୍ଷ୍ଟାଣ୍ଡରେ ବିଶ୍ରାମଗାର, ଶୌଚାଳୟ ନିର୍ମାଣ। ଏହିସବୁ ସମସ୍ୟାର ସମାଧାନ କରିବାରେ ଏନ୍ଏସି ପ୍ରଶାସନ ବିଫଳ ହୋଇଛି। ଏପରିକି ତାଙ୍କ ଅଜାଣତରେ ବିଲ୍ ଦିଆଯାଉଛି। କିଛିଦିନ ପୂର୍ବେ ଅଧକ୍ଷାଙ୍କ ବିନା ଦସ୍ତଖତ ଓ ସନ୍ତୋଷଜନକ ପ୍ରମାଣପତ୍ର ନ ଥାଇ ଘରୋଇ ବିଦ୍ୟୁତ୍ ସଂସ୍ଥାକୁ ଗ୍ରାହକ ସେବା ବାବଦ ୭୫ ଲକ୍ଷ ଟଙ୍କା ପେମେଣ୍ଟ କରାଯାଇଛି। ୨ବର୍ଷ ପୂର୍ବେ ଉଦ୍‌ଘାଟନ ହୋଇଥିବା ଭେଣ୍ଡିଂଜୋନ୍ ଏପର୍ଯ୍ୟନ୍ତ ଆବଣ୍ଟନ ହୋଇପାରିନାହିଁ। ସେହିପରିଅଧାରୁ ଅଧିକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଥିପାଇଁ ପୌରବାସୀ ଅଯଥାରେ ତାଙ୍କୁ ଦାୟୀ କରୁଥିବା ସାହୁ କହିଛନ୍ତି। ଏଥିରେ ସେ ଅସନ୍ତୋଷ ପ୍ରକାଶ କରି ୨ଦିନ ତଳେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସଚିବ ଉଷା ପାଢ଼ୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଏନ୍ଏସିର ୩୩ଟି ନୂତନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ନଗରପାଳ ସାହୁ କହିଛନ୍ତି। ଅନ୍ୟପକ୍ଷରେ ନିର୍ବାହୀ ଅଧିକାରୀ ଚିନ୍ମୟ ଦାଶ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ସେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା କହିଛନ୍ତି।

### ମହାବୀର ଜୟନ୍ତୀ ପାଳିତ

ଯୋଗେଶ୍ୱରପୁର,୭।୪ (ରଶ୍ମି ରଞ୍ଜନ ସାହୁ)

ନୟାହାଟ ଅଞ୍ଚଳର ମହାବୀର ଯୁବ ସଙ୍ଗଠନ ପକ୍ଷରୁ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। ଯୋଗେଶ୍ୱରପୁରଠାରୁ ଏକ ବିରାଟ ଶୋଭାଯାତ୍ରାରେ ନୟାହାଟ, ଯୋଗେଶ୍ୱରପୁର, ପାଣିଛାତ୍ର ବଜାର ପରିକ୍ରମାକରି ଜୟ ହନୁମାନ ଓ ଜୟ ଶ୍ରୀରାମ ଧ୍ୱନିରେ ବଜାର କମ୍ପି ଉଠିଥିଲା। ଏଥିରେ କମିଟିର ଅଧକ୍ଷ ଦିଲୀପ ଦାସ, ସଭାପତି ଦେବାଶିଷ ଜେନା, କୈଳାସ ଜେନା ଓ ଭକ୍ତ ମହାରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ରାଲି ବଜାର ପରିକ୍ରମା କରିବା ପରେ ଯୋଗେଶ୍ୱରପୁର ମହାଦେବ ମନ୍ଦିରରେ ରାମନବମୀ ଉତ୍ସବ ପାଳନ କରିଥିଲେ।

# ଖର, ଦୂଷଣ ବଧ ନୀତି ସହ ବାହାରିଲା ନିଶାଣ

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ସାହିଯାତ ଧୁମ୍‌ଧାମ୍‌ରେ ଚାଲିଛି। ପ୍ରଥମ ଦିବସରେ ରବିବାର କାଳିକାବେଦୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଥିଲା। ସୋମବାର ଦ୍ୱିତୀୟ ଦିବସରେ ଯଜ୍ଞରକ୍ଷା ସହ ଖର, ଦୂଷଣ (ନାକ, କାନ) ବଧ ନୀତି ସମ୍ପନ୍ନ ହୋଇଛି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ପ୍ରଭୁ ଶ୍ରୀରାମ ଓ ଲକ୍ଷଣ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜକୁ ବିଜେ କରାଯାଇଥିଲା। ସେହିପରି ଅନ୍ୟପଟେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣ ବା (ନାକ, କାନ)ଙ୍କ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡୀ ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣକାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ା ଓ ଆଠସାହି ଆଖଡ଼ାର ମୁରବିମାନେ ମାଟିମଣ୍ଡପ ସାହିର ବାଦୀ ବା ବନ୍ଧୁ ସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବଶିରା ହନୁମାନ କାଳିମେଢ, ନାଗା ସହ ବିଭିନ୍ନ ପ୍ରକାର ସମରକଳା ପ୍ରଦର୍ଶନ କରି ମାଟିମଣ୍ଡପ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଠସାହି ଆଖଡ଼ା ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହିବାସିନ୍ଦା ସାହିଯାତର ପାରମ୍ପରିକ ନୃତ୍ୟ ଓ ସମରକଳା ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।



ମଣିକର୍ଣ୍ଣିକା ସାହିରୁ ବାହାରିଥିବା ଖର ଓ ଦୂଷଣ ବେଶଧାରୀ ରକ୍ଷାନୀତି ସମ୍ପନ୍ନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

**ସାହିଯାତର ଦ୍ୱିତୀୟ ଦିନ**

# ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ କଲେ ସ୍ୱାମୀ

**ଶ୍ୱଶୁର ଘରେ ଜ୍ୱାଇଁଙ୍କ ଉନ୍ମତ୍ତ କାଣ୍ଡ**

ପିପିଲି,୭।୪(ପ୍ରଭାତ କୁମାର ମହାପାତ୍ର)

ଜଣେ ବ୍ୟକ୍ତି ତାଙ୍କ ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପରିବାର ଲୋକେ ସ୍ଥାନୀୟ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଇଛନ୍ତି। ଏପରି ଘଟଣା ପିପିଲି ମଙ୍ଗଳପୁର ନିକଟ ଜମାଲପୁର ଗ୍ରାମରେ ଦେଖିବାକୁ ମିଳିଛି। ତେବେ ପିପିଲି ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରିନା ମହାପାତ୍ର (୩୦) ୧୫ ବର୍ଷ ପୂର୍ବେ ଜଟଣୀ ବେଲପଡ଼ା ଗ୍ରାମର ମାନସ ରଞ୍ଜନ ମହାପାତ୍ର (୩୨)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୧୩ ଓ ୬ ବର୍ଷର ଦୁଇ ଝିଅ ରହିଛନ୍ତି। ତେବେ କୌଣସି କଥାକୁ ନେଇ ଗତ କିଛିବର୍ଷ ପୂର୍ବରୁ ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ରିନା ଗତ ୩ ବର୍ଷ ହେବ ୨ ଝିଅଙ୍କ ସହ ବାପା ଘରେ ରହୁଛନ୍ତି। ସୋମବାର ସନ୍ଧ୍ୟାରେ ମାନସ ଶ୍ୱଶୁର ଘରେ ପହଞ୍ଚି ତାଙ୍କ ୨ ଝିଅଙ୍କୁ ଟଣାଓଟରା କରି ଆକ୍ରମଣ କରିବା ସହ ସ୍ତ୍ରୀ ରିନାଙ୍କୁ ଏକ ଛୁରୀରେ ତାଙ୍କ ବେକ ଓ ପେଟକୁ ଆକ୍ରମଣ କରିଥିଲେ। ଏନେଇ ରିନା ପିପିଲି ଥାନାର ଲିଖିତ ଅଭିଯୋଗ କରିଥିବାବେଳେ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପିପିଲି ଥାନା ଅଧିକାରୀ ସୈମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




ସଭାରେ ଅତିଥିମାନେ ନିଶା ନିବାରଣ ପାଇଁ ଶପଥ ପାଠ କରାଉଛନ୍ତି।

କଣାସ,୭।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସୋମବାର ନିଶା ନିବାରଣ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ପକ୍ଷରୁ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଜାତୀୟ ସାମାଜିକ ରକ୍ଷା ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଧୁନିକ ଯୁଗରେ କିପରି ଲୋକେ ନିଶାର ଶିକାର ହୋଇ ନିଜ ପରିବାର ସହିତ ସମାଜକୁ ଧ୍ୱଂସ କରୁଛନ୍ତି ଓ ସେଥିରୁ କିପରି ରକ୍ଷା ପାଇହେବ ସେ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଉମ୍ମରଧର ଛୁଆଳସିଂ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ପ୍ରଭାସ ମଙ୍ଗରାଜ, ଗଦାଧର ଶତପଥୀ, ଗଙ୍ଗାଧର ମହାପାତ୍ର, ମହେନ୍ଦ୍ର ବିଶ୍ୱାଳ, ଶ୍ରୀକାନ୍ତ ପଟ୍ଟଯୋଶୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନିଶାଠାରୁ ଛାତ୍ରୀଛାତ୍ରମାନେ ଦୂରେଇ ରହିବା ସହ ନିଶା ସେବନକାରୀଙ୍କୁ ନିଶାରୁ ନିବୃତ୍ତ କରାଇବା ପାଇଁ ଚେଷ୍ଟା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଶୋକ କୁମାର ପେଣ୍ଡୋଇ ବିବରଣୀ ପାଠ କରିଥିବାବେଳେ ଅନୁଷ୍ଠାନର ସଭ୍ୟ ପ୍ରକାଶ ଭୋଳ ଓ ଦୀପକ କୁମାର ପେଣ୍ଡୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱଚ୍ଛସାଥୀ, ମାର୍ଜନାକାରଙ୍କୁ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ସ୍ୱଚ୍ଛସାଥୀ ଓ ମାର୍ଜନାକାରମାନେ ।

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଫାଉଣ୍ଡେଶନ ଆନୁକୂଲ୍ୟରେ ପୁରୀ ସହରକୁ ନୀତିଦିନ ସ୍ୱଚ୍ଛତାରେ ନିଜକୁ ସମର୍ପି ଦେଇଥିବା ସ୍ୱଚ୍ଛସାଥୀ ଓ ମାର୍ଜନାକାରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଲୋକନାଥ ରୋଡ୍‌ସ୍ଥିତ ବାରବାଟୀ କଲ୍ୟାଣ ମଣ୍ଡପରେ ସୋମବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ରୂପେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି, ମୁଖ୍ୟବକ୍ତା ରୂପେ ପୁରୀ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସମ୍ମାନିତ ଅତିଥି ରୂପେ ପୌରପାଳିକା ଯନ୍ତ୍ରୀ ଇଂ. ଭଗବାନ ବେଶ୍ରା, ଆଡଭୋକେଟ ଡ. ପ୍ରଧାନ ଧିରେନ ରାୟ, ସମାଜସେବୀ ସିଦ୍ଧାର୍ଥ ରାୟ ପ୍ରମୁଖ ଯୋଗଦେଇ କହିଥିଲେ, ସ୍ୱଚ୍ଛସାଥୀ ହେଉଛନ୍ତି ଆମର ପରମ ବନ୍ଧୁ ଏବଂ ଆମେ ସେମାନଙ୍କୁ ଆଦର କରିବା ଆବଶ୍ୟକ। ଅନୁଷ୍ଠାନର ସଭାପତି ବୁଦ୍ଧିଆ ବାରିକ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଲକ୍ଷ୍ମୀ ବାରିକ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ଲଲାଟେନ୍ଦୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସ୍ୱଚ୍ଛସାଥୀ ଓ ମାର୍ଜନାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନାରୀ ସଂଗଠିକା ସୁଚିତ୍ରା ବାରିକ, ନୃତ୍ୟ ନିର୍ଦ୍ଦେଶକ ସନ୍ତୋଷ ବାରିକ, ଅତୀଶ ରଞ୍ଜନ ରାଉତ, ସମାଜସେବୀ ଧନେଶ୍ୱର ସାହୁ, ଉମେଶଚନ୍ଦ୍ର ଦାସ, ଉଦୟ କୁମାର ଶାନ୍ତି, ଦେବାଶିଷ ପଟ୍ଟନାୟକ, ଦୁଷ୍ମନ୍ତ ପତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନର୍ମଦା ମହାକୁଡ଼, ଆରାଧନା ପଣ୍ଡା, ସସ୍ମିତା ଶତପଥୀ, ଝିଲ୍ମିରାଣୀ ମିଶ୍ର, ପିଙ୍କି ମଲିକ, ସୁଭାଷିନୀ ମହାନ୍ତି, ରାଜଲକ୍ଷ୍ମୀ ଦାସ, ମଧୁସ୍ମିତା ମହାନ୍ତି, ମନୀଷା ମହାନ୍ତି, ରୁବିଲତା ବେହେରା, ସନ୍ଧ୍ୟାରାଣୀ ମୁଖି, ବୁଦ୍ଧିମତୀ ବାରିକ, ଝୁନା ପ୍ରଧାନ, ପ୍ରତିଜ୍ଞା ବାରିକ, ସୁଲି ନାୟକ, ପୂଜା ପ୍ରଧାନ, ରାଜଲକ୍ଷ୍ମୀ ବେହେରା, ସସ୍ମିତା ଜେନା, ଲକ୍ଷ୍ମୀପ୍ରିୟା ବେହେରା, ସୁବ୍ରତା ସାହୁ, ନୃସିଂହ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦିକା ଲକ୍ଷ୍ମୀ ବାରିକ ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ବିଦ୍ୟାଳୟରେ ବର୍ଣ୍ଣବୋଧ ଉତ୍ସବ

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)

କପିଳେଶ୍ୱରପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଆଙ୍ଗ୍ଲୋ ବେଦିକ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୋମବାର ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଛି। ଏଥିରେ ଗୌରହରି ମହାବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଜେନା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସଭାପତି ଗଦାଧର ନାୟକ ପିଲାଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପଦ୍ମନାଭ ତ୍ରିପାଠୀ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଦୈନନ୍ଦିନ ଜୀବନରେ ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଜାତି ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସର୍ବୋଦୟ ନଗର ଆଦର୍ଶ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ସଦର ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ଦାଶ, ପାର୍ବତୀ ପଣ୍ଡା, ସାବିତ୍ରୀ ମହାପାତ୍ର, ରାଜଶ୍ରୀ ଆପଟ, ଝରଣା ବଳବନ୍ତରାୟ, ସଞ୍ଜୁ ପଟ୍ଟନାୟକ, ସସ୍ମିତା ଦାସ, ସୁରମା ସାହୁ, ଶିକ୍ଷକ କେଶବ ପ୍ରଧାନ, ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରର ରେନ୍‌ବୋ କ୍ଲବ ଚାମ୍ପିୟନ

**ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଗୋପ,୭।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ୫ତମ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଗୋପ ମା' ଭବାନୀ ଭଲିବଲ କ୍ଲବକୁ ୨/୧ ସେଟ୍‌ରେ ହରାଇ ଭୁବନେଶ୍ୱରର ରେନ୍‌ବୋ କ୍ଲବ ଚଳିତବର୍ଷର ଚାମ୍ପିୟନ ହୋଇଛି।

ପ୍ରତିବର୍ଷ ପରି ଚଳିତ ବର୍ଷ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛାବଛା ଟିମ୍ ଭାଗ ନେଇଥିଲେ। ପ୍ରଥମ ସେଟ୍‌ରେ ଗୋପ ବ୍ଲକ ବିଜୟୀ ହୋଇଥିବାବେଳେ ପରବର୍ତ୍ତୀ ୨ଟି ସେଟ୍‌ରେ ରୋନ୍‌ବୋ ବାଜି ମାରି ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ କାର୍ଯ୍ୟକ୍ରମରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ, ଯୁବନେତା ମନଦିପ ପାଇକରାୟ, ଶିବ ପ୍ରସାଦ ସ୍ୱାଇଁ, ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଖେଳାଳି କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ରେନ୍‌ବୋ କ୍ଲବକୁ ନଗଦ ୧୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଭାବେ ଶ୍ରୀକାନ୍ତ ନାୟକ, ବିଦ୍ୟୁତ୍ ଭୂଷଣ ରଥ, ସୁକାନ୍ତ କିଶୋର ମିଶ୍ର, ପ୍ରିୟରଞ୍ଜନ ସାହୁ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ମା' ଭବାନୀ ଭଲିବଲ କ୍ଲବ ସଭ୍ୟ ଦେବାଶିଷ ସାହୁ, ଶୁଭେନ୍ଦୁ କୁମାର ପୁଷ୍ଟି, ଚିନ୍ମୟ ସ୍ୱାଇଁ, ବିନ୍ମୟ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଖବରଦାତାଙ୍କୁ ସେବାୟତଙ୍କ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

କୋଣାର୍କ,୭।୪(ଜ୍ୟୋତିରାଜ ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଖବରଦାତାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କୋଣାର୍କ ସାମ୍ବାଦିକ ସଂଘ ଏବଂ କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଛି।ଏଥିସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଓ ଲାଗୁ ପାଇଁ ମଧ୍ୟ ଦାବି ହୋଇଛି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଭକ୍ତଙ୍କଠାରୁ କେତେଜଣ ସେବାୟତ ଟଙ୍କା ନେଇ ସେମାନଙ୍କୁ ଗଳାବାଟରେ ମନ୍ଦିରକୁ ଛାଡୁଥିବା ଖବର ପ୍ରଚାରିତ ହୋଇଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ସିଂହଦ୍ୱାର ନିକଟରେ ଖବର ସଂଗ୍ରହ କରୁଥିବାବେଳେ ସେମାନଙ୍କୁ କେତେଜଣ ସେବାୟତ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସମ୍ପୃକ୍ତ ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜଣାପଡ଼ିଛି। ପୁରୀରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ପୁରୀ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। କୋଣାର୍କ ସାମ୍ବାଦିକ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥୀ ସ୍ୱାଇଁ, ବରିଷ୍ଠ ଖବରଦାତା ମାନସ ରଞ୍ଜନ ପାତ୍ର, ଦୀପ୍ତିରଞ୍ଜନ ପାତ୍ର, ଗୋପବନ୍ଧୁ ପତି, ସ୍ୱାଧୀନ ନାୟକ, ତାରକେଶ୍ୱର ବରାଳ, ଅଭୟ ନାୟକ, ପ୍ରେସ୍ କ୍ଲବ ସଭାପତି ଧନଞ୍ଜୟ ବେହେରା ଏବଂ ପ୍ରେସ୍ କ୍ଲବ ସମ୍ପାଦକ ବିଚିତ୍ର ଓଝାଙ୍କ ସମେତ କର୍ମକର୍ତ୍ତାମାନେ ଏହି ଦାବି କରିଛନ୍ତି।

# ୭ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୭।୪(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ପ୍ରତ୍ୟେକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ଓ ସୁଦୃଢ଼ କରିବା ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ଓ ସଦା ଚେଷ୍ଟିତ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାଠାରେ ସୋମବାର ଆୟୋଜିତ ମାରାଥନ କାର୍ଯ୍ୟକ୍ରମରେ ଏହା ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ବ୍ଲକର ୭ଟି ବିଦ୍ୟାଳୟରେ ନୂତନ ଆଦର୍ଶ ଶ୍ରେଣୀ ଗୃହ, ବିଜ୍ଞାନଗାର, ପାଠାଗାର, ଲାବୋରେଟୋରୀ ଆଦି ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ୨ କୋଟି ୧୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ସରକାରଙ୍କ ସମଗ୍ର ଶିକ୍ଷା ଯୋଜନାରେ ଶାଇଁସ ଶାସନ ପଞ୍ଚାୟତର ଦକ୍ଷିଣ ରାଡ଼ସ ଏସ୍ଏସ୍‌ପି ଉଚ୍ଚ ବିଦ୍ୟାଳୟ, ଧନୁଆଁ ପଞ୍ଚାୟତର ଶୁନୁଗୋରଡ଼ ସରକାରୀ ଉପ୍ରା ବିଦ୍ୟାଳୟ, ଶଗଡ଼ା ପଞ୍ଚାୟତରେ ଓଲିକୋଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭିଲିଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୋଦର ପଞ୍ଚାୟତର ଭୋଦର ଉଚ୍ଚ ବିଦ୍ୟାଳୟ, ଚାରିଛକ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ, ତମ୍ପାଳୋ ଦାମୋଦର ଉଚ୍ଚ ବିଦ୍ୟାଳୟ ଆଦି ୭ଟି ବିଦ୍ୟାଳୟକୁ ଏହି ଅନୁଦାନ ମଞ୍ଜୁର କରାଯାଇଛି। ଏଥିସହ ନୂତନ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଇଓ ଦ୍ୱିତିକାନ୍ତ ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ବଳସିଂ, ଏନ୍ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ମମତା ପରିଡ଼ା, ମଧୁସ୍ମିତା ସାହୁ, ଯୁବନେତା ସନ୍ତୋଷ ପରିଡ଼ା, ପ୍ରଦ୍ୟୁମ୍ନ ରଥ, ପ୍ରତାପ ପରିଡ଼ା, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ବିଦ୍ୟାଳୟ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ସ୍ଥାନୀୟ ବହୁ ଜନପ୍ରତିନିଧି, ନେତୃବୃନ୍ଦ, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।




ଦକ୍ଷିଣ ରାଡ଼ସ ଏସ୍ଏସ୍‌ପି ଉଚ୍ଚ ବିଦ୍ୟାଳୟରେ ଉପମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ପୋଲିସ ନୀରବତାକୁ ନେଇ ଉଠିଲା ପ୍ରଶ୍ନ

- ଖବରଦାତାଙ୍କୁ ଆକ୍ରମଣ ଘଟଣାର ୩୬ ଘଣ୍ଟା ବିତିଲା
- କାର୍ଯ୍ୟାନୁଷ୍ଠାନ ଦାବିରେ ଖବରଦାତାଙ୍କ ଧାରଣା, ବିକ୍ଷୋଭ

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)



ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ ଧାରଣା ଦେଇଛନ୍ତି ।

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଖବରଦାତାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାର ୩୬ ଘଣ୍ଟା ପରେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତେଣୁ କାହା ଚାପରେ ପୁରୀ ପୋଲିସ କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ ହୋଇଛି। ଅଭିଯୁକ୍ତ ସେବାୟତଙ୍କୁ ଗିରଫ ଦାବିରେ ସୋମବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖବରଦାତାମାନେ ସର୍କିଟ୍ ହାଉସ ଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଅଭିଯୁକ୍ତ ସେବାୟତଙ୍କୁ ତୁରନ୍ତ ଗିରଫ କରାନଗଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ପୁରୀର କାର୍ଯ୍ୟରତ ସାମ୍ବାଦିକମାନେ କହିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିୟନ ମଧ୍ୟ ପୁରୀ ପୋଲିସର କୋହଳ ମନୋଭାବକୁ କଡ଼ା ନିନ୍ଦା କରିଛି। ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ ମହାନ୍ତି ଏବଂ ଅନ୍ୟ ବରିଷ୍ଠ ଖବରଦାତାମାନେ ଅଭିଯୁକ୍ତ ସେବାୟତଙ୍କୁ ଗିରଫ ଦାବିରେ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ମହିଳା ସାମ୍ବାଦିକାଙ୍କୁ ନ୍ୟାୟ ନ ଦେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ଦାବି କରାଯାଇଛି। ସେହିପରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ କମିଶନ ତରଫରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ପୁରୀର କାର୍ଯ୍ୟରତ ଖବରଦାତାମାନଙ୍କ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯାଇଛି। ଖବର ପାଇ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସହ ଆକ୍ରମଣ ଘଟଣାକୁ ନିନ୍ଦା କରିଥିଲେ। ପରେ ସେ ଏସ୍‌ପିଙ୍କ ସହିତ ଆଲୋଚନା କରିଥିଲେ। ଅପରପକ୍ଷରେ ଖବରଦାତାଙ୍କୁ ବିଭିନ୍ନ ରାଜନୈତିକ ଦଳର ନେତା ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ସମର୍ଥନ ଜଣାଇଛନ୍ତି।

# ବାଇକ୍‌ରେ ବୋମା ନେବା ବେଳେ ବିସ୍ଫୋରଣ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

## ଜଣେ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା,୭।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ ସଢ଼େଇଗଡ଼ ଗ୍ରାମ ନିକଟ ଖଣି ପୋଖରୀଠାରେ ରବିବାର ରାତିରେ ଦୁଇଜଣ ଯୁବକ ବୋମା ଭିଡ଼ିବା ପରେ ଏକ ବାଇକ୍‌ରେ ନେଇ ଯାଉଥିବା ବେଳେ ତାହା ବିସ୍ଫୋରଣ ଘଟିଛି। ଏଥିରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଢ଼େଇଗଡ଼ ଗ୍ରାମର ନିରାକାର ସିଂ ଏବଂ ଆହତ ଜଣଙ୍କ ବର୍ଷି ଅରିସଲ। ଖବରପାଇ ପୋଲିସ ପହଞ୍ଚି ଗୁରୁତର ବର୍ଷିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ବିସ୍ଫୋରକ ନିରୋଧ ଆକ୍ଟରେ ଏକ ମାମଲା (ନଂ.୨୮/୨୫) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ରବିବାର ସଢ଼େଇଗଡ଼ ଗ୍ରାମ ନିକଟ ଖଣି ପୋଖରୀଠାରେ ଉପରୋକ୍ତ ଦୁଇ ଯୁବକ ବୋମା ଭିଡ଼ିବା ପରେ ଏକ ବାଇକ୍‌ରେ ନେଇ ଯାଉଥିଲେ। ଅନ୍ଧାରିଆ ରାସ୍ତା ଏବଂ ମୋରମ ପଡିଥିବାରୁ ରାସ୍ତାରେ ବାଇକ୍‌ଟି ସ୍ଲିପ୍ କରିଥିଲା। ଫଳରେ ଭାରସାମ୍ୟ ହରାଇ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ବ୍ୟାଗରେ ଥିବା ବୋମା ବିସ୍ଫୋରଣ ହୋଇଥିଲା। ପ୍ରାୟ ୪ରୁ ୫ଟି ବୋମା ବିସ୍ଫୋରଣ ହୋଇଥିବା ଜଣାପଡିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ନିରାକାରଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଚାଳକ ବର୍ଷି ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳେ ପୋଲିସ ପହଞ୍ଚି ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ଆଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବର୍ଷିଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଉଭୟଙ୍କ ନାଁରେ ପୂର୍ବରୁ କୌଣସି ମାମଲା ନ ଥିବା ବେଳେ ବୋମା କାହିଁକି ଭିଡୁଥିଲେ ଓ କେଉଁଆଡ଼େ ନେଇ ଯାଉଥିଲେ ସେନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି। ଅନ୍ୟପଟେ ଏନେଇ ମୃତକଙ୍କ ବାପା ନକୁଳ ସିଂ କହିଛନ୍ତି, ରବିବାର ବଡ଼ପୁଅକୁ ଏକ ଫୋନ କଲ ଆସିଥିଲା, ସାନପୁଅକୁ ପିଚୁ ଫ୍ୟାକ୍ଟ୍ରିକୁ ଡାକୁଥିଲେ। ସେ ମନା କରିଥିଲା, ପରେ ବିଳମ୍ବିତ ରାତିରେ ନିରାକାର ଯାଇଥିଲା। ସୋମବାର ସକାଳେ ତାର ମୃତ୍ୟୁ ଘଟିଥିବା ଖବର ମିଳିଥିଲା। ପୁଅକୁ ଘରୁ ଡାକି ନେଇ ମାରିଦେଲେ ବୋଲି ସେ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି।

### ପୂର୍ବରୁ ଘଟିଥିବା ୩ ପ୍ରମୁଖ ଘଟଣା

**୨୦୨୩ ମାର୍ଚ୍ଚ ୫:** ଟାଙ୍ଗୀ ଥାନା ଭୂଷଣ୍ଡପୁର ଚିଲିକା କୂଳ ନିକଟବର୍ତ୍ତୀ ଏକ ଘରେ ବାଣ ପ୍ରସ୍ତୁତି ଚାଲିଥିଲା। ୮ରୁ ୧୦ଜଣ ଲୋକ ବାଣ ଭିଡୁଥିଲେ। ଏହି ସମୟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, କେହି ବାହାରକୁ ବାହାରି ପାରି ନ ଥିଲେ। ଫଳରେ ୫ଜଣ ସମ୍ପୂର୍ଣ୍ଣ ପୋଡ଼ି ହୋଇଯାଇଥିଲେ।

**୨୦୨୪ ମାର୍ଚ୍ଚ ୪:** ବେଗୁନିଆ ଥାନା ଦେଉଳି ଗାଁରେ ଭୟଙ୍କର ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ଅଶୋକ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୨ବଖରା ଘର ଛପର, ଆଜବେଷ୍ଟସ ଉଡ଼ିଯାଇଥିଲା। ତେବେ ବେଆଇନ ଭାବେ ବାଣ ଭିଡ଼ିବା ଅଭିଯୋଗରେ ଜେଲ ଯାଇ ଫେରିବା ପରେ ପୁଣି ଏଥିରେ ସମ୍ପୃକ୍ତ ଥିଲେ। ବେଆଇନ ବାଣ ପ୍ରସ୍ତୁତି ନେଇ ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।

**୨୦୨୪ ମେ ୧୦:** ବାଘମାରୀ ଥାନା ଅଧୀନ ଲେଖନପୁର ଗ୍ରାମରେ ଭୟଙ୍କର ବାଣ ବିସ୍ଫୋରଣ ହୋଇଥିଲା। ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଗୌରାଙ୍ଗ ଚରଣ ପଟ୍ଟନାୟକ ଗୁରୁତର ଆହତ ହୋଇଥିଲେ। ଏଥିସହ ତାଙ୍କର ୨ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପ୍ରଚଣ୍ଡ ଶବ୍ଦରେ ଆଖପାଖ ଗାଁ ଥରି ଉଠିଥିଲା।

# ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ୭ ଦିନ ଧରି ଗଣବଳାତ୍କାର

## ୨୩ ଜଣଙ୍କ ବିରୋଧରେ ମାମଲା, ୬ ଗିରଫ




ବାରାଣସୀ,୭।୪

ଉତ୍ତରପ୍ରଦେଶ ବାରାଣସୀରେ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୨୩ଜଣ ଯୁବକ ୭ଦିନ ଧରି ଗଣବଳାତ୍କାର କରିଛନ୍ତି। ପୀଡ଼ିତା ଛାତ୍ରୀ ଗତ ୪ତାରିଖରେ ଘରକୁ ଫେରି ମା'ଙ୍କ ନିକଟରେ ସମସ୍ତ କଥା କହିବା ପରେ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କ ସୋସିଆଲ ମିଡିଆରେ ସୃଷ୍ଟି ହୋଇଥିବା କେତେଜଣ ବନ୍ଧୁ ହୋଇଥିବାବେଳେ ଅନ୍ୟମାନେ ତାଙ୍କର ପୁରୁଣା ସହପାଠୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁସାରେ, ପୀଡ଼ିତା ଛାତ୍ରୀ ଜଣକ ଦ୍ୱାଦଶ ଶ୍ରେଣୀରେ ପଢ଼ନ୍ତି। ଗତ ୨୯ତାରିଖରେ ସେ ପାଣ୍ଡେୟପୁରସ୍ଥିତ ଘରୁ ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ଫେରିବାବେଳେ ପୀଡ଼ିତାଙ୍କ ଜଣେ ବନ୍ଧୁ ରାଜ ବିଶ୍ୱକର୍ମା ତାଙ୍କୁ ପ୍ରଥମେ ପିଶାଚମୋଚନ ଅଞ୍ଚଳରେ ଥିବା ଏକ ହୁକା ବାର୍‌କୁ ନେଇଥିଲେ। ସେଠାରେ ତାଙ୍କୁ ନିଶାଯୁକ୍ତ ଥଣ୍ଡାପାନୀୟ ଦେଇଥିଲେ। ପରେ ତାଙ୍କୁ ଏକ କାଫେକୁ ନେଇ ସାରା ରାତି ବଳାତ୍କାର କରିଥିଲେ। ମାର୍ଚ୍ଚ ୩୦ରେ ପୀଡ଼ିତାଙ୍କୁ ଅଭିଯୁକ୍ତ ଏବଂ ଅନ୍ୟ ଜଣେ ସାଙ୍ଗ ଏକ ମୋଟର ସାଇକେଲରେ ହାଇୱେ ଆଡକୁ ନେଇ ସେଠାରେ ବଳାତ୍କାର କରିଥିଲେ। ପରେ ତାଙ୍କୁ ନାଦେସାରରେ ଛାଡ଼ିଦେଇଥିଲେ। ମାର୍ଚ୍ଚ ୩୧ରେ ପୀଡ଼ିତାଙ୍କୁ ୫ଜଣ ଯୁବକ ମାଲଦାହିୟାର ଏକ ହୋଟେଲକୁ ନେଇ ସେଠାରେ ଗଣବଳାତ୍କାର କରିଥିଲେ। ଏପରି କି ଏପ୍ରିଲ ୧ତାରିଖରେ ତାଙ୍କୁ ଅନ୍ୟ ହୋଟେଲକୁ ନେଇ ୨ଜଣ ବଳାତ୍କାର କରିଥିଲେ। ଜଣେ ଗ୍ରାହକଙ୍କୁ ମାସେଜ୍ କରିବା ପାଇଁ ପୀଡ଼ିତାଙ୍କୁ ବାଧ୍ୟ ମଧ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ଏହାପରେ ୩ଜଣ ତାଙ୍କୁ ଔରଙ୍ଗାବାଦର ଏକ ଓ୍ୱାର ହାଉସକୁ ନେଇ ପୁନର୍ବାର ବଳାତ୍କାର କରିଥିଲେ। ଏପରି ଭାବେ ୭ଦିନ ମଧ୍ୟରେ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଏକାଧିକ ଥର ବଳାତ୍କାର କରାଯାଇଥିଲା। ଏପ୍ରିଲ ୪ତାରିଖରେ ପୀଡ଼ିତାଙ୍କୁ ଅଭିଯୁକ୍ତମାନେ ଜଣେ ସାଙ୍ଗଙ୍କ ଘରକୁ ନେଇ ନିଶାସକ୍ତ ଅବସ୍ଥାରେ ବଳାତ୍କାର କରିବା ପରେ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ପୀଡ଼ିତା ସେମାନଙ୍କ କବଳରୁ ଘରୁ ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁସାରେ ସୋମବାର ଏକ ମାମଲା ରୁଜୁହୋଇଛି। ଅଭିଯୁକ୍ତ ରାଜ ବିଶ୍ୱକର୍ମା, ସମୀର, ଆୟୁଷ, ସୋହେଲ, ଡାନିଶ, ଅନ୍‌ମୋଲ, ସାଜିଦ୍, ଜାହିର, ଇମ୍ରାନ, ଜାଇବ୍, ଅମନ, ରାଜ ଖାନ୍ ଏବଂ ଅନ୍ୟ ୧୧ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବରୁନ ଜୋନ୍‌ର ଡିସିପି ସୂଚନା ଦେଇଛନ୍ତି।

# ଛୁରାମାଡ଼ କରି ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୪ (ସତ୍ୟଜିତ୍ ରାଉତ)

ସାଲିଆ ସାହି ଅଞ୍ଚଳରେ ଛୁରାମାଡ କରି ଲୁଟ୍ ମାମଲାରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସାଲିଆ ସାହି ମହାଦେବନଗର ଅଞ୍ଚଳର ନରସିଂହ ରେଡ୍ଡୀ(୩୦)। ତାଙ୍କ ନିକଟରୁ ଛୁରୀ ଓ ୩ ହଜାର ୨୦୦ ଟଙ୍କା ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନରସିଂହଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ୩ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସାଲିଆ ସାହିରେ ରହୁଥିବା ପ୍ରିୟବ୍ରତ ପଟ୍ଟନାୟକ ତାଙ୍କ ସାଙ୍ଗ ସିମାଞ୍ଚଳ ଗୌଡଙ୍କ ସହ ସ୍ଥାନୀୟ ତିଳକ ନଗର ମାର୍କେଟ୍‌କୁ ପରିବା କିଣିବାକୁ ଯାଇଥିଲେ। ଫେରିବା ବେଳେ ମୁଣ୍ଡାପଡିଆ ନିକଟରେ ସୀମାଞ୍ଚଳ ଶୌଚ ପାଇଁ ଯାଇଥିଲେ। ତେବେ ଏହି ସମୟରେ ପ୍ରିୟବ୍ରତଙ୍କୁ ଅଭିଯୁକ୍ତ ନରସିଂହ ଏକୁଟିଆ ପାଇ ଛୁରୀ ଦେଖାଇ ଟଙ୍କା ଦାବି କରିଥିଲେ। ପ୍ରିୟବ୍ରତ ମନା କରିବାରୁ ନରସିଂହ ତାଙ୍କ ବେକର ବାମପାର୍ଶ୍ୱକୁ ଛୁରୀ ଭୁସି ଦେଇଥିଲେ। ପ୍ରିୟବ୍ରତ ରକ୍ତାକ୍ତ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ନରସିଂହ ତାଙ୍କ ପକେଟ୍‌ରୁ ୩,୨୦୦ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏପଟେ ସିମାଞ୍ଚଳ ସେଠାକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରିୟବ୍ରତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ପ୍ରିୟବ୍ରତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା(ନଂ.୧୨୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ସମ୍ବଲପୁର ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

## ହୀରାକୁଦ ଥାନା ହାଜତ ମୃତ୍ୟୁ ମାମଲା

ଭୁବନେଶ୍ୱର,୭।୪ (ସତ୍ୟଜିତ୍ ରାଉତ)

ସମ୍ବଲପୁର ଜିଲା ହୀରାକୁଦ ଥାନା ହାଜତରେ ପୋଲିସ ନିର୍ଯାତନାରୁ ଜଣେ ଚୋରି ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାକୁ ରାଜ୍ୟ ମାନବ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଆୟୋଗ ଅଧକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ ଏନେଇ ସମ୍ବଲପୁର ଜିଲା ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଜୁଲାଇ ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ଥିବାବେଳେ ଉକ୍ତଦିନ ଘଟଣା ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାମଲା ଅନୁଯାୟୀ, ମାର୍ଚ୍ଚ ୧୬ ରାତିରେ ହୀରାକୁଦ ଝାଙ୍କରପଡା ଅଞ୍ଚଳର ଦିଲୀପ ପ୍ରଧାନଙ୍କ ଗ୍ୟାରେଜରୁ ପାଣିପମ୍ପ ଚୋରି କରିବା ବେଳେ ଖ୍ରୀଷ୍ଟିଆନପଡ଼ାର କାଦିର ମହମ୍ମଦ ଶେଖ୍ ଧରାପଡିଥିଲେ। ଦିଲୀପଙ୍କ ପରିବାର ଲୋକେ କାଦିରଙ୍କୁ ହୀରାକୁଦ ପୋଲିସ ଜିମା ଦେଇଥିଲେ। ରାତିସାରା କାଦିରଙ୍କୁ ଥାନା ହାଜତରେ ରଖାଯିବା ପରେ ୧୭ ତାରିଖରେ ତାଙ୍କୁ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ହୋଇଥିଲା। ତେବେ ଅପରାହ୍ନରେ କୋର୍ଟ ପରିସରରେ ଅଭିଯୁକ୍ତ କାଦିର ଅସୁସ୍ଥ ଅନୁଭବ କରି ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସମ୍ବଲପୁର ଜିଲା ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ପରେ କାଦିରଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ହୀରାକୁଦ ଥାନା ସାମ୍ନାରେ କାଦିରଙ୍କ ମୃତଦେହ ରଖି ପରିବାର ଲୋକେ ଓ ସମ୍ପର୍କୀୟ ବିକ୍ଷୋଭ କରିଥିଲେ। ପୋଲିସର ମାରପିଟ୍ ସହ ନିର୍ଯାତନାରୁ କାଦିରଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ଖବର ପ୍ରକାଶ ପାଇବା ପରେ ଆଇନଜୀବୀ ତଥା ମାନବାଧିକର କର୍ମୀ ପ୍ରବୀର କୁମାର ଦାସ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତ କାଦିରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ସେ ପିଟିଶନ୍‌ରେ ଦାବି କରିଥିଲେ। ଗତ ୩ ତାରିଖରେ ମାମଲାର ଶୁଣାଣି ହୋଇଥିଲା।

# ଛତିଶଗଡ଼ ଯୁବକଙ୍କୁ ବାନ୍ଧିଲା ଉତ୍ତର ପ୍ରଦେଶ ପୋଲିସ

## ଟ୍ରେନ୍‌ରୁ ମୋବାଇଲ ଚୋରି କରି ଠକେଇ ଅଭିଯୋଗ

ବଡ଼ବିଲ,୭।୪(ଦେବପ୍ରିୟ ରଣା)

ଟ୍ରେନ୍‌ରୁ ମୋବାଇଲ ଚୋରି କରି ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଉତ୍ତର ପ୍ରଦେଶ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଛତିଶଗଡ଼ ରାଜ୍ୟ ଦୁର୍ଗ ଅଞ୍ଚଳର ଫରହାନ ଖାନ୍ ବୋଲି ଜଣାପଡ଼ିଛି। ସେ ଚୋରି ପରେ ବଡ଼ବିଲ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ।

ସୂଚନା ଅନୁଯାୟୀ, ଗତ କିଛି ମାସ ପୂର୍ବେ ଅଭିଯୁକ୍ତ ଚଳନ୍ତା ଟ୍ରେନ୍‌ରୁ ଉତ୍ତର ପ୍ରଦେଶର ମଥୁରା ଥାନାଞ୍ଚଳର ଜଣେ ବ୍ୟକ୍ତିଙ୍କ ମୋବାଇଲ ଓ ପର୍ସ ଚୋରି କରି ନେଇଥିଲେ। ଉକ୍ତ ମୋବାଇଲ ଜରିଆରେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ପ୍ରାୟ ୧ ଲକ୍ଷ ୨୫ ହଜାର ଟଙ୍କା ନେଇଯାଇଥିଲେ। ଚୋରି ପରେ ବ୍ୟକ୍ତି ଜଣକ ମଥୁରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବିଏନ୍‌ଏସ୍ ଦଫା ୩୦୫(ସି) ଏବଂ ଆଇଟି ଆକ୍ଟ ୬୬ ଅନୁଯାୟୀ ମଥୁରା ପୋଲିସ ମାମଲା(ନଂ. ୫୦/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ବଡ଼ବିଲ ଥାନା ଉପରବସ୍ତିସ୍ଥିତ ସକିଲ ଖାନ୍‌ଙ୍କ ଘରେ ଭଡ଼ାସୂତ୍ରରେ ରହୁଥିଲେ। ସୋମବାର ବଡ଼ବିଲ ପୋଲିସ ସହାୟତାରେ ଫରହାନଙ୍କୁ ଉତ୍ତରପ୍ରଦେଶ, ମଥୁରା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦିଲ୍ଲୀରୁ ମଥୁରା ଯାଉଥିବାବେଳେ ଏହି କାଣ୍ଡ ଭିଆଇଥିବା ବେଳେ ବଡବିଲରେ ବ୍ୟବସାୟ ଆଳରେ ଲୁଚିଥିଲେ।

# ୫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୧ ଡ. ଇନ୍ଦୁ ଶର୍ମା ସୋମବାର ଏକ ଗଞ୍ଜେଇ ଚାଲାଣ ମାମଲାର ୫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବେ। ଦୋଷୀମାନେ ହେଲେ କନ୍ଧମାଳ କେ.ନୂଆଗାଁ ଥାନା ସରିତାଗୁଡାର କମଳଲୋଚନ ବେହେରା, ରାଜକିଶି ମାଝୀ, ଦାରିଙ୍ଗବାଡ଼ିର ଦିବ୍ୟଲୋଚନ ସିଂ, ମଧୁ ଭୋକ୍ତା ଓ ବବୁ କହଁର (୪୮)।


**ଝାରଖଣ୍ଡ ସରକାର / झारखण्ड सरकार**

कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं0 : 8789242462 ,Email : rdsd.dhanbad@rediffmail.com

पत्रांकः—276 | धनबाद / दिनांक—07.04.2025

अति अल्पकालीन निविदा आमंत्रण सूचना

ई— निविदा सूचना संख्या — 02/2025-26/RDSD/EE/Dhanbad(DMFT)

1.कार्य की विस्तृत विवरणीः—

| क्र0 सं० | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1. | बाघमारा प्रखण्ड अन्तर्गत चिटाही में स्थित ठाकुर बाँध के चारों तरफ गार्डवाल एवं सीढ़ी घाट का निर्माण। | 282.55600 | परिमाण विपत्र की राशि 2% | 10000.00 | 12 महीना |

2. वेबसाईट में निविदा प्रकाशन की तिथि –15.04.2025
3. ई–निविदा प्राप्ति की तिथि एवं समय–दिनांक 15.04.2025 से दिनांक 22.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, धनबाद।
5. ई–निविदा खोलने की तिथि एवं समय– 24.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– ई0 नरेन्द्र कुमार, कार्यपालक अभियंता, ग्रामीण विकास विशेष प्रमंडल, धनबाद।
7. ई–निविदा प्रकोष्ठ का दूरभाष सं० – 8789242462 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,धनबाद

PR 349873 Rural Development(25-26).D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication/40255358/2025, ତା.03.04.2025ରିଖ

ଟେଣ୍ଡର ନଂ.: 40255358, ସାମଗ୍ରୀର ସଂକ୍ଷିପ୍ତ ବିବରଣୀ : ଟ୍ରକ୍‌ରେ ଲାଗିଥିବା ଆର୍ଟିକୁଲେଟେଡ୍ ବୁମ୍ କ୍ରେନ୍ (Articulated Boom Crane) ଇତ୍ୟାଦି।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 66,08,000/-, EMD@2% (ଟଙ୍କାରେ) : 1,32,160/-।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.04.2025 ରିଖ 1500 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

PR-11/Q/25-26



**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. 1**

ଟେଣ୍ଡର ସଂ. SNTPBBS-052025-PSS (ଓପନ୍ ଟେଣ୍ଡର), ରେ ଆବଶ୍ୟକ ପରିବର୍ତ୍ତନ କରିଦିଆଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଉପରୋକ୍ତ ଟେଣ୍ଡର ରେ କିଛି ନୂତନ ଆଇଟମ୍ ଯୋଡ଼ା ଯାଇଛି ଏବଂ କିଛି ଆଇଟମ୍ ହଟାଇ ଦିଆଯାଇଛି।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଶୁଦ୍ଧିପତ୍ରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ହେବ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ପ୍ରକଳ୍ପ/ଭୁବନେଶ୍ୱର

PR-2/CI/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ନଂ.: ଟି-ପିୟୁବି-ଜିଆର୍‌ସି-୨୦୨୫-୩୯୭, ତାରିଖ: ୦୪।୦୪।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା–୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ନର୍ଥ କଲୋନୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଠାରେ ମୁଖ୍ୟ ପ୍ରଶାସନିକ ଭବନର କରିଡରରେ ଛିଦ୍ରିତ ଧାତବ ପ୍ୟାନେଲ୍ ସିଲିଂ/ବାଫଲ୍ ସିଲିଂ ସହ ମୁଖ୍ୟ ପ୍ରଶାସନିକ ଭବନର ନବୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୧୪,୮୭,୫୭୦.୪୦ । **ଅମାନତ ରାଶି:** ₹୨,୫୭,୪୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ୩୦।୦୪।୨୦୨୫। **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ । ଟେଣ୍ଡରର ସମୟସୂଚୀରେ କୌଣସି ପରିବର୍ତ୍ତନ, ଶୁଦ୍ଧିପତ୍ର, ସଂଶୋଧନ, ଯଦି ହୁଏ, ତେବେ ତାହା କେବଳ ଇ–ଟେଣ୍ଡର ପୋର୍ଟାଲରେ ଉପଲବ୍ଧ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବନାହିଁ । ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । ହେଲ୍ପ ଡେସ୍କ ଯୋଗାଯୋଗ ନଂ. ୦୩୩–୨୪୫୦୩୭୮୩ । (PR-20)



**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**

ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆଇ-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com

**ଭ୍ରମ ସଂଶୋଧନ**

ଏହା ତା୦୫।୦୪।୨୦୨୫ରିଖରେ ପ୍ରକାଶିତ ଇ–ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/୧୦୯/ଏମ୍‌ଭିବିଏଚ୍/୨୦୨୧–୨୨ ସନ୍ଦର୍ଭରେ। ମୁଦ୍ରଣ ତ୍ରୁଟି କାରଣରୁ ତାହାକୁ ନିମ୍ନ ଅନୁଯାୟୀ ପଢ଼ାଯିବ: **"ଆର୍ଥିକ ବର୍ଷ ୨୦୨୫–୨୬ ଅବଧିରେ ଆର୍‌ଓ–ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ ପାଇଁ କୁଶଳୀ, ଅଭିଜ୍ଞତାସମ୍ପନ୍ନ ଏବଂ ପଞ୍ଜୀକୃତ ଫାର୍ମଗୁଡ଼ିକଠାରୁ ଅନ୍‌ଲାଇନ୍ ବିଡ୍ ଆହ୍ୱାନ କରାଯାଉଛି"**। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। (ନିର୍ଦ୍ଦେଶକ)



**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834008, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in /respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in"



**ବ୍ୟାଙ୍କ ଅଫ୍ ଇଣ୍ଡିଆ / Bank of India BOI**

ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର
ସର୍ଲାକଣି ଛକ ନିକଟ, ସମ୍ବଲପୁର - ୭୬୮୦୦୬ (ଓଡ଼ିଶା)

**ଦଖଲ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୂଆପଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ନୂଆପଡା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ପିତାମ୍ବର ହରିଜନ, ପିତା: ଟିକେମଣି ହରିଜନ, ସା: ବାବୁପାଲି, ପୋ: ଗଣ୍ଡାମେର, ଜିଲ୍ଲା: ନୂଆପଡା, ଓଡିଶା-୭୬୬୧୦୬ ଏବଂ ଶ୍ରୀ ପିତାମ୍ବର ହରିଜନ, ପିତା: ଟିକେମଣି ହରିଜନ, ପଲ୍ଟ୍ରୀ ଫାର୍ମ, ସା: ସୁକୁଲିମୁଣ୍ଡି, ଥାନା/ତହସିଲ: କୋମନା, ଜିଲ୍ଲା: ନୂଆପଡା, ଓଡିଶା-୭୬୬୧୦୬ | ତା.୨୨.୦୧.୨୦୨୫ରିଖ ସୁଦ୍ଧା ଟ.୨୮,୦୫,୫୩୬/- ସହିତ ସେବାବଦ ପରବର୍ତ୍ତି ସୁଧ ଏବଂ ଖର୍ଚ୍ଚ | ୨୨.୦୧.୨୦୨୫ / ୦୩.୦୪.୨୦୨୫ | ସମ୍ପତ୍ତିର ବିବରଣୀ: କ) ମୌଜା: ସୁକୁଲିମୁଣ୍ଡି, ଥାନା/ତହସିଲ: କୋମନା, ଜିଲ୍ଲା: ନୂଆପଡା, ଖାତା ନଂ.: ୨୫୩/୧, ପ୍ଲଟ୍ ନଂ.: ୮/୨୮୭୧ ରେ ଗଚ୍ଛିତ ଥିବା କୁକୁଟ ଫାର୍ମ ରେ ଥିବା ବନ୍ଧକପ୍ରାପ୍ତ ସମସ୍ତ ଜୀବନ୍ତ ପକ୍ଷୀ, ପକ୍ଷୀ ଖାଦ୍ୟ, ଔଷଧ, ଯନ୍ତ୍ରପାତି ସହିତ ବିଦ୍ୟୁତ କରଣ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ଖ) ଶ୍ରୀ ପିତାମ୍ବର ହରିଜନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୪୩/୩୮୬, ପ୍ଲଟ୍ ନଂ.: ୮୬୭/୧୮୨୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ବାବୁପାଲି, ପୋ: ଗଣ୍ଡାମେର, ଥାନା/ତହସିଲ: କୋମନା, ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ତେଜୁରାମ ତାଣ୍ଡିଙ୍କ ପ୍ଲଟ୍, ଦକ୍ଷିଣ: ବୁନ୍ଧୁରାମ ସବରଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଡମରୁ ବାଗଙ୍କ ଜମି |

ସ୍ଥାନ: ସମ୍ବଲପୁର, ତାରିଖ: ୦୭.୦୪.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍ / IREL (India) Limited**
Unleashing Values
ଓସ୍‌କମ୍ / OSCOM, ମାଟିଖାଲୋ / Matikhalo
G20 भारत 2023 INDIA वसुधैव कुटुम्बकम् ONE EARTH • ONE FAMILY • ONE FUTURE

ଅଧିସୂଚନା ନଂ.: ଆଇଆର୍‌ଇଏଲ୍/ଓଏସ୍/ଏଏ/୨୦୨୫ | ଅଧିସୂଚନା ତାରିଖ: ୨୮।୦୩।୨୦୨୫

**ଶିକ୍ଷାନବିସ ଅଧିନିୟମ, ୧୯୬୧ ଅଧୀନରେ ବର୍ଷ ୨୦୨୫-୨୬ ପାଇଁ ଶିକ୍ଷାନବିସଙ୍କ ନିୟୋଜନ ନିମନ୍ତେ ଅଧିସୂଚନା**

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ଓସ୍‌କମ୍, ମାଟିଖାଲୋ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଆଣବିକ ଶକ୍ତି ବିଭାଗ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ର ଉଦ୍ୟୋଗ, ଯାହା ଖନନ, ଖଣିଜ ଦ୍ରବ୍ୟ ପୃଥକୀକରଣ ଏବଂ ଆଣବିକ ଖଣିଜର ମୂଲ୍ୟ ସମ୍ବର୍ଦ୍ଧନା କ୍ଷେତ୍ରରେ ନିୟୋଜିତ, ତଳେ ଦର୍ଶାଯାଇଥିବା ଅନୁଯାୟୀ ଶିକ୍ଷାନବିସ ଅଧିନିୟମ, ୧୯୬୧ (ସମୟ ସମୟରେ ସଂଶୋଧିତ ହେଉଥିବା ଅନୁଯାୟୀ) ଅଧୀନରେ ଟ୍ରେଡ୍, ଟେକ୍ନିସିଆନ୍ ଏବଂ ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ ଶୃଙ୍ଖଳାରେ **୩୦ ଜଣ** ଶିକ୍ଷାନବିସଙ୍କ ନିୟୋଜନ ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି:

| କ୍ର. | ନାମିତ ଟ୍ରେଡ୍ | ଯୋଗ୍ୟତା | ଅବଧି | ସିଟ୍ ସଂଖ୍ୟା |
|---|---|---|---|---|
| ଗ୍ରାଜୁଏଟ୍ ଆପ୍ରେଣ୍ଟିସ୍ | | | | |
| (କ) | କେମିକାଲ୍ | ବି.ଇ/ବି.ଟେକ୍ (କେମିକାଲ୍) | ୧ ବର୍ଷ | ୦୧ |
| (ଖ) | ମେକାନିକାଲ୍ | ବି.ଇ./ବି.ଟେକ୍ (ମେକାନିକାଲ୍) | ୧ ବର୍ଷ | ୦୨ |
| (ଗ) | ଇଲେକ୍ଟ୍ରିକାଲ୍ | ବି.ଇ./ବି.ଟେକ୍ (ଇଲେକ୍ଟ୍ରିକାଲ୍) | ୧ ବର୍ଷ | ୦୧ |
| (ଘ) | ସିଭିଲ | ବି.ଇ/ବି.ଟେକ୍ (ସିଭିଲ) | ୧ ବର୍ଷ | ୦୨ |
| ଟେକ୍ନିସିଆନ୍ ଆପ୍ରେଣ୍ଟିସ୍ | | | | |
| (କ) | ଇଲେକ୍ଟ୍ରିକାଲ୍ | ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୨ |
| (ଖ) | ମେକାନିକାଲ୍ | ମେକାନିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଗ) | ସିଭିଲ | ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଘ) | ଇନ୍‌ଷ୍ଟ୍ରୁମେଣ୍ଟେସନ୍ | ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଇଞ୍ଜିନିୟରିଂରେ ଡିପ୍ଲୋମା | ୧ ବର୍ଷ | ୦୧ |
| (ଙ) | ଇଣ୍ଡଷ୍ଟ୍ରିଆଲ ସେଫ୍‌ଟି | ଇଣ୍ଡଷ୍ଟ୍ରିଆଲ୍ ସେଫ୍‌ଟି/ଫାୟାର୍ ଆଣ୍ଡ ସେଫ୍‌ଟିରେ ଡିପ୍ଲୋମା | ୧ ବର୍ଷ | ୦୨ |
| ଟ୍ରେଡ୍ ଆପ୍ରେଣ୍ଟିସେସ୍ | | | | |
| (କ) | ଟ୍ରେନୀ (ଜିଓଲୋଜିଷ୍ଟ) | ବି.ଏସ୍‌ସି. (ଜିଓଲୋଜି) | ୧ ବର୍ଷ | ୦୧ |
| (ଖ) | ଲାବ୍ ଆସିଷ୍ଟାଣ୍ଟ (କେମିକାଲ୍ ପ୍ଲାଣ୍ଟ) | ବି.ଏସ୍‌ସି. (କେମିଷ୍ଟ୍ରି)/ଏମ୍.ଏସ୍‌ସି. (କେମିଷ୍ଟ୍ରି) କିମ୍ବା ଏକ୍ସ–ଆଇଟିଆଇ ଲ୍ୟାବ୍. ଆସିଷ୍ଟାଣ୍ଟ (କେମିକାଲ୍ ପ୍ଲାଣ୍ଟ) | ୧ ବର୍ଷ | ୦୨ |
| ଟ୍ରେଡ୍ ଆପ୍ରେଣ୍ଟିସେସ୍ (ଆଇଟିଆଇ) | | | | |
| (କ) | ପ୍ଲମ୍ବର | ପ୍ଲମ୍ବିଂ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୧ |
| (ଖ) | ଫିଟର୍ | ଫିଟର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୩ |
| (ଗ) | ପେଣ୍ଟର୍ | ପେଣ୍ଟର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୨ |
| (ଘ) | ଇଲେକ୍ଟ୍ରିସିଆନ୍ | ଇଲେକ୍ଟ୍ରିସିଆନ୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୬ |
| (ଙ) | ୱେଲ୍‌ଡର୍ | ୱେଲ୍‌ଡର୍ ଟ୍ରେଡ୍‌ରେ ଆଇଟିଆଇ | ୧ ବର୍ଷ | ୦୨ |

୪.୦ ଦରଖାସ୍ତ ଗ୍ରହଣର ଶେଷ ତାରିଖ: **୨୦।୦୪।୨୦୨୫**

ଅଧିକ ବିବରଣୀ ପାଇଁ ଦୟାକରି କମ୍ପାନୀର ୱେବ୍‌ସାଇଟ୍ **http://www.irel.co.in** ପରିଦର୍ଶନ କରନ୍ତୁ ଏବଂ ସବିଶେଷ ଅଧିସୂଚନା ଏବଂ ସାଦା ଦରଖାସ୍ତ ଫର୍ମାଟ୍ ଡାଉନଲୋଡ୍ କରିବା ପାଇଁ **'କ୍ୟାରିୟର୍'** ବିକଳ୍ପ ଉପରେ କ୍ଲିକ୍ କରନ୍ତୁ ।

ସ୍ଥାନ: ଆଇଆର୍‌ଇଏଲ୍, ଓସ୍‌କମ୍, ମାଟିଖାଲୋ | ସ୍ୱା./-
ତାରିଖ: ୨୮।୦୩।୨୦୨୫ | ବରିଷ୍ଠ ପ୍ରବନ୍ଧକ-ଏଚ୍‌ଆର୍‌ଏମ୍ (ଏଲ୍ ଆଣ୍ଡ ଇଆର୍)

CBC 48146/12/0001/2526

# ପୌରାଧ୍ୟକ୍ଷାଙ୍କ ବ୍ୟାନରରେ ରହିଲାନି ନବୀନଙ୍କ ଫଟୋ

## ୱାକ୍‌ଫ ପ୍ରସଙ୍ଗ ନେଇ ଭଦ୍ରକ ବିଜେଡି ରାଜନୀତି

ଭଦ୍ରକ,୭।୪(ସନାତନ ରାଉତ)


ଭଦ୍ରକ ଟାଉନ ହଲ୍ ଛକଠାରେ ପୌରାଧ୍ୟକ୍ଷାଙ୍କ ପକ୍ଷରୁ ଆୟୋଜିତ ଖାଦ୍ୟପାନୀୟ ଯୋଗାଣ ଷ୍ଟଲ୍‌ରେ ଶ୍ରଦ୍ଧାଳୁଙ୍କ ଭିଡ଼।

ୱାକ୍‌ଫ ବିଲ୍‌ରେ ବିଜେଡିର ରାଜ୍ୟ ସଭା ସଦସ୍ୟଙ୍କ ଭୋଟିଂକୁ ନେଇ ସାରା ରାଜ୍ୟରେ ରାଜନୀତି ହଲ୍‌ଚଲ୍ ହୋଇଥିବା ବେଳେ ଭଦ୍ରକରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ରବିବାର ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ପାଇଁ ବିଭିନ୍ନ ରାଜନେତାଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ, ଖାଦ୍ୟ ଓ ପାନୀୟ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଥିଲା। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍‌ଙ୍କ ପକ୍ଷରୁ ମଧ୍ୟ ସହରର ଟାଉନ ହଲ୍ ଛକରେ ଏକ ଷ୍ଟଲ୍ କରାଯାଇଥିଲା। ନିଜେ ପୌରାଧ୍ୟକ୍ଷା ଓ ପୂର୍ବତନ ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ଓ ପାନୀୟ ବଣ୍ଟନ କରିଥିଲେ। ଉକ୍ତ ଷ୍ଟଲ୍‌ରେ ଲାଗିଥିବା ବ୍ୟାନରରେ ପୌରାଧ୍ୟକ୍ଷା ଓ ପ୍ରଫୁଲ୍ଲଙ୍କ ଫଟୋ ରହିଥିବା ବେଳେ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ନ ଥିବା ଦେଖିବାକୁ ମିଳିଥିଲା। ତାହାକୁ ନେଇ ଭଦ୍ରକର ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ହେଉଛି।

ୱାକ୍‌ଫ ବିଲ୍ ସପକ୍ଷରେ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର ଭୋଟ ଦେବା ଜଣାପଡ଼ିବା ପରେ ପ୍ରଫୁଲ୍ଲ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନବୀନଙ୍କୁ ଚିଠି ଲେଖିଥିଲେ। ପ୍ରଫୁଲ୍ଲ ୱାକ୍‌ଫ ବିଲ୍‌କୁ ବିରୋଧ କରିବା ସହ ମୁସ୍‌ଲିମ୍ ସମ୍ପ୍ରଦାୟ ସପକ୍ଷରେ ଥିବାରୁ ତାଙ୍କ ଫଟୋ ଲଗାଯାଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୱାକ୍‌ଫ ବିଲ୍ ଭୋଟିଂକୁ ନେଇ ବିଜେଡିର ଦ୍ୱନ୍ଦ୍ୱ ଲାଗିଥିବା ବେଳେ କିଛି ଏମ୍‌ପି ବିଲ୍ ସପକ୍ଷରେ ଭୋଟ ଦେବାକୁ ନେଇ ସେମାନେ ଅସନ୍ତୁଷ୍ଟ ଅଛନ୍ତି। ଏ ବାବଦରେ ନବୀନ ନିବାସରେ ଭେଟି ବିଲ୍‌କୁ ସମର୍ଥନ ନ ଜଣାଇବା ପାଇଁ ସେମାନେ ଦାବି ମଧ୍ୟ କରିଛନ୍ତି। ଏହି ଅସନ୍ତୋଷ ପାଇଁ ବ୍ୟାନରରେ ନବୀନ ବାବୁଙ୍କ ଫଟୋ ଲଗାଯାଇ ନ ଥିବା ସେ ସ୍ୱୀକାର କରିଛନ୍ତି। ତାଙ୍କ ସପକ୍ଷରେ ଥିବାରୁ ପ୍ରଫୁଲ୍ଲ ବାବୁଙ୍କ ଫଟୋ ଲଗାଯାଇଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ପକ୍ଷରୁ ଭଦ୍ରକ ପୋଷ୍ଟ ଅଫିସ୍ ଛକରେ ଏକ ମଞ୍ଚ କରାଯାଇଥିଲା। ସେଥିରେ ବିଧାୟକ ମଲ୍ଲିକଙ୍କ ସମେତ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ ପ୍ରମୁଖ ଥିବା ଲକ୍ଷ୍ୟ କରାଯାଇଥିଲା। ଅଳ୍ପ ବ୍ୟବଧାନରେ ବିଜେଡି ନେତାଙ୍କ ୨ଟି ଷ୍ଟଲ ରହିବା ଦଳୀୟ ମନୋମାଳିନ୍ୟ ଥିବା ବିଷୟକୁ ପଦାରେ ପକାଇଛି।

# ପାଣ୍ଡିଆନ୍‌ଙ୍କ ସପକ୍ଷରେ ବାହାରିଲେ କଟକ ମେୟର

- ଦେବାଶିଷ, ପ୍ରଭାତଙ୍କୁ ସମାଲୋଚନା କଲେ ସୁବାସ
- ମେୟର କିଏ ମୋତେ ପ୍ରଶ୍ନ ପଚାରିବାକୁ:ଦେବାଶିଷ

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ)


ଦେବାଶିଷ ସାମନ୍ତରାୟ


ସୁବାସ ସିଂ

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ସୋମବାର ଭି. କେ. ପାଣ୍ଡିଆନ୍‌ଙ୍କ ସପକ୍ଷରେ ମୁହଁ ଖୋଲିଛନ୍ତି। ସିଏମ୍‌ସି କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁବାସ କହିଛନ୍ତି, ବିଜେଡି କହିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହିଁ ବୁଝାଏ। ନବୀନ ପଟ୍ଟନାୟକଙ୍କ ଉପରେ ଲୋକଙ୍କର ବହୁ ଆଶା ଓ ବିଶ୍ୱାସ ରହିଛି। ଦଳକୁ ବଦ୍‌ନାମ କରିବାର ଅଧିକାର କାହାର ନାହିଁ। ପାଣ୍ଡିଆନ୍‌ଙ୍କ ଭଳି ଜଣେ ବ୍ୟକ୍ତି ସଚ୍ଚୋଟ ଭାବେ କାର୍ଯ୍ୟ କରିଛନ୍ତି। କାହାକୁ ଦୋଷ ଦେବା ଉଚିତ୍ ନୁହେଁ। ଦଳକୁ ବଦ୍‌ନାମ କରିବାରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବେ ବିଗିଡ଼ି ଯାଇଛି। ସେ କେଉଁ ଦଳର ଇଙ୍ଗିତରେ ଏଭଳି କାର୍ଯ୍ୟ କରୁଛନ୍ତି ତାହା ଜଣାଯାଉଛି। ଦେବାଶିଷ ବାବୁ ତାଙ୍କ ସମୟରେ କଟକରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନାହାନ୍ତି। ସେ ବସ୍ ଷ୍ଟାଣ୍ଡ ହେଉ କି ବକ୍ସଡ୍ରେନ କାର୍ଯ୍ୟ ତାଙ୍କ ସମୟରେ କିଛି ସମ୍ଭବପର ହୋଇପାରି ନ ଥିଲା। ବିଜେଡି ସଭାପତି ନବୀନ ପଟ୍ଟନାୟକ ସବୁ ବିଷୟରେ ସ୍ପଷ୍ଟୀକରଣ ରଖିବେ, ଅନ୍ୟ କାହାର ଏ ବିଷୟରେ କହିବାର ଅଧିକାର ନାହିଁ। ଏହାସହ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ ସୁବାସ ସମାଲୋଚନା କରି କହିଛନ୍ତି, ପ୍ରଭାତ ବାବୁ କିଏ ପାଣ୍ଡିଆନ୍‌ଙ୍କୁ ସାର୍ଟିଫିକେଟ ଦେବା ପାଇଁ। ତାଙ୍କର ଦଳରେ କିଛି ଭୂମିକା ନ ଥିବା ସେ ନିଜେ ସ୍ପଷ୍ଟ କରି କହିଛନ୍ତି। ପାଣ୍ଡିଆନ୍‌ଙ୍କ ଉପରେ ଟିପ୍ପଣୀ ଦେବା ଅର୍ଥ ହେଉଛି ଦଳକୁ ଆକ୍ଷେପ କରିବା ସହ ସମାନ ବୋଲି ସୁବାସ କହିଛନ୍ତି।

ଅନ୍ୟପଟେ ସୁବାସଙ୍କ ଏଭଳି କଥାର କଡ଼ା ଜବାବ ଦେଇଛନ୍ତି ଦେବାଶିଷ ସାମନ୍ତରାୟ। ସେ ଗଣମାଧ୍ୟମକୁ କହିଛନ୍ତି, ସୁବାସ କିଏ ତାଙ୍କୁ ପ୍ରଶ୍ନ ପଚାରିବାକୁ। ଯାହାଙ୍କର ୱାର୍ଡମେମ୍ବର, ସରପଞ୍ଚ ଜିତିବାର କ୍ଷମତା ନାହିଁ, ସେ ମୋ ଷ୍ଟାଣ୍ଡାର୍ଡର ମଧ୍ୟ ନୁହନ୍ତି ବୋଲି ଦେବାଶିଷ କହିଛନ୍ତି। ତେଣୁ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସେ ବାଧ୍ୟ ନୁହନ୍ତି ବୋଲି ଦେବାଶିଷ କହିଛନ୍ତି। ଏବେ ବିଜେଡିର ପରିସ୍ଥିତି ପାଇଁ ପାଣ୍ଡିଆନ୍ ଦାୟୀ। ପାଣ୍ଡିଆନ୍ ବିଜେଡିକୁ ବିକ୍ରି କରିଦେଇଛନ୍ତି। ତାଙ୍କ ପାଇଁ ବିଜେଡି ନିର୍ବାଚନରେ ହାରିଛି। ଆଜି ବି ଦଳ ପାଇଁ ପାଣ୍ଡିଆନ୍ ନିଷ୍ପତ୍ତି ନେଉଛନ୍ତି। ଏବେ ଯାହା ସ୍ଥିତି ରହିଛି ଓ ଯାହା ଷଡ଼ଯନ୍ତ୍ର ଚାଲିଛି ତାହା ପାଣ୍ଡିଆନ୍‌ଙ୍କ ପାଇଁ ହୋଇଛି। ମୁଁ ସ୍ପଷ୍ଟବାଦୀ, ତେଣୁ ସ୍ୱର ଉତ୍ତୋଳନ କଲି ବୋଲି ଦେବାଶିଷ କହିଛନ୍ତି।

# ସୋଫିଆ ରାଜନୀତିରେ କାଲି ଜନ୍ମ ନେଇଛନ୍ତି: ଦେବାଶିଷ

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାୟକ ସୋଫିଆ ଫିରଦୋସ ରାଜନୀତିରେ କାଲି ଜନ୍ମ ନେଇଛନ୍ତି। ଏଭଳି ମନ୍ତବ୍ୟ ଦେଇ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ସୋଫିଆଙ୍କୁ ସୋମବାର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାରତରେ କଂଗ୍ରେସ ଦଳର ସ୍ଥିତି କେଉଁଠି ବି ନାହିଁ। ଏପରି କି ସୋଫିଆ ଓ ତାଙ୍କ ପିତା ମୋକିମଙ୍କର କଟକରେ ସ୍ଥିତି ନାହିଁ କିମ୍ବା କଟକ ପାଇଁ ସେ କିଛି କରିନାହାନ୍ତି। ସୋଫିଆଙ୍କ କଥା କହି ମୋ ନିଜ ସ୍ତରକୁ ତଳେ ପକାଇବାକୁ ଚାହୁଁନି। ମୁଁ ଦଳ ବିରୋଧରେ ଯାଇ ଲଢୁଛି ଏବଂ କାହିଁକି ବିରୋଧ କରୁଛି ସେ ପ୍ରଶ୍ନ ଉଠାଇବା ପାଇଁ ସୋଫିଆ କିଏ ବୋଲି ଦେବାଶିଷ କହିଛନ୍ତି।

ସୂଚନାଥାଉ କି, ୱାକ୍‌ଫ ବିଲ୍ ଭୋଟ ବେଳେ ୱାକ୍‌ଆଉଟ କରିବାକୁ ନେଇ ଦେବାଶିଷଙ୍କୁ ସୋଫିଆ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ଦେବାଶିଷ ବାବୁ ଭାଜପାକୁ ସମର୍ଥନ କରିଛନ୍ତି। ଗୋଟିଏ ଭୋଟ୍‌ର ବି ମୂଲ୍ୟ ଥାଏ, ବିରୋଧରୁ ଗୋଟିଏ ଭୋଟ୍ କମିଲା ମାନେ ଭାଜପାର ସଂଖ୍ୟା ଗଣିତରେ ଗୋଟିଏ ବଢ଼ିଲା। ଏହାଦ୍ୱାରା ଭାଜପାର ୱେଟେଜ୍ ବଢ଼ିଛି। ଏହି ଘଟଣା ପରେ ବାରବାଟୀ-କଟକ ଲୋକେ ତାଙ୍କ ନିଷ୍ପତ୍ତିରେ ଦୁଃଖିତ ଅଛନ୍ତି। ନିଜକୁ ବଞ୍ଚାଇବା ପାଇଁ ବିରୋଧ ନ କରି ଦେବାଶିଷ ୱାକ୍‌ଆଉଟ୍ କରିଥିଲେ ବୋଲି ସୋଫିଆ ଗଣମାଧ୍ୟମକୁ କହିଥିଲେ।

# ଏପ୍ରିଲ ଶେଷ ସୁଦ୍ଧା ସରିବ ବିଜେଡିର ସାଙ୍ଗଠନିକ ନିର୍ବାଚନ

ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

ବିଜେଡିର ସାଙ୍ଗଠନିକ ନିର୍ବାଚନ ଏପ୍ରିଲ ସୁଦ୍ଧା ଶେଷ ହେବ। ୬ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ମଧ୍ୟରୁ ୩ୟ ପର୍ଯ୍ୟାୟ ଶେଷ ହୋଇଛି। ୪ର୍ଥ ପର୍ଯ୍ୟାୟ ଲାଗି ସୋମବାର ୩୩ଟି ସାଙ୍ଗଠନିକ ଜିଲାର ନିର୍ବାଚନ ଅଧିକାରୀମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି ବୋଲି ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ କହିଛନ୍ତି। ଶଙ୍ଖଭବନ ଠାରେ ସୋମବାର ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, ଖୁବଶୀଘ୍ର ଜିଲା ସଭାପତି ଚୟନ କାର୍ଯ୍ୟ ସମାପ୍ତ ହେବ। ଏହାପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

# ବିଜେଡି ଚୂର୍‌ମାର ହୋଇଯିବ: କାଡାମ

## କଂଗ୍ରେସ ପାଇଁ ଶୁଭଙ୍କର:ତାରା

ଭୁବନେଶ୍ୱର, ୭।୪(ରବିନାରାୟଣ ଜେନା)

ବିଜେଡି ଏବେ ଚୂରମାର ଅବସ୍ଥାରେ ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ସେ କହିଛନ୍ତି, ବିଜେଡି ଏବେ ୱକଫ୍ ବିଲ୍‌କୁ ନେଇ ଦୁଇଫାଳ ହୋଇଯାଇଛି। ବିଜେଡି ଏବେ ବିଜୁଙ୍କ ଆଦର୍ଶରେ ଯାଉନାହିଁ। ଗୋଟିଏ ଦଳ ନବୀନଙ୍କ ସାଥିରେ ରହିଥିବାବେଳେ ଆଉ କେତେକେ ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି। ପୂର୍ବରୁ ଏଭଳି ବିଶୃଙ୍ଖଳା ହେଉଥିଲେ ହେଁ ବାହାରକୁ ଆସୁ ନ ଥିଲା। ଏବେ ତାହା ଫୁଟିକି ବାହାରୁଛି। କର୍ମୀ ଓ ନେତାଙ୍କ ଅସନ୍ତୋଷ ନବୀନ ନିବାସରେ ପହଞ୍ଚିଲାଣି। ଆଗାମୀ ଦିନରେ ଏହା ବିସ୍ଫୋରକ ପରିସ୍ଥିତି ଆଡ଼କୁ ଯିବ। ସେ କହିଛନ୍ତି, ରାଜ୍ୟରେ ଗତ ୨୪ବର୍ଷ ଧରି ବିଜେଡି ସରକାର ଯେଉଁ ଖଣି ଖାଦାନ ଲୁଟ୍ କରିଛି, ସେଥିରୁ କିଛି ଅଂଶ ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ହେଲେ ଯେଉଁ ବିପୁଳ ଅର୍ଥ ଲୁଟ୍ ହୋଇଛି ତାହାକୁ ନେଇ ଦଳ ବିଭାଜନ ହେବ ଏବଂ କଂଗ୍ରେସ ଓଡ଼ିଶାରେ ସରକାର କରିବ ବୋଲି କାଡାମ କହିଛନ୍ତି।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ୧୯୯୮ରେ ନବୀନବାବୁ ଓଡ଼ିଶା ରାଜନୀତିରେ ପାଦ ଦେଇଥିଲେ। ସେତେବେଳଠାରୁ ଆଜି ପର୍ଯ୍ୟନ୍ତ କେହି ନବୀନ ନିବାସରେ ପଶିବାକୁ ସାହସ କରିପାରୁ ନ ଥିଲେ। ପ୍ରଥମଥର ପାଇଁ ନବୀନ ନିବାସରେ ପାଣ୍ଡିଆନ୍ ଗୋ-ବ୍ୟାକ୍ ସ୍ୱର ଶାଣିତ ହୋଇଛି। ଏହା କଂଗ୍ରେସ ପାଇଁ ଶୁଭଙ୍କର। ଆଗାମୀ ଦିନରେ ବିଜେଡି ଦୁଇଭାଗ ହେବ। ଗୋଟିଏ ବିଜୁବାବୁଙ୍କ ଦଳ, ଅନ୍ୟଟି ପାଣ୍ଡିଆନଙ୍କ ଦଳ। ଭାଜପା ଯେଉଁ ଖେଳ ଖେଳୁଛି ଆଗାମୀ ଦିନରେ ଲୋକେ ତା'ର ଜବାବ ଦେବେ ବୋଲି ତାରା କହିଛନ୍ତି।

## Business

# ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନ

## ରୁଚି ଗ୍ରାହକ ଜିତିଲେ ଆକର୍ଷଣୀୟ ଉପହାର

ଭୁବନେଶ୍ୱର,୭।୪



ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନରେ ସମ୍ମାନିତ କରାଯାଉଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏକବିଂଶତମ କଟକ-ବୈଶାଖୀ ବାଣିଜ୍ୟ ମେଳା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବୈଶାଖୀ ମଣ୍ଡପରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ କାର୍ଯ୍ୟକାରୀ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ 'ରୁଚି-ବୈଶାଖୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ସିଂହ, ସମ୍ମାନିତ ଅତିଥି ଭାବେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରି, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, 'ରୁଚି'ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, କୃଷ୍ଣପ୍ରସାଦ ଦାସ, 'ରୁଚି'ର ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ସଭାରେ ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ ସଭାପତିତ୍ୱ କରିଥିଲାବେଳେ ସଂଯୋଜକ ଦେବୀପ୍ରସାଦ ଦାଶ, ଦିଲୀପ ସାହୁ, ସଞ୍ଜୀବ ବେହେରା, ରମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅପରପକ୍ଷରେ ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ଓ ଉପହାର ଯୋଜନା ରଖାଯାଇଥିଲା। ଉଦ୍‌ଯାପନୀ ଦିବସରେ ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ସାମଗ୍ରୀ କିଣି କଟକ ଜଗତପୁରର ଅଶୋକ କୁମାର ରାଉତ ଏକ ଏଲ୍‌ଇଡି ଟିଭି ପୁରସ୍କାର ଜିତିଛନ୍ତି। 'ରୁଚି'ର ପରିଚାଳନା ନିର୍ଦ୍ଦେଶିକା ସଙ୍ଗୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉତଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

ପ୍ରତିଦିନ ମଧ୍ୟ ଗ୍ରାହକମାନଙ୍କୁ ରୁଚିର ବିଭିନ୍ନ ମସଲା, ସିମାଇ, ପାସ୍ତା, ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଓ ରୁଚିଚା' ସମେତ ବିଭିନ୍ନ ସାମଗ୍ରୀ କ୍ରୟ ସହ ଗୋଟିଏ ସାମଗ୍ରୀ ବିନା ମୂଲ୍ୟରେ ପ୍ରଦାନ କରାଯିବା ସହ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା।

'ରୁଚି' ମସଲା ଓ ଖାଦ୍ୟମଣ୍ଡପରେ ପ୍ରତ୍ୟହ ଗ୍ରାହକମାନଙ୍କ ଭିଡ଼ ଲାଗିରହିବା ସହିତ ଚଳିତବର୍ଷ ଭଲ ବ୍ୟବସାୟ ହୋଇଛି ବୋଲି ସେଲ୍‌ସ ବିଭାଗ ମୁଖ୍ୟ ଦିଲୀପ କୁମାର ସାହୁ କହିଛନ୍ତି। ପ୍ରତିଦିନ ରୁଚି ମଣ୍ଡପରେ ସମାଜର ବିଭିନ୍ନ ବର୍ଗର ଯୁବତୀଯୁବକ ଓ ପିଲାମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର, କୁଇଜ ଓ ନୃତ୍ୟଗୀତର ଆସର ଅନୁଷ୍ଠିତ ହୋଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ନଥିଙ୍ଗ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୭।୪

ନଥିଙ୍ଗ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସିଏମ୍‌ଏଫ୍ ଫୋନ ୨ ପ୍ରୋ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଫୋନ ୨୦୨୫ ଏପ୍ରିଲ ୨୮ ସନ୍ଧ୍ୟା ୬.୩୦ ସମୟରେ 'ସିଏମ୍‌ଏଫ୍ ଫୋନ ୨ ପ୍ରୋ' ଶୁଭାରମ୍ଭ କରାଯିବ। ଏହି ଫୋନ ୨ ପ୍ରୋ ବ୍ୟତୀତ ସିଏମ୍‌ଏଫ୍ ବଡ୍‌ସ ୨, ବଡ୍‌ସ୨ଏ ଓ ବଡ୍‌ସ ୨ ପ୍ଲସ୍ ତିନୋଟି ନୂତନ ଅଡିଓ ଉତ୍ପାଦ ମଧ୍ୟ ପ୍ରଚଳନ କରାଯିବ। ନୂଆ ଉତ୍ପାଦ ସେଟ ସୁଲଭ ମୂଲ୍ୟରେ ମହାନ ସ୍ପେସିଫିକେଶନ ଖୋଜୁଥିବା ଲୋକଙ୍କ ପାଇଁ ନଥିଙ୍ଗ ଉତ୍ପାଦର ବ୍ୟାପକ ଲାଇନଅପ୍ ଯୋଡ଼ିଥାଏ। ନୂଆ ଉତ୍ପାଦ ପରିସର ଲଂଚ ଲାଗି ସିଏମଏଫ ବଡସ ୨ ପ୍ରୋ ପ୍ରସ୍ତୁତ କରିବା ସମୟରେ ସଂପ୍ରତି ସେମାନଙ୍କ ଏକ୍ସ ହ୍ୟାଣ୍ଡଲରେ ସିଏମ୍‌ଏଫ୍ ଫୋନ ୨ ପ୍ରୋ ପାଇଁ କ୍ୟାମେରା ଡିଜାଇନ ପ୍ରକାଶ କରାଯାଇଛି। ଶୁଭାରମ୍ଭ ସମ୍ପର୍କରେ ସୂଚନା ପାଇବାକୁ ଆଗ୍ରହୀ ବ୍ୟକ୍ତି ପରବର୍ତ୍ତି ଡିଭାଇସ ଅପଡେଟ ବିଷୟରେ ସୂଚନା ପାଇବା ଲାଗି ଫ୍ଲିପକାର୍ଟରେ ସାଇନଅପ କରିପାରିବେ।

# ଭୂଷଣ ଶର୍ମା ପିଏନ୍‌ବିର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୭।୪ (ଅଭୟ ଦାଶ)



ଭୂଷଣ ଶର୍ମା

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଭାବେ ମହାପ୍ରବନ୍ଧକ ଭୂଷଣ ଶର୍ମା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ପାନିପଥ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୫ରେ ଶର୍ମା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସରେ ଜଣେ କର୍ମଚାରୀ ଭାବେ କ୍ୟାରିୟର ଆରମ୍ଭ କରିଥିବା ବେଳେ ତାଙ୍କର ଶାମ୍‌ଲି, ପାନିପଥ, ଚଣ୍ଡିଗଡ, ଲୁଧିଆନା, ଦୁବାଇ, ବାଙ୍ଗାଲୋର, କୋଚି ଏବଂ କାନପୁର ଆଦି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ବର୍ତ୍ତମାନ ପିଏନ୍‌ବି ଅଞ୍ଚଳ କାର୍ଯ୍ୟାଳୟ ଅଧୀନରେ ରାଜ୍ୟର ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ୫ଟି ମଣ୍ଡଳ କାର୍ଯ୍ୟାଳୟ ରହିଥିବାବେଳେ ରାଜ୍ୟରେ ପିଏନ୍‌ବିର ୩୪୬ ଶାଖା ରହିଛି। ଆଞ୍ଚଳିକ ମୁଖ୍ୟ ଭାବେ ଯୋଗଦେବା ପରେ ଶର୍ମା ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରେ ପ୍ରାଧାନ୍ୟ ଦେବା ସହ ବ୍ୟବସାୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ପିଏନ୍‌ବିକୁ ଆଗାମୀ ପିଢ଼ିର ପସନ୍ଦଯୋଗ୍ୟ ବ୍ୟାଙ୍କ ରୂପେ ଗଢ଼ି ତୋଳିବା ପାଇଁ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଲୋକପ୍ରିୟ କରାଇବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସେ ମଧ୍ୟ ରାଜ୍ୟରେ ଶାଖା ନେଟ୍‌ୱର୍କକୁ ବିସ୍ତାର କରିବା ଓ ରାଜ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଲ୍ୟାଣ୍ଡସ୍କେପ୍‌ରେ ବ୍ୟାଙ୍କିଙ୍ଗ୍ କାରବାରକୁ ବୃଦ୍ଧି କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବେଦାନ୍ତ ପକ୍ଷରୁ ପ୍ରତିଭା ସମ୍ମାନ

ଭୁବନେଶ୍ୱର,୭।୪

ପ୍ରତିବର୍ଷ ଭଳି ଚଳିତ ବର୍ଷର ଉତ୍କଳ ଦିବସ (ଓଡ଼ିଶା ଦିବସ) ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ପଦ୍ମଶ୍ରୀ ପ୍ରମୋଦ ଭଗତନ୍ଦ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ଏପରିକି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥିର ମନୋଭାବକୁ ଶ୍ରଦ୍ଧାଳି ଜଣାଇ କମ୍ପାନୀର ଝାରସୁଗୁଡ଼ା ୟୁନିଟ୍‌ରେ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ରାଜ୍ୟର ଚମତ୍କାର ଅତୀତ ଏବଂ ଗତିଶୀଳ ବର୍ତ୍ତମାନର ଏକ ସାମୂହିକ ଉତ୍ସବରେ ଏକାଠି କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଓଡ଼ିଶା ଦିବସ ହେଉଛି, ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସ୍ଥାୟୀ ଆତ୍ମାର ଏକ ଉତ୍ସବ। ବେଦାନ୍ତରେ ଆମେ ଏହି ସ୍ପନ୍ଦନଶୀଳ ଭୂମି ଏବଂ ଏହାର ପ୍ରେରଣାଦାୟକ ଯାତ୍ରାର ଏକ ଅଂଶ ହୋଇ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ରାଜ୍ୟର ପରିଚୟକୁ ଆକାର ଦେଉଥିବା ପରମ୍ପରାଗୁଡ଼ିକୁ ଆମେ ସମ୍ମାନ କରୁଥିବାରୁ, ଆମେ ଅନ୍ତର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମେ ସେବା କରୁଥିବା ସମ୍ପ୍ରଦାୟଗୁଡ଼ିକ ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରତିବଦ୍ଧ । ସେହିଭଳି ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଏବଂ ନବ୍ୟ ଜୈନିଙ୍କ ମନୋରମ ପରିବେଷଣ ସହ ଏହି ଉତ୍ସବ ଜୀବନ୍ତ ହୋଇ ଉଠିଥିଲା, ଯେଉଁମାନେ ସନ୍ଧ୍ୟାକୁ ଆତ୍ମାର ସଂଗୀତରେ ପରିପୂର୍ଣ୍ଣ କରିଥିଲେ ଯାହା ଦର୍ଶକଙ୍କ ମନରେ ଗଭୀର ପ୍ରତିଧ୍ୱନିତ କରିଥିଲା। ସାଂସ୍କୃତିକ ଉତ୍ସବକୁ ପରିପୂର୍ଣ୍ଣ କରିବା ସହିତ ପ୍ରାମାଣିକ ଓଡ଼ିଆ ଖାଦ୍ୟର ପ୍ରସାରଣ ଉପସ୍ଥିତ ଲୋକଙ୍କୁ ରାଜ୍ୟର ସମୃଦ୍ଧ ରାନ୍ଧଣା ପରମ୍ପରାର ସ୍ୱାଦ ପ୍ରଦାନ କରିଥିଲା।

# ଜୟଆଲୁକ୍କାସ୍‌ର ନୂତନ କଲେକ୍ସନ 'କୃଷ୍ଣ ଲୀଳା'



ଜୟଆଲୁକ୍କାସର ନୂତନ କଲେକ୍ସନ 'କୃଷ୍ଣ ଲୀଳା'କୁ ସିନେ ଅଭିନେତ୍ରୀ ଆଲ୍ୟା ମନସା ଅନାବରଣ କରୁଛନ୍ତି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୭।୪

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍‌ର ନୂତନ କଲେକ୍ସନ 'କୃଷ୍ଣ ଲୀଳା'କୁ ସର୍ବଭାରତୀୟ ସ୍ତରରେ ଅନାବରଣ (ଶୁଭାରମ୍ଭ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍‌ର ଚେନ୍ନାଇସ୍ଥିତ ଟି ନଗର ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନବାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିନେ ଅଭିନେତ୍ରୀ ଆଲ୍ୟା ମନସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ (ଅନାବରଣ) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର କଳାକାର ପ୍ରଶାନ୍ତ, ରବି ମାରିଆଙ୍କ ଜୟଆଲୁକ୍କାସ୍ ସିଓଓ ହେନରୀ ଜର୍ଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ନୂତନ କଲେକ୍ସନରେ ଭଗବାନ କୃଷ୍ଣଙ୍କ ଜୀବନ ଚରିତ୍ରର ମନୋରମ କାହାଣୀରେ ପ୍ରେରିତ ହୋଇ ପୌରାଣିକ କାହାଣୀ ଏବଂ କଳାର ଅପୂର୍ବ ସମନ୍ୱୟରେ ଅତ୍ୟନ୍ତ ଉଚ୍ଚକୋଟୀର ମନ୍ଦିର ଅଳଙ୍କାରମାନ ସ୍ଥାନ ପାଇଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ଏମଡି ଜୟ ଆଲୁକ୍କାସ କହିଥିଲେ, ଆମେ ଆମର ନୂତନ କଲେକ୍ସନ କୃଷ୍ଣ ଲୀଳାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। କୃଷ୍ଣ ଲୀଳା କଲେକ୍ସନ ପରମ୍ପରା ଏବଂ ଭକ୍ତିର ଅନନ୍ତ ଆକର୍ଷଣର ଏକ ସ୍ମରଣ। ଆମର ପ୍ରେରଣା ଭଗବାନ କୃଷ୍ଣଙ୍କ କାଳଜୟୀ କାହାଣୀରୁ ଆସିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଓଡ଼ିଶାର ପ୍ରଥମ ରୋଟେଟର କଫ୍ ମରାମତି

ଭୁବନେଶ୍ୱର,୭।୪

ଓଡ଼ିଶାରେ ପ୍ରଥମ ଥର ପାଇଁ ରିଜେନ୍ଟେନ୍ ପ୍ୟାଚ୍ ନାମକ ଏକ କୃତ୍ରିମ ବାୟୋଇଣ୍ଡକ୍ଟିଭ୍ ଇମ୍ପ୍ଲାଣ୍ଟ ବ୍ୟବହାର କରି ରୋଟେଟର୍ କଫ୍ ଟିୟର ଚିକିତ୍ସାର ଏକ ଉନ୍ନତ ଅର୍ଥ୍ରୋସ୍କୋପିକ୍ କୌଶଳ ଗ୍ରହଣ କରାଯାଇଛି। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭୁବନେଶ୍ୱରର ମଣିପାଲ୍ ହସ୍ପିଟାଲ୍ସ ଏକ ବଡ ଉପଲବ୍ଧି ହାସଲ କରିଛି। ବିଶେଷ କରି କାନ୍ଧ ସନ୍ଧିକୁ ଘେରି ରହିଥିବା ମାଂସପେଶୀ ଏବଂ ଟେଣ୍ଡନ ବା ପେଶୀରଜ୍ଜୁର ଗୋଷ୍ଠୀକୁ ରୋଟେଟର୍ କଫ୍ କୁହାଯାଏ। କୌଣସି ଆଘାତ କାରଣରୁ ଫାଟିଗଲେ ଏହାକୁ ରୋଟେଟର୍ କଫ୍ ଟିୟର କୁହାଯାଏ। ରୋଟେଟର୍ କଫରେ ୫୦%ରୁ ଅଧିକ ମୋଟେଇର ଏକ ଉଚ୍ଚ-ଗ୍ରେଡର ଟିୟର କ୍ଷେତ୍ରରେ ଏକ ମାନକ ଅର୍ଥ୍ରୋସ୍କୋପିକ୍ ଅସ୍ତ୍ରୋପଚାର କରାଯାଏ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଅର୍ଥ୍ରୋସ୍କୋପିକ୍ ସର୍ଜନ ଏବଂ ସ୍ପୋର୍ଟସ୍ ସର୍ଜରୀ ବିଶେଷଜ୍ଞ ଡାକ୍ତର ସାର୍ଥକ ପଟ୍ଟନାୟକ ଜଣେ ୫୦ ବର୍ଷ ବୟସ୍କ ରୋଗୀଙ୍କର ଅସ୍ତ୍ରୋପଚାର କରିଥିଲେ, ଯିଏ ରୋଟେଟର୍ କଫ୍ ଟିୟର ହେତୁ ଅସ୍ତ୍ରୋପଚାର ପୂର୍ବରୁ ତାଙ୍କ ଡାହାଣ କାନ୍ଧ ଉଠାଇ ପାରୁନଥିଲେ। ଆମେ ଅନ୍ତଃରୋପଣ କରିବାକୁ ଯୋଜନା କରିଥିଲୁ ଏବଂ ବୟସ ବଢ଼ିବା ସହିତ ତାଙ୍କୁ ପ୍ରାକୃତିକ ଭାବରେ ସୁସ୍ଥ ହେବାକୁ ଛାଡ଼ିଦେଇ ନଥିଲୁ। ଯେତେବେଳେ ଆପଣଙ୍କ ବୟସ ବଢିବାକୁ ଲାଗେ, ସେତେବେଳେ ପ୍ରାକୃତିକ ଭାବରେ ଶରୀର ସୁସ୍ଥ ହେବାର କ୍ଷମତା ହ୍ରାସ ପାଇଥାଏ ନୂଆ ଟିସୁ ତିଆରି ପ୍ରକ୍ରିୟା ବା ପୁନରୁଦ୍ଭବନ ପ୍ରକ୍ରିୟା ମନ୍ଥର ହୋଇଯାଏ ତେଣୁ, ଏହି ଅନ୍ତଃରୋପଣ ତାଙ୍କ ଆରୋଗ୍ୟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବ ବୋଲି ଡାକ୍ତର ସାର୍ଥକ ପଟ୍ଟନାୟକ କହିଥିଲେ। ଭୁବନେଶ୍ୱର ମେଡ଼ିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ରଙ୍କ ମତରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଆମେ ସଦା ଆଧୁନିକ ଚିକିତ୍ସା ପ୍ରଯୁକ୍ତିର ଅଗ୍ରଗାମୀ ହେବାକୁ ପ୍ରତିବଦ୍ଧ।

# ମୃତବ୍ୟକ୍ତିଙ୍କ ଦସ୍ତଖତରେ ଗଛ କାଟିବାକୁ ଅନୁମୋଦନ

## କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରୁ ମାତ୍ରାଧିକ ଗଛ କାଟିବା ଘଟଣା

କେନ୍ଦୁଝର,୭।୪ (ନରେଶ ଚନ୍ଦ୍ର ପଙ୍ଗନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ କୃଷ୍ଣପୁର ବନ ସୁରକ୍ଷା ସମିତି ପକ୍ଷରୁ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଗଛ କାଟିବାକୁ ନେଇ ସମିତି ପକ୍ଷରୁ ହୋଇଥିବା ଗ୍ରାମସଭାରେ ମୃତ ଲୋକଙ୍କୁ ଉପସ୍ଥିତ ଦର୍ଶାଇ ଜାଲ୍ ଦସ୍ତଖତ କରାଯାଇଛି। ଏପରି ବୈଠକରେ ଅନୁପସ୍ଥିତ ଲୋକଙ୍କ ଦସ୍ତଖତ ଜାଲ୍ କରାଯାଇ ଗଛକଟା ପାଇଁ ଅନୁମୋଦନ କରାଯାଇଛି। ଏଭଳି ସାଙ୍ଘାତିକ ଅଭିଯୋଗ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୋମବାର କରିଛନ୍ତି। ପ୍ରକୃତପକ୍ଷେ ସଭା କରା ନ ଯାଇ ଘରେ ବସି ଦସ୍ତଖତ ଯୋଗାଡ଼ କରି ସଭା ଅନୁମୋଦନ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଜିଲାପାଳ ଏହାର ତଦନ୍ତ କରିବା ପାଇଁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ୧୬ ଜାନୁଆରୀ ୨୦୨୪ରେ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବା ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଛ କାଟିବାକୁ ଚମ୍ପୁଆ ରେଞ୍ଜଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବରେ କୃଷ୍ଣପୁର ଗ୍ରାମର ଗୁରା ମୁଣ୍ଡାଙ୍କ ଦସ୍ତଖତ ରହିଛି। ଗୁରା ମୁଣ୍ଡା ୧୦ ଅକ୍ଟୋବର ୨୦୦୫ରେ ମୃତ୍ୟୁବରଣ କରିଛନ୍ତି। ମାତ୍ର ତାଙ୍କ ନାମରେ କେହି ଦସ୍ତଖତ କରିଛନ୍ତି। ଏଥିସହ ଗ୍ରାମର ୨୫ ଜଣ ଦସ୍ତଖତ କରି ନ ଥିବା ବେଳେ ତାଙ୍କ ନାମରେ ଜାଲ ଦସ୍ତଖତ ହୋଇଛି। କୃଷ୍ଣପୁର ବନ ସୁରକ୍ଷା ସମିତିରେ ଆବେଦନ କ୍ରମେ ଡିଏଫ୍ଓ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ୪ ମେ ୨୦୨୪ରେ ୨୫୦୫ଟି ୟୁକାଲିପଟାସ ଗଛ କାଟିବାକୁ ଅନୁମତି ପ୍ରଦାନ କରିଥିଲେ। ଅନୁମତି ମିଳିବା ପରେ ଗଛକଟା ବାବଦ ୩୦ ଲକ୍ଷ ୬୫ ହଜାର ଟଙ୍କା ଜମା କରିବା ପରେ ଗଛ କାଟିବା କଥା। ମାତ୍ର ତାହା ଜମା ନ କରାଯାଇ ଅନୁମତିଠାରୁ ବହୁ ଅଧିକ ଗଛ କଟାଯାଇଥିଲା। ଏନେଇ ସେ ସମୟରେ ଅଭିଯୋଗ ହେବାରୁ ଡିଏଫ୍ଓଙ୍କ ନିର୍ଦ୍ଦେଶକ୍ରମେ କଟାଗଛର ମୂଳ ଗଣତି ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖୁଛୁ ଚନ୍ଦନ ପୋଛୁଛୁ କାଠ।**

ଚନ୍ଦନ କାଠ ଓ କାଠ ମଧ୍ୟରେ ଫରକ ରହିଥାଏ। ଚନ୍ଦନ କାଠକୁ ପେଡ଼ିରେ ପାଣି ପକେଇ ଘଷିଲେ ଚନ୍ଦନ ବାହାରିଥାଏ କିନ୍ତୁ ଶୁଖିଲା କାଠକୁ ନୁହେଁ। ପେଡି ଉପରେ ଘୋରା ଚନ୍ଦନକୁ ଦେଖି ପୁନର୍ବାର ଶୁଖିଲା କାଠରୁ ଚନ୍ଦନ ଆଶାରେ ତାକୁ ପୋଛିବା ଭଳି ଠିକ୍ କଥାକୁ ଭୁଲ୍ ବୋଲି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ।**

ବେଳେବେଳେ ଯୋଗ୍ୟ ଅଯୋଗ୍ୟ ମଧ୍ୟରେ କେହି ପ୍ରଭେଦ ଦେଖି ନ ଥାନ୍ତି ଭଲ ମନ୍ଦ ଭିତରେ ଫରକ ବାରି ନ ଥାନ୍ତି ବୁଦ୍ଧିକୁ ସମାନ ଅର୍ଥରେ ବେଖିବା ବା ବିଚାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

---

**GOVERNMENT OF ODISHA** No.O-17

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH**

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com

No.Tender Online-RWCCESNG-01 of 2025-26, Letter No.901/ Dtd.04.04.2025

**e-Procurement Notice**

1. Type of the Work: Roads (MMSY), 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seek-ing tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-01 of 2025-26 | 11.04.2025 11.00 AM | 28.04.2025 5.00 PM | 25.04.2025 5.00 PM | 29.04.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh

OIPR-25133/11/0042/2425

---

## ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System
Skilled in ODISHA

## ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୫-୨୬ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ

No.KK-06:ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ମେଧାଭିତ୍ତିକ ପଦ୍ଧତିରେ ନାମ ଲେଖାଯିବ। ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର **ତା.୧୦.୦୪.୨୦୨୫** ରିଖଠାରୁ ଗ୍ରହଣ କରାଯିବ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା.୦୧.୦୮.୨୦୨୫ ରିଖ ସୁଦ୍ଧା ୧୪ ବର୍ଷ ବୟସ ପ୍ରାପ୍ତ/ଅତିକ୍ରମ କରିଥିବେ, କିନ୍ତୁ କୌଣସି ସର୍ବାଧିକ ବୟସ ସୀମା ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ପାଠ୍ୟକ୍ରମ (ଟ୍ରେଡ୍) ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/ ୧୦ମ ଶ୍ରେଣୀ ଫେଲ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ www.samsodisha.gov.in କିମ୍ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟରେ **ତା.୧୦.୦୪.୨୦୨୫**ଠାରୁ onlineରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

ଘ) ଚଳିତ ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ପ୍ରାପ୍ତ ମାର୍କ ଓ ଆବଶ୍ୟକୀୟ ପ୍ରମାଣପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ।

ଙ) ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷାବର୍ଷରେ ସମସ୍ତ ସରକାରୀ ଓ ବେସରକାରୀ ଆଇ.ଟି.ଆଇ ଯେଉଁମାନେ NCVT, New Delhiଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ଅଛନ୍ତି ଓ ସରକାରୀ ନିୟମାବଳୀ ଅନୁସାରେ ଯୋଗ୍ୟ ଅଟନ୍ତି ସେହି ସମସ୍ତ ଆଇ.ଟି.ଆଇମାନଙ୍କରେ ନାମଲେଖା ପାଇଁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିପାରିବେ।

ଚ) ଅଧିକ ବିବରଣୀ ନିମିତ୍ତ, **ପ୍ରାର୍ଥୀ ସହାୟତା ଟୋଲ୍ ଫ୍ରି ନମ୍ବର- ସଂଯୋଗ Helpline- ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦**କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ଅନୁମୋଦିତ
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-44008/11/0029/2425

---

idco Your power to grow | ODISHA NEW OPPORTUNITIES No.CAD-28

**OFFICE OF THE DIVISIONAL HEAD, MAINTENANCE DIVISION, IDCO, IDCO TOWERS, BHUBANESWAR**

**Bid Identification No.IDCO/MAINT/BBSR/07/24-25**

TCN.NO.1009 Dt.29.03.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**1.Name of the Work:** Maintenance of the Cricket Ground of IDCO Colony at Mancheswar for the period May-2025 to Mar-2026 (11 months).

1.Value of Work:8.94 lakhs. 2. Period of contract:11 (eleven) Calendar Months. 3. Availability of tender online for Bidding: I. Start Date:18.00 Hours of Dt.06.04.2025. II. End Date: 17.00 Hours of Dt.16.04.2025. III. Opening Date: 11.30 Hours of Dt.17.04.2025.

Tender details can be seen from the e-procurement portal. **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd./-Divisional Head,
MAINTENANCE DIVISION,
IDCO, Bhubaneswar

OIPR-14003/11/0129/2425

---

**OFFICE OF THE ENGINEER-IN-CHIEF (CIVIL) ODISHA NIRMAN SOUDHA, UNIT-V, BHUBANESWAR**

**INVITATIONS FOR BIDS (IFB)**

E-mail ID:cebuildings_orissa@yahoo.co.in,cebuildings@rediffmail.com
Tel.-(0674)-2391523

File No.B-I-Tourism-38/2023 14527/ Bhubaneswar, the 7th April,2025

No.B-12: **Invitation For Bids**
**1st Corrigendum**

**Tender Reference No.C.E. (B)-36/2024-25**

The following changes have been made in Bid Identification No.C.E. (B)-36/2024-25

1. Bid documents such as DTCN/ BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.17.04.2025 to 17.00 hours of dt.02.05.2025** instead of **dt.07.04.2025 to dt.21.04.2025** for ONLINE BIDDING respectively. 2. **Online** bids shall be received till **17.00 Hours of dt.02.05.2025** instead of **dt.21.04.2025**. 3. The technical bids will be opened at **11.30 A.M. of dt.03.05.2025** instead of **dt.22.04.2025**. All other terms and conditions remain unchanged.

Sd./- Engineer-in-Chief
Chief Engineer, Buildings (I/C)
Odisha, Bhubaneswar

OIPR-34117/11/0073/2425

---

## ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର

ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର – ୭୭୦୦୧୭

**OFFICE OF THE RAJGANGPUR MUNICIPALITY, RAJGANGPUR**

Municipality Office, Rajgangpur - 770017, Tel : 06624-220454
Rajgangpur Municipality Rajgangpur_Mun
E-mail : rajgangpurm.hud@nic.in

**No. 1874** **Date : 05.04.2025**

**QUOTATION CALL NOTICE**

No.C-36 : Quotation in closed cover from the registered manufacturers/ suppliers are hereby invited for supply of 4000 liters capacity of four wheelers water tanker (iron) to this Municipality as per the specification mentioned hereunder.

The quotations are required to submit copies of the Registration Certificate of firm, PAN, GST and latest GST deposit challan and Income Tax Clearance Certificate along with the quotation without which the quotations will not be taken into consideration. The taxes/duties if any will be charged extra should be clearly indicated in the quotation. The water tanker in good condition shall be delivered to the Municipality Office, Rajgangpur.

The quotation should reach the Office of the undersigned by 05 P.M. of 15.04.2025 which will be opened the same day at 05 P.M. in presence of the quotationers or their authorized representatives. The quotation received after due date and time will not be taken into consideration.

The authority reserves the right to accept or reject any or all quotations without assigning any reason thereof.

1. Tank elliptical shape, Machine-rolled made of 10gauge M.S. sheet. Tank inside and outside electrically welded with 50mm dia G.I. perforated pipe for Road Spray and 02 Nos. of C.I. Brass 25mm dia stop cocks for delivery of water. Rame made of 75x50x6mm M.S. Angle Iron having platform and stairs. Chasis made of 100x50mm M.S. Channel Iron with Cross members. Turn Table made of double circular plate and 100x50mm Channel iron. Table frame with 75mm dia Road Pivot Pin. Wheel Equipments 7.50x16Pneumatic rubber Type Wheels. Axle made of 63mm Square bar with 63x9mm laminated leaf springs(12ply) paibnted with ICI synthetic enamel paint on red oxide printer.

By order of Chiarperson
Sd./- Executive Officer
Rajgangpur Municipality

OIPR-13094/11/0021/2425

---

**PANCHAYAT SAMITI, BARIPADA**

**TENDER CALL NOTICE**

**No.i-05** : BDO, Baripada invites sealed tender on behalf of Govt. of Odisha for the following work in conformity with the DTCN.BID Identification No.01-2024-25/ BDO, BARIPADA

Name of the work : **"Construction of Model AWC at Bhagabandh under B. C. Pur GP "**

Date of Receipt of Tender : 08.04.2025 at 10.30 A.M. to 19.04.2025 up to 5 P.M. via Drop Box at Block Office.

Date of Opening of Tender : 21.04.2025 ,11 AM in the Conference Hall of BDO, Baripada.

Terms and Conditions : Details of the Bid documents can be downloaded from the official website of the district (https://mayurbhanj.odisha.gov.in) from 08.04.2025 to 19.04.2025. All the terms and conditions can be seen from the above website.

Sd./- Block Development Officer
Baripada

OIPR-19109/11/0009/2425

---

**OFFICE OF THE DIVISIONAL FOREST OFFICER : DEOGARH DIVISION**

Phone No. 06641-291002 (Office) Email- dfo.deogarh@odisha.gov.in

Letter No. 2105 /1F (Acct) Dated : 04th April, 2025

**TENDER CALL NOTICE FOR HIRING OF VEHICLES**

**No.MM-02** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 15 (Fifteen) Nos. of Vehicle (BS VI compliant Diesel driven AC/Non-AC) vehicles, which shall conform to the Terms and Conditions (Annexure-III) for official use in different Ranges (Details of the vehicles to be engaged is in - Annexure-V) under Deogarh Forest Division on monthly rent basis to reach in the O/o the Divisional Forest Officer, Deogarh Forest Division, on or before **21.04.2025** up to **5.00 P.M.** through Registered/Speed Post/ Courier Service and can also be dropped in the Tender Box placed in the Office of the Divisional Forest Officer, Deogarh Forest Division. The tender will be opened in the same office on **22.04.2025 at 11.30 A.M.** The Standard Bidding Documents and Terms and Conditions can be downloaded from **www.deogarh.odisha.gov.in** / **https://angul.nic.in**, **https://odishaforest.in** and also can be obtained from the Office of the Divisional Forest Officer, Deogarh Forest Division, Deogarh from 05.04.2025 to 21.04.2025 during office hours.

Sd./- Divisional Forest Officer
Deogarh Forest Division

OIPR-08041/11/0013/2425

---

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

Ph. No. : 06815-222052, E-mail : parala.mply@gmail.com

Letter No. 1091 Date : 04.04.2025

**EXPRESSION OF INTEREST**

**No.C-42** : Executive Officer on behalf of Paralakhemundi Municipality, Dist: Gajapati inviting expression of interest from companies/Individuals/any other agency having relevant certificates and past experience for the following work. "SELECTION OF AGENCY FOR PROCESSING AND DISPOSAL OF BIO-REMEDIATION OF LEGACY WASTE FOR RECLAMATION OF LAND AT PARALAKHEMUNDI MUNICIPALITY SITE SITUATED AT SITE IN SCIENTIFIC APPROACH." Preference shall be given to the companies and agencies who have already rendered similar type of services to various ULBS of Govt. of Odisha. The Bidder shall furnish the paper cost Rs. 6000/-(non- refundable) & EMD of Rs.10,000/- in shape of Demand Draft from any scheduled commercial bank or any nationalized bank in favour of Executive Officer, Paralakhemundi Municipality payable at Paralakhemundi along with EOI. (The prescribed bid documents & related terms & condition need to be purchased from 05.04.2025 to 16.04.2025 During office hours by paying cash/ DD). The EOI should reach to Municipality office by Reg. post or Speed Post on or before dated: 16.04.2025 by 1.00 P.M. and Technical Proposal will be opened on 17.04.2025 at 10.00 A.M. & Financial Proposal will be opened on 19.04.2024 at 10.00 A.M. in the presence of the quotationers or their authorized representative. The EOI Received beyond the schedule date and time will not be considered.

**Note : Bid Evaluation process :**

Bid will be evaluated through Technical & Financial evaluation. A technical evaluation will be conducted in form presentation to verify the bidders capabilities for executing the project. The Financial bid will be opened for the technically qualified Bidders.

The undersigned reserves the right to reject any or all of the EOI proposal without assigning any reason thereof.

Sd./- Executive Officer
Paralakhemundi Municipality

OIPR-13145/11/0013/2425

---

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-02: **ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ୦୭.୦୬.୨୦୨୩ ତାରିଖରେ ଗୋବରା, ଗୁରୁଡ଼ିଝାଟିଆ, କଟକର ପବିତ୍ର ବେହେରାଙ୍କ ନିକଟରେ ଉକ୍ତ ଶିଶୁପୁତ୍ରଟିକୁ ରଖିଥିବା ଖବର ପାଇ କଟକ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇଅଛି। କଟକ ଶିଶୁମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ.୧୫୯/୨୦୨୩ ଅନୁଯାୟୀ ଏହି ଶିଶୁପୁତ୍ରଟି ବସୁନ୍ଧରା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନକାରୀ ସଂସ୍ଥାରେ (ସା) ରହୁଅଛି। ଏହି ଶିଶୁପୁତ୍ରଟିର ନାମ ''ପିଣ୍ଟୁ ବେହେରା'' ଏବଂ ତା'ର ଜନ୍ମ ତାରିଖ ୨୪.୦୩.୨୦୨୩ ଅଟେ। ଏହି ଶିଶୁପୁତ୍ରଟି ଆସିବା ଦିନଠାରୁ ବାପାମାଆ କିମ୍ବା ଅନ୍ୟ କେହି ପରିବାରବର୍ଗ ଦେଖାସାକ୍ଷାତ କରିବାକୁ ଆସିନାହାନ୍ତି। ତେଣୁ ଯଦି ଏହି ଶିଶୁପୁତ୍ରଟିର ପିତାମାତା କିମ୍ବା କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.-୫୪, କଲେକ୍ଟୋରିଏଟ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ-୦୬୭୧-୨୫୦୭୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,
କଟକ

OIPR-33038/11/0020/2425

---

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**

AT/PO- BARINIPUT, DIST-KORAPUT - 764006, ODISHA
PHONE:(06854)242001, FAX:(06854) 242093, e-mail:sgmel.ukhep@gmail.com
CIN: U40101OR1995SGC003963

**NOTICE INVITING TENDER NO. UKHEP-39/2024-25, DT.28.03.2025**

**No.CAD-05:**Sealed Tenders are invited in two part i.e. (1) Technical Bid & (2) Price Bid in separate sealed envelopes from the Manufacturers or its Authorized Dealers/ Distributors only having valid Firm Registration Certificate issued by Govt. Authority/Dealership certificate, IT PAN & GST Registration Certificate for the following work as detail given below.

| No. | Description of Item | Cost of tender paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| | **Supply, Installation and commissioning of radar level sensor with display for tailrace water level measurement for UKHEP, Bariniput** | Rs.2360/- (2000/- + 18% GST) | Rs.4500/- |

- Period of Sale/ Download of tender document : **10.00 Hrs. of Dt.08.04.2025 upto 11.00 Hrs of Dt.09.05.2025.**
- Last date & time of receipt of tender document : **Upto 12.00 Hrs. of Dt.09.05.2025**
- Date & Time of opening of tender document : **At 12.30 Hrs. of 09.05.2025.**

For details of tender documents/ terms & conditions/ corrigendum/ errata/ addendum if any please visit our website www.ohpcltd.com.

OIPR-04002/11/0069/2425 Sd./- C & P Head, UKHEP, Bariniput

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୪୮ **ବିଜ୍ଞାପନ** ତା.୧୭.୦୩.୨୫

**No.CAD-51**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍ଆଇଜି-୫୮ (MIG-58), ବାଜିରାଉତ ଇଣ୍ଟିଗ୍ରେଟେଡ୍ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ, ଫେଜ୍-୧, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ପିତା- କୃଷ୍ଣଚନ୍ଦ୍ର ମିଶ୍ର, ସା/ପୋ-କମଳାଡିହ, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଦେବୀ ପ୍ରସାଦ ମିଶ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ବିନି ସେଠୀ, ସ୍ୱାମୀ-ରବୀନ୍ଦ୍ର ନାଥ ସେଠୀ, ସା-କଣ୍ଟାଗୋବିନ୍ଦପୁର, ପୋ-ପିକରାଳି, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0525/2425

---

No.CAD-48

**NOTICE INVITING TENDER**
**Office of Chief CSO / CSO-cum-District Managers**
**Odisha State Civil Supplies Corporation Ltd.**
**District BARGARH**

**Tender No. for the Block/ULB for KMS 2024-25 :**

**1. Attabira Block/NAC-1273/28.03.2025**
**2. Bheden Block-1274/28.03.2025**
**3. Ambabhona Block-1275/28.03.2025**
**4. Bargarh Block /Municipality-1276 /28.03.2025**
**5. Barpali Block/NAC-1277/28.03.2025**
**6. Bhatli Block-1278/28.03.2025**
**7.Bijepur Block/NAC-1279/28.03.2025**
**8.Gaisilet Block-1280/28.03.2025**
**9.Jharbandh Block -1281/28.03.2025**
**10.Padampur Block /NAC -1282/28.03.2025**
**11.Sohela Block-1283/28.03.2025**
**12.Paikmal Block -1284/28.03.2025**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal www.tendersodisha.gov.in** for the works below.

| | | |
|---|---|---|
| 1 | Name of the Work | Selection and Appointment of Transport Contractors for transportation of (i) Paddy from Paddy Purchase Centres (PPCs) / Mandis to Rice Mill points in Bargarh District & (ii) Custom Miller Rice (CMR) from Rice Mills points to Rice Receiving Centers (RRCs)/ Depots in Bargarh District for the KMS 2024-25. |
| 2 | Availability of tender documents in the portal | **From Dt.03.04.2025 5:00 P.M. onwards** |
| 3 | Last date;& time for receipt of complete Tender Documents in the portal | **Dt.21.04.2025 Up to 5:00 P.M.** |
| 4 | Date & time for opening of Technical Bid | **Dt.22.04.2025 at 11:00 A.M.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments/ corrigendum/cancellation/re-tenders etc. if any shall be published only in above websites.

Sd./- Chief CSO-cum District Manager
OSCSC Ltd., Bargarh

OIPR-07036/11/0006/2425

---

No.D-5

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT-V, BHUBANESWAR**

## ବିଜ୍ଞାପନ

କନେଷ୍ଟେବଲ ନମ୍ବର- ୨୯୪ ଚନ୍ଦ୍ର ଶେଖର ଘୋଷ
ପିତା-ମନରଞ୍ଜନ ଘୋଷ
ଗ୍ରାମ-କସାକେନ୍ଦୁ, ପୋଷ୍ଟ-ରେସିଗାଓଁ, ଥାନା-ସଦର
ଜିଲ୍ଲା-କଳାହାଣ୍ଡି, ପିନ୍- ୭୬୬୦୦୧

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣ ଓ.ଶି.ସୁ.ବ., ବେଦାନ୍ତ ଲାଞ୍ଜିଗଡରେ ସୁରକ୍ଷା ଡିଉଟିରେ ଥିବା ସମୟରେ ତା.୨୭.୧୧.୨୦୨୪ ରିଖ ଅପରାହ୍ନ ଠାରୁ ତା.୩୦.୧୧.୨୦୨୪ ଅପରାହ୍ନ ପର୍ଯ୍ୟନ୍ତ ୩ ଦିନ ସାମୟିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା.୦୧.୧୨.୨୦୨୪ ରିଖ ପୂର୍ବାହ୍ନରେ ନିଜ କାର୍ଯ୍ୟରେ ଯୋଗ ଦେବାର ଥିଲା। କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିରେ ରହିଥିଲେ। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବେଦାନ୍ତ ଲାଞ୍ଜିଗଡ ଓ.ଶି.ସୁ.ବ. ଶିବିରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./-ଦୁର୍ଗପତି (ଏସ.ଏ.ଜି.)
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା

OIPR-12029/11/0076/2425

---

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMANTAPUR, BHUBANESWAR-751013**

**NOTIFICATION**

**Bhubaneswar, dated the 7th April, 2025**

**No.N-03** : No. EC-II-(MP)-29/23/888/CHSE/ This is for information of all concerned that the candidates those who have been booked under malpractice in Arts, Science, Commerce and Vocational streams during AHSE, 2025 are requried to submit written statement in their defence to the undersigned through email : coechseodisha@gmail.com or by person/post latest by 21.04.2025 for quick disposal of the MP cases in the prescribed proforma as mentioned below.

NB : No postal dealy or any causes will be considered after this stipulated date.

By order of the Chairperson
**Sd./- Dr. P. K. Parida**
**Controller of Examinations**

**STATEMENT OF THE M.P. CANDIDATE**

1. Name of the candidate :
2. Roll No . :
3. Registration No. :
4. Name of the H.S. School :
5. Subject(s) in which booked under malpractice :
6. Whether resorted to mal-practice inside the Examination Hall : (Yes/No)
7. Statement of the candidate shall be furnished in his/her own handwriting briefly. (if required, use additional sheet)

Signature of the candidate
Address :
Date :
Mobile :

OIPR-11003/11/0019/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ବଭାରତୀୟ ପୋଲିସ ହକି ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

ସ୍ଥାନୀୟ ସପ୍ତମ ବାଟାଲିୟନ ପଡ଼ିଆରେ ସୋମବାର ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକମାନଙ୍କ ଖେଳୁଆଡ଼୍ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ସମସ୍ତ ଅଂଶଗ୍ରହଣକାରୀ ଦଳ, ପ୍ରଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କୁ ସ୍ୱାଗତ କରିଛନ୍ତି। ଓଡ଼ିଶା ପୋଲିସକୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସର୍ବ ଭାରତୀୟ ପୋଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡକୁ ଖୁରାନିଆ କୃତଜ୍ଞତା ଜଣାଇଛନ୍ତି।

ଆଇଜି (ପ୍ରଶିକ୍ଷଣ) ତଥା ଆୟୋଜକ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରାରମ୍ଭିକ ଅଭିଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ତଥା କମିଟିର ଉପସଭାପତି ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୧୫ ତାରିଖ


ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମ୍‌ର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖୁରାନିଆ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ୩ ମ୍ୟାଚରେ ତେଲେଙ୍ଗାନାକୁ ବିଏସ୍‌ଏଫ୍ ୯-୨, ଉତ୍ତରାଖଣ୍ଡକୁ ଆଇଟିବିପି ୯-୧ ଓ ଛତିଶଗଡ଼କୁ ଝାଡ଼ଖଣ୍ଡ ୪-୧ ଗୋଲରେ ପରାସ୍ତ କରିଛି। ରାଜ୍ୟ କାରାଗାର ଓ ସଂସ୍କାରକ ବିଭାଗର ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ରାୟ, ଅଗ୍ନିଶମ ସେବା ଓ ଗୃହରକ୍ଷୀ ବେସାମରିକ ପ୍ରତିରକ୍ଷା ବିଭାଗର ଆରକ୍ଷୀ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ ଓ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି (ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚ ଗୁଡିକରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବ୍ରୁକ ଇଂଲଣ୍ଡ ହ୍ୱାଇଟ ବଲ ଦଳର ଅଧିନାୟକ

**ଲଣ୍ଡନ, ୭।୪ (ପି.ଟି.):** ହ୍ୟାରୀ ବ୍ରୁକଙ୍କୁ ସୋମବାର ଇଂଲଣ୍ଡ ସୀମିତ ଓଭର ଫର୍ମାଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ଅଧିନାୟକ ଦାୟିତ୍ୱରେ ଥିବା ଜୋସ ବଟଲର ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ବ୍ରୁକଙ୍କୁ ଗତବର୍ଷ ମେଗା ଅକ୍ସନରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) କିଣିଥିଲା। ସେ ଇଂଲଣ୍ଡ କ୍ୟାରିୟର ଉପରେ ଧ୍ୟାନଦେବା ପାଇଁ ଆଇପିଏଲ୍‌ରୁ ଓହରି ଯାଇଥିଲେ। ଫଳରେ ତାଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ୨୬ ବର୍ଷୀୟ ବ୍ରୁକ ୨୦୨୨ ଜାନୁଆରୀରେ ପଦାର୍ପଣ କରିବା ପରଠାରୁ ଇଂଲଣ୍ଡ ସୀମିତ ଓଭର ଦଳର ନିୟମିତ ସଦସ୍ୟ ହୋଇ ରହିଛନ୍ତି। ଗତ ଏକ ବର୍ଷ ହେଲା ସେ ଉଭୟ ଦିନିକିଆ ଓ ଟି୨୦ ଦଳର ଉପ ଅଧିନାୟକ ଥିଲେ। ବଟଲରଙ୍କ ଅନୁପସ୍ଥିତିରେ ଗତ ବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ବ୍ରୁକ ଇଂଲଣ୍ଡ ଦଳର ନେତୃତ୍ୱ ନେଇଥିଲେ। ଇଂଲଣ୍ଡ ହ୍ୱାଇଟ ବଲ ଦଳର ଅଧିନାୟକ ହେବା ସମ୍ମାନର ବିଷୟ। ଛୁଆ ବେଳେ ବର୍ଲିଠାରେ କ୍ରିକେଟ ଖେଳିଲା ବେଳେ ୟର୍କଶାୟାର ଓ ଇଂଲଣ୍ଡ ପାଇଁ ଖେଳିବା ଏବଂ ଦିନେ ଦଳର ନେତୃତ୍ୱ ନେବା ମୋ ସ୍ୱପ୍ନ ଥିଲା। ଏବେ ସେହି ଦାୟିତ୍ୱ ପାଇବା ମୋ ପାଇଁ ବହୁତ ବଡ଼ କଥା ବୋଲି ବ୍ରୁକ କହିଛନ୍ତି। ବ୍ରୁକ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୨୬ ଦିନିକିଆ ମ୍ୟାଚ ଖେଳି ୩୪.୦୦ ଆଭରେଜରେ ୧୧୦ ରନର ସର୍ବାଧିକ ସ୍କୋର ସହିତ ୮୧୬ ରନ କରିଛନ୍ତି।

# ସୁନ୍ଦରଗଡ଼, କଟକ 'ଏ' ବିଜୟୀ


ବିଶ୍ୱଜିତ୍ ମହାପାତ୍ର


ୱାଲ୍ଟର ଟପ୍ପୋ

**ଭୁବନେଶ୍ୱର, ୭।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ କ୍ରିକେଟ ପ୍ରିମିୟର ଲିଗ୍ -୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ (ସେମିଫାଇନାଲ)ରେ ସୁନ୍ଦରଗଡ଼ ଓ କଟକ 'ଏ' ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସୋମବାର ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ସୁନ୍ଦରଗଡ଼ ୪୧ ରନରେ ଇକୋର୍ସାକୁ ପରାସ୍ତ କରିଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୪୬.୩ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଯାଇଥିଲା। ସୌମ୍ୟରଞ୍ଜନ ଲେଙ୍କା ୩୦, ଅଭିଷେକ ସିଂ ୨୯ ଓ ୱାଲଟର ଟପ୍ପୋ ୨୫ ରନ କରିଥିଲେ। ବିପକ୍ଷ ଦଳର ଲଗ୍ନଜିତ ସାମଲ ୪ ଓ ରାଜେଶ ମହାନ୍ତି ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇକୋର୍ସା ୪୦.୧ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଯାଇଥିଲା। ଅଙ୍କିତ ଯାଦବ ୫୩ ଓ କାମେଶ୍ୱର ବାରିକ ୩୫ ରନ କରିଥିଲେ। ସୁନ୍ଦରଗଡ଼ର ୱାଲ୍ଟର ଟପ୍ପୋ ୨୪ ରନ ବିନିମୟରେ ୩ ଓ ସୌଭାଗ୍ୟ ରାଉତ ୨୫ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ୱାଲ୍ଟର ଟପ୍ପୋ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ରାଉରକେଲା ବିପକ୍ଷ ମ୍ୟାଚରେ କଟକ 'ଏ' ୪ ଉଇକେଟରେ ବିଜୟୀ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଶୁଭଙ୍କର ବିଶ୍ୱାସ ୫୫ ଓ ହିମାଂଶୁ ଚୌବେ ୪୦ ରନ କରିଥିଲେ। ବିପକ୍ଷ ଦଳର ସମ୍ବିତ ବେଜା ଓ ବିଶ୍ୱଜିତ୍ ମହାପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। କଟକ 'ଏ' ୪୯ ଓଭରରେ ୬ଉଇକେଟ ବିନିମୟରେ ୨୦୨ରନ କରି ମ୍ୟାଚ ଜିତି ନେଇଥିଲା। ପ୍ରିନ୍ସ ବେହେରା ୫୧ ଓ ବିକ୍ରମ ସାମଲ ୫୦ ରନ କରିଥିଲେ। ରାଉରକେଲାର ଆକାଶ ଠାକୁର ଓ ଗୌତମ ସୁନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଏଥିରେ ବିଶ୍ୱଜିତ ମହାପାତ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ମୋହନ ବାଗାନ-ବେଙ୍ଗାଲୁରୁ ଫାଇନାଲ


ବିଜୟରେ ଉଲ୍ଲସିତ ମୋହାନ ବାଗାନ ଜାଏଣ୍ଟର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

## ଆଇଏସ୍‌ଏଲ୍

**କୋଲକାତା,୭।୪**

ମୋହାନ ବାଗାନ ଜାଏଣ୍ଟ (ଏମ୍‌ବିଏସ୍‌ଜି) କ୍ରମାଗତ ତୃତୀୟ ଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫାଇନାଲରେ ପ୍ରବେଶ କରିଛି। ମୋହନ ବାଗାନ ତା'ର ସେମିଫାଇନାଲରେ ମୋଟ ଉପରେ ୩-୨ ଗୋଲରେ ଜାମଶେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଗତ ସପ୍ତାହରେ ଖେଳାଯାଇଥିବା ସେମିଫାଇନାଲର ପ୍ରଥମ ଲେଗରେ ମୋହନ ବାଗାନ ୧-୨ ଗୋଲରେ ପରାସ୍ତ ହୋଇଥିଲା। ସୋମବାର ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମୋହନ ବାଗାନ ୨-୦ ଗୋଲରେ ବିଜୟୀ ହୋଇଛି। ଆସନ୍ତା ୧୨ ତାରିଖରେ ଖେଳାଯିବାକୁ ଥିବା ଫାଇନାଲରେ ମୋହନ ବାଗାନ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ।

ମ୍ୟାଚରେ ଆରମ୍ଭରୁ ଦୁଇ ଦଳ ମଧ୍ୟରେ ପ୍ରବଳ ସଂଘର୍ଷ ଦେଖିବାକୁ ମିଳିଥିଲା। ହେଲେ ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୫୧ତମ ମିନିଟରେ ପ୍ରଣୟ ହଳଦରଙ୍କ ହାତରେ ବଲ ବାଜିବାରୁ ମୋହନ ବାଗାନକୁ ଏକ ପେନାଲ୍ଟି ମିଳିଥିଲା, ଯାହାକୁ ଜାସନ କୁମିଙ୍ଗ୍ସ ଗୋଲରେ ପରିଣତ କରିଥିଲେ। ମ୍ୟାଚର ଶେଷ ଆଡ଼କୁ ଇଞ୍ଜୁରୀ ଟାଇମରେ ଲାଲେଙ୍ଗମାୱିଆ ରାଲଟେ (୯୦+୪) ଦଳ ଲାଗି ବିଜୟ ସୂଚକ ଗୋଲ ଦେଇଥିଲେ।

# ପାରାମାଉଣ୍ଟ, ସହିଦ ସ୍ପୋର୍ଟିଂ ବିଜୟୀ

## ରାମେଶ୍ୱର କପ୍ କ୍ରିକେଟ

**ଭୁବନେଶ୍ୱର, ୭।୪ (ବିଜୟ ରଣା)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୮.୩ ଓଭରରେ ୭ଉଇକେଟ ବିନିମୟରେ ୮୮ରନ କରିଥିଲା। ଦଳର ଟପ୍ ସ୍କୋରର ଅଭିନିତ ସାହୁ ୧୩ ରନ କରିଥିଲେ। ବିପକ୍ଷ ଦଳର ଦୁର୍ଗା ମଲିକ ୮ରନ ଦେଇ ୪ ଓ ବିଜୟ ସିଂ୧୮ରନରେ ୩ ଉଇକେଟ ଅକ୍ତିଆର କରିଥିଲେ। ପାରାମାଉଣ୍ଟ ୨୦.୫ ଓଭରରେ ୭ଉଇକେଟ ହରାଇ ୮୯ରନ କରିବା ସହ ମ୍ୟାଚକୁ ୩ଉଇକେଟରେ ଜିତି ନେଇଥିଲା। ଚମତ୍କାର ବୋଲିଂ ପାଇଁ ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୫ ବର୍ଷରୁ କମ୍ ବିଭାଗରେ ଏଲ୍‌ଏଲ୍‌ସିସି କ୍ଲବ ପ୍ରଥମେ ବ୍ୟାଟିଂକରି ୧୮.୪ ଓଭରରେ ୧୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଅନୁରାଗ ସାମନ୍ତରାୟ ୩୪ (୩୩ ବଲ୍) ରନ କରିଥିବା ବେଳେ ବିପକ୍ଷ ଦଳର


ଅତିଥିଙ୍କ ସହ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଋତୁରାଜ ମହାନ୍ତି।

ଋତୁରାଜ ମହାନ୍ତି ୧୭ରନ ବିନିମୟରେ ୩ ଉଇକେଟ ନେଇଥିଲେ। ସହିଦ ସ୍ପୋର୍ଟିଂ ୧୮.୫ ଓଭରରେ ୩ ଉଇକେଟରେ ୧୦୩ ରନ କରିଥିଲା। ପୁରବ ପ୍ରସାଦ ସର୍ବାଧିକ ୩୪ ରନ କରଇଥିଲେ। ଋତୁରାଜ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୂର୍ବତନ ସାଇ କୋଚ୍ ତଥା ବର୍ତ୍ତମାନର କିଟ୍ କୋଚ୍ ଅଜିତ କୁମାର ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୋମବାର ନିରଞ୍ଜନ ଗୌଡ଼ ଓ କୃଷ୍ଣ ବାରିକ ମ୍ୟାଚ ପରିଚାଳନା କରିଥିଲେ।

# ଟାଇଟଲ ପାଇଁ ୨୮କୁ ଅପେକ୍ଷା

## ଆଇ-ଲିଗ୍ ଫୁଟ୍‌ବଲ

**ନୂଆଦିଲ୍ଲୀ, ୭।୪**

ଆଇ-ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ୨୦୨୪-୨୫ ରବିବାର ଶେଷ ହୋଇଛି। ଶ୍ରୀନଗରରେ ଅନ୍ତିମ ଦିବସରେ ରିଅଲ କଶ୍ମୀର ବିପକ୍ଷ ମ୍ୟାଚ ୧-୧ରେ ଡ୍ର ରଖି ଚର୍ଚ୍ଚିଲ ବ୍ରଦର୍ସ ଲିଗ୍ ଟପ୍ପର ହୋଇଛି। ହେଲେ ଟାଇଟଲ ହାସଲ ସହ ଏକ ଐତିହାସିକ ଇଣ୍ଡିଆନ ସୁପର ଲିଗ୍‌କୁ ପଦୋନ୍ନତି ପାଇଁ ଦଳକୁ ଚଳିତମାସ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଆଇଏଫ୍‌ଏଫ୍ ଅପିଲ କମିଟି ରାୟକୁ ଅପେକ୍ଷା କରିବାକୁ ପଡ଼ିବ। ନାଟକୀୟ ଅନ୍ତିମ ଦିବସରେ ପଶ୍ଚିମବଙ୍ଗ କଲ୍ୟାଣୀଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଇଣ୍ଟର କାଶୀ ଷ୍ଟପେଜ୍ ଟାଇମ୍‌ରେ ଦୁଇଟି ଗୋଲ ସ୍କୋର କରି ୩-୧ ଗୋଲ୍‌ରେ ରାଜସ୍ଥାନ ଏଫ୍‌ସିକୁ ହରାଇ ଟାଇଟଲ ଆଶା ଉଜ୍ଜୀବିତ କରିଛି। କୋଝିକୋଡ଼୍‌ଠାରେ ଡେମ୍ପୋ ଏସ୍‌ସି ୪-୩ ଗୋଲ୍‌ରେ ଗୋକୁଲମ କେରଳକୁ ପରାସ୍ତ କରିଛି। ଲିଗ୍ ଶେଷରେ ଚର୍ଚ୍ଚିଲ ବ୍ରଦର୍ସ ଇଣ୍ଟର କାଶୀ (୩୯)ଠାରୁ ଗୋଟିଏ ଆଗରେ ୪୦ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ମାତ୍ର ଚଳିତ ସିଜନ ଆରମ୍ଭରେ ନାମଧାରୀ ଏସ୍‌ସି ଜଣେ ଅଯୋଗ୍ୟ ଖେଳାଳିଙ୍କୁ ଖେଳାଯାଇଥିବା ପ୍ରତିବାଦ ପରେ ଇଣ୍ଟର କାଶୀକୁ ଏହି ମ୍ୟାଚରୁ ୩ପଏଣ୍ଟ ମିଳିବା ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏଆଇଏଫ୍‌ଏଫ୍‌ର ଅପିଲ କମିଟି ଏହି ମାମଲାର ଶୁଣାଣି ଏପ୍ରିଲ ୨୮ରେ କରିବା ପରେ ଟାଇଟଲ ବିଜୟୀ ସ୍ପଷ୍ଟ ହୋଇଯିବ।

# ନିଷ୍ପତ୍ତି ନେବା ପାଇଁ ୧୦ ମାସ ଅଛି: ଧୋନୀ

**ନୂଆଦିଲ୍ଲୀ,୭।୪(ପି.ଟି.)**

କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଆଗାମୀ ବର୍ଷ ଆଇପିଏଲ୍‌ରେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନେବା ଲାଗି ତାଙ୍କ ପାଖରେ ୧୦ ମାସ ସମୟ ରହିଥିବା କହିଛନ୍ତି। ଚଳିତ ଆଇପିଏଲ୍‌ରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଲାଗି ଲୋୟର ଅର୍ଡରରେ ବ୍ୟାଟିଂ କଲାବେଳେ ସେଭଳି ପ୍ରଭାବୀ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ୪ ମ୍ୟାଚରେ ୭୬ ରନ କରିଥିବା ବେଳେ ତାଙ୍କ ଇନିଂସରେ ଟାଇମିଂ ଓ ପ୍ରଭାବର ଅଭାବ ଦେଖାଦେଉଛି। ଏଥିଯୋଗୁ ଅନେକ ପୂର୍ବତନ କ୍ରିକେଟର ଧୋନୀଙ୍କୁ କ୍ରିକେଟ ଛାଡ଼ି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି। 'ମୁଁ ଏବେ ବି ଆଇପିଏଲ୍‌ରେ ଖେଳୁଛି। ବର୍ତ୍ତମାନ ମୁଁ ଥରେ ଏକ ବର୍ଷ ଲାଗି ପ୍ରସ୍ତୁତ ହେଉଛି। ମୋତେ ଏବେ ୪୩ ବର୍ଷ। ଚଳିତ ବର୍ଷ ଆଇପିଏଲ୍ ଶେଷ ସୁଦ୍ଧା ମୋତେ ୪୪ ହେବ। ଏଣୁ ମୁଁ ଆଉ ଏକ ବର୍ଷ ଖେଳିବାକୁ ଚାହେଁ କି ନାହିଁ, ନିଷ୍ପତ୍ତି ନେବା ପାଇଁ ମୋ ପାଖରେ ୧୦ ମାସ ସମୟ ଅଛି। ଏହି ନିଷ୍ପତ୍ତି ମୋର ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ରୂପେ ମୋ ଶରୀର ଉପରେ ନିର୍ଭର କରେ। ମୁଁ ଖୁସି କି ଦୁଃଖରେ ଅଛି, ତାହା ଚର୍ଚ୍ଚାର ବିଷୟ ନୁହେଁ। ଯାହା ଘଟିଗଲା, ଘଟିଗଲା। ଏହାକୁ ବଦଳା ଯାଇପାରିବ ନାହିଁ। ସବୁ କିଛି ସ୍ୱୀକାର କରି ଆଗକୁ ବଢ଼ିବାକୁ ପଡ଼େ। ଯାହା ବି ଘଟିଲେ ମୁଁ ଅନ୍ତର୍ଜାତୀୟ ସ୍ତରରେ କରିଥିବା ରନରେ ଆଉ ଏକ ରନ ଯୋଡ଼ିପାରିବି ନାହିଁ କିମ୍ବା କେହି ତାହାକୁ କମାଇପାରିବେ ନାହିଁ ବୋଲି ଧୋନୀ ଏକ ପଡକାଷ୍ଟରେ କହିଛନ୍ତି।


# Classified Everyday
0674-2580101, 9692975378




Full body massage by Odia therapist in homely atmosphere. 9556498382. D-75376

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

**AFFIDAVIT**

ମୁଁ ବବିତା ସୁନା, ସ୍ୱାମୀ- ପ୍ରଦୀପ ସୁନା, ନି- ବେହେରାମୁଣ୍ଡା, ଥାନା- ଗାଇସିଲେଟ, ଜି- ବରଗଡ଼, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍, ଗାଇସିଲେଟଙ୍କ ନିକଟରେ ସତ୍ୟପାଠ କରି ଜଣାଉଛି ଯେ ବିବାହ ପୂର୍ବରୁ ଡାକଘର ଦସ୍ତାବିଜରେ ମୋ ନାମ କୁନ୍ତଳା ନାଗ ଉଲ୍ଲେଖ ଅଛି। କିନ୍ତୁ ଭୋଟର କାର୍ଡ, ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡରେ ମୋର ନାମ ବବିତା ସୁନା ହୋଇଅଛି। ଏହି ସତ୍ୟପାଠ ବଳରେ ମୋର ଉଭୟ ନାମ ଯଥା ବବିତା ସୁନା ଓ କୁନ୍ତଳା ନାଗ ବଳବତ୍ତର ରହିବାକୁ ଅନୁରୋଧ। ଧ-୭୨

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit No.-424, dated 17.03.2025 sworn before the Executive Magistrate, Boudh, I, Sanjay Palia, R/o. Village- Laxmipadar, P.O.- Khuntiapada, P.S/ Dist.- Boudh, Odisha, PIN-762026 declare that I have changed my daughter's name from Ipsita Palia to Akankshya Palia. Henceforth, she shall be known as Akankshya Palia for all future purposes. D-65

I, Mir Abdul Sakabat, S/o- Mir Abdul Gaffar, resident of Raghunathpur, P.O.- Kalaspur, P.S.- Simulia, Dist.-Balasore, Odisha-756166 declare by this affidavit No.-1273, dt 03.04.2025 that the name Mir Abdul Sakabat and M A Sakabat are belonging to one and same person. D-61

By virtue of an affidavit sworn before the Executive Magistrate, Bhubaneswar, dated 20.08.2024, I declare that my actual and correct name as per my Aadhaar Card No.- xxxx xxxx 0553 is Pinaki Priyadarshan Sahoo but my name is wrongly mentioned as Pinaki Priyadarshan in my Pharmacy Certificate having Regd No.- 1903345025 instead of my actual name. So both Pinaki Priyadarshan Sahoo and Pinaki Priyadarshan is one and same person. D-59

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Dharmasala, dated 01.02.2025, I, Tejeram Rout, Address: At-Alarpur, P.O.-Kotapur, P.S.- Dharmasala, Dist.- Jajpur, Odisha-755008 declare that I have changed my name from Jejeram Rout to Tejeram Rout. Henceforth, I shall be known as Tejeram Rout for all purposes. D-64

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିରୁଦ୍ଦିଷ୍ଟ**



ନାମ- ଶରତ ଚନ୍ଦ୍ର ଚିନରା, ପିତା- ୰ଅରକ୍ଷିତ ଚିନରା, ବୟସ- ୬୨ (ବର୍ତ୍ତମାନର) ନିଖୋଜ ସମୟରେ ବୟସ- ୪୫, ସା- ହାଟଗାଡ଼ିଆ ମିଶ୍ର ସାହି, ପୋ- ବାଲିପାଟଣା, ପିନ୍- ୭୯୨୧୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ଏହି ବ୍ୟକ୍ତି ତା୧୦।୦୯।୨୦୦୭ ଦିନ ସକାଳୁ ଏକ ଧଳା ସାର୍ଟ ଏବଂ ମାଟିଆ ପ୍ୟାଣ୍ଟ ପିନ୍ଧି କୁଆଡ଼େ ନିଖୋଜ ଅଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ଏହି ନିଖୋଜ ବ୍ୟକ୍ତିର ଠିକଣା ପାଆନ୍ତି ତେବେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। Mob- 9937972353. ଧ-୭୩

# ଯୋଗ କମାଇବ କେଶଝଡ଼ା

କେଶ ଝଡ଼ିବା କମାଇବା ପାଇଁ ଅନେକେ ବିଭିନ୍ନ ଶାମ୍ପୁ, କଣ୍ଡିଶନର୍, ସେରମ୍ ଲଗାଇବା ସହିତ ବ୍ୟୁଟିପାର୍ଲରରେ ହେୟାର୍ ସ୍ପା ଏବଂ ଅନ୍ୟାନ୍ୟ ଟ୍ରିଟ୍‌ମେଣ୍ଟ କରିବାକୁ ପଛାଉ ନାହାନ୍ତି। ହେଲେ ଏସବୁ ଆଦୌ ସ୍ଥାୟୀ ସମାଧାନ ନୁହେଁ। ତେଣୁ ପ୍ରତିଦିନ କେତୋଟି ଯୋଗାସନ ଅଭ୍ୟାସ କଲେ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଇପାରିବେ...

**ଶୀର୍ଷାସନ:** ମୁଣ୍ଡକୁ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ସଞ୍ଚାଳନ କରିବାରେ ଏହି ଆସନ ବହୁତ ସାହାଯ୍ୟ କରିଥାଏ। ଫଳରେ କେଶ ଝଡ଼ିବା କମ୍ ହେବା ସହ ମଜଭୁତ ଏବଂ ଘନ ହୋଇଥାଏ। ହେଲେ ମନେରଖନ୍ତୁ, ପ୍ରଥମେ ଏହି ଆସନ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନେବା ସହ ତାଙ୍କ ଉପସ୍ଥିତିରେ ଅଭ୍ୟାସ କରନ୍ତୁ, ନଚେତ୍ ବେକରେ ରକା ହୋଇପାରେ।

**ବଜ୍ରାସନ:** ବର୍ତ୍ତମାନ ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ କେଶ ଝଡ଼ିବାର ଅନ୍ୟତମ କାରଣ। ଏଭଳି ସମସ୍ୟା ଥିଲେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଖାଇ ସାରବା ପରେ ଅତି କମ୍‌ରେ ୧୦ ମିନିଟ ପର୍ଯ୍ୟନ୍ତ ବଜ୍ରାସନରେ ବସନ୍ତୁ। ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ୍ ଏବଂ ଅନ୍ୟାନ୍ୟ ପେଟଜନିତ ସମସ୍ୟା ଦୂର ହେବ ଏବଂ କେଶ ଝଡ଼ିବା କମ୍ ହେବ।



**ଅଧମୁଖା ସ୍ୱାନାସନ :** ଯେଉଁମାନଙ୍କ ଶରୀରରେ ବିଶେଷକରି ମୁଣ୍ଡକୁ କୌଣସି କାରଣରୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ସେମାନଙ୍କଠାରେ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ। ଏହାକୁ ଦୂର କରିବା ଲାଗି ସେମାନଙ୍କ ପାଇଁ ପ୍ରତିଦିନ କିଛି ସମୟ ଅଧମୁଖା ସ୍ୱାନାସନ କରିବା ବେଶ୍ ଲାଭଦାୟକ। ଏହି ଆସନ ସୂର୍ଯ୍ୟ ନମସ୍କାର ମଧ୍ୟରୁ ଗୋଟିଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ। ଫଳରେ କେଶ ମୂଳକୁ ରକ୍ତ ସହ ଅମ୍ଳଜାନ ପହଞ୍ଚିପାରେ।

**ମତ୍ସାସନ:** ଲମ୍ବା, ମଜଭୁତ ଏବଂ ଘନ କଳା କେଶ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହି ଆସନ ଖୁବ୍ ଲାଭଦାୟକ ହୋଇପାରିବ। କେବଳ କେଶ ପାଇଁ ନୁହେଁ, ଏହା ଶରୀରରୁ ମେଦବହୁଳତା ଦୂର କରିବା ସହ ବିଷାକ୍ତ ଉପାଦାନ ନିର୍ଗତ କରିବାରେ ସାହାଯ୍ୟ କରିଥାଏ। ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇଥାଏ। ମେରୁଦଣ୍ଡ ଏବଂ ବେକଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ।

# ଇ ବ୍ୟାଙ୍କିଙ୍ଗ୍ କରୁଥିଲେ

ସଭିଙ୍କ ପାଇଁ ବିଶେଷକରି ମହିଳାମାନେ ବାହାରକୁ ଗଲେ ପର୍ସରେ କ୍ୟାଶ୍ ରଖି ଯାଉଥିବାରୁ ଟଙ୍କା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ରହିଥାଏ; ଯାହାକି ଇ-ବ୍ୟାଙ୍କିଙ୍ଗ ଆସିବା ପରଠୁ ବହୁମାତ୍ରାରେ କମିଯାଇଛି। ହେଲେ ଏଥିରେ ବି ବିଭିନ୍ନ ସମସ୍ୟାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଇ-ବ୍ୟାଙ୍କିଙ୍ଗ କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ...



- କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରି ଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।
- ଅନ୍‌ଲାଇନ୍‌ରେ ବ୍ୟାଙ୍କିଙ୍ଗ୍ କରୁଥିଲେ ଟ୍ରାଞ୍ଜାକ୍ସନ ସରିବା ପରେ ଲଗ୍‌ଆଉଟ୍ କରନ୍ତୁ।
- ପାସ୍‌ୱାର୍ଡକୁ ଏଭଳି ରଖନ୍ତୁ, ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।
- ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ।
- ମନେରଖନ୍ତୁ ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।

# ଲୋକେ କ'ଣ କହିବେ





ପ୍ରତ୍ୟେକ ମଣିଷର କିଛି ନିଜସ୍ୱ ଇଚ୍ଛା ରହିଥାଏ। କାହାର ଏହି ଇଚ୍ଛା ପୂରଣ ହୋଇଥାଏ ତ ଆଉ କାହାକୁ ଲୋକେ କ'ଣ କହିବେ ଡରରେ ମନ ମାରି ଏଥିରୁ ଦୂରେଇ ରହିବାକୁ ହୋଇଥାଏ। ହେଲେ ଯଦି ଏହି ଇଚ୍ଛା ଦ୍ୱାରା ଅନ୍ୟର କ୍ଷତି ନ ଥାଏ ଏବଂ ନିଜର ଉନ୍ନତି ନିହିତ ଥାଏ, ତେବେ ସମାଜର ଉପେକ୍ଷା କିମ୍ବା ଅନ୍ୟର ମନ୍ତବ୍ୟରେ ଦୁର୍ବଳ ନ ହୋଇ ଆଗକୁ ବଢ଼ିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...

ବର୍ତ୍ତମାନ ଯୁଗରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଖୁବ୍ ଆଗୁଆ। ତଥାପି ମଧ୍ୟ କେତେକ କାର୍ଯ୍ୟ କରିବା ପୂର୍ବରୁ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳେ 'ଲୋକେ କ'ଣ କହିବେ'। ଆଉ ଏଇ ଡରରେ ସେମାନେ ବିଭିନ୍ନ କାର୍ଯ୍ୟ କରିବାରୁ ପଛଘୁଞ୍ଚା ଦେଇଥାନ୍ତି। ନିଜର ପିନ୍ଧିବା ସଉକଠାରୁ ଆରମ୍ଭ କରି ବିବାହ ଏବଂ ଚାକିରି ପର୍ଯ୍ୟନ୍ତ ନିଜ ଜୀବନର ଛୋଟ ବଡ଼ ନିଷ୍ପତ୍ତି ସେମାନେ ଅନ୍ୟମାନଙ୍କ ଅନୁଯାୟୀ ନେଇଥାନ୍ତି, ଯାହାକି ସେମାନଙ୍କୁ ଅନେକ ସମୟରେ ଭିତରୁ ଦୁଃଖୀ କରିଥାଏ। ତେଣୁ ଚିନ୍ତାଧାରା ସକାରାତ୍ମକ ଥିଲେ ନିଜକୁ ଖୁସି ରହିବା ପାଇଁ ସମାଜ କଥା ଚିନ୍ତା ନ କରି ମନ କଥା ଶୁଣିବା ଅଧିକ ଜରୁରୀ।

ଆମେ ଏଭଳି ଏକ ସମାଜରେ ରହୁଛେ, ଯେଉଁଠାରେ ଅଧିକାଂଶ ସାମାଜିକ ନିୟମ ପରିବାର, ବନ୍ଧୁବାନ୍ଧବ ଏବଂ ପାଖପଡୋଶୀ ନିର୍ଦ୍ଧାରଣ କରନ୍ତି ; ଯେଉଁଥିପାଇଁ ନିଜ ପୋଷାକ ଚୟନଠାରୁ ଆରମ୍ଭ କରି କୌଣସି କାର୍ଯ୍ୟ କରିବା ପୂର୍ବରୁ ଆମ ମନରେ ଏକ ଡର ଥାଏ ଲୋକେ କ'ଣ କହିବେ। ଯଦି ଏହାକୁ ସମସ୍ତେ ପସନ୍ଦ ନ କରନ୍ତି ତେବେ କ'ଣ ହେବ। ଏସବୁ ଭାବନା ଆମ ମନରେ ଦ୍ୱନ୍ଦ୍ୱ, ଚିନ୍ତା ସୃଷ୍ଟି କରେ ; ଯାହାକୁ ଫିଅର ଅଫ୍ ଜଜ୍‌ମେଣ୍ଟ କୁହାଯାଏ, ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତା'ଛଡା ଏହା ଆମ ବୈଚାରିକ ସ୍ୱତନ୍ତ୍ରତା ଏବଂ ଆତ୍ମବିଶ୍ୱାସକୁ ଦୁର୍ବଳ କରିଦେଇଥାଏ। ତେବେ ଏହା ଏକ ପ୍ରକାରର ସିଣ୍ଡ୍ରୋମ, ଯାହା ଅନେକ ମହିଳାଙ୍କଠାରେ ଦେଖିବାକୁ ମିଳିଥାଏ। ଯେଉଁଥିପାଇଁ ଅଜାଣତରେ ସେମାନଙ୍କ ଜୀବନରେ ଅନେକ ଜିନିଷ ପ୍ରଭାବିତ ହୋଇଥାଏ। ଯେପରିକି...

– ଲୋକ କ'ଣ କହିବେ ଭାବନା ବା ସିଣ୍ଡ୍ରୋମରେ ପ୍ରଭାବିତ ମହିଳାମାନେ ଜୀବନର କୌଣସି ନିର୍ଣ୍ଣୟ ନିଜେ ନେଇପାରନ୍ତି ନାହିଁ। ସେମାନେ ଅନ୍ୟର ମତାମତ ଡରରେ ବଞ୍ଚିଥାନ୍ତି, ତାଙ୍କୁ ଠିକ୍ ନିଷ୍ପତ୍ତି ନେବାକୁ କଷ୍ଟ ହୋଇଥାଏ। ଫଳରେ ସେମାନେ ନିଜ ଜୀବନର ଉଦ୍ଦେଶ୍ୟଠାରୁ ଦୂରେଇ ଯାଆନ୍ତି।

– ସେମାନେ ନିଜ ଅପେକ୍ଷା ଅନ୍ୟମାନଙ୍କ ମତକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହାଦ୍ୱାରା ଯେ ସେମାନେ ଆତ୍ମପରିଚୟ ହରାଇ ବସୁଛନ୍ତି, ସେକଥା ଭୁଲିଯାଆନ୍ତି।

– ସେମାନେ ସବୁବେଳେ ଅନ୍ୟକୁ ଖୁସି ରଖିବାର ପ୍ରୟାସ ଭିତରେ ନିଜ ଖୁସି ଏବଂ ଲକ୍ଷ୍ୟକୁ ଅଣଦେଖା କରି ବସନ୍ତି। ତେଣୁ ସେମାନଙ୍କୁ ନିଜର ନିର୍ଣ୍ଣୟ ଠିକ୍ ନା ଭୁଲ୍ ଜାଣିବାର ଭୟ ଲାଗିରହେ। ଆଉ ସେମାନେ ନିଜର ପ୍ରତ୍ୟେକ କାର୍ଯ୍ୟରେ ଅନ୍ୟର ସମର୍ଥନ ଖୋଜିବାକୁ ଲାଗନ୍ତି। ଏହାଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ଦୁର୍ବଳ ହୋଇପଡେ।

– ସେମାନେ ଅନେକ ସମୟରେ ନିଜ ଇଚ୍ଛା ବିରୋଧରେ କାର୍ଯ୍ୟ କରନ୍ତି ଏବଂ ସେଥିରେ ଖୁସି ବୋଲି ଅନ୍ୟ ଆଗରେ ପ୍ରକାଶ କରନ୍ତି।

## କିପରି ଦୂର କରିବେ ଏହି ସିଣ୍ଡ୍ରୋମ...

- ସମାଜର ନିୟମ ମାନିବା, ମନଇଚ୍ଛା କାର୍ଯ୍ୟ ନ କରି ସବୁଥିରେ ଶାଳୀନତା ରକ୍ଷା କରିବା ଏକ ଭଦ୍ର ଏବଂ ଭଲ ମଣିଷର ପରିଚୟ। ହେଲେ ଏହାର ଅର୍ଥ ନୁହେଁ କିଛି ଭଲ କାର୍ଯ୍ୟ ପାଇଁ ମଧ୍ୟ ଲୋକଙ୍କ କଥାରେ ପଛଘୁଞ୍ଚା ଦେବା। ଉଦାହରଣ ସ୍ୱରୂପ ଜଣେ ଖୁବ୍ ସୁନ୍ଦର ଗୀତ ଗାଉଛନ୍ତି ଏବଂ ଏକ୍ଷେତ୍ରରେ ଆଗକୁ ବଢିବା ଲାଗି ନିଜର କିଛି ଗୀତକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛନ୍ତି। ହେଲେ ପାଖପଡ଼ୋଶୀ ଏବଂ କେହି କେହି ଏଥିରେ ହସିବା, ଟାହିଟାପରା କରିବା କାରଣରୁ ସେ ଏସବୁ ବନ୍ଦ କରିଦେଉଛନ୍ତି, ଯଦ୍ୱାରା ବଣମଲ୍ଲୀ ବଣରେ ରହିବା ଭଳି ତାଙ୍କର କୌଣସି ଉନ୍ନତି ହୋଇପାରୁନାହିଁ। ହେଲେ ଏକ୍ଷେତ୍ରରେ ଅନ୍ୟ କଥାରେ ପ୍ରଭାବିତ ନ ହୋଇ ସର୍ବପ୍ରଥମେ ନିଜ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବଢାନ୍ତୁ।
- ନିଜ ଇଚ୍ଛାକୁ ସମ୍ମାନ ଦିଅନ୍ତୁ। ସବୁବେଳେ ଅନ୍ୟର ମନ୍ତବ୍ୟ ନ ଶୁଣି ନିଜ ମନ କଥା ଶୁଣନ୍ତୁ ଦେଖିବେ ଆତ୍ମସନ୍ତୋଷ ମିଳିବ। ସକାରାତ୍ମକ ଚିନ୍ତା ରଖି ଯେକୌଣସି କାର୍ଯ୍ୟ କଲେ ତାହା ମାନସିକସ୍ତରରେ ସୁଦୃଢ କରିବା ସହ ଲକ୍ଷ୍ୟ ହାସଲ କରାଇବାରେ ସହଯୋଗ କରିଥାଏ। ଏହାହିଁ ଅନ୍ୟମାନଙ୍କ ନକରାତ୍ମକ ମନ୍ତବ୍ୟର ପ୍ରଭାବଠୁ ଦୂରେଇ ରଖିଥାଏ।
- ଯଦି କିଛି ଭଲ କାର୍ଯ୍ୟପାଇଁ ଆଗ୍ରହୀ ଅଛନ୍ତି ତେବେ ଲୋକ କ'ଣ କହିବେ ଅବା ପରିବାର ଡରରେ ନିରବ ନ ରହି ନିଜ ଇଚ୍ଛା ସମସ୍ତଙ୍କ ସମ୍ମୁଖରେ ରଖନ୍ତୁ। ଆବଶ୍ୟକସ୍ଥଳେ ବୁଝାନ୍ତୁ। ଯେଉଁମାନେ ଅନ୍ୟର କଥାକୁ ଖାତିର ନ କରି ନିଜସ୍ୱ ଉଦ୍ୟମରେ ସଫଳ ହୋଇଛନ୍ତି ସେମାନଙ୍କ ଠାରୁ ପ୍ରେରଣା ନିଅନ୍ତୁ। ମନେ ରଖନ୍ତୁ ନିଜ ଇଚ୍ଛାକୁ ସମ୍ମାନ ଦେବା, ଆତ୍ମସ୍ୱିକୃତୀ ଦେବା ଦ୍ୱାରା ହିଁ ଜଣେ ଭୟମୁକ୍ତ ଭାବେ ସମାଜରେ ଆଗେଇ ପାରିବ ସେଥିରେ ସନ୍ଦେହ ନାହିଁ।







## ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ତୁଳସୀ

ଖରା, ଝାଳ, ଧୂଳି, ଧୂଆଁ ଆଦି ପ୍ରଭାବରୁ ତ୍ୱଚାକୁ ସୁରକ୍ଷା ପ୍ରଦାନ କରିବା ସହ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ତୁଳସୀ ଏକ ବରଦାନ ସଦୃଶ। ଜାଣନ୍ତୁ ଏହାର ଉପକାରିତା ଏବଂ ବ୍ୟବହାର ସମ୍ପର୍କରେ...

- ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି, ଯାହା ଡ୍ୟାମେଜ୍ ସ୍କିନ୍‌କୁ ରିପେୟାର କରିବା ସହ ଏଜ୍‌ଲାଇନ୍ ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ତ୍ୱଚାକୁ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ବ୍ରଣ ଆଦି ସମସ୍ୟାରୁ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି ମାତ୍ରା ଅଧିକ ଥିବାରୁ ତ୍ୱଚାକୁ ଚମକପ୍ରଦ ରଖିଥାଏ।
- ତୁଳସୀ ପତ୍ରକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏକ ଚାମଚ ଏହି ପେଷ୍ଟ ସହିତ ଏକ ଚାମଚ ଓଟ୍‌ମିଲ୍ ଏବଂ ଅଳ୍ପ କ୍ଷୀର ମିଶାଇ ସ୍କ୍ରବ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ ମିନିଟ୍ ଧୀରେ ଧୀରେ ମସାଜ୍ କରନ୍ତୁ ଏବଂ ପାଣିରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏପରି କଲେ ତ୍ୱଚାରେ ଜମିଥିବା ମଳି ସଫା ହେବ ଏବଂ ପୋର୍ସ ଖୋଲିଯିବ, ଯାହାଦ୍ୱାରା ବ୍ରଣ ସମସ୍ୟା ଦେଖାଦେବ ନାହିଁ।
- ତୁଳସୀ ପତ୍ର ବଟା କିମ୍ବା ଏହାର ପାଉଡର ଦୁଇ ଚାମଚ ନିଅନ୍ତୁ। ସେଥିରେ ଏକ ଚାମଚ ମୁଲତାନି ମାଟି ଏବଂ ଅଧାଚାମଚ ଲେମ୍ବୁରସ ମିଶାନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାର ଟାନିଂ ସମସ୍ୟା କମାଇବା ସହ ଗ୍ଲୋ ବଢ଼ାଇବାରେ ସାହାଯ୍ୟ କରିବ।





## ଖାଦ୍ୟରୁଚି // ବଟର ଚିକେନ୍

**ଆବଶ୍ୟକ ସାମଗ୍ରୀ:** ୨ ଚାମଚ ତେଲ, ୧ ଚାମଚ ବଟର, ଛୋଟ ଛୋଟ କଟା ହୋଇଥିବା ଗୋଟିଏ ବଡ଼ ପିଆଜ, ୧ ଚାମଚ ଲେଖାଏଁ ଅଦା ଏବଂ ରସୁଣ ଛେଚା କିମ୍ବା ବଟା, ୫୦୦ ଗ୍ରାମ ବୋନ୍‌ଲେସ୍ ଚିକେନ୍, ୨୦୦ ଗ୍ରାମ୍ ଟମାଟୋ ପେଷ୍ଟ କିମ୍ବା ସସ୍, ୧ ଚାମଚ ଗରମ ମସଲା, ଆବଶ୍ୟକ ଅନୁସାରେ ଲଙ୍କାଗୁଣ୍ଡ, ୧ ଛୋଟ ଚାମଚ ଲେଖାଏଁ ଜିରା, ମେଥି, ୧/୪ ଚାମଚ ଗୋଲମରିଚ, ୧ କପ୍ କ୍ରିମ୍, ଲୁଣ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ଗରମ କରି ସେଥିରେ ତେଲ ଓ ବଟର ପକାନ୍ତୁ। ଏହା ଗରମ ହୋଇଗଲେ ଛୋଟ ଛୋଟ କଟା ହୋଇଥିବା ପିଆଜ ପକାଇ ୨ ମିନିଟ୍ ଭାଜନ୍ତୁ। ସେଥିରେ ରସୁଣ, ଅଦା ପକାଇ ଆଉ କିଛି ସମୟ ଭାଜନ୍ତୁ। ବ୍ରାଉନ୍ କଲର ହୋଇଆସିଲେ ଚିକେନ୍, ଟମାଟୋ ପେଷ୍ଟ କିମ୍ବା ସସ୍ ଏବଂ ଅନ୍ୟ ମସଲାଗୁଡ଼ିକୁ ପକାଇ ଭଲ ଭାବେ ମିଶାନ୍ତୁ, ଯେପରି ସବୁକିଛି ଭଲ ଭାବେ ଭାଜି ହେବ। ବର୍ତ୍ତମାନ କ୍ରିମ୍ ଢାଳି ଭଲଭାବେ ଗୋଳାଇ ଘୋଡ଼ାଇ ଦିଅନ୍ତୁ ଏବଂ ଚୁଲାକୁ ସିମ୍ କରି ୮-୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ନ୍ତୁ। ମସଲା ତଳେ ଲାଗି ନ ଯିବା ଲାଗି ମଝିରେ ମଝିରେ ଗୋଳାଇବାକୁ ଭୁଲନ୍ତୁ ନାହିଁ। ପ୍ରସ୍ତୁତ ହୋଇଯାଇଛି ବଟର ଚିକେନ। ଏହାକୁ ରୁଟି, ପରଟା, ନାନ୍ ସହିତ ଖାଇବାର ମଜା ନିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୮/୨୦୨୫ Bhubaneswar, Tuesday, April 8/ 2025

# କଳିଙ୍ଗରେ ୨୦ରୁ ସୁପର କପ୍

**ଭୁବନେଶ୍ୱର, ୭।୪(ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୦ରୁ ଆରମ୍ଭ ହେବ। ମେ’ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି



ପ୍ରତିଯୋଗିତାରେ ମୋଟ ୧୬ଟି କ୍ଲବ ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୩ଟି ଇଣ୍ଡିଆନ ସୁପର ଲିଗ୍ ଓ ୩ଟି ଆଇ-ଲିଗ୍ ଦଳ ସାମିଲ। ନକ୍ଆଉଟ ଭିତ୍ତିରେ ଖେଳାଯିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇଛି। ୨୦୨୪-୨୫ ରାଉଣ୍ଡ ଅଫ୍ ୧୬ ଅନୁସାରେ ଆଇଏସ୍ଏଲ୍ ଦଳ ଗୁଡ଼ିକୁ ସିଡେଡ୍ କରାଯାଇଛି। ଆଇ-ଲିଗ୍‌ରୁ ଭାଗ ନେବାକୁ ଯାଉଥିବା ୩ ଦଳ ହେଲେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି, ଇଣ୍ଟର କାଶି ଓ ଗୋକୁଲମ୍ କେରଳ। ଏହି ୩ ଦଳ ଆଇଏସ୍ଏଲ୍‌ର ଟପ୍ ୩ ଦଳ ମୋହନ ବାଗାନ ସୁପର ଜାଏଣ୍ଟ, ଏଫ୍‌ସି ଗୋଆ ଓ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ। ତେବେ ଆସନ୍ତା ୯ ତାରିଖରେ ଡ୍ର’ ଉଠାଣ ପରେ କେଉଁ ଦଳ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ସମ୍ପ୍ରତି ପ୍ରକାଶ ପାଇଥିବା କାର୍ଯ୍ୟସୂଚୀ ଅନୁସାରେ ୨୦ ତାରିଖ ଅପରାହ୍ନ ୪ଟା ୩୦ରେ କେରଳ ବ୍ଲାଷ୍ଟର୍ସ-ଇଷ୍ଟ ବେଙ୍ଗଲ ଏବଂ ରାତି ୮ଟାରେ ମୋହନ ବାଗାନ ଓ ଆଇ ଲିଗ୍‌ର ଏକ ଦଳ ମଧ୍ୟରେ ମୁକାବିଲା ହେବ।

ପ୍ରତିଯୋଗିତାର ରାଉଣ୍ଡ ଅଫ୍-୧୬ ଏପ୍ରିଲ ୨୦, ୨୧, ୨୩ ଓ ୨୪ରେ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲ ଗୁଡ଼ିକ ୨୬ ଓ ୨୭ରେ ଏବଂ ସେମିଫାଇନାଲ ୩୦ ତାରିଖରେ ଖେଳାଯିବ। ମେ’ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ରାଉଣ୍ଡ ଅଫ୍-୧୬, କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲରେ ଯଦି ନିର୍ଦ୍ଧାରିତ ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବନାହିଁ। ପେନାଲ୍ଟି ଶୁଟ୍-ଆଉଟ ମାଧ୍ୟମରେ ବିଜେତା ନିର୍ଣ୍ଣୟ କରାଯିବ। ମାତ୍ର ଫାଇନାଲରେ ଯଦି ୯୦ ମିନିଟ ମଧ୍ୟରେ ସ୍କୋର ସମାନ ରୁହେ ତେବେ ଅତିରିକ୍ତ ସମୟ ପାଇଁ ଖେଳ ହେବ। ଏଥିରେ ଯଦି ଫଳାଫଳ ନ ମିଳେ ତେବେ ପେନାଲ୍ଟି ଶୁଟ୍-ଆଉଟ ପଦ୍ଧତି ଅବଲମ୍ବନ କରାଯିବ।

କଳିଙ୍ଗ ସୁପର କପ୍‌ର ଚାମ୍ପିୟନ ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପ୍ରିଲିମିନାରି ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆସନ୍ତା ପ୍ରତିଯୋଗିତାରେ ଇଷ୍ଟବେଙ୍ଗଲ ଡିଫେଣ୍ଡିଂ ଚାମ୍ପିୟନଭାବେ ଖେଳି। ୨୦୨୪ ଫାଇନାଲରେ ଏହି ଦଳ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ୨୦୨୩ରେ ଓଡ଼ିଶା ଏଫ୍‌ସି, ୨୦୧୯ରେ ଏଫ୍‌ସି ଗୋଆ ଓ ୨୦୧୮ରେ ବେଙ୍ଗାଲୁରୁ ଏଫ୍‌ସି ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛି।

## କାର୍ଯ୍ୟସୂଚୀ

**ରାଉଣ୍ଡ ଅଫ୍-୧୬**

ଏପ୍ରିଲ ୨୦: କେରଳ ବ୍ଲାଷ୍ଟର୍ସ ବନାମ ଇଷ୍ଟ ବେଙ୍ଗଲ ଏଫ୍‌ସି, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୦: ମୋହନ ବାଗାନ ଏସ୍‌ଜି ବନାମ ଆଇ-ଲିଗ୍ କ୍ଲବ, ସମୟ: ରାତି ୮ଟା

ଏପ୍ରିଲ ୨୧: ଏଫ୍‌ସି ଗୋଆ ବନାମ ଆଇ-ଲିଗ୍ କ୍ଲବ, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୧: ଓଡ଼ିଶା ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି, ସମୟ: ରାତି ୮ଟା

ଏପ୍ରିଲ ୨୩: ବେଙ୍ଗାଲୁରୁ ଏଫ୍‌ସି ବନାମ ଆଇ-ଲିଗ୍ କ୍ଲବ, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୩: ମୁମ୍ବାଇ ସିଟି ଏଫ୍‌ସି ବନାମ ଚେନ୍ନାଇନ୍ ଏଫ୍‌ସି, ସମୟ: ରାତି ୮ଟା

ଏପ୍ରିଲ ୨୪: ନର୍ଥ ଇଷ୍ଟ ୟୁନାଇଟେଡ ବନାମ ମହମ୍ମଡାନ ସ୍ପୋର୍ଟିଂ, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୪: ଜାମସେଦପୁର ଏଫ୍‌ସି ବନାମ ହାଇଦ୍ରାବାଦ ଏଫ୍‌ସି, ସମୟ: ରାତି ୮ଟା

**କ୍ୱାର୍ଟର ଫାଇନାଲ୍ସ**

ଏପ୍ରିଲ ୨୬ (ପ୍ରଥମ କ୍ୱାର୍ଟର ଫାଇନାଲ): ୨୦ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୬ (ଦ୍ୱିତୀୟ କ୍ୱାର୍ଟର ଫାଇନାଲ): ୨୧ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା

ଏପ୍ରିଲ ୨୭ (ତୃତୀୟ କ୍ୱାର୍ଟର ଫାଇନାଲ): ୨୩ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୨୭ (ଚତୁର୍ଥ କ୍ୱାର୍ଟର ଫାଇନାଲ): ୨୪ ତାରିଖ ମ୍ୟାଚର ଦୁଇ ବିଜେତା, ସମୟ: ରାତି ୮ଟା

**ସେମିଫାଇନାଲ**

ଏପ୍ରିଲ ୩୦ (ପ୍ରଥମ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୧ ଓ ୨ର ବିଜେତା, ସମୟ: ଅପରାହ୍ନ ୪ଟା ୩୦

ଏପ୍ରିଲ ୩୦ (ଦ୍ୱିତୀୟ ସେମିଫାଇନାଲ): କ୍ୱାର୍ଟର ଫାଇନାଲ ୩ ଓ ୪ର ବିଜେତା, ସମୟ: ରାତି ୮ଟା

**ମେ ୩ (ଫାଇନାଲ): ଦୁଇ ସେମିଫାଇନାଲର ବିଜେତା**

ଭେନ୍ୟୁ: ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଆର୍‌ସିବିର ରୋମାଞ୍ଚକ ବିଜୟ

**ମୁମ୍ବାଇ, ୭।୪**

ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)।

ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆରସିବି ୧୨ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୫ ଉଇକେଟ ହରାଇ ୨୨୧ ରନ କରିଥିଲା। ଘରୋଇ ପିଚ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ମୁମ୍ବାଇ ଇନିଂସ ୨୦ ଓଭରରେ ୨୦୯/୯ରେ ସୀମିତ ହୋଇ ଯାଇଥିଲା। ତିଲକ ବର୍ମା ୫୬ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୪୨ ରନକରି ମୁମ୍ବାଇକୁ ବିଜୟର ନିକଟତର କରିଥିଲେ ହେଁ ଆସିବି ବୋଲରମାନେ ଠିକ୍ ସମୟରେ ଧୈର୍ଯ୍ୟ ଦେଖାଇ ବାଜି ମାରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୯ ରନ ଆବଶ୍ୟକ ହେଉଥିବାବେଳେ କ୍ରୁନାଲ ପାଣ୍ଡ୍ୟା ମାତ୍ର ୬ ରନ ଦେଇ ୩ଟି ଉଇକେଟ ନେବା ସହ ନିଜ ଭାଇ ହାର୍ଦ୍ଦିକଙ୍କୁ ପରାଜୟ ସ୍ୱାଦ ଚଖାଇଥିଲେ। ୧୦ ବର୍ଷ ପରେ ୱାଙ୍ଖେଡେରେ ଏହାଥିଲା ଆରସିବିର ପ୍ରଥମ ବିଜୟ। ଆରସିବି ୪ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବାବେଳେ ମୁମ୍ବାଇ ୫ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ମାତ୍ର ୪ ରନରେ ଫିଲିପ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

ବିରାଟ କୋହଲି ଓ ଦେବଦତ୍ତ ପଡିକଲ ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ୫୨ ବଲ୍‌ରୁ ୯୧ ରନ ଯୋଗ କରିବାପରେ ପଡିକଲଙ୍କୁ ଆଉଟ କରି ମୁମ୍ବାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ ଭିଗ୍ନେଶ ପୁଥୁର। ପଡିକଲ ୨୨ ବଲ୍‌ରୁ ୩୭ (୨ ଚୌକା, ୩ ଛକା) ରନ କରିଥିଲେ। କୋହଲି କିନ୍ତୁ ଅର୍ଦ୍ଧଶତକ ହାସଲ କରିବା ସହ ପ୍ରଥମ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୧୩,୦୦୦ ରନ ପୂରଣ କରିଥିଲେ। ସେ ୪୨ ବଲ୍‌ରୁ ୬୭ (୮ ଚୌକା, ୨ ଛକା) ରନ କରିଥିଲେ। ୧୫ତମ ଓଭରରେ କୋହଲି ଓ ଲିଆମ ଲିଭିଂଷ୍ଟୋନଙ୍କୁ ଆଉଟ କରି ହାର୍ଦ୍ଦିକ ଟି୨୦ କ୍ରିକେଟରେ ୨୦୦ ଉଇକେଟ ପୂରଣ ସହ ମୋମେଣ୍ଟମକୁ ମୁମ୍ବାଇ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମା ତାହା ହେବାକୁ ଦେଇ ନ ଥିଲେ। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ଆରସିବି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୫ମ ଉଇକେଟରେ ମାତ୍ର ୨୭ ବଲ୍‌ରୁ ୬୯ ରନର ଭାଗୀଦାରି ହେବାପରେ ପଟିଦାର ୧୯ତମ ଓଭରର ଶେଷ ବଲ୍‌ରେ ଆଉଟ ହୋଇଥିଲେ। ସେ ୩୨ ବଲ୍‌ରୁ ୫ ଚୌକା ଓ ୪ ଛକା ସହାୟତାରେ ୬୪ ରନ କରିଥିଲେ। ଜୀତେଶ ମାତ୍ର ୧୯ ବଲ୍‌ରୁ ୪୦ (୨ଚୌକା, ୪ଛକା) ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୨୨୧ରେ ପହଞ୍ଚିଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ଭିଗ୍ନେଶ ପୁଥୁର ଗୋଟିଏ ଉଇକେଟ ନେଇଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଯଶପ୍ରୀତ୍ ବୁମ୍‌ରା ଭଲ ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୨୨୧/୫ (ବିରାଟ କୋହଲି-୬୭, ରଜତ ପଟିଦାର-୬୪, ଜୀତେଶ ଶର୍ମା-୪୦*, ଦେବଦତ୍ତ ପଡିକଲ-୩୭, ଟ୍ରେଣ୍ଟ ବୋଲ୍ଟ-୨/୫୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୫, ଭିଗ୍ନେଶ ପୁଥୁର-୧/୧୦)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୯/୯ (ତିଲକ ବର୍ମା-୫୬, ହାର୍ଦ୍ଦିକ ପାଣ୍ଡ୍ୟା-୪୨, ସୂର୍ଯ୍ୟକୁମାର ଯାଦବ-୨୮, କ୍ରୁନାଲ ପାଣ୍ଡ୍ୟା-୪/୪୫, ଯଶ ଦୟାଲ-୨/୪୬, ଜୋଶ ହାଜେଲଉଡ-୨/୩୭, ଭୁବନେଶ୍ୱର କୁମାର-୧/୪୮)।

## ଟି୨୦ରେ କୋହଲିଙ୍କ ୧୩ହଜାର ରନ୍

ବିରାଟ କୋହଲି ସୋମବାର ଟି୨୦ କ୍ରିକେଟରେ ପ୍ରଥମ ଭାରତୀୟ ଭାବେ ୧୩,୦୦୦ ରନ ପୂରଣ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ବିପକ୍ଷରେ ୱାଙ୍ଖେଡେ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଲାଗି ୪୨ ବଲରେ ୬୭ ରନର ଇନିଂସ ଖେଳିବା ଅବସରରେ କୋହଲି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। କ୍ରିକେଟର ସବୁଠୁ ଛୋଟ ଫର୍ମାଟରେ ସେ ପଞ୍ଚମ ବ୍ୟାଟର ଭାବେ ୧୩ ହଜାର ରନ ପୂରଣ କରିଛନ୍ତି। ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଓପନର କ୍ରିସ୍ ଗେଲ୍‌ଙ୍କ ନାମରେ ଟି୨୦ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ ରହିଛି। ସେ ୪୬୩ ମ୍ୟାଚରେ ୧୪,୫୬୨ ରନ କରିଛନ୍ତି। ତାଙ୍କ ପଛକୁ ଏହି ତାଲିକାରେ ଇଂଲଣ୍ଡର ଆଲେକ୍ସ ହେଲ୍ସ (୧୩,୬୧୦ ରନ), ପାକିସ୍ତାନର ଶୋଏବ ମଲିକ (୧୩,୫୫୭) ଓ ୱେଷ୍ଟଇଣ୍ଡିଜର କିରନ ପୋଲାର୍ଡ (୧୩,୫୩୭) ରହିଛନ୍ତି। ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ରୋହିତ ଶର୍ମା ୪୫୧ ମ୍ୟାଚରେ ୧୧,୮୫୧ ରନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**କୋଲକାତା ବନାମ ଲକ୍ଷ୍ନୌ**

ସ୍ଥାନ: କୋଲକାତା

ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଚେନ୍ନାଇ**

ସ୍ଥାନ: ଚଣ୍ଡିଗଡ଼

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କେନ୍ଦୁଝରରେ ଆଜିଠୁ ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

କେନ୍ଦୁଝରରେ ମଙ୍ଗଳବାର ୩୯ତମ ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୋମବାର ୧୬ ଜଣିଆ ଓଡ଼ିଶାର ଦଳ ଘୋଷଣା ହୋଇଛି। ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୭ ତାରିଖରୁ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ ଖେଳାଳି ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ମନୋନୀତ କରାଯାଇଛି। ମନୋନୀତ ଖେଳାଳିମାନେ ହେଲେ ସୌରଭ କୁମାର ଜେନା (ଅଧିନାୟକ), ଅଭିଷେକ ମହାନ୍ତି, ଡି. କମଲ କୁମାର ପାତ୍ର, ସୁଚିତ ଦାସ, ଏଲ. ଦୁର୍ଯ୍ୟୋଧନ, ପ୍ରକାଶ ନାଥ, ଆଶୀର୍ବାଦ କାଣ୍ଡି, ହିମାଂଶୁ ଶେଖର ଗୌଡ଼, ଜୟଦେବ ପ୍ରକାଶ ପ୍ରଧାନ, ଅମିତ କୁମାର ଦଳାଇ, ଓମ୍ ପ୍ରକାଶ ବାରିକ, ଅଭିନ ମାଝୀ, ସନ୍ଦୀପ ମଲିକ, ନନ୍ଦ ମହାକୁଡ଼, ନାଗେଶ୍ୱର କାଣ୍ଡି ଓ ଅଶ୍ୱିନୀ କୁମାର ପାତ୍ର। ରବୀନ୍ଦ୍ର କୁମାର ବାରିକ କୋଚ ଓ ଆକାଶ କୁମାର ପଟ୍ଟନାୟକ ମ୍ୟାନେଜର ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟ ଦଳକୁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ପାଇଁ ମନୋନୀତ ଓଡ଼ିଶା ଦଳ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | +୦.୦୭୪ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | −୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | −୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | −୦.୮୯୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | −୧.୬୨୯ |

# ଇସିବିକୁ ଗାଭାସ୍କରଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୭।୪:** ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପଟୌଦି ଟ୍ରଫିକୁ ରିଟାୟର କରିବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଲାଗି ଭାରତର କିମ୍ବଦନ୍ତୀ ବ୍ୟାଟର ତଥା ଭାଷ୍ୟକାର ସୁନୀଲ ଗାଭାସ୍କର ଇସିବିକୁ ପ୍ରବଳ ସମାଲୋଚନା କରିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ କ୍ରିକେଟର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୦୭ଠାରୁ ଇଂଲଣ୍ଡରେ ଦୁଇ ଦେଶ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ବିଜେତା ଦଳକୁ ପଟୌଦି ଟ୍ରଫି ପ୍ରଦାନ କରାଯାଉଛି। କିନ୍ତୁ କିଛି ରିପୋର୍ଟ ମୁତାବକ, ଆଗାମୀ ଜୁନ-ଜୁଲାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଇସିବି ପଟୌଦି ଟ୍ରଫିକୁ ରିଟାୟର କରିବାକୁ ନିଷ୍ପତ୍ତି ନେଇଛି। ‘ବ୍ୟକ୍ତିଗତ ଖେଳାଳିଙ୍କ ନାମରେ ରଖାଯାଇଥିବା ଟ୍ରଫିର ନାମକୁ ରିଟାୟର କରାଯାଉଥିବା ପ୍ରଥମ ଥର ପାଇଁ ଶୁଣିଲି। ଉଭୟ ଭାରତ ଓ ଇଂଲଣ୍ଡ କ୍ରିକେଟ ପ୍ରତି ପଟୌଦିଙ୍କ ଅବଦାନ ପ୍ରତି ସମ୍ମାନ ଅଭାବକୁ ଏହା ଦର୍ଶାଉଛି’ ବୋଲି ଗାଭାସ୍କର ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଦୁଇ ଦେଶ ପାଖରେ ଅନେକ ମହାନ୍ ଖେଳାଳି ଥିବାରୁ ଇସିବି ଟ୍ରଫିର ନାମ ବଦଳାଇପାରେ। ଯଦି କୌଣସି ଭାରତୀୟ ଖେଳାଳିଙ୍କୁ ଏଥିଲାଗି ପ୍ରସ୍ତାବ ଦିଆଯାଇଛି, ତେବେ ସେ ତାହାକୁ ପ୍ରତ୍ୟାଖ୍ୟାନ କରି ଦେବା ଉଚିତ। ଭାରତର ଦୁଇ ପୂର୍ବତନ ଅଧିନାୟକଙ୍କ ପ୍ରତି ଅସମ୍ମାନ କଥା ନୁହେଁ, ବରଂ ତାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ଟ୍ରଫିକୁ ମଧ ସମାନ ଦଶା ଭୋଗିବାକୁ ପଡ଼ିପାରେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ